# କଶ୍ମୀରକୁ ଫେରିଲା ଲୋକଙ୍କ ସରକାର



ନୂଆ ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲା(ଡାହାଣ)ଙ୍କ ସହ ଉପମୁଖ୍ୟମନ୍ତ୍ରୀ ସୁରେନ୍ଦ୍ର ଚୌଧରୀ।



ଶ୍ରୀନଗରରେ ଓମାର ଅବ୍ଦୁଲ୍ଲାଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇଛନ୍ତି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ, ସିପିଆଇ ନେତା ଡି. ରାଜା। ନିକଟରେ ଉପସ୍ଥିତ ଓମାରଙ୍କ ବାପା ତଥା ଏନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବ୍ଦୁଲ୍ଲା।

## ଓମାରଙ୍କ ସହ ଶପଥ ନେଲେ ୬ ମନ୍ତ୍ରୀ
## ସୁରେନ୍ଦ୍ର ଚୌଧରୀ ଉପମୁଖ୍ୟମନ୍ତ୍ରୀ

**ଶ୍ରୀନଗର,୧୬।୧୦**

ଦୀର୍ଘ ୧ ଦଶନ୍ଧି ପରେ ଜମ୍ମୁ-କଶ୍ମୀରକୁ ଫେରିଛି ଲୋକଙ୍କ ନିର୍ବାଚିତ ସରକାର। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଉପାଧ୍ୟକ୍ଷ ଓମାର ଅବ୍ଦୁଲ୍ଲା ବୁଧବାର କେନ୍ଦ୍ରଶାସିତ ଅଞ୍ଚଳର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ନୌଶେରା ଆସନରେ ଭାଜପାର ଜମ୍ମୁ-କଶ୍ମୀର ସଭାପତି ରବୀନ୍ଦ୍ର ରୈନାଙ୍କୁ ହରାଇଥିବା ସ୍ୱାଧୀନ ବିଧାୟକ ସୁରେନ୍ଦ୍ର ଚୌଧରୀଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି। ନୂଆ ସରକାରଙ୍କ କ୍ୟାବିନେଟ୍‌ରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ୯ ମନ୍ତ୍ରୀ ରହିବା ବ୍ୟବସ୍ଥା ଥିବାବେଳେ ୬ ସଦସ୍ୟ ଶପଥ ଗ୍ରହଣ କରିଛନ୍ତି। ଉପରାଜ୍ୟପାଳ (ଏଲ୍‌ଜି) ମନୋଜ ସିହ୍ନା ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବା ସହ ଜମ୍ମୁ-କଶ୍ମୀରରେ ୬ ବର୍ଷ ଧରି ଚାଲିଥିବା କେନ୍ଦ୍ରୀୟ ଶାସନର ଅବସାନ ଘଟିଛି।

ଜମ୍ମୁ-କଶ୍ମୀରରେ ୨୦୧୪ ପରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇ ନ ଥିଲା। ୨୦୧୯ ଅଗଷ୍ଟ ୫ରେ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ଉଚ୍ଛେଦକରି ଏହାକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଥିଲେ। ବିଧାନସଭାର ୯୦ ଆସନ ପାଇଁ ନିକଟରେ ଅନୁଷ୍ଠିତ ନିର୍ବାଚନରେ ଏନ୍‌ସି ୪୨ ଆସନ ଦଖଲ କରି ସବୁଠୁ ବଡ଼ ଦଳ ଭାବେ ଉଭା ହୋଇଛି। ୭ ସ୍ୱାଧୀନ ବିଧାୟକଙ୍କ ମଧ୍ୟରୁ ୬ ଜଣ ଏନ୍‌ସିକୁ ସମର୍ଥନ ଘୋଷଣା କରିବା ପରେ ପ୍ରାକ୍ ନିର୍ବାଚନୀ ମେଣ୍ଟରେ ଥିବା କଂଗ୍ରେସର ୬ ବିଧାୟକ ନୂଆ ସରକାରରେ ସାମିଲ ହୋଇନାହାନ୍ତି। କଂଗ୍ରେସ ଓମାର ସରକାରଙ୍କୁ ବାହାରୁ ସମର୍ଥନ ଦେଇଛି।

୫୪ ବର୍ଷୀୟ ଓମାର ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଥିବାବେଳେ ଜମ୍ମୁ ରିଜିୟନ୍‌ର ୩ ଓ କଶ୍ମୀର ଉପତ୍ୟକାର ୨ ବିଧାୟକଙ୍କୁ ମନ୍ତ୍ରୀ କରାଯାଇଛି। ପ୍ରଶାସନରେ ଆଞ୍ଚଳିକ ସନ୍ତୁଳନ ବଜାୟ ରଖିବା ପାଇଁ ଏହି ଉଦ୍ୟମ ଉଦ୍ଦିଷ୍ଟ ବୋଲି କୁହାଯାଉଛି। ଉପମୁଖ୍ୟମନ୍ତ୍ରୀ ଜମ୍ମୁ ଅଞ୍ଚଳ ଅଧୀନ ନୌଶେରା ବିଧାନସଭାରୁ ଜିତିଛନ୍ତି। ଅନ୍ୟ ୪ ମନ୍ତ୍ରୀ ହେଲେ ସକିନା ମାସୁଦ (ଇତ୍ତୁ), ଜାଭେଦ ଡାର, ଜାଭେଦ ରାଣା ଓ ସତୀଶ ଶର୍ମା। ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ହେବା ପରେ ଓମାର କହିଛନ୍ତି, ସବୁ ବର୍ଗର ଲୋକଙ୍କୁ ନେଇ କାର୍ଯ୍ୟ କରିବା ଉପରେ ସରକାର ଗୁରୁତ୍ୱ ଦେବେ। ଅବଶିଷ୍ଟ ୩ ମନ୍ତ୍ରୀପଦ କ୍ରମଶଃ ପୂରଣ କରାଯିବ ବୋଲି ଓମାର କହିଛନ୍ତି। ଅନ୍ୟପକ୍ଷେ ଏଲ୍‌ଜିଙ୍କ ଦ୍ୱାରା ମନୋନୀତ ୫ ବିଧାୟକଙ୍କୁ ମିଶାଇଲେ ବିଧାନସଭାର ଆସନ ସଂଖ୍ୟା ୯୫ ଛୁଇଁବାକୁ ଯାଉଛି। ଶପଥ ଗ୍ରହଣ ଉତ୍ସବରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ସିପିଆଇଏମ୍‌ର ପ୍ରକାଶ କାରାଟ୍, ଏନ୍‌ସିପି ନେତ୍ରୀ ସୁପ୍ରିୟା ସୁଲେଙ୍କ ସମେତ ଇଣ୍ଡିଆ ବ୍ଲକ୍‌ର ଅନେକ ନେତା ଯୋଗଦେଇଥିଲେ।

> ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲା ଓ ଜମ୍ମୁ-କଶ୍ମୀରର ଲୋକଙ୍କୁ ଅଭିନନ୍ଦନ। ଜମ୍ମୁ-କଶ୍ମୀରବାସୀଙ୍କ ହାତରୁ ଗଣତନ୍ତ୍ରକୁ ଛଡ଼ାଇ ନିଆଯାଇଥିଲା। ରାଜ୍ୟ ମାନ୍ୟତା ଫେରି ନ ପାଇବା ଯାଏ ଲଢ଼େଇ ଜାରି ରଖିବାକୁ ଆଜି ଆମେ ନିଜ ଶପଥକୁ ଦୋହରାଉଛୁ। ରାଜ୍ୟ ମାନ୍ୟତା ହରାଇ ଦେଇଥିବାରୁ ସରକାର ଗଠନ ଅସମ୍ପୂର୍ଣ୍ଣ ମନେହେଉଛି।
>
> **-ରାହୁଲ ଗାନ୍ଧୀ**
> **କଂଗ୍ରେସ ନେତା**

# ପରସ୍ପର ଚାରିପାଖେ ଘୂରୁଛନ୍ତି ଯାଆଁଳା ଧୂସର ଗ୍ରହାଣୁ

**ନ୍ୟୁୟର୍କ, ୧୬।୧୦**

### ୩୦ ବର୍ଷ ତଳେ ଆବିଷ୍କୃତ



୩ ଦଶନ୍ଧି ତଳେ ଆବିଷ୍କୃତ ହୋଇଥିବା ଏକ ଧୂସର ବାମନ ଗ୍ରହକୁ ନେଇ ବୁଧବାର ଏକ ନୂତନ ଅଧ୍ୟୟନ ସାମନାକୁ ଆସିଛି, ଯାହା ଅନେକ ବୈଜ୍ଞାନିକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ପ୍ରାୟ ୩୦ ବର୍ଷ ତଳେ ଏକ ଧୂସର ବାମନ ଗ୍ରହକୁ ବୈଜ୍ଞାନିକମାନେ ଆବିଷ୍କୃତ କରିଥିଲେ, ଯାହାର ନାମ ଗ୍ଲିସେ-୨୨୯ବି ରଖାଯାଇଥିଲା। ସେତେବେଳେ ବୈଜ୍ଞାନିକମାନେ ଏହି ଧୂସର ବାମନ ଗ୍ରହକୁ ବିଫଳ ତାରକା ଭାବରେ ମଧ୍ୟ ସମ୍ବୋଧନ କରିଥିଲେ କାରଣ ଏହା ତାରାଗୁଡ଼ିକ ଠାରୁ କମ୍ ଓଜନର ହୋଇଥିବାବେଳେ ବାଷ୍ପପୂର୍ଣ୍ଣ ଗ୍ରହଠାରୁ ଅଧିକ ଓଜନର ହୋଇଥିଲା। ତେବେ ସମ୍ପ୍ରତି ଜ୍ୟୋତିର୍ବିଜ୍ଞାନୀମାନେ ଚିଲିରେ ଏକ ଅତ୍ୟଧିକ ବଡ଼ ଟେଲିସ୍କୋପର ବ୍ୟବହାରରେ ରସାୟନିକ ସୂତ୍ର ଏକତ୍ର କରି ଏହା ଗୋଟିଏ ଧୂସର ବାମନ ନୁହେଁ ବରଂ ୨ଟି ଧୂସର ବାମନ ହୋଇଥିବା ଜାଣିବାକୁ ପାଇଛନ୍ତି। ଉଭୟ ଧୂସର ବାମନ ଗ୍ରହ ପରସ୍ପର ସହ ନିକଟତର ହୋଇଥିବାବେଳେ ଉଭୟେ ପରସ୍ପର ଚାରିପାଖେ ଘୂରୁଥିବାନେଇ ଜ୍ୟୋତିର୍ବିଜ୍ଞାନୀମାନେ ଜାଣିବାକୁ ପାଇଛନ୍ତି। ସେମାନେ ପ୍ରତି ୧୨ ଦିନରେ ପରସ୍ପରକୁ ପରିକ୍ରମା କରନ୍ତି, ଯାହା ଚନ୍ଦ୍ର ଦ୍ୱାରା ପୃଥିବୀର ପରିକ୍ରମା କରିବା ପାଇଁ ଲାଗୁଥିବା ସମୟଠାରୁ ମଧ୍ୟ କମ୍। ସୌର ପ୍ରଣାଳୀ କେତେ ଅଦ୍ଭୁତ ଓ ବିଚିତ୍ର ତାହା ଉକ୍ତ ଅଧ୍ୟୟନ ଦର୍ଶାଉଛି ବୋଲି ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ ରେବେକା ଓପନ୍‌ହାଇମର କହିଛନ୍ତି। ବୁଧବାର ଏହି ଅଧ୍ୟୟନ ନେଚର ଜର୍ନାଲରେ ପ୍ରକାଶିତ ହୋଇଛି।

# ଟ୍ୟାଙ୍କର ବିସ୍ଫୋରଣରେ ଶତାଧିକ ମୃତ, ୫୦ ଆହତ

**ଅବୁଜା(ନାଇଜେରିଆ),୧୬।୧୦**

ନାଇଜେରିଆର ଉତ୍ତରପଶ୍ଚିମ ଭାଗରେ ଏକ ପେଟ୍ରୋଲ ଟ୍ୟାଙ୍କରରେ ବିସ୍ଫୋରଣ ଘଟିବାରୁ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଛି। ଏଥିରେ ପ୍ରାୟ ୫୦ ଜଣ ଆହତ ହୋଇଛନ୍ତି।

ଜିଗାୱା ରାଜ୍ୟର ମାଜିୟା ସହରରେ ମଙ୍ଗଳବାର ମଧ୍ୟରାତ୍ରିରେ ପେଟ୍ରୋଲ ବୋଝେଇ ଟ୍ୟାଙ୍କରର ଚାଳକ ନିୟନ୍ତ୍ରଣ ହରାଇବାରୁ ଗାଡ଼ିଟି ରାଜପଥ ଉପରେ ଓଲଟିପଡ଼ିଥିଲା। ସ୍ଥାନୀୟ ଲୋକେ ଟ୍ୟାଙ୍କରରୁ ପୋଟ୍ରୋଲ ଚୋରି କରିବାରେ ଲାଗିଥିଲେ। ଏହି ସମୟରେ ଟ୍ୟାଙ୍କରରେ ହଠାତ୍ ବିସ୍ଫୋରଣ ହୋଇଥିଲା। ଚାହୁଁ ଚାହୁଁ ଚତୁର୍ଦ୍ଦିଗ କଳାଧୂଆଁରେ ଆଚ୍ଛାଦିତ ହୋଇଯାଇଥିଲା। ଘଟଣାସ୍ଥଳରେ ୯୭ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବାବେଳେ ଅନ୍ୟ ୮ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜି ଦେଇଥିବା ଏମର୍ଜେନ୍ସି ମ୍ୟାନେଜ୍‌ମେଣ୍ଟ ଏଜେନ୍ସି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ନାଇଜେରିଆରେ ଏଭଳି ଘାତକ ଟ୍ୟାଙ୍କର ବିସ୍ଫୋରଣ ନୂଆ ନୁହେଁ। ଟ୍ରାଫିକ୍ ନିୟମକୁ କଡ଼ାକଡ଼ି ପାଳନ କରାଯାଉ ନ ଥିବାରୁ ଇନ୍ଧନ ବୋଝେଇ ଟ୍ୟାଙ୍କରଗୁଡ଼ିକର ବିସ୍ଫୋରଣରେ ପୂର୍ବରୁ ଅନେକ ହଜାର ଲୋକଙ୍କ ପ୍ରାଣହାନୀ ଘଟିସାରିଛି।

# ଆଜିଠୁ ସାଇନିଙ୍କ ଦ୍ୱିତୀୟ ପାଳି



ହରିୟାଣାର ପଞ୍ଚକୁଲାରେ ଭାଜପା ବିଧାୟକ ଦଳ ନେତା ନିର୍ବାଚିତ ହୋଇଥିବା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନିଙ୍କୁ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଅଭିନନ୍ଦନ ଜଣାଉଛନ୍ତି।

**ପଞ୍ଚକୁଲା/ନୂଆଦିଲ୍ଲୀ,୧୬।୧୦**

### ଶପଥ ନେବା ପରେ ୨୪,୦୦୦ ନିଯୁକ୍ତିପତ୍ର ବାଣ୍ଟିବେ

ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି ବୁଧବାର ଭାଜପା ବିଧାୟକ ଦଳ ନେତା ନିର୍ବାଚିତ ହୋଇଛନ୍ତି। ସେ ଗୁରୁବାର ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେବେ। ପଞ୍ଚକୁଲାରେ ଦଳର ନବନିର୍ବାଚିତ ବିଧାୟକମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ୫୪ ବର୍ଷୀୟ ସାଇନି ଶପଥ ଗ୍ରହଣ ପରେ ୨୪,୦୦୦୦ ଯୁବତୀ ଯୁବକଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ। ଭାଜପା ଯାହା କହେ ତାକୁ ପାଳନ କରିଥାଏ। ଗୁରୁବାର ଶପଥ ନେବା ପରେ ଆମେ ପ୍ରଥମେ ନିଜ ପ୍ରତିଶ୍ରୁତି ପୂରଣ କରିବାକୁ ଯାଉଛୁ ବୋଲି ସାଇନି କହିଛନ୍ତି।

# ଚାଇନାର ବିଆର୍‌ଓକୁ ଭାରତର ବିରୋଧ

### ଏସ୍‌ସିଓ କନ୍‌କ୍ଲେଭ୍‌ରେ ଏସ୍. ଜୟଶଙ୍କର

**ଇସ୍‌ଲାମାବାଦ,୧୬।୧୦**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ଡ୍ରିମ୍ ପ୍ରୋଜେକ୍ଟ ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆର୍‌ଓ)କୁ ଭାରତ ପୁଣି ବିରୋଧ କରିଛି। ଇସ୍‌ଲାମାବାଦରେ ଅୟୋଜିତ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) କନ୍‌କ୍ଲେଭ୍‌ରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଯୋଗଦେବା ଅବସରରେ ରଣକୁ ଏକ ଗମ୍ଭୀର ଚିନ୍ତାର ବିଷୟ ବୋଲି ଦର୍ଶାଇବା ସହ ୱାନ୍ ବେଲ୍ଟ ୱାନ୍ ରୋଡ୍‌କୁ ବିରୋଧ କରିଛନ୍ତି। ଏସ୍‌ସିଓ କାଉନ୍‌ସିଲର ସଦସ୍ୟ ରାଷ୍ଟ୍ରମୁଖ୍ୟମାନଙ୍କ ପକ୍ଷରୁ ଏକ ମିଳିତ ବିବୃତି ଜାରି କରାଯାଇଛି। ଏଥିରେ ରୁଷିଆ, ବେଲାରୁଷ, ଇରାନ, କାଜାକାସ୍ତାନ, କିର୍ଗିସ୍ତାନ, ପାକିସ୍ତାନ, ତାଜିକିସ୍ତାନ ଓ ଉଜ୍‌ବେକିସ୍ତାନ ଚାଇନାର ପଦକ୍ଷେପକୁ ସମର୍ଥନ କରିଥିବାବେଳେ ଭାରତ ଏକମାତ୍ର ଦେଶ ଭାବେ ଏହାକୁ ବିରୋଧ କରିଛି।



# ଭାରତ ବିରୋଧରେ ଠୋସ୍ ପ୍ରମାଣ ନାହିଁ



ଜଷ୍ଟିନ ଟ୍ରୁଡୋ

**ଓଟାୱା, ୧୬।୧୦**

### ନିଜ୍ଜାର ହତ୍ୟା ମାମଲା: ସ୍ୱୀକାର କଲେ ଟ୍ରୁଡୋ

ବିନା କୌଣସି ଠୋସ୍ ପ୍ରମାଣରେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ନେତା ହରଦୀପ ସିଂ ନିଜ୍ଜାର ହତ୍ୟା ମାମଲାରେ ଭାରତୀୟ ଏଜେଣ୍ଟମାନଙ୍କର ସମ୍ପୃକ୍ତି ଥିବାନେଇ ଅଭିଯୋଗ କରିଥିଲେ ବୋଲି ବୁଧବାର କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଗତବର୍ଷ ଏହି ଅଭିଯୋଗ କରିବା ସମୟରେ ତାଙ୍କ ନିକଟରେ କେବଳ ଗୋଇନ୍ଦା ସୂଚନା ରହିଥିଲା। କେତେଜଣ ଭାରତୀୟ କୂଟନୀତିଜ୍ଞ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରକୁ ସମାଲୋଚନା କରୁଥିବା କାନାଡୀୟ ଲୋକଙ୍କ ସମ୍ବନ୍ଧରେ ସୂଚନା ଏକତ୍ର କରି ଏହାକୁ ଭାରତ ସରକାରଙ୍କ ଉଚ୍ଚ ପଦସ୍ଥ ଅଧିକାରୀ ଓ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ଭଳି ଆପରାଧିକ ସଙ୍ଗଠନକୁ ପ୍ରଦାନ କରୁଥିଲେ। ଟ୍ରୁଡୋ କହିଛନ୍ତି, ହରଦୀପ ସିଂ ନିଜ୍ଜାରଙ୍କ ହତ୍ୟାରେ ଭାରତୀୟ ସରକାରୀ ଏଜେଣ୍ଟମାନେ ସାମିଲ ଥିବା ନେଇ ଦେଶର ଗୋଇନ୍ଦା ଏଜେନ୍ସି ଏବଂ ସମ୍ଭବତଃ ଫାଇଭ୍ ଆଇଜ୍ ଗୋଇନ୍ଦା ସଂସ୍ଥା ତରଫରୁ ସୂଚନା ରହିଥିଲା। ଏହାକୁ କାନାଡା ସରକାର ଗମ୍ଭୀରତାର ସହ ନେଇଥିଲେ।

### ଭାରତୀୟ କୂଟନୀତିଜ୍ଞଙ୍କ ଉପରେ କଟକଣା ଦାବିକଲେ କାନାଡୀୟ ଏମ୍‌ପି

**ଓଟାୱା, ୧୬।୧୦:** ଭାରତ ଓ କାନାଡା ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚିଥିବାବେଳେ ବୁଧବାର କାନାଡାର ନ୍ୟୁ ଡେମୋକ୍ରାଟିକ୍ ପାର୍ଟି(ଏନ୍‌ଡିପି)ର ଶିଖ୍ ଏମ୍‌ପି ଜଗମିତ ସିଂ ଏକ ବିବାଦୀୟ ବୟାନ ଦେଇ ହଟହଟା ହୋଇଛନ୍ତି। ସେ ଏକ ଖବରଦାତା ସମ୍ମିଳନୀ କରି ଭାରତୀୟ କୂଟନୀତିଜ୍ଞଙ୍କ ଉପରେ କଠୋର କଟକଣା ଲଗାଇବାକୁ ଦାବି କରିଛନ୍ତି। ତେବେ ଭାରତ ସହ କୂଟନୈତିକ ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇବାକୁ ନେଇ ଖବରଦାତାମାନେ ତାଙ୍କୁ କଡ଼ା ପ୍ରଶ୍ନ ପଚାରିବାରୁ ସେ ଖବରଦାତା ସମ୍ମିଳନୀରୁ ଉଠି ଚାଲିଯାଇଥିଲେ। ସେତେବେଳେ କେତେଜଣ ଖବରଦାତା ଜଗମିତଙ୍କୁ ପରିହାସ କରିବା ସହ ତାଙ୍କ ଉପରେ ହସିବାକୁ ଲାଗିଥିଲେ।



ଜଗମିତ ସିଂ






# ୨୨ରେ ଲଘୁଚାପ ସମ୍ଭାବନା: ଆସୁଛି ବଡ଼ ବର୍ଷା

ଭୁବନେଶ୍ୱର, ୧୬।୧୦ (ଅନିଲ ଦାସ)

ଆସୁଛି ଆଉ ଏକ ବଡ଼ ବର୍ଷା। ଉପକୂଳରୁ ଆଭ୍ୟନ୍ତରୀଣ ସବୁଠି ବର୍ଷିବ। କେତେକ ସ୍ଥାନରେ ଅତି ପ୍ରବଳ ବର୍ଷାର ମଧ୍ୟ ସମ୍ଭାବନା ରହିଛି। ଆସନ୍ତା ୨୦ ତାରିଖରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟିହେବ। ୨୨ ତାରିଖରେ ଏହା ଲଘୁଚାପରେ ପରିଣତ ହେବ। ଲଘୁଚାପ ୨୩ ତାରିଖରେ ଡିପ୍ ଡିପ୍ରେସନ(ଗଭୀର ଅବପାତ)ରେ ପରିଣତ ହୋଇ ସ୍ଥଳଭାଗ ମୁହାଁ ହେବ। ଏହାର ପ୍ରଭାବରେ ଉତ୍ତର ଏବଂ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼ ଆଦି ଜିଲାରେ ପ୍ରବଳରୁ ଅତି

## ୨୩ରୁ ୨୫ ପ୍ରବଳ ବର୍ଷା

ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏହାଛଡ଼ା ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ସମ୍ବଲପୁର, ସୋନପୁର ଆଦି ଜିଲାରେ ମଧ୍ୟମ ଧରଣର ବର୍ଷା ହେବ। ଏଥିସହିତ ଆଭ୍ୟନ୍ତରୀଣ ଏବଂ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ରାଜ୍ୟରେ ୨୨ରୁ ୨୬ ଯାଏ ବର୍ଷା ଲାଗି ରହିବ। ୨୩ରୁ ୨୫ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଲଘୁଚାପ ବାତ୍ୟାରେ ପରିଣତ ହେବ କି ନାହିଁ ତାହା ଏବେ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ଆସନ୍ତା ୨/୩ ଦିନ ମଧ୍ୟରେ ସୂଚନା ମିଳିବ। ବର୍ତ୍ତମାନ ସୁଦ୍ଧା ପାଣିପାଗ ମଡେଲ ଯାହା କହୁଛି ଓଡ଼ିଶା ପ୍ରତି ବାତ୍ୟା ଭୟ ନାହିଁ ବୋଲି ପାଣିପାଗ ବିଶେଷଜ୍ଞ ଶରତ ସାହୁ କହିଛନ୍ତି। ଲଘୁଚାପ ଯୋଗୁ ରାଜ୍ୟରେ ବଡ଼ ବର୍ଷାର ସୂଚନା ମିଳୁଛି। ଯଦି ଲଘୁଚାପ ବାତ୍ୟାରେ ପରିଣତ ହୁଏ, ତେବେ ଉପକୂଳବର୍ତ୍ତୀ ଜିଲାର ଚାଷକୁ ଏହା ଗଭୀର ଭାବେ ପ୍ରଭାବିତ କରିବା ଆଶଙ୍କା ରହିଛି। ରାଜ୍ୟରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବିଦାୟ ନେଇଯାଇଛି। ଆସନ୍ତା ୪/୫ ଦିନ ଯାଏ ରାଜ୍ୟରେ ବର୍ଷାର ସମ୍ଭାବନା ନାହିଁ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଟକ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ, ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା ବର୍ଷା ହୋଇପାରେ। ଆସନ୍ତା ୧୯ରୁ ୨୧ ତାରିଖ ଯାଏ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଆଦି ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି।

# ୧୮ରୁ ୨ ଦ୍ୱାରରେ ଶ୍ରୀମନ୍ଦିର ପ୍ରବେଶ

ପୁରୀ, ୧୬।୧୦ (ଅଜିତ୍ କୁମାର ମହାନ୍ତି)

କାର୍ତ୍ତିକ ମାସକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛି ଶ୍ରୀମନ୍ଦିର ପ୍ରଶାସନ। ଆସନ୍ତା ୧୮ ତାରିଖରୁ ଦୁଇଟି ଦ୍ୱାର ଅର୍ଥାତ୍ ସିଂହଦ୍ୱାର ଓ ପଶ୍ଚିମଦ୍ୱାର ଦେଇ ଭକ୍ତମାନେ ପ୍ରବେଶ କରିପାରିବେ। ସେହିଭଳି ସିଂହଦ୍ୱାର ବ୍ୟତୀତ ଅନ୍ୟ ତିନି ଦ୍ୱାର ପଶ୍ଚିମଦ୍ୱାର, ଉତ୍ତରଦ୍ୱାର ଓ ଦକ୍ଷିଣଦ୍ୱାର ଦେଇ ଭକ୍ତମାନେ ପ୍ରସ୍ଥାନ କରିବେ। ସିଂହଦ୍ୱାରରେ ପ୍ରସ୍ଥାନ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି। କେବଳ ସେବାୟତ ଓ ସେବକଙ୍କ ପରିବାର ସଦସ୍ୟଙ୍କ ପାଇଁ ଏହି ବ୍ୟବସ୍ଥା ପ୍ରଯୁଜ୍ୟ ନୁହେଁ ବୋଲି ସାମାଜିକ ଗଣମାଧ୍ୟମରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ଆସନ୍ତା ୧୮ ତାରିଖରୁ ହବିଷିଆଳିମାନେ କାର୍ତ୍ତିକ ବ୍ରତ ଆରମ୍ଭ କରି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଦର୍ଶନ କରିବେ। ସେଥିପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମେତ ହଜାରହଜାର ହବିଷିଆଳିଙ୍କ ଭିଡ଼ ପରିଲକ୍ଷିତ ହେବ। ଭିଡକୁ ଦୃଷ୍ଟିରେ ରଖିବା ସହ ମହାପ୍ରଭୁଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତି ଥିବାରୁ ଶୃଙ୍ଖଳିତ ଦର୍ଶନ ପାଇଁ ଏଭଳି ବ୍ୟବସ୍ଥା କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି। ଏହି ନିଷ୍ପତ୍ତିକୁ ସମସ୍ତେ ଗ୍ରହଣ କରିବା ସହ ଦର୍ଶନ ବ୍ୟବସ୍ଥାରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ପାଢ଼ୀ। ତେବେ ଏହି ନୂଆ ଦର୍ଶନ ବ୍ୟବସ୍ଥା କେତେଦିନ ଧରି ଚାଲିବ ସେନେଇ କୌଣସି ସ୍ପଷ୍ଟ ସୂଚନା ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରଦାନ କରାଯାଇନାହିଁ।

# କଳସ ସାମ୍ନାରେ ମାନସିକଧାରୀଙ୍କ ଛେରାପହଁରା

ତିହିଡ଼ି, ୧୬।୧୦ (ସଞ୍ଜିତ ବଳ)

## ଲକ୍ଷ୍ମୀନାରାୟଣ ପୂଜାର ନିଆରା ପରମ୍ପରା


ମାନସିକଧାରୀ ଛେରାପହଁରା କରୁଛନ୍ତି।

ଲକ୍ଷ୍ମୀନାରାୟଣ ପୂଜା ପାଇଁ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସିନ୍ଦୋଳ ଓ ମଙ୍ଗଳପୁର ପଞ୍ଚାୟତ ଉତ୍ସବମୁଖର ହୋଇଉଠିଛି। କୁମାରପୂର୍ଣ୍ଣମୀଠାରୁ ଆରମ୍ଭ ହୋଇଥିବା ଏହି ପୂଜା ୭ ଦିନ ଧରି ଚାଲିବ। ପୂଜା ପାଇଁ ମନ୍ଦିରସବୁ ସୁସଜ୍ଜିତ ହୋଇ ଆଲୋକମାଳାରେ ଝଟକୁଛି। ବିଶେଷକରି କଳସ ଶୋଭାଯାତ୍ରା ବେଳେ ସାମ୍ନାରେ ମାନସିକଧାରୀଙ୍କ ଛେରାପହଁରା ଏବଂ ଲକ୍ଷ୍ମୀନାରାୟଣଙ୍କୁ ନେତ୍ରପଣା ଅର୍ପଣ ନିଆରା ପରମ୍ପରା ହୋଇଥିବାରୁ ବୁଧବାର ପୂଜାସ୍ଥଳରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସିନ୍ଦୋଳର ନୂଆପାଟଣା ଗ୍ରାମରେ ଏହି ପୂଜା ୧୦୩ ବର୍ଷରେ ପଦାର୍ପଣ କରିଥିବାରୁ ବେଶ୍ ଆଡ଼ମ୍ବର ସହ ପାଳନ କରାଯାଉଛି। ଏଠାରେ ଲକ୍ଷ୍ମୀନାରାୟଣଙ୍କ ସହିତ ଦେବୀ ସରସ୍ୱତୀଙ୍କ ପ୍ରସ୍ତର ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଥାଏ। ବୁଧବାର ମହାପ୍ରଭୁଙ୍କ ଘଟ ସ୍ଥାପନ ପରେ ମନ୍ଦିରରୁ ଶୋଭାଯାତ୍ରାରେ କଳସ ବାହାରିଥିଲା। କଳସ ବୁଡ଼ା ସମ୍ପନ୍ନ ହେବା ପରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ମାନସିକଧାରୀମାନେ ଛେରାପହଁରା କରିଥିଲେ। ପୂଜା କମିଟିର ସଭାପତି କାଳନ୍ଦୀ ଚରଣ ଦାସ, ସମ୍ପାଦକ କପିଳେନ୍ଦ୍ର ବାରିକଙ୍କ ସମେତ ଘନଶ୍ୟାମ ଦାସ, ସୁଧାକର ଜେନା, ରତିକାନ୍ତ ବାରିକ, ପ୍ରତାପ ଲେଙ୍କା, ନନ୍ଦକିଶୋର ବାରିକ ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନା କରୁଛନ୍ତି। କମିଟିର ସଭାପତି ଭାଗୀରଥି ବେହେରା, ସମ୍ପାଦକ ହରିହର ସେନାପତି, ସରୋଜ ନାୟକ, କମଳାକାନ୍ତ ଦାସ, ଗଙ୍ଗାଧର ଦାସ, ଦେବେନ୍ଦ୍ର ବାରିକ, ପରମାନନ୍ଦ ନାୟକ, ଗୋଲକ ବିହାରୀ ମଲ୍ଲିକ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। ସେହିପରି କନାଟିଆ ଗ୍ରାମରେ ସାମାଜିକ କର୍ମୀ ହରିହର ଲେଙ୍କାଙ୍କ ବାସଭବନ ପରିସରରେ ଥିବା ମନ୍ଦିରରେ ମଧ୍ୟ ପୂଜା ଅନୁଷ୍ଠିତ ହୋଇଆସୁଛି। ଏହିସବୁ ପୂଜାସ୍ଥଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ପୂଜା କମିଟି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

# ଆଜି ହରିୟାଣା ସରକାରଙ୍କ ଶପଥ ଗ୍ରହଣରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୧୦ (ସୁନିତ୍ ମିଶ୍ର)

- ବମ୍ବେ ନିବେଶକ ସମ୍ମିଳନୀରେ ସାମିଲ ହେବେ
- ଚଣ୍ଡିଗଡ଼ଠାରେ ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ଯୋଗଦେବେ
- ସରକାରୀ ଖର୍ଚ୍ଚ ବଞ୍ଚାଇବାକୁ ସ୍ୱତନ୍ତ୍ର ବିମାନରେ ଗଲେନି

ହରିୟାଣାରେ ଭାଜପା ନେତୃତ୍ୱାଧୀନ ନୂଆ ସରକାରର ଶପଥ ଗ୍ରହଣ ସମାରୋହ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମିଲ ହେବେ। ଏନେଇ ମୁଖ୍ୟମନ୍ତ୍ରୀ ବୁଧବାର ୪ ଦିନିଆ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ସେ ହରିୟାଣା ଏବଂ ବମ୍ବେ ଗସ୍ତ କରିବେ। ଏହାସହ ଚଣ୍ଡିଗଡ଼ ଠାରେ ହେବାକୁ ଥିବା ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ମଧ୍ୟ ସେ ଯୋଗଦେବା କାର୍ଯ୍ୟକ୍ରମ ଅଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଚଣ୍ଡିଗଡ଼ଠାରେ ୧୭ ତାରିଖରେ ହରିୟାଣାର ନବନିର୍ବାଚିତ ସରକାରଙ୍କ ଶପଥ ଗ୍ରହଣ ସମାରୋହରେ ଯୋଗଦେବେ। ଅପରାହ୍ଣରେ ଚଣ୍ଡିଗଡ଼ଠାରେ ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ସାମିଲ ହେବେ। ଏହାପରେ ମୁଖ୍ୟମନ୍ତ୍ରୀ ବମ୍ବେ ଗସ୍ତରେ ଯାଇ ୧୮ ତାରିଖ ଅପରାହ୍ଣ ଓ ୧୯ ତାରିଖ ପୂର୍ବାହ୍ଣରେ ମୁମ୍ବାଇର ଏକ ତାରକା ହୋଟେଲରେ ଆୟୋଜିତ ନିବେଶକ ସମ୍ମିଳନୀରେ ସାମିଲ ହେବେ। ଇଣ୍ଡିଆନ କେମିକାଲ୍ସ ଆଣ୍ଡ ପେଟ୍ରୋକେମିକାଲ୍ସ କ୍ଷେତ୍ରରେ ସମ୍ଭାବନା ସମ୍ବନ୍ଧିତ ଏକ ସମ୍ମିଳନୀରେ ଯୋଗଦେବା ସହ ମେକ୍ ଇନ୍ ଓଡ଼ିଶା ପାଇଁ ନିବେଶକଙ୍କ ସମ୍ମିଳନୀରେ ଯୋଗଦେବେ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ୧୯ ତାରିଖ ସନ୍ଧ୍ୟା କିମ୍ବା ୨୦ ତାରିଖରେ ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଛି। ଫେରିବା ନେଇ ଏ ପର୍ଯ୍ୟନ୍ତ କିଛି ଚୂଡ଼ାନ୍ତ ହୋଇ ନ ଥିବା ଜଣାପଡ଼ି ନାହିଁ। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ମଧ୍ୟ ଗସ୍ତ କରିଛନ୍ତି। ତେବେ ସୂଚନା ମୁତାବକ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ବିମାନରେ ଯାଇନାହାନ୍ତି। ତାଙ୍କ ଗସ୍ତରେ ସରକାରୀ ଖର୍ଚ୍ଚ ବଞ୍ଚାଇବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।



हरियाणा सरकार

"मुझे विश्वास है कि विकसित भारत के संकल्प में हरियाणा की भूमिका और महत्वपूर्ण होने जा रही है।"
- नरेन्द्र मोदी



प्रधानमंत्री
**श्री नरेन्द्र मोदी**
की गरिमामयी उपस्थिति में

**आपके सहयोग व विश्वास की सरकार के**
# शपथ ग्रहण समारोह
**में आप सभी सादर आमंत्रित हैं।**

**इस अवसर पर**
**श्री बंडारू दत्तात्रेय**
राज्यपाल, हरियाणा

हरियाणा के मनोनीत मुख्यमंत्री
**श्री नायब सिंह सैनी**
एवं
मंत्रिमंडल के सदस्यों को
शपथ ग्रहण करवाएंगे

**दिनांक : 17 अक्तूबर, 2024 । समय : प्रात : 11 बजे**
**स्थान : दशहरा ग्राउंड, सेक्टर 5, पंचकूला**

कार्यक्रम से जुड़ने के लिए क्यू आर कोड स्कैन करें

**फिर एक बार, डबल इंजन सरकार**

सूचना, जन सम्पर्क एवं भाषा विभाग, हरियाणा | www.prharyana.gov.in | Follow us on @diprharyana

No.:-1089/13/1802/2025/29550/276/21 Dated Chandigarh, the 16/10/2024

# ଅଥର୍ବ ବେଦ ଓ ଋଷି ପିପ୍ପଳାଦ



ଦେବଦତ୍ତ ପଟ୍ଟନାୟକ

ଅଥର୍ବ ବେଦର ସ୍ତୋତ୍ରଗୁଡ଼ିକରେ ସହାୟତା ଓ ଚିକିତ୍ସା ସମ୍ପର୍କିତ ମନ୍ତ୍ର ରହିଛି । ଏପରିକି ଏଥିରେ କ୍ଷତି କରୁଥିବା ମନ୍ତ୍ର ମଧ୍ୟ ରହିଛି । ଏହାକୁ ଯେଉଁ ଋଷି ରଚନା କରିଥିଲେ ସେ ସାତଜଣ ଋଷି (ସପ୍ତର୍ଷି) ତାଲିକାରୁ ବାଦ ପଡ଼ିଥିଲେ । ଫଳରେ ଦୀର୍ଘ ସମୟ ଧରି ବେଦ ତାଲିକାରେ ଅଥର୍ବ ବେଦ ଅନ୍ତର୍ଭୁକ୍ତ ହୋଇ ନ ଥିଲା । ବୌଦ୍ଧଧର୍ମରେ ବୈଦିକ କଥାକୁ 'ତ୍ରୟି' ବା 'ତ୍ରିଆଦ' ବୋଲି ସୂଚିତ କରାଯାଇଥିଲା । ଅଥର୍ବ ସଂହିତାକୁ ଅଥର୍ବ–ଅଙ୍ଗିରସ କିମ୍ବା ଅଥର୍ବ ଏବଂ ଅଙ୍ଗିରା ସାଧୁଙ୍କ ଦ୍ୱାରା ଲିଖିତ ଶାସ୍ତ୍ର ଭାବେ ଉଲ୍ଲେଖ କରାଯାଇଥିଲା । ତେବେ ଅଥର୍ବ ବେଦ ପାଖାପାଖି ଖ୍ରୀ.ପୂ. ୫୦୦ରେ ବେଦ ତାଲିକାଭୁକ୍ତ ହୋଇଥିଲା । ଯେଉଁ ସମୟରେ ବିଭିନ୍ନ କାରଣରୁ ପୁରାତନ ବୈଦିକ ଧାରା ତାହାର ମହତ୍ତ୍ୱ ହରାଇଥିଲା ସେତେବେଳେ ଏହା ଘଟିଥିଲା । ଦେଖିବାକୁ ଗଲେ ପୂର୍ବରେ ବୌଦ୍ଧଧର୍ମ ଏବଂ ଜୈନଧର୍ମ ଭଳି ନୂତନ ସନ୍ନ୍ୟାସ ଚିନ୍ତାଧାରାର ଉତ୍ଥାନ, ନୂତନ ମୌର୍ଯ୍ୟ ସାମ୍ରାଜ୍ୟ ପ୍ରତିଷ୍ଠା, ବାଣିଜ୍ୟ ମାର୍ଗର ସମ୍ପ୍ରସାରଣ ଏବଂ ବାଣିଜ୍ୟିକ ମାନସିକତାର ଉତ୍ଥାନ ଏବଂ ବୈଦିକ ବିଶ୍ୱାସର ଧାରା ଉପରେ 'ବିତର୍କ' ମନୋଭାବ ପୋଷଣ କରୁଥିବା ଗ୍ରୀକ୍, ପୂର୍ବ ଏବଂ ଉତ୍ତର–ପୂର୍ବ ଇରାନର ଶାସକଙ୍କ ଆଗମନ ଯୋଗୁ ବୈଦିକ ପରମ୍ପରାର ମହତ୍ତ୍ୱ କମିଥିଲା ।

ଇନ୍ଦ୍ର ଏବଂ ବରୁଣଙ୍କ ଭଳି ପୁରାତନ ବୈଦିକ ଦେବତାମାନେ ପଶୁପାଳନ ଏବଂ ଯାଯାବର ଜୀବନଶୈଳୀରେ ଅଧିକ ଗ୍ରହଣୀୟ ହୋଇଥିବାରୁ ସେମାନଙ୍କ ଆକର୍ଷଣ ଅପସରିଗଲା । ଏଣୁ କ୍ଷମତାଶାଳୀଙ୍କ ନିକଟରେ ନିଜର ଗୁରୁତ୍ୱ ବଢ଼ାଇବା ଲାଗି ବ୍ରାହ୍ମଣମାନଙ୍କୁ ପୁନର୍ବାର କିଛି ଉପାୟ ବାହାର କରିବାକୁ ପଡ଼ିଲା । ସେମାନେ ଗାଙ୍ଗେୟ ସମତଳ ଅଞ୍ଚଳ ଦେଇ ଭାରତର ପୂର୍ବ, ଦକ୍ଷିଣ ଏବଂ ପଶ୍ଚିମ ଭାଗକୁ ଯାଇ ନୂତନ ରାଜକୀୟ ପୃଷ୍ଠପୋଷକ ଖୋଜିଥିଲେ, ଯେଉଁମାନେ ବୈଦିକ ଶାସ୍ତ୍ର ସହିତ ଅପରିଚିତ ଥିଲେ । ରାଜ୍ୟ ମୁଖ୍ୟମାନଙ୍କୁ ବିଭିନ୍ନ ରାଜକୌଶଳ ଏବଂ ଶାସନ ସେବା ଯୋଗାଇବା ଲାଗି ସେମାନେ ଏଭଳି କରିଥିଲେ । ପରେ ଆଇନ (ନୀତି), ଅର୍ଥନୀତି (ଅର୍ଥ), ରାଜନୀତି (ଦଣ୍ଡ) ଏବଂ ଶାସନ (ଧର୍ମ) ସମ୍ବନ୍ଧୀୟ ପ୍ରସଙ୍ଗରେ ବ୍ରାହ୍ମଣମାନେ ବିଶେଷଜ୍ଞ (ଶାସ୍ତ୍ରୀ) ଭାବରେ ବିଖ୍ୟାତ ହୋଇଗଲେ । ଏହା ବ୍ୟତୀତ ପୁରାତନ ରାଜକୀୟ ରୀତିନୀତି(ଶ୍ରୁତ)କୁ ଘରୋଇ ରୀତିନୀତି (ବ୍ରତ), ତୀର୍ଥଯାତ୍ରୀ ରୀତିନୀତି (ତୀର୍ଥ) ଏବଂ ରାଜକୀୟ ରୀତିନୀତି (ମହାଦାନ)ରେ ରୂପାନ୍ତରଣ କରିଥିଲେ । ଏହାସହ ବ୍ରାହ୍ମଣଙ୍କ ଶକ୍ତିରୁ ପୁରାତନ ରାଜାମାନେ କିଭଳି ଉପକୃତ ହୋଇଥିଲେ



ତାହା ବଖାଣିଥିଲେ, ଯାହାଦ୍ୱାରା ରାମାୟଣ ଓ ମହାଭାରତ ଅଧିକ ଲୋକପ୍ରିୟ ହୋଇପାରିଥିଲା । ଦୁର୍ଭାଗ୍ୟ ଦୂର କରି ସୌଭାଗ୍ୟ ଆଣୁଥିବା, ଆକ୍ରମଣକୁ ଅବରୋଧ ଓ ବନ୍ଧ୍ୟ ସୃଷ୍ଟି କରିବା ମନ୍ତ୍ର ବ୍ୟବହାରକୁ ସେମାନେ ଲୋକପ୍ରିୟ କରିଥିଲେ । ଏହାଦ୍ୱାରା ଅଥର୍ବ ସଂହିତା ଲୋକଲୋଚନକୁ ଆସିଥିଲା ।

ଋଗ୍ ସଂହିତାର ସ୍ତୋତ୍ରଠାରୁ ଅଥର୍ବ ସଂହିତାର ସ୍ତୋତ୍ରଗୁଡ଼ିକ ବହୁ ପୁରାତନ । କିନ୍ତୁ ବହୁ ପରେ ଏହାକୁ ସଂକଳିତ ଓ ବ୍ୟବସ୍ଥିତ କରାଯାଇଥଲା । ଏଥିରେ ୨୦ଟି ଅଧ୍ୟାୟରେ ୭୦୦ରୁ ଅଧିକ ସ୍ତୋତ୍ର ଓ ୬୦୦୦ ମନ୍ତ୍ର ଅଛି । ପୁରାତନ ସମୟରେ ଅଥର୍ବ ବେଦର ୯ଟି ଶାଖା ରହିଥିଲା । ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ପଣ୍ଡିତମାନେ କେବଳ ଶୌନକ ଶାଖାର ଗ୍ରନ୍ଥ ବ୍ୟବହାର କରୁଥିଲେ । କିନ୍ତୁ ୧୯୫୦ ଦଶକରେ ପିପ୍ପଳାଦ ଶାଖାର ଓଡ଼ିଆରେ ଲିଖିତ ଏକ ଗ୍ରନ୍ଥ ଓଡ଼ିଶାରୁ ମିଳିଥିଲା । ଏଥିରୁ ବୁଝାପଡୁଛି ଯେ, ଏହି ଶାସ୍ତ୍ର ବା ଜ୍ଞାନର ପ୍ରଭାବ ପୂର୍ବାଞ୍ଚଳରେ ଅତ୍ୟଧିକ ରହିଥିଲା, ଯାହାର ତନ୍ତ୍ର ଓ ଯୋଗିନୀ ପୂଜାର ସଂସ୍କୃତି ସହ ସମ୍ପର୍କ ରହିଛି ।

ବୁଦ୍ଧଯାନ ଧର୍ମସୂତ୍ରରେ ଉଲ୍ଲେଖ ରହିଛି ଯେ, ଆର୍ଯ୍ୟବ୍ରତ (ସେତେବେଳର ଉତ୍ତର ଭାରତ)ର ଲୋକେ ଯଦି ଓଡ଼ିଶା ଯାଉଥିଲେ ତେବେ ସେମାନେ ନିଜକୁ ଶୁଦ୍ଧ କରିବାକୁ କୁହାଯାଇଥିଲା । ଏହା ଅଥର୍ବ ଜ୍ଞାନ ନ ଥିବା ଏବଂ ଅଥର୍ବ ଜ୍ଞାନ ଥିବା ବ୍ରାହ୍ମଣଙ୍କ ମଧ୍ୟରେ ଥିବା ବିରୋଧୀ ଭାବ ପଛରେ ଏହାର କିଛି ସମ୍ପର୍କ ଥାଇପାରେ । ଅଥର୍ବ ବେଦର ଶକ୍ତି କଥା ଉଠିଲେ ପିପ୍ପଳାଦ ନାମ ପୁନର୍ବାର ଧ୍ୟାନ ଆକର୍ଷଣ କରେ । ଦଶମ ଶତାବ୍ଦୀ ଭଗବତ ପୁରାଣ ଅନୁଯାୟୀ, ପିପ୍ପଳାଦ ଋଷି ଅଥର୍ବଙ୍କ ନାତି ଏବଂ ଋଷି ଦଧିଚିଙ୍କ ପୁତ୍ର ଥିଲେ । ଦେବତାମାନେ ଦଧିଚିଙ୍କ ଅସ୍ଥି ମାଗିଥିଲେ କାରଣ ସେମାନେ ଭୟଙ୍କର ବୃତ୍ରାସୁରଙ୍କୁ ହତ୍ୟା କରିବା ପାଇଁ ଏଥିରେ ଏକ ଅସ୍ତ୍ର ତିଆରି କରିବାକୁ ଚାହୁଁଥିଲେ । ଏହି ସମୟରେ ପିପ୍ପଳାଦ ତାଙ୍କ ମାତୃ ଗର୍ଭରେ ଥିଲେ । ସେ ତାଙ୍କୁ ଏକ ପିପ୍ପଳ ବା ଅଶ୍ୱତ୍ଥ ଗଛ ତଳେ ଜନ୍ମ ଦେଇଥିଲେ । ସେ ଜଣେ ମହାନ୍ ବିଦ୍ୱାନ୍ ଭାବରେ ଉଭା ହୋଇଥିଲେ ଏବଂ ପ୍ରଶ୍ନ ଉପନିଷଦରେ ଅସ୍ତିତ୍ୱର ପ୍ରକୃତି ଉପରେ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦେଇଥିଲେ । ସେହି ପ୍ରଶ୍ନଗୁଡ଼ିକ ହେଲା – ଜୀବନ କିପରି ଆରମ୍ଭ ହେଲା ? କେଉଁ ଶକ୍ତି ଆମକୁ ଜୀବିତ ରଖେ ? ଜୀବନ ଶରୀରକୁ କିପରି ଆସେ ? ମଣିଷ କିପରି ସୃଷ୍ଟି ହୁଏ ? ମଣିଷ ମଧ୍ୟରେ କେଉଁଟି ଅମର ?

ଗୁଜରାଟର ଚତୁର୍ଦ୍ଦଶ ଶତାବ୍ଦୀର ସରସ୍ୱତୀ ମହାତ୍ମ୍ୟରୁ ଜଣାପଡ଼େ ଯେ, ଯେତେବେଳେ ପିପ୍ପଳାଦ ଜାଣିବାକୁ ପାଇଲେ ଯେ ତାଙ୍କ ପିତାଙ୍କ ମୃତ୍ୟୁ ପାଇଁ ଦେବତାମାନେ ଦାୟୀ, ସେତେବେଳେ ସେ ତାଙ୍କ କ୍ରୋଧାଗ୍ନି ଜନିତ ଉତ୍ତାପ (ତାପ)ରେ ଆକାଶକୁ ଧ୍ୱଂସ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହା ବନ୍ଦ କରିବାକୁ ଦେବତାମାନେ ତାଙ୍କ ନିକଟରେ ଗୁହାରି କଲେ ଏବଂ ତାଙ୍କ ପିତାଙ୍କ ମୃତ୍ୟୁର କାରଣ ପାଲଟିଥିବା ଅସ୍ଥି ଚାହିଁବାର କାରଣ ବର୍ଣ୍ଣନା କରିଥିଲେ । ଏହା ପରେ ପିପ୍ପଳାଦଙ୍କ କ୍ରୋଧ ଶାନ୍ତ ପଡ଼ିଥିଲା । ପିପ୍ପଳାଦଙ୍କ କ୍ରୋଧରୁ ଜାତ ହୋଇଥିବା ଅଗ୍ନି ବା ଉତ୍ତାପରେ ଇନ୍ଦ୍ରଙ୍କ ସ୍ୱର୍ଗ ଧ୍ୱଂସ ହେବାର ବିପଦ ଥିଲା । ତେଣୁ ଏହି ଅଗ୍ନିକୁ ସମୁଦ୍ରକୁ ବୋହି ନେବା ଲାଗି ଦେବତାମାନେ ସରସ୍ୱତୀ ନଦୀକୁ ନିର୍ଦ୍ଦେଶ ଦେଇଥିଲେ । ସେ ଉତ୍ତରରୁ ପଶ୍ଚିମ ସମୁଦ୍ରକୁ ଚାଲିଆସିଥିଲେ । ସେ ଯେଉଁ ବାଟ ଦେଇ ଯାଇଥିଲେ ତାହା ବର୍ତ୍ତମାନ ରାଜସ୍ଥାନ ଏବଂ ଗୁଜରାଟ ଭାବରେ ଜଣାଶୁଣା । ତାପ ସମୁଦ୍ରର ତଳ ଭାଗରେ ରହିଗଲା ଏବଂ ଏହା ଯୋଗୁ ସମୁଦ୍ର ଉପରେ କୁହୁଡି ସୃଷ୍ଟି ହେଲା । କୁହାଯାଏ ଯେ ଯେତେବେଳେ ବିଶ୍ୱ ସମାପ୍ତ ହେବାର ସମୟ ଆସିଯିବ ସେତେବେଳେ ଏହା ଆଗ୍ନେୟଗିରି ଭଳି ଉପରକୁ ଉଠିବ । ଏହା ଏକ ଘୋଡ଼ାର ରୂପ ନେବ, ଯାହା ଉପରେ କଳ୍କୀ ବସି ବୁଲିବେ ।

କ୍ରୋଧଜନିତ ଉତ୍ତାପ ଯୋଗୁ ସରସ୍ୱତୀ ନଦୀ ମଧ୍ୟ ଶୁଖିଗଲା । ଏହି କାରଣରୁ ଭାରତର ଉତ୍ତର–ପଶ୍ଚିମ ଭାଗରେ ମରୁଭୂମି ଅଛି, ଏକ ଅଜବ ମରୁଭୂମି ଯେଉଁଠାରେ ଅତ୍ୟଧିକ ଭୂତଳ ଜଳ ମିଳିଥାଏ । ଏହା ଏକ ଭୂତଳ ଗୁପ୍ତ ସରସ୍ୱତୀର ଉପସ୍ଥିତିକୁ ସୂଚାଇଥାଏ । ବିଶ୍ୱାସ କରାଯାଏ ଯେ, ଏହି ଗୁପ୍ତ ସରସ୍ୱତୀ ପ୍ରୟାଗରେ ଗଙ୍ଗାରେ ମିଶିଛି, ଯେଉଁଥିପାଇଁ ପ୍ରୟାଗକୁ ତ୍ରିବେଣୀ ସଙ୍ଗମ (ତିନୋଟି ନଦୀ ଜଳର ମିଳନ ସ୍ଥଳ)କୁହାଯାଏ । ସରସ୍ୱତୀ ଶୁଖିଯାଇଥିବାରୁ ଅନେକ ବ୍ରାହ୍ମଣ ପୂର୍ବ ଦିଗରେ ଗଙ୍ଗାଆଡ଼କୁ ସ୍ଥାନାନ୍ତର ହୋଇଥିଲେ । ଏମାନେ ସାରସ୍ୱତ ବ୍ରାହ୍ମଣ ନାମରେ ପରିଚିତ । ସରସ୍ୱତୀର ଶୁଖିଲା ଶଯ୍ୟାରେ ଏମାନେ ରହିଥିଲେ ଓ ମାଛ ଖାଇ ଜୀବନ ବଞ୍ଚାଇ ଥିଲେ । ଏହି ବ୍ରାହ୍ମଣ ସମ୍ପ୍ରଦାୟ ସମଗ୍ର ଭାରତରେ ବିଶେଷକରି କଶ୍ମୀର, ମିଥିଳା, ବଙ୍ଗଳା, ଓଡ଼ିଶା ଏବଂ କୋଙ୍କଣ ଉପକୂଳରେ ଦେଖିବାକୁ ମିଳନ୍ତି । ଅନେକ ସରସ୍ୱତୀ ନଦୀ ସହିତ ସେମାନଙ୍କର ପୂର୍ବପୁରୁଷର ସମ୍ପର୍କ ଥିବା ସୂଚିତ କରନ୍ତି ।

–devduttofficial@gmail.com

## ଏଇ ଭାରତରେ

ମୌସୁମୀ କାପାଡ଼ିଆଙ୍କ ସାହସିକ ଯାତ୍ରା ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାଦାୟୀ କାହାଣୀ । ରିଜିଡ୍ ସ୍ୱାଇନ ମସ୍କୁଲାର ଡିସ୍ଟ୍ରୋଫି( ଆର୍‌ଏସ୍‌ଏମ୍‌ଡି) ରୋଗରେ ପୀଡ଼ିତ ତାଙ୍କ ବଡ଼ ପୁଅ ବେଦାଂଶଙ୍କୁ ସାଙ୍ଗରେ ନେଇ ଭାରତର ୨୬ଟି ରାଜ୍ୟ ଭ୍ରମଣ କରିବା ସହ ୨୧ଟି ଦେଶ ବୁଲି ସାରିଲେଣି । ବେଦାଂଶ ଭଲରେ ଚାଲିପାରନ୍ତି ନାହିଁ କି ତାଙ୍କ ଶରୀରର ବିଭିନ୍ନ ଅଙ୍ଗ ମଧ୍ୟ ଠିକ୍ ଭାବେ ବିକଶିତ ହୋଇପାରିନାହିଁ । ତଥାପି ମୌସୁମୀ ତାଙ୍କ ଦିବ୍ୟାଙ୍ଗ ପୁଅଙ୍କୁ ନେଇ ଯାତ୍ରା ଜାରି ରଖିଛନ୍ତି । ବାଇକ୍‌ରେ ୧୫ଟି ଦୁର୍ଗମ ସ୍ଥାନକୁ ଯିବା ସହ ବିଭିନ୍ନ ଦେଶରେ ୧୨ଟି ପାହାଡ଼ ଚଢ଼ି ସାରିଛନ୍ତି । ଲେହ ଲଦାଖକୁ ୧୦ ଦିନିଆ ବାଇକ୍ ଯାତ୍ରା ସହ ଅନ୍ୟ କେତୋଟି ଦୁଃସାହସିକ ଯାତ୍ରାରେ ସେ ତାଙ୍କ ଦିବ୍ୟାଙ୍ଗ ପୁତ୍ରକୁ ମଧ୍ୟ ସାଥିରେ ନେଇପାରିଛନ୍ତି । ମୌସୁମୀଙ୍କ ବୟସ ଏବେ ୪୫ । ସେ ଦୁଇଟି ପୁତ୍ର ସନ୍ତାନର ଜନନୀ । ତାଙ୍କ ସ୍ୱାମୀଙ୍କ ସହ ଦୁବାଇରେ ରହୁଥିଲେ । ପରେ ବଡ଼ ପୁଅ ରୋଗଗ୍ରସ୍ତ ହେବା ପରେ ତା' ଚିକିତ୍ସା ପାଇଁ ମୁମ୍ବାଇ ଫେରିଆସିଲେ । ଏହି ସମୟରେ ବିଷାଦଗ୍ରସ୍ତ ହୋଇପଡ଼ିଲେ । କିନ୍ତୁ କାଉନସିଲିଂ ପରେ ନିଜକୁ ସୁଧାରି ଆଣି ଜୀବନକୁ ଏକ ଭିନ୍ନ ମାର୍ଗରେ ନେବା ପାଇଁ ସ୍ଥିର କରି ଏଭଳି ଦୁଃସାହସିକ ଯାତ୍ରା ଆରମ୍ଭ କରିଥିଲେ ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୭ ଅକ୍ଟୋବର ୧୯୭୫**

- ସମ୍ବଲପୁରରୁ ବାମଡ଼ା ମଧ୍ୟରେ ଚଳାଚଳ କରୁଥିବା ଏକ ଘରୋଇ ବସ୍‌ରେ ପ୍ରଥମ କରି ଜଣେ ମହିଳା କଣ୍ଡକ୍ଟରଙ୍କୁ ନିଯୁକ୍ତି ଦିଆଯାଇଛି ।
- ସମାନ କାମ ପାଇଁ ପୁରୁଷ ଓ ମହିଳାଙ୍କୁ ସମାନ ମଜୁରୀହାର ଦେବା ନିଷ୍ପତ୍ତି ଅନୁଯାୟୀ ଚା' ଓ ରବର ଇତ୍ୟାଦି ବଗିଚାରେ କାମ କରୁଥିବା ୪ ଲକ୍ଷ ମହିଳା ଅଧିକ ମଜୁରୀ ପାଇ ଉପକୃତ ହୋଇଛନ୍ତି ।
- ବିଶିଷ୍ଟ ଜନସେବକ ସ୍ୱାମୀ ବିଚିତ୍ରାନନ୍ଦ ଦାସଙ୍କ ୯୧ ବର୍ଷ ବୟସରେ ପରଲୋକ ।
- ଭାରତର ଅନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଦେବୀପ୍ରସାଦ ରାୟ ଚୌଧୁରୀଙ୍କ ୭୬ ବର୍ଷ ବୟସରେ ପରଲୋକ ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | | | 3 | | |
| | | 7 | 5 | | | 4 | | |
| | | 9 | | | 2 | | | 1 |
| | | | | | | | | 8 |
| | 1 | 4 | | | 5 | | | 3 |
| | 5 | | 9 | 4 | | | 7 | |
| 3 | | 2 | | 7 | | | | |
| 7 | | 8 | | | | | | |
| | | | | | 3 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 3 | 8 | 4 | 1 | 5 | 9 | 7 |
| 7 | 9 | 8 | 3 | 5 | 2 | 1 | 6 | 4 |
| 4 | 1 | 5 | 7 | 9 | 6 | 3 | 8 | 2 |
| 8 | 2 | 1 | 9 | 7 | 5 | 6 | 4 | 3 |
| 9 | 7 | 6 | 4 | 1 | 3 | 2 | 5 | 8 |
| 5 | 3 | 4 | 2 | 6 | 8 | 9 | 7 | 1 |
| 3 | 4 | 7 | 5 | 2 | 9 | 8 | 1 | 6 |
| 1 | 5 | 2 | 6 | 8 | 7 | 4 | 3 | 9 |
| 6 | 8 | 9 | 1 | 3 | 4 | 7 | 2 | 5 |

ଗତକାଲିର ଉତ୍ତର

# ଦରିଦ୍ରଙ୍କୁ ଦୁରାଚାରରୁ ମୁକ୍ତି



ବୃହସ୍ପତି ସାମଲ

ନ୍ୟାଶନାଲ କ୍ରାଇମ୍ ରେକର୍ଡ୍ସ ବ୍ୟୁରୋର ୨୦୨୧ ତଥ୍ୟାନୁଯାୟୀ ଭାରତରେ ଘଟୁଥିବା ମୋଟ ଅପରାଧରୁ ୨୮% ଦାରିଦ୍ର୍ୟ ସହ ଜଡ଼ିତ । ୟୁନାଇଟେଡ୍ ନେସନ୍ସ ଅଫିସ ଅନ୍ ଡ୍ରଗ୍ସ ଆଣ୍ଡ କ୍ରାଇମ୍ସର ସୂଚନା ଅନୁଯାୟୀ, ବିଶ୍ୱସ୍ତରୀୟ ଅର୍ଥନୈତିକ ବୈଷମ୍ୟତା ଆପେକ୍ଷିକ ଦାରିଦ୍ର୍ୟ ସୃଷ୍ଟିର କାରଣ ; ଯାହା ସମାଜରେ ହିଂସା ଓ ଅପରାଧ ବୃଦ୍ଧି ପାଇଁ ଦାୟୀ । ବିଶ୍ୱ ଅସମାନତା ରିପୋର୍ଟ–୨୦୨୨ ଅନୁଯାୟୀ ବିଶ୍ୱ ଜନସଂଖ୍ୟାର ଉପର ୧୦% ଲୋକଙ୍କ ପାଖରେ ୭୬% ସମ୍ପତ୍ତିର ମାଲିକାନା ଥିବାବେଳେ, ନିମ୍ନ ୫୦% ଲୋକଙ୍କ ପାଖରେ ମାତ୍ର ୨% ସମ୍ପତ୍ତିର ମାଲିକାନା ରହିଛି । ସେହିଭଳି ଭାରତରେ ୧୦% ଧନୀଙ୍କ ପାଖରେ ଦେଶର ୭୭% ସମ୍ପତ୍ତି ଥିଲାବେଳେ, ନିମ୍ନରେ ଥିବା ୫୦% ଲୋକଙ୍କ ପାଖରେ ମାତ୍ର ୧୩% ସମ୍ପତ୍ତି । ଏହା ଏକ ଆପେକ୍ଷିକ ଦାରିଦ୍ର୍ୟର ଉଦାହରଣ, ଯାହା ସମାଜର ସନ୍ତୁଳନକୁ କ୍ଷୁଣ୍ଣ କରୁଛି । ଇନ୍‌ଷ୍ଟିଚ୍ୟୁଟ ଫର୍ ଇକୋନୋମିକ୍ସ ଆଣ୍ଡ ପିସ୍ ଅନୁଯାୟୀ ଯେଉଁ ଦେଶର ଦାରିଦ୍ର୍ୟ ଓ ଅର୍ଥନୈତିକ ଅସମାନତା ଯେତେ ଅଧିକ, ସେ ଦେଶ ସେତେ ଅଶାନ୍ତ । ଗ୍ଲୋବାଲ ପିସ୍ ଇଣ୍ଡେକ୍ସ–୨୦୨୩ର ତଥ୍ୟ ଅନୁସାରେ, ଏ ବାବଦରେ ବିଶ୍ୱର ୧୬୩ଟି ରାଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ୧୨୬ ; ଯାହା ଭାରତର ଅନ୍ତର୍ଦ୍ୱନ୍ଦ୍ୱ ଓ ରାଜନୈତିକ ଅସ୍ଥିରତା ପ୍ରତି ଏକ ଆହ୍ୱାନ ।

୨୦୧୫ ସୁଦ୍ଧା ବିଶ୍ୱର ୧୦% ଜନସଂଖ୍ୟା, ଅର୍ଥାତ୍ ଅନ୍ୟୂନ ୭୪ କୋଟି ଲୋକ ଆନ୍ତର୍ଜାତିକ ଦାରିଦ୍ର୍ୟ ସୀମାରେଖା (ଦୈନିକ ରୋଜଗାର ୧.୯୦ ଡଲାରରୁ କମ୍, ଯାହା ୨୦୨୨ରେ ୨.୧୫ ଡଲାର) ତଳେ ବାସ କରୁଥିଲେ । ଜାତିସଂଘ ତଥ୍ୟ ଅନୁସାରେ, ୨୫ରୁ ୩୪ ବର୍ଷ ବୟସ ଭିତରେ ପ୍ରତି ୧୦୦ ଜଣ ପୁରୁଷରେ ୧୨୨ଜଣ ମହିଳା ଦାରିଦ୍ର୍ୟର ଶିକାର ହେବା ସହ ୨୦୩୦ ସୁଦ୍ଧା ୧୬ କୋଟି ଶିଶୁ ଏହି ଦୁର୍ଦ୍ଦଶାର ସମ୍ମୁଖୀନ ହେବେ ବୋଲି ଆକଳନ କରାଯାଇଛି । ବିଗତ କେଇ ଦଶନ୍ଧି ଭିତରେ ଜାତିସଂଘ ସହ ବିଶ୍ୱ ବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଏବଂ ବିଭିନ୍ନ ରାଷ୍ଟ୍ର ନିଜସ୍ୱ ନୀତି ମୁତାବକ ଦାରିଦ୍ର୍ୟ ଦୂରୀକରଣ ପାଇଁ ବିଶେଷ ଗଠନମୂଳକ ପଦକ୍ଷେପମାନ ଆପଣେଇବା ଦ୍ୱାରା ୨୦୨୨ ସୁଦ୍ଧା ବିଶ୍ୱସ୍ତରରେ ଉତ୍କଟ ଦାରିଦ୍ର୍ୟ ସୀମାରେଖା ଭିତରେ ରହୁଥିବା ଲୋକଙ୍କ ସଂଖ୍ୟା ଯଦିଓ ୬୮ କୋଟିକୁ (ବିଶ୍ୱ ଜନସଂଖ୍ୟାର ୮.୫%) କମିଆସିଛି, ଏବେ ବି ଅନେକ ଆହ୍ୱାନର ମୁକାବିଲା କରିବାକୁ ବାକି ଅଛି । ୧୯୯୦ (ଯେତେବେଳେ ବିଶ୍ୱର ମୋଟ ୩୬% ଜନତା ଉତ୍କଟ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିଲେ) ତୁଳନାରେ ଆଜିର ଏ ପ୍ରଗତି ଗ୍ରହଣୀୟ ହେଉଥିଲେ ବି ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱସ୍ତରରେ ଅର୍ଥନୈତିକ ବୈଷମ୍ୟତା, ଅନ୍ତଃରାଷ୍ଟ୍ରୀୟ କନ୍ଦଳ ଏବଂ ଯୁଦ୍ଧର ବିଭୀଷିକା, ଜଳବାୟୁ ପରିବର୍ତ୍ତନ ଏବଂ କୋଭିଡ୍ ଭଳି ମହାମାରୀ ଦାରିଦ୍ର୍ୟ ଦୂରୀକରଣ ପଦକ୍ଷେପକୁ ଶିଥିଳ କରିଛି । ଏକୁଟିଆ କୋଭିଡ୍ ମହାମାରୀ ୧୦ କୋଟି ଲୋକଙ୍କୁ ଉତ୍କଟ ଦାରିଦ୍ର୍ୟ ଭିତରକୁ ଠେଲି ଦେଇଛି । ଆଫ୍ରିକାର ସାହାରା ଅଞ୍ଚଳ ସହ ଦକ୍ଷିଣ ଏସିଆର ୪୦% ଲୋକ ଏଯାଏଁ ସେହି ଉତ୍କଟ ଦାରିଦ୍ର୍ୟରୁ ମୁକୁଳି ପାରିନାହାନ୍ତି । ୧୯୯୦–୯୧ରୁ ଅର୍ଥନୈତିକ ସଂସ୍କାର ଆପଣେଇ ଭାରତ



ଭଳି ରାଷ୍ଟ୍ର ଦାରିଦ୍ର୍ୟକୁ ୪୫%ରୁ କମେଇ ୨୦୧୧ ସୁଦ୍ଧା ୨୧.୯% ଓ ୨୦୨୧ରେ ୧୦%ରେ ପହଞ୍ଚେଇ ଥିଲେ ମଧ୍ୟ ଏବେ ମଧ୍ୟ ଅନ୍ୟୂନ ୧୪ କୋଟି ଜନତା ଦାରିଦ୍ର୍ୟ ସୀମାରେଖା ତଳେ । ୨୦୨୦ରେ ୟୁନାଇଟେଡ୍ ନେସନ୍ସ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ଓ ଅକ୍ସଫୋର୍ଡ ପଭର୍ଟି ଆଣ୍ଡ ହ୍ୟୁମାନ ଡେଭଲପ୍‌ମେଣ୍ଟ ଇନିସିଏଟିଭର ମିଳିତ ତଥ୍ୟାନୁଯାୟୀ ଭାରତର ୧୬.୪% ଜନତା ବହୁମୁଖୀ ଦାରିଦ୍ର୍ୟରେ ରହୁଛନ୍ତି, ଯେଉଁଥିରେ ସହରାଞ୍ଚଳ ଲୋକଙ୍କ ଅପେକ୍ଷା ସୀମିତ ଶିକ୍ଷା ଓ ସ୍ୱାସ୍ଥ୍ୟର ସୁବିଧା ଏବଂ ସ୍ୱଳ୍ପ କୃଷିଭିତ୍ତିକ ଅଗ୍ରଗତି ଯୋଗୁ ଗ୍ରାମାଞ୍ଚଳର ଲୋକେ ବେଶୀ ପ୍ରଭାବିତ ।

ବିଶ୍ୱରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜାତିସଂଘ ତରଫରୁ ୧୯୯୩ରୁ ପ୍ରତିବର୍ଷ ୧୭ ଅକ୍ଟୋବରକୁ ଆନୁଷ୍ଠାନିକ ଭାବେ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ରୂପେ ପାଳନ କରାଯାଏ । ଏହି ଅବସରରେ ଭାରତ ସହ ବିଶ୍ୱର ସମସ୍ତ ରାଷ୍ଟ୍ର ଉତ୍କଟ ଦାରିଦ୍ର୍ୟରୁ ଲୋକଙ୍କୁ ରକ୍ଷା କରିବା ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ତଥା ପାରସ୍ପରିକ ସହଯୋଗ ଭିତ୍ତିରେ ବିଭିନ୍ନ କାର୍ଯ୍ୟପନ୍ଥା ଆପଣେଇଥା'ନ୍ତି । ଯୋଡ଼ାଯୋଡ଼ି ହୋଇ ରହିଥିବା ଦାରିଦ୍ର୍ୟର ଉଭୟ ଦୃଶ୍ୟ ଓ ଅଦୃଶ୍ୟ କାରଣଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ବର୍ଷ ଏକ ନିର୍ଦ୍ଦିଷ୍ଟ କାରଣର ନିରାକରଣ ପାଇଁ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସରେ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥାଏ । ଏ ଯାବତ୍ ଅନାଲୋଚିତ ଓ ଗୁପ୍ତ ରହିଥିବା ଦାରିଦ୍ର୍ୟର ସେମିତି ଏକ ମୁଖ୍ୟ ଦିଗ ହେଲା ଦରିଦ୍ରଙ୍କୁ ସାମାଜିକ ଓ ଆନୁଷ୍ଠାନିକ ଦୁରାଚାର, ଯେଉଁଥିପାଇଁ ୨୦୨୪ର ବିଷୟବସ୍ତୁ ରହିଛି, ସାମାଜିକ ଓ ଆନୁଷ୍ଠାନିକ ଦୁରାଚାର ଦୂରୀକରଣ ଏବଂ ସଠିକ୍, ଶାନ୍ତିପୂର୍ଣ୍ଣ ଓ ସମନ୍ୱିତ ସମାଜ ପାଇଁ ମିଳିତ କାର୍ଯ୍ୟକ୍ରମ ।

ଭାରତରେ ଏସବୁ ଦୁରାଚାରର ପରିମାଣ ବେଶି । ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ– ୨୦୨୪ର ଅବଧାରଣା ଟିପ୍ପଣୀରେ ଜାତିସଂଘ ସିଧାସଳଖ ଉଲ୍ଲେଖ କରିଛି କି ଦଶନ୍ଧି ଦଶନ୍ଧି ଧରି ବହୁ ଜନହିତକର ଓ ସମାଜ କଲ୍ୟାଣକାରୀ କାର୍ଯ୍ୟକ୍ରମ ସତ୍ତ୍ୱେ ଭାରତ ସହ ବିଶ୍ୱର ବହୁ ଉନ୍ନତ ଦେଶଗୁଡ଼ିକରେ ମଧ୍ୟ ଉଭୟ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକରେ ଦରିଦ୍ର ଓ ଧନୀମାନଙ୍କ ଭିତରେ ବାଛବିଚାର ଜାରି ରହିଛି । କୌଣସି ସିଦ୍ଧାନ୍ତ ଗ୍ରହଣ କରିବା ପ୍ରକ୍ରିୟାରେ ଅଧିକାରୀଙ୍କ ଦ୍ୱାରା ଏମାନେ ଅଣଦେଖା ହୋଇଥାନ୍ତି । ଏଭଳି ପରିସ୍ଥିତି ସୃଷ୍ଟି କରାଯାଉଛି, ଯେମିତି ଜଣେ ବୁଝିବ ଯେ ଗରିବ ହୋଇ ଜନ୍ମ ହେବାର ଅର୍ଥ କେବଳ ନିକ୍ଷେପିତ ହେବା, ଠକାମିର ଶିକାର ହେବା, ଶାରିରିକ ଓ ମାନସିକ ଭାବେ ନିର୍ଯ୍ୟାତିତ ହେବା, ସବୁବେଳେ ଅସୁରକ୍ଷିତ ଅନୁଭବ କରିବା, ଅସମ୍ମାନିତ ହେବା, ଆତ୍ମସମ୍ମାନ ହରେଇବା, ଅନ୍ୟାୟ ସହିବା ଓ ସର୍ବଦା ଭୟରେ ନତମସ୍ତକ ହୋଇ ରହିବା । ବିଭିନ୍ନ ରାଷ୍ଟ୍ରର ସରକାରୀ ନୀତିନିୟମ ମଧ୍ୟ ଏଭଳି ମାନସିକତାକୁ ପ୍ରୋତ୍ସାହିତ କରୁଥିବାରୁ ଜାତିସଂଘ ଘୋର ଉଦ୍‌ବେଗ ପ୍ରକାଶ କରିବା ସହ ଏହାକୁ ଏକ ମିଳିତ ବିଫଳତା ବୋଲି ଅଭିହିତ କରି ଏଥିରୁ ମୁକ୍ତି ନିମିତ୍ତ ଏକ ସଶକ୍ତ ବିକାଶ ଲକ୍ଷ୍ୟ ନେଇ ମିଳିତ ଉଦ୍ୟମ ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି ।

ଉତ୍କଟ ଦାରିଦ୍ର୍ୟ ଭିତରେ ଥିବା ବ୍ୟକ୍ତିଟି ସବୁବେଳେ କ୍ଷମତା ଓ ପ୍ରଭାବର ଜଟିଳ ବ୍ୟବସ୍ଥା ଭିତରେ ଛନ୍ଦି ହୋଇଯାଏ । ସଠିକ୍, ଶାନ୍ତିପୂର୍ଣ୍ଣ ଓ ସମନ୍ୱିତ ସମାଜ ଗଠନ ପାଇଁ ସେଥିରୁ ମୁକ୍ତି ମିଳିବା ଦରକାର । ଦାରିଦ୍ର୍ୟରେ ସମୟ କାଟୁଥିବା ବ୍ୟକ୍ତିମାନଙ୍କର ବହୁମୂଲ୍ୟ ଅନୁଭବକୁ ଗ୍ରହଣ କରି ସେମାନଙ୍କର ବିଶ୍ୱାସକୁ ପୁନର୍ଜୀବିତ କରିବାକୁ ହେବ ।

**ପଦ୍ମପୁର (ଆନନ୍ଦପୁର), କେନ୍ଦୁଝର**
**ମୋ: ୯୪୩୭୦୨୨୬୬୯**

# ଶାଶ୍ୱତ ସୁଖର ଚଲାପଥ



ଯତିଦାନନ୍ଦ ଦାଶ

ପାଠକେ, ଆପଣ ଦେଖିଥିବେ, ଅଧିକାଂଶ ଧନୀ ଓ କୋଟିପତି ବ୍ୟକ୍ତିମାନେ ସବୁ ସମୟରେ ବ୍ୟସ୍ତତା ଓ ଚିନ୍ତିତ ଅବସ୍ଥାରେ ସମୟ ଅତିବାହିତ କରିଥାନ୍ତି । ଯେତେ ଧନ ସମ୍ପତ୍ତି ପାଖରେ ଥିଲେ ମଧ୍ୟ ଟଙ୍କା ପଇସା, ସୁନା ରୁପାର ମୋହ ଛାଡ଼ି ପାରନ୍ତି ନାହିଁ । ଫଳରେ ଧନୀ ବ୍ୟକ୍ତିମାନେ ସାଧାରଣତଃ ବିଭିନ୍ନ ପ୍ରକାର ଭୟଙ୍କର ରୋଗ ଯଥା– କାନ୍‌ସର, ହୃଦ୍‌ରୋଗ ଇତ୍ୟାଦିରେ ପୀଡ଼ିତ ହୋଇଥାନ୍ତି । ଏମାନଙ୍କର ମନ ଓ ହୃଦୟରେ ଆତ୍ମିକ ଶାନ୍ତି ବୋଲି କିଛି ନ ଥାଏ । ଟଙ୍କା, ପଇସା ଓ ଧନର ହିସାବ ସବୁ ସମୟରେ ରଖି ରଖି ଏମାନଙ୍କୁ ମାୟା ଓ ମୋହ ଗ୍ରାସ କରିନିଏ । କାରଣ ତାଙ୍କ ଆତ୍ମାରେ ସୁଖଶାନ୍ତି ବୋଲି କିଛି ନ ଥାଏ । ଉପରୋକ୍ତ ବ୍ୟକ୍ତିଙ୍କର ବିପରୀତ କ୍ରମେ ଦେଖିଲେ ଲୁଣ, ପଖାଳ ଖାଉଥିବା ଲୋକ ଖୁବ୍ ସୁଖଶାନ୍ତିରେ ରହିପାରୁଛି । କର୍ମମୟ ଓ ଆତ୍ମିକ ଶାନ୍ତିପ୍ରାପ୍ତ ଜୀବନ, ଗରିବ ଲୋକଟିର ମନକୁ ସୁଖମୟ କରେ । ମଣିଷ ଯେତେ ପୌଷ୍ଟିକ ଖାଦ୍ୟ ଖାଇଲେ ମଧ୍ୟ ଶାନ୍ତି ଓ ସୁଖ ବ୍ୟତିରେକ ଦେହ ଲାଗେ ନାହିଁ । ଆତ୍ମିକ ଶାନ୍ତି କହିଲେ ଆମେ ନିମ୍ନଲିଖିତ ପ୍ରକାରରେ ବୁଝିଥାଉ । ଯଥା ଆତ୍ମିକ ଶାନ୍ତି ହେଉଛି ଆତ୍ମସନ୍ତୋଷ, ସୁଖ ଓ ଶାନ୍ତିର ସମିଶ୍ରଣ, ଆତ୍ମିକ ଶାନ୍ତିର ପ୍ରଥମ ପାହାଚ ଆତ୍ମସନ୍ତୋଷ । ଆତ୍ମସନ୍ତୋଷରୁ ସୁଖର ଉତ୍ପତ୍ତି ହୋଇଥାଏ ଏବଂ ସୁଖର ଆଭାସରୁ ଶାନ୍ତିର ଭାବନା ମନରେ ଜାଗ୍ରତ ହୋଇଥାଏ । ତେଣୁ ଆତ୍ମିକ ଚିତ୍ର ବିନା ମଣିଷ ଜୀବନ ବିପନ୍ନ ହୋଇପଡ଼େ । ଏ ନେଇ ଟଲଷ୍ଟୟଙ୍କର ଏକ କାହାଣୀ ଉପସ୍ଥାପନା କରୁଛି । ଏକ ଜମିଦାର ନିକଟରେ ଜଣେ ଭୂମିହୀନ କୃଷକ କାମ କରୁଥିଲେ । ସେ କ୍ଷେତରେ ମୂଲ ଲାଗୁଥିଲେ, ଈଶ୍ୱରଙ୍କ କୃପାରୁ ଯାହା ମିଳୁଥିଲା ସେଥିରେ ଖୁବ୍ ଆନନ୍ଦରେ ଚଳୁଥିଲେ । ଅକସ୍ମାତ୍ ଦିନେ ଜମି ମାଲିକାଣୀ କିଛି ଜମି ବିକ୍ରିକଲେ । କୃଷକ ଜଣକ ଏଠୁ ସେଠୁ ଧାରକରଜ କରି ଜମି କିଣି ନେଲେ ହେଲେ ସେହିଦିନଠାରୁ ସେ ଆର୍ଥିକ ସମସ୍ୟାରେ ପଡ଼ିଲେ । ଦିନରାତି ତାଙ୍କୁ ଅର୍ଥ ଚିନ୍ତା ଲାଗି ରହିଲା । ଜମିରେ କେମିତି ଫସଲ ଉପୁଜିବ ଜମିକୁ କେମିତି ଉର୍ବର କରାଯାଇପାରିବ ଇତ୍ୟାଦି । ଏହିପରି ନାନା ପ୍ରକାର ଚିନ୍ତାର ଶିକାର ହୋଇ ରୋଗଗ୍ରସ୍ତ ହୋଇପଡ଼ିଲେ । ଶେଷରେ ଏପରି ଲୋଭପାଇଁ ମୃତ୍ୟୁବରଣ କଲେ ଏବଂ ନିଜର ସୁଖମୟ ଜୀବନକୁ ବାଜି ଲଗାଇ ଦେଲେ । ଏ ଥିଲା ଆତ୍ମିକ ଶାନ୍ତି ପ୍ରାପ୍ତ ନ ହେବାର ଫଳ ।

ଏଥର ବିଚାରକୁ ନେବା ଶାଶ୍ୱତ ସୁଖ କ'ଣ ? ଏବଂ ଏହା କିପରି ଆତ୍ମିକ ସୁଖ ଦ୍ୱାରା ପ୍ରଭାବିତ ହୋଇଥାଏ । ଆମର ଉଦ୍ଦେଶ୍ୟ ନୁହେଁ କି ଜଣେ ବ୍ୟକ୍ତିବିଶେଷ ପ୍ରଗତି ନ କରନ୍ତୁ । ପ୍ରଗତି ଅବଶ୍ୟ କରନ୍ତୁ । ହେଲେ ଯାହା କିଛି ଜଣକ ପାଖରେ ନାହିଁ, ସେ ଯାଏ ସେ ଦୁଃଖିତ ହେବା ଉଚିତ ନୁହେଁ । ବର୍ତ୍ତମାନ ପରିସ୍ଥିତି ଭଗବାନ ଯାହା ଦେଇଛନ୍ତି ତାହା ହିଁ ଗ୍ରହଣ କରି ସନ୍ତୁଷ୍ଟ ହେବା ଉଚିତ । ନିଜେ ବର୍ତ୍ତମାନ ଉପରେ ଅପ୍ରଶନ୍ନ ହୋଇ ଏହା ଉପରେ ଦୁଃଖ ପ୍ରକଟ କରିବା ଉଚିତ ନୁହେଁ କି ଭବିଷ୍ୟତରେ ଆଶା ଓ ଆକାଂକ୍ଷା ନେଇ ଅତ୍ୟନ୍ତ ମର୍ମାହତ ହେବା ଉଚିତ ନୁହେଁ ଆଉ ମଧ୍ୟ ଅତୀତର ସ୍ମୃତିକୁ ନେଇ ଝୁରିବା ଉଚିତ ନୁହେଁ । ତେବେ ଯାଇ ଜଣେ ବ୍ୟକ୍ତି ଆତ୍ମିକ ଶାନ୍ତି ପାଇପାରିବ । ଯଦି ଆମେ ଆତ୍ମିକ ଶାନ୍ତିକୁ ହୃଦୟଭରି ଆପଣେଇ ପାରିବା, ତା' ହେଲେ ଆମେ ଶାଶ୍ୱତ ସୁଖ ପାଇପାରିବା । ତେବେ ଏଇ ଚଲାପଥ ଅଛି, ତାହା ଆତ୍ମିକ ଶାନ୍ତି ଓ ଶାଶ୍ୱତ ସୁଖ ମଧ୍ୟରେ ଧୀରେ ଧୀରେ ଆଶ୍ରୟ ନେଇ ଆତ୍ମିକ ଶାନ୍ତି ଶାଶ୍ୱତର ସୁଖରେ ପରିଣତ ହୋଇଥାଏ ; ଯାହା ସମୟ ସାପେକ୍ଷ ଏବଂ କାଠିକର ପାଠ । ଏହି ଚଲାପଥରେ ରହିଛି ସତ୍‌ଚିନ୍ତା, ଭଗବତ ଚିନ୍ତା, ଗୁରୁଦୀକ୍ଷା, ଈଶ୍ୱର ପୂଜା ଆଧ୍ୟାତ୍ମିକତାର ଆଶ୍ରୟ ଇତ୍ୟାଦି । ବାସ୍ତୁବାଦୀତା ଦୃଷ୍ଟିକୋଣରୁ ଅନୁଶୀଳନ କଲେ ଜଣାଯାଏ ଯେ, ଆତ୍ମିକ ଶାନ୍ତିରୁ ଶାଶ୍ୱତ ସୁଖ ପାଇବା ନିମନ୍ତେ ଏକ ବ୍ୟକ୍ତି ଚରିତ୍ରବାନ, ପରୋପକାରୀ, ସଂସ୍କାରିକ ଓ ସୃଜନଶୀଳ ହେବାକୁ ପଡ଼ିବ । ମୋଟାମୋଟି ନିଜକୁ ସକାରାତ୍ମକ ଚିନ୍ତାଧାରା ନେଇ ଚଳିବାକୁ ପଡ଼ିବ । ଲୋଭ ଲାଳସା ଆସିବା କଥା ଆସିବ, ମାତ୍ର ଆତ୍ମିକ ଶାନ୍ତିର ପ୍ରତୀକ ହୋଇ ଯଦି ବ୍ୟକ୍ତି ଉପରୋକ୍ତ ନକାରାତ୍ମକ ଗୁଣଗୁଡ଼ିକ ପରିହାର କରି ଚିରନ୍ତନ ସୁଖ ଦିଗକୁ ଗତିକରେ ତା' ହେଲେ ଶାଶ୍ୱତ ସୁଖ ବା ପରମାତ୍ମିକଙ୍କ ପରଶ ମିଳିବା ସୁନିଶ୍ଚିତ ।

**ମୋ :୯୯୩୮୧୮୧୩୨୦**

## ଚିରନ୍ତନୀ

ମନ୍ଥର ଧୀର ଅତି
ଅଚପଳ ଜଳଗତି
ତଳେ ତା'ର ତାଳଗଛ ଛାଇରେ
କାଟିଛି ସରଳ ରେଖା ମହୀରେ ।
–(ଶରତ–ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ହମ୍ପରେ ନିୟମିତ ରଙ୍ଗ ଦିଆଯାଉ

ମହାଶୟ,

ରାସ୍ତାରେ ତିଆରି ହୋଇଥିବା ହମ୍ପରେ ନିୟମିତ ରଙ୍ଗ ନ ଲାଗିବା ଓ କେତେକ ସ୍ଥଳରେ ହମ୍ପର ଉଚ୍ଚତା ଅଧିକ ବା ଅନ୍ୟ ତ୍ରୁଟି ଥିବାରୁ ରାତିରେ ଦୁଇଚକିଆ ଯାନ ଦୁର୍ଘଟଣାର ସମ୍ମୁଖୀନ ହେଉଛି । ଫଳରେ ଗାଡ଼ି ଥିବା ଲୋକେ ଛିଟିକି ପଡ଼ି ଆହତ ହେଉଛନ୍ତି କିମ୍ବା ଜୀବନ ଚାଲିଯାଉଛି । ଏହା ବ୍ୟତୀତ ରାସ୍ତାରେ ବୁଲା ଗାଈଗୋରୁ, କୁକୁର ଚଳପ୍ରଚଳ, ରାସ୍ତାରେ ଗୋଡି, ବାଲି ଇତ୍ୟାଦି ବହୁଦିନ ଧରି ପଡ଼ିରହୁଛି । ବଡ଼ ବଡ଼ ଖାଲ ସହିତ ରାସ୍ତା କଡ଼ରୁ ଗଛ କଟାଯାଇ ଗଛ ଥୁଣ୍ଟା ରହିବା ଯୋଗୁ ଅନେକ ଦୁର୍ଘଟଣା ଘଟୁଛି । କେତେକ ଛକରେ ବୁଲାଣି ରାସ୍ତାରେ ଚା' ଓ ପାନ ଦୋକାନରେ ଗହଳି ହେତୁ ଗାଡ଼ି ଚଳାଇବାରେ ବାଧା ଉପୁଜିବା ସହ ଦୁର୍ଘଟଣା ହେଉଛି । ରାସ୍ତା ଦୁର୍ଘଟଣା ହ୍ରାସ ନିମନ୍ତେ ପ୍ରତ୍ୟେକ ପଞ୍ଚାୟତସ୍ତରରେ ସଡ଼କ ସୁରକ୍ଷା ସମିତି ଗଠନ କରାଯାଇ ନିୟମିତ ହମ୍ପରେ ରଙ୍ଗ ଦିଆଯାଉ । ଏହା ସହିତ ଗାଈଗୋରୁଙ୍କ ବେକରେ ରିବନ୍ ବେଲ୍ଟ ବାନ୍ଧିବା କାର୍ଯ୍ୟ ନିକଟସ୍ଥ ଗ୍ରାମ୍ୟ ଓ ଯୁବକ ସଂଘ କମିଟଗୁଡ଼ିକୁ ଦାୟିତ୍ୱ ଦେବାକୁ ଅନୁରୋଧ ।

**–ଉପେନ୍ଦ୍ର ଦେବତା, ଆଠଗଡ଼, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଗ୍ୟାସ୍ ସିଲିଣ୍ଡର ଚୋରିକରି ଛେଚା ଖାଇଲେ ୨ ଯୁବକ

ଭୋଗରାଇ, ୧୬।୧୦
(ପ୍ରଦୀପ ଦାସ)

୨ ଯୁବକ ରାତି ଅଧରେ ପଶି ଗ୍ୟାସ୍ ସିଲିଣ୍ଡର ଚୋରି କରୁଥିଲେ। ହେଲେ ଗ୍ରାମବାସୀଙ୍କ ଦ୍ୱାରା ଧରା ପଡିଯିବାରୁ ଛେଚା ଖାଇଲେ। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ନାଇଦୋଳି ଗ୍ରାମରେ। ଦଶହରା ଉପଲକ୍ଷେ ଗ୍ରାମରେ ମଙ୍ଗଳବାର ରାତିରେ ଏକ ନାଟକ ମଞ୍ଚସ୍ଥ ହେଉଥିଲା। ଘରେ କେହି ନ ଥିବାର ସୁଯୋଗ ନେଇ ୨ ଯୁବକ ଗ୍ୟାସ୍ ସିଲିଣ୍ଡର ଚୋରି କରି ନେଉଥିବା ଗ୍ରାମବାସୀ ଦେଖି ସେମାନଙ୍କୁ ଧରି ପକାଇଥିଲେ। ପରେ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ପରେ ସେମାନେ ନିଶା ପାଇଁ ଚୋରି କରିଥିବା ସ୍ୱୀକାର କରିଥିଲେ। ଚୋରି କରିଥିବା ଜଣେ ଯୁବକ ନାଇଦୋଳି ଗ୍ରାମର ହୋଇଥିବା ବେଳେ ଅନ୍ୟଜଣେ କୁଟିଲାଡାଙ୍ଗ ଗ୍ରାମର। ନାଇଦୋଳି ଗ୍ରାମର ଯୁବକ ଜଣକ ପୂର୍ବରୁ ଅନ୍ୟ ଲୋକଙ୍କ ଘରୁ ଧାନ ଚୋରିକରି ବିକ୍ରି କରିବା ସହ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରୁ ଚୋରି କରି ଭୋଗରାଇ ଥାନାକୁ ଯାଇଥିଲେ।

# ଦିଲ୍ଲୀ ବଳାତ୍କାର ଘଟଣାର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୧୦
(ସୁନୀତ କୁମାର ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ନୂଆଦିଲ୍ଲୀ ଗସ୍ତ ସମୟରେ ରାଜଧାନୀ ଦିଲ୍ଲୀରେ ଓଡ଼ିଆ ଯୁବତୀଙ୍କୁ ବଳାତ୍କାର ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ସମୀକ୍ଷା କରିଛନ୍ତି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟବସ୍ଥା ଓ ସୁସ୍ଥତା, ଦିଲ୍ଲୀ ପୋଲିସ ଦ୍ୱାରା ଚାଲିଥିବା ତଦନ୍ତର ଅଗ୍ରଗତି ଆଦି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମାଝୀ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି। ଏହି ଅବସରରେ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା(ଆଇଜି, ସିଏଡବ୍ଲ୍ୟୁ ଓ ସିଡବ୍ଲୁ) ଏସ୍ ସାଇନି ଏହି ମାମଲାର ଅଗ୍ରଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ତ ସୂଚନା ପ୍ରଦାନ କରିଥିଲେ।

ଉଲ୍ଲେଖଯୋଗ୍ୟଯେ, ରାଜ୍ୟ ସରକାରଙ୍କ ସହଯୋଗରେ ପୀଡିତାଙ୍କ ପରିବାର ସଦସ୍ୟ ସେଠାରେ ଉପସ୍ଥିତ ରହିଛନ୍ତି। ଉକ୍ତ ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଓଡିଶା ପୋଲିସର ବରିଷ୍ଠ ପୋଲିସ ଅଧିକାରୀଗଣ ଦିଲ୍ଲୀ ପୋଲିସ ସହ ଯୋଗାଯୋଗରେ ରହିଛନ୍ତି।

# ଓଡ଼ିଶା ଫେରିଲେ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ର

### ଭରତପୁର ଥାନାରେ ନିର୍ଯାତନା ଘଟଣା

### ମିଛ ଧରା ପରୀକ୍ଷା ସରିଲା

ଭୁବନେଶ୍ୱର,୧୬।୧୦
(ସୂର୍ଯ୍ୟକାନ୍ତ ବେହେରା)

ଭରତପୁର ଥାନାରେ ଆର୍ମି ଅଫିସର ଏବଂ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ କ୍ରାଇମବ୍ରାଞ୍ଚ ଓ ବିଚାରବିଭାଗୀୟ ତଦନ୍ତ ଚାଲୁ ରହିଛି। ଇତିମଧ୍ୟରେ ଏହି ଘଟଣାରେ ନିଲମ୍ବିତ ପୋଲିସ ଅଧିକାରୀଙ୍କ ସମସ୍ତ ମିଛଧରା ପରୀକ୍ଷା ଶେଷ ହୋଇଛି। ଏଥିପାଇଁ କ୍ରାଇମବ୍ରାଞ୍ଚ ଟିମ୍ ୫ ପୋଲିସ ଅଧିକାରୀଙ୍କୁ ଗୁଜରାଟ ଗାନ୍ଧୀନଗରସ୍ଥିତ ଷ୍ଟେଟ୍ ଫୋରେନ୍ସିକ୍ ସାଇନ୍ସ ଲାବରେଟୋରି (ଏସ୍ଏଫ୍ଏସ୍ଏଲ୍)କୁ ନେଇଥିଲା। ସେଠାରେ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ପଲିଗ୍ରାଫ ଟେଷ୍ଟ, ବ୍ରେନ୍ ମ୍ୟାପିଂ, ନାର୍କୋ ଟେଷ୍ଟ ସରିବା ପରେ ସେ ଓଡିଶା ଫେରି ଆସିଥିବା ସୂଚନା ମିଳିଛି। ଅନ୍ୟପଟେ ପୂର୍ବରୁ ଏସ୍ଆଇ ବୈଶାଳିନୀ ପଣ୍ଡା, ଏଏସ୍ଆଇ ସାଗରିକା ରଥ, ଏଏସ୍ଆଇ ସଲୀଳମୈୟୀ ସାହୁ , ଘଟଣା ଦିନ ଥାନାରେ ପ୍ରତ୍ୟକ୍ଷଦର୍ଶୀ ଭାବେ ଉପସ୍ଥିତ ଥିବା ଜଣେ କାର୍ଯ୍ୟରତ ଏସ୍ଆଇଙ୍କ ପଲିଗ୍ରାଫ ଟେଷ୍ଟ ସରିବା ପରେ ସେମାନେ ଓଡ଼ିଶା ଫେରିଥିଲେ। ଆସନ୍ତା ୨୧ ତାରିଖ ସୁଦ୍ଧା ଗାନ୍ଧୀନଗର ଡିଏଫ୍ଏସ୍ଏଲ ପକ୍ଷରୁ କୋର୍ଟରେ ଟେଷ୍ଟ ରିପୋର୍ଟ ଦାଖଲ ହେବ। ଅକ୍ଟୋବର ଶେଷ ସୁଦ୍ଧା ତଦନ୍ତ ରିପୋର୍ଟ କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯିବ ବୋଲି ସୂଚନା ରହିଛି। ତେଣୁ ଏହି ରିପୋର୍ଟ ଆସିବା ପରେ କ'ଣ କାର୍ଯ୍ୟାନୁଷ୍ଠାନ ହେଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ମହୁମାଛି ଆକ୍ରମଣରେ ଯୁବକ ମୃତ

ଟିକିରି,୧୬।୧୦
(ପ୍ରଫୁଲ୍ଲ କୁମାର ବେହେରା)

ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରୁଥିବାବେଳେ ମହୁମାଛି ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲା କାଶୀପୁର ଥାନା ଅନ୍ତର୍ଗତ ବନ୍ଧମାଣ୍ଡି କଲୋନିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ବନ୍ଧମାଣ୍ଡି କଲୋନିର ସୁରେନ୍ଦ୍ର ଝୋଡ଼ିଆ।

ସୁରେନ୍ଦ୍ର ମଙ୍ଗଳବାର ସକାଳେ ଗାଁ ନିକଟରେ ଥିବା ଏକ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିଲେ। ହଠାତ୍ ବହୁ ସଂଖ୍ୟାରେ ମହୁମାଛି ତାଙ୍କୁ ଆକ୍ରମଣ କରିଥିଲେ। ସେ କୌଣସି ପ୍ରକାରେ ନିଜକୁ ବଞ୍ଚାଇ ଘରକୁ ଦୌଡ଼ି ପଳାଇ ଆସିଥିଲେ। ପରିବାର ଲୋକେ ତାଙ୍କୁ ନିକଟସ୍ଥ ସିକରପାଇ ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ମୃତ ସୁରେନ୍ଦ୍ରଙ୍କ ବଡ଼ଭାଇ ପୁରନ୍ଦର ଝୋଡ଼ିଆ କାଶୀପୁର ଥାନାରେ ଏତଲା ଦେଇଥିଲେ। କାଶୀପୁର ଥାନା ପକ୍ଷରୁ ଏଏସ୍ଆଇ ସମଦତା ପ୍ରଧାନଙ୍କ ଉପସ୍ଥିତିରେ ରାୟଗଡ଼ାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ଅପରାହ୍ନ ପ୍ରାୟ ୪ଟାରେ ମରଶରୀର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୁରେନ୍ଦ୍ର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# ପୁରୁଣା ଆଇନର ହେବ ତର୍ଜମା

### ଖୁବ୍‌ଶୀଘ୍ର ଗଠନ ହେବ ଲ' ରିଭିଜନ କମିଶନ

ଭୁବନେଶ୍ୱର,୧୬।୧୦(ଅନିଲ ଦାସ)

ଅଦରକାରୀ ଓ ଅପ୍ରାସଙ୍ଗିକ ଆଇନର ସମୀକ୍ଷା ହେବ। ଏଥିପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ଲ' ରିଭିଜନ କମିଶନ ଗଠନ କରିବେ। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ସରକାର ମାସେ କିମ୍ବା ୨ ମାସ ଭିତରେ ଲ' ରିଭିଜନ କମିଶନ ଗଠନ କରିବାକୁ ଯାଉଛନ୍ତି। ଏହି କମିଶନ ହେଲେ ରାଜ୍ୟରେ ଥିବା ଅଦରକାରୀ ଆଇନ, ନିୟମଗୁଡ଼ିକୁ ତର୍ଜମା କରାଯିବ। ଯେଉଁ ଆଇନ ଉପରେ ସରକାର ଚାଲେ ସେସବୁ ଆଇନଗୁଡ଼ିକର ନବୀକରଣ ଓ ସୁଧାର କରାଯାଇ ସାଧାରଣ ଲୋକଙ୍କ ପାଇଁ ଉପଯୋଗ କରାଯିବା ନିମନ୍ତେ କମିଶନ ନିଜର ମତ ଦେବେ। ୨୦୦୫ରେ ଯେଉଁ ସୂଚନା ଅଧିକାର ଆଇନ ରହିଛି ସେଥିରେ ଯାହା କିଛି ପରିବର୍ତ୍ତନର ଆବଶ୍ୟକତା ରହିଛି ସେସବୁ କରାଯିବ। ସୂଚନା ଅଧିକାର କର୍ମୀମାନଙ୍କୁ ଡରାଇବା, ଧମକାଇବା ଏବଂ ସେମାନଙ୍କ ନାଁରେ ଯେଉଁ କେସ୍ ହୋଇଛି ସେସବୁର ସରକାର ପୁନର୍ବିଚାର କରିବେ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ର ସରକାର ପୁରୁଣା ଆଇନ ପରିବର୍ତ୍ତନ କରିବା ପରେ ରାଜ୍ୟ ସରକାର ରାଜ୍ୟର ପୁରୁଣା ଓ ଅଦରକାରୀ ଆଇନର ସମୀକ୍ଷା କରିବେ। ଯେଉଁ ଆଇନଗୁଡ଼ିକର କୌଣସି ପ୍ରାସଙ୍ଗିକତା ନ ଥିବ ସେଗୁଡ଼ିକୁ ଉଚ୍ଛେଦ କରାଯିବ। ଲ' ରିଭିଜନ କମିଶନ ଗଠନ ହେବା ପରେ ଏ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବେ।

# ଆହତ ହାତୀ ଶାବକକୁ ପଠାଗଲା ନନ୍ଦନକାନନ

### ଟ୍ରାଙ୍କୁଲାଇଜର ଦେଇ ଚେତାଶୂନ୍ୟ ପରେ ହାତୀ ଶାବକ ଉଦ୍ଧାର

ବନ୍ଧମୁଣ୍ଡା/ରାଉରକେଲା,୧୬।୧୦
(ସୁବ୍ରତ ଦେ/ସଙ୍ଗୀତା ଜେନା)



ହାତୀ ଶାବକକୁ ନନ୍ଦନକାନନ ପଠାଯାଉଛି।

ରାଉରକେଲା ବନ୍ଧମୁଣ୍ଡା ନିକଟରେ ଟ୍ରେନ୍ ଦୁର୍ଘଟଣାରେ ୨ଦିନ ପୂର୍ବେ ହାତୀ ଶାବକର ମୃତ୍ୟୁ ଘଟିଥିଲା। ଏଥିରେ ଆହତ ହୋଇଥିବା ଅନ୍ୟ ଏକ ହାତୀ ଶାବକକୁ ଟ୍ରାଙ୍କୁଲାଇଜର ଦ୍ୱାରା ଚେତାଶୂନ୍ୟ କରାଯିବା ପରେ ବୁଧବାର ସକାଳେ ଉଦ୍ଧାର କରାଯାଇଛି। ଉନ୍ନତ ଚିକିତ୍ସା ପାଇଁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ପଠାଯାଇଛି। ସକାଳ ପ୍ରାୟ ୯ଟାରେ ବନ ବିଭାଗର ଅଧିକାରୀମାନେ କଡ଼ା ସୁରକ୍ଷାରେ ଏକ ୪୦୭ ଟ୍ରକ୍ ଜରିଆରେ ହାତୀ ଶାବକକୁ ନନ୍ଦନକାନନ ପଠାଇଥିଲେ। ଏହା ପୂର୍ବରୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଆହତ ହାତୀର ସ୍ୱାସ୍ଥ୍ୟ ଯାଞ୍ଚ, ଓଜନ ଆଦି କରିଥିଲେ। ଡିଏଫ୍ଓ ଯଶୋବନ୍ତ ସେଠୀଙ୍କ କହିବା ଅନୁସାରେ ୨୧ ଟିକିଆ ହାତୀପଲରୁ ସକାଳେ ବହୁ ଉଦ୍ୟମ ପରେ ଶାବକକୁ ଉଦ୍ଧାର କରାଯାଇଥିଲା। ହାତୀ ଶାବକ ପଛପାଖ ଗୋଡ଼ରେ ଗଭୀର କ୍ଷତ ରହିଛି। ଫଳରେ ସେ ଚାଲିବାକୁ ଅସମର୍ଥ। ତାହାକୁ ଉଦ୍ଧାର ପାଇଁ ମଙ୍ଗଳବାର ରାତିରୁ ଯୋଜନା କରାଯାଇଥିଲା। ମା' ହାତୀ ମଧ୍ୟ ଆହତ ହୋଇଛି। ତା' ଉପରେ କଡ଼ା ଦୃଷ୍ଟି ରଖାଯାଇଛି। ଆବଶ୍ୟକ ସ୍ଥଳେ ତାକୁ ମଧ୍ୟ ଟ୍ରାଙ୍କୁଲାଇଜ କରାଯାଇ ଚିକିତ୍ସା କରାଯିବ। ହାତୀ ଶାବକ ଉଦ୍ଧାର କାର୍ଯ୍ୟରେ ରାଉରକେଲା, ବିଶ୍ରା, ବୀରମିତ୍ରପୁର, ରାଜଗାଙ୍ଗପୁର ବନ ବିଭାଗର ୨ଶହରୁ ଊର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ରାଉରକେଲା ଆର୍‌ସିସିଏଫ୍ ପି. ରାମାସ୍ୱାମୀ, ରାଉରକେଲା ଡିଏଫ୍ଓ ଯଶୋବନ୍ତ ସେଠୀ, ଏସିଏଫ୍ ସୌମ୍ୟରଞ୍ଜନ ଗୋଚ୍ଛାୟତ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବନ୍ଧମୁଣ୍ଡା ଆର୍‌ଓଏ କ୍ୟାବିନ୍ ନିକଟ ମଙ୍ଗଳବଜାର ବସ୍ତିଠାରେ ରେଳଧାରଣାକୁ ହାତୀପଲ ଅତିକ୍ରମ କରୁଥିବାବେଳେ ମାଲବାହୀ ଟ୍ରେନ୍ ଧକ୍କାରେ ୩ ବର୍ଷୀୟ ହାତୀ ଶାବକର ମୃତ୍ୟୁ ଘଟିଥିଲା। ଅନ୍ୟ ଏକ ଶାବକ ଓ ମା' ହାତୀ ଆହତ ହୋଇଥିଲେ।

# ବଳଦ ଖୋଜିବାକୁ ଯାଇଥିବା ମାଲିକଙ୍କୁ କୁମ୍ଭୀର ଟାଣିନେଲା

### ବନ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି

ମହାକାଳପଡ଼ା,୧୬।୧୦
(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ନିଖୋଜ ଶଙ୍କର ସାମନ୍ତ।

ବଳଦ ଖୋଜିବା ହେଲା କାଳ। ନଦୀ କୂଳରେ ଛକି ରହିଥିବା ଏକ ବଉଳା କୁମ୍ଭୀର ଶଙ୍କର ସାମନ୍ତ(୫୦) ନାମକ ଜଣେ ବ୍ୟକ୍ତିଙ୍କୁ ନଦୀକୁ ଟାଣି ନେଇଥିବା ଅଭିଯୋଗ ହୋଇଛି। ବୁଧବାର ଅପରାହ୍ନରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ହେଲେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଶଙ୍କରଙ୍କୁ ଉଦ୍ଧାର କରାଯାଇପାରି ନାହିଁ। ଏହାକୁ ନେଇ ନଦୀବନ୍ଧରେ ଗ୍ରାମବାସୀଙ୍କ ଭିଡ଼ ଜମିଛି। ଏଭଳି ଅଭାବନୀୟ ଘଟଣା କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ରଟପଙ୍କ ଗ୍ରାମରେ ଘଟିଛି।

ସୂଚନା ଅନୁଯାୟୀ, ଶଙ୍କରଙ୍କ ଏକ ବଳଦ ରଟପଙ୍କ ଗାଁ ନିକଟ ନାଳ ପାର୍ଶ୍ୱରେ ଚରୁଥିଲା। ଅପରାହ୍ନରେ ଶଙ୍କର ବଳଦକୁ ଖୋଜି ଖୋଜି ନାଳପାର୍ଶ୍ୱରେ ପହଞ୍ଚି ଥିଲେ। ଶଙ୍କର ବାଡେଇବା ପରେ ବଳଦ ବନ୍ଧ ଉପରକୁ ଚାଲି ଯାଇଥିଲା। ହେଲେ ନାଳଠାରୁ ଏକ ମିଟର ଦୂର ନଦୀରେ ଛପି ରହିଥିବା ଏକ କୁମ୍ଭୀର ହଠାତ୍ ଶଙ୍କରଙ୍କୁ ଧରି ଅଥଳ ପାଣିକୁ ଟାଣି ନେଇଥିଲା। ଶଙ୍କର ଚିତ୍କାର କରିବାରୁ ସ୍ଥାନୀୟ ଲୋକମାନେ ଏ କଥା ଗାଁରେ ଜଣାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର ପାଇଁ ଧାଇଁ ଆସିଥିଲେ। ହେଲେ ତାଙ୍କର ଆଉ ପତ୍ତା ମିଳି ନ ଥିଲା। ଖବର ପାଇ ଗହୀରମଥା ସାମୁଦ୍ରିକ ରେଞ୍ଜ ଅଧିକାରୀ ପ୍ରଦୋଷ କୁମାର ମହାରଣା ପହଞ୍ଚିଥିଲେ। ବନ ବିଭାଗ କର୍ମଚାରୀମାନେ ଡଙ୍ଗା ସାହାଯ୍ୟରେ ନାଳ ଓ ଜଙ୍ଗଲରେ ଖୋଜାଖୋଜି କରିଥିଲେ ମଧ୍ୟ ଶଙ୍କରଙ୍କୁ ପାଇ ନ ଥିଲେ। ଶଙ୍କରଙ୍କ ୨ ପୁଅ,୨ ଝିଅ ଓ ସ୍ତ୍ରୀ ଏହି ଘଟଣାରେ ଭାଙ୍ଗି ପଡିଛନ୍ତି। ଏ ସଂକ୍ରାନ୍ତରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ ଅଧିକାରୀ ପ୍ରଦୋଷ କୁମାର ମହାରଣାଙ୍କୁ ପଚାରିବାରୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ଉଦ୍ଧାର ପରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଜନ ଔଷଧୀ ନାମରେ ନକଲି ଔଷଧ ବିକ୍ରି ନିଷେଧ

### ପିଏମ୍‌ବିଆଇକୁ ୧୦ ଲକ୍ଷ କ୍ଷତି ପୂରଣ ନିର୍ଦ୍ଦେଶ

ଭୁବନେଶ୍ୱର,୧୬।୧୦
(ଅନୁରାଧା ମହାରଣା)

ମଧ୍ୟପ୍ରଦେଶର ଭୋପାଳରେ ଜନ ଔଷଧୀ ସଂଘ ନାମରେ କାର୍ଯ୍ୟ କରୁଥିବା ଏକ ସଂସ୍ଥା କେନ୍ଦ୍ର ଫାର୍ମାସ୍ୟୁଟିକାଲ୍ସ ବିଭାଗ ଅଧୀନ ଫାର୍ମାସ୍ୟୁଟିକାଲ୍ସ ଆଣ୍ଡ ମେଡିକାଲ ଡିଭାଇସେସ୍ ବ୍ୟୁରୋ ଅଫ୍ ଇଣ୍ଡିଆ(ପିଏମ୍‌ବିଆଇ) ଟ୍ରେଡ୍ ମାର୍କ ବ୍ୟବହାରକରି ନକଲି ଔଷଧ ବିକ୍ରି କରୁଥିଲା। ନିୟମ ଉଲ୍ଲଂଘନକାରୀ ଏବଂ ଏହାର ମାଲିକ ଏବଂ ସହଭାଗୀ ଏହି ଟ୍ରେଡ୍ ମାର୍କ ବ୍ୟବହାର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଦିଲ୍ଲୀ କୋର୍ଟ। ଜନ ଔଷଧୀ କେନ୍ଦ୍ର ମାଧ୍ୟମରେ ଗ୍ରାହକମାନେ ସୁଲଭ ମୂଲ୍ୟରେ ଗୁଣବତ୍ତାପୂର୍ଣ୍ଣ ଉତ୍ପାଦ ପାଇପାଇପାରୁଥିବା ବେଳେ କୋର୍ଟଙ୍କ ନିଷ୍ପତ୍ତି ଏହି ବ୍ରାଣ୍ଡକୁ ସୁରକ୍ଷା ପ୍ରଦାନ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ପିଏମ୍‌ବିଆଇ ଟ୍ରେଡ୍ ମାର୍କ ନାମରେ ବିକ୍ରି କରାଯାଉଥିବା ସମସ୍ତ ସାମଗ୍ରୀକୁ ନଷ୍ଟ କରିବା ପାଇଁ ଉକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିବାବେଳେ ପିଏମ୍‌ବିଆଇ ସପକ୍ଷରେ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସବୁ ବର୍ଗର ଲୋକଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଜେନେରିକ୍ ମେଡିସିନ୍ ଯୋଗାଇଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧୀ ପରିଯୋଜନାର ଶୁଭାରମ୍ଭ କରାଯାଇଥିଲା। ଏହାର ନେଟ୍‌ୱର୍କ ଜରିଆରେ ୧୩,୮୦୦ ଜନ ଔଷଧୀ କେନ୍ଦ୍ର ମାଧ୍ୟମରେ ସୁଲଭ ଏବଂ ଗୁଣାତ୍ମକ ଔଷଧ ଯୋଗାଣ କରାଯାଉଛି। ଏହି ରିଟେଲ ଦୋକାନରୁ ଔଷଧ କିଣିବା ସମୟରେ ଲୋକମାନେ ଔଷଧ ମୂଲ୍ୟରେ ୫୦% ରୁ ୯୦% ସଞ୍ଚୟ କରନ୍ତି। ଗତ କିଛି ବର୍ଷ ମଧ୍ୟରେ ଜନ ଔଷଧୀ ଦେଶର ସବୁଠାରୁ ବଡ଼ ରିଟେଲ ଫାର୍ମାସି ଚେନ୍ ପାଲଟିଛି। ମାତ୍ର ଏହାର ନାମରେ କେତେକ ସ୍ଥାନରେ ନକଲି ଔଷଧ ପ୍ରସ୍ତୁତ କରାଯାଉଥିବା ଅଭିଯୋଗ ଆସୁଛି।

# ଗୋଷ୍ଠୀ ଜଙ୍ଗଲ ଅଧିକାର ପାଇଲେ ତେନ୍ତୁଲିପଦର ଗ୍ରାମବାସୀ

ଭବାନୀପାଟଣା, ୧୬।୧୦
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କିଆପଦର ପଞ୍ଚାୟତର ତେନ୍ତୁଲିପଦର ଗ୍ରାମବାସୀ ଶେଷରେ ନିଜର ମୌଳିକ ଅଧିକାର ପାଇଛନ୍ତି। ଦୀର୍ଘ ତିନି ଦଶନ୍ଧିର ଲଢେଇ ପରେ ଗ୍ରାମବାସୀଙ୍କୁ କଳାହାଣ୍ଡି ଜିଲାପାଳଙ୍କ ପକ୍ଷରୁ ୧୭୨ ହେକ୍ଟର ଜଙ୍ଗଲ ଜମି ଉପରେ ଗୋଷ୍ଠୀ ଅଧିକାର ଓ ଗୋଷ୍ଠୀ ସମ୍ବଳ ଅଧିକାର ପତ୍ର ପ୍ରଦାନ କରାଯାଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ୨୦୧୫ରେ ଅନ୍ତ୍ୟୋଦୟ ନାମରେ ଗଢିଉଠିଥିବା ଅନୁଷ୍ଠାନ ସହାୟତାରେ ଗ୍ରାମବାସୀ ଜଙ୍ଗଲ ଜମି ଉପରେ ଗୋଷ୍ଠୀ ଅଧିକାର ପାଇଁ ସରକାରଙ୍କଠାରେ ଦାବି କରିଥିଲେ। ୧୯୯୫ ପୂର୍ବରୁ ଗ୍ରାମବାସୀ ଜଙ୍ଗଲର କୋଣସି ଜିନିଷ ବ୍ୟବହାର କରୁଥିବା ସମୟରେ ବନବିଭାଗ ଆକ୍ରୋଶର ଶିକାର ହେଉଥିଲେ। ପରେ ୧୯୯୫ରେ ଆଇନଜୀବୀ ଦୟାନିଧି କରଙ୍କ ସହାୟତରେ ଏହାକୁ ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟଙ୍କ ଷ୍ଟେ ଅର୍ଡର ପରେ ବନବିଭାଗ ସାମାନ୍ୟ କୋହଳ ମନୋଭାବ ପୋଷଣ କରିଥିଲା। ହେଲେ ୨୦୧୬ରେ ଜଙ୍ଗଲଜାତ ଦ୍ରବ୍ୟ ବ୍ୟବହାର କରିବାରୁ ଗ୍ରାମର ଜାମା ମାଝି, ସାଇବାଣୀ ଦେଇଙ୍କୁ ବନବିଭାଗ ଜେଲରେ ପୂରାଇଥିଲା। ଏହି ସମୟରେ ଆଇନର ସହାୟତା ଦେଇ ଉଭୟଙ୍କୁ ଅନ୍ତ୍ୟୋଦୟ ଅନୁଷ୍ଠାନ ଖଲାସ କରିଥିବାବେଳେ ଅନୁଷ୍ଠାନର ଅଧ୍ୟକ୍ଷ ଦିଲୀପ କୁମାର ଦାସ ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଏନ୍ଏଚ୍ଆର୍‌ସି ଏହି ମାମଲାର ଶୁଣାଣି କରି ସ୍ଥାନୀୟ ଫରେଷ୍ଟରଙ୍କୁ ୧୦ହଜାର ଟଙ୍କା ଜରିମାନା କରିଥିଲେ। ଗତ ୨୦୨୩ ଡିସେମ୍ବରରେ ସ୍ଥାନୀୟ ତହସିଲଦାର ଏହି ଗ୍ରାମକୁ ରାଜସ୍ୱ ମାନ୍ୟତା ଦେବାପାଇଁ ମଧ୍ୟ ସୁପାରିସ କରିଛନ୍ତି। ବର୍ତ୍ତମାନ ଗ୍ରାମରେ ୧୩ ପରିବାର ବସବାସ କରୁଥିବାବେଳେ ସମସ୍ତେ ଆଦିବାସୀ ଶ୍ରେଣୀର। ଗୋଷ୍ଠୀ ଜଙ୍ଗଲ ଅଧିକାର ପତ୍ର ପାଇବା ପରେ ଗ୍ରାମବାସୀ ଲଘୁ ବନଜାତ ଦ୍ରବ୍ୟ, କେନ୍ଦୁପତ୍ର ସଂଗ୍ରହ, ବ୍ୟବହାର, ବିକ୍ରୟ କରିବା ଅଧିକାର ପାଇବେ। ଏସବୁ କାମ ପାଇଁ ସେମାନେ କେବଳ ମୁଣ୍ଡବୋଝ, କାନ୍ଧଭାର, ଶଗଡ଼ ଓ ସାଇକେଲ ବ୍ୟବହାର କରିପାରିବେ ବୋଲି ପତ୍ରରେ ଦର୍ଶାଯାଇଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-KUR-ANGL-WR-284-24
କାର୍ଯ୍ୟର ନାମ : 01 (ଏକ) ବର୍ଷ ଅବଧି ନିମନ୍ତେ ଅନୁଗୁଳ ୟାର୍ଡଠାରେ ପରୀକ୍ଷଣ ସମୟରେ ୱାଗନ୍‌ଗୁଡ଼ିକର ମରାମତି।
ବିଜ୍ଞାପିତ ମୂଲ୍ୟ : ₹ 4,25,93,232.34, EMD : ₹ 3,63,000/-, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800/-, ଶେଷ ହେବା ଅବଧି: 12 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.17.10.2024ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.31.10.2024ରିଖ 1530 ଘଣ୍ଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର କାଗଜପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର / ଖୋର୍ଦ୍ଧା ରୋଡ୍
PR-628/P/24-25

**GOVERNMENT OF ODISHA, "e" PROCUREMENT NOTICE**
**WORKS DEPARTMENT**
No.B-413
E-mail : ceroads.bbsr@gmail.com
Bid Identification No. CE-Roads-II-09/2024-25

| | | | |
|---|---|---|---|
| 1 | The Chief Engineer (Roads-II), Odisha on behalf of Governor of Odisha invites percentage rate bids in double cover system through ONLINE MODE from eligible contractors for Road work as mentioned below : | | |
| 2 | Nature of work | : | Road works |
| 3 | No. of work | : | 12 Nos. |
| 4 | Tender Paper cost | : | Rs. 10,000.00 |
| 5 | Class of Contractor | : | 'A' Class/Special Class/Super Class |
| 6 | Available of bid document the website | : | From 10.00 A.M. of 19.10.2024 to 5.30 P.M. of 06.11.2024 |
| 7 | Date of opening of Bid | : | Dt. 07.11.2024 at 11.30 A.M. |
| 8 | The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website. | | |

Sd./-
Chief Engineer (Roads-II), Odisha
OIPR-34179/11/0005/2425

**GOVERNMENT OF ODISHA**
**DEPARTMENT OF WATER RESOURCE**
**NABARANGPUR IRRIGATION DIVISION**
No.A-404
NABARANGPUR, DIST. - NABARANGPUR (ODISHA)
Email ID - senidivision@gmail.com
Lr. No. 1112 Dated : 08.10.2024

**E-PROCUREMENT NOTICE**
**BID IDENTIFICATION NO-SE-NID-01/2024-25(01-02)**

1. Nature of the work - River Bank Flood protection work 2. Total Nos. of works - 02 (Two) Nos.
3. Tender cost of the works from Rs. 33.52 lakhs to Rs. 67.00 lakhs (excluding GST) 4. Class of Contractor - 'C' & 'B' Class
5. Period of completion - 02 (Two) Months to 03 (Three) Months 6. Other details as follows :

| Procurement Officer | Bid Identification No. | Availability of Bid on-line | | Last date & time of seeking tender clarification | Date & Time & Place of opening of Tender |
|---|---|---|---|---|---|
| Superintending Engineer, Nabarangpur Irrigation Division, Nabarangpur | SE-NID-01/2024-25(01-02) | 19.10.2024 (10.00 A.M.) | 02.11.2024 (up to 05.00) P.M. | 22.10.2024 up to 5.00 P.M. | 04.11.2024 at 11.00 A.M. in the O/o the Superintending Engineer, Nabarangpur Irrigation Division, Nabarangpur |

Further details can be seen from the Government website www.tendersodisha.gov.in. Addendum/Corrigendum/Cancellation if any required will published in Govt. website only.
Sd./- Superintending Engineer
Nabarangpur Irrigation Division, Nabarangpur
OIPR-32361/11/0001/2425

ଓଡ଼ିଶା ସରକାର
**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ**
**ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା**

No. V-33: ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପାଠପଢ଼ା ଅଧାରୁ ଛାଡ଼ିବାର ହାର କମାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ''ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା'' ଆରମ୍ଭ କରିଛନ୍ତି। ଏହି ଯୋଜନା ଅଧୀନରେ ନବମ ଏବଂ ଏକାଦଶ ଶ୍ରେଣୀରେ ନାମ ଲେଖାଇଥିବା ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନଙ୍କୁ ଏକକାଳୀନ ୫୦୦୦/- ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏହି ପ୍ରୋତ୍ସାହନ ରାଶି ଦ୍ୱାରା ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନଙ୍କ ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ସମ୍ପୂର୍ଣ୍ଣ କରିବା ଏବଂ ଅଧିକ ମାତ୍ରାରେ ନାମଲେଖା ପଞ୍ଜୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ପରିକଳ୍ପନା କରାଯାଇଛି।

- ଏହି ଯୋଜନା ଚଳିତ ଶିକ୍ଷାବର୍ଷ ୨୦୨୪-୨୫ରୁ କାର୍ଯ୍ୟକାରୀ କରାଯିବ।
- ଏହି ଯୋଜନା କେବଳ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଯୁଜ୍ୟ, ଯେଉଁମାନଙ୍କର ବାର୍ଷିକ ପାରିବାରିକ ଆୟ ୨,୫୦,୦୦୦/- ଟଙ୍କାରୁ ଅଧିକ ହୋଇନଥିବ (ଦୁଇ ଲକ୍ଷ ପଚାଶ ହଜାର)।
- ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇଥିବା ଜନଜାତି ଛାତ୍ରଛାତ୍ରୀମାନଙ୍କୁ ଏକକାଳନୀ ୫୦୦୦/- ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।
- ଏହି ଯୋଜନା କେବଳ ରାଜ୍ୟ ଭିତରର ସରକାରୀ କିମ୍ବା ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନରତ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନଙ୍କ ପାଇଁ ଲାଗୁହେବ।
- ଏହି ପ୍ରୋତ୍ସାହନ ରାଶି ସିଧାସଳଖ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ କରାଯିବ।
- ଉଚ୍ଚ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ପୃକ୍ତ ପ୍ରଧାନଶିକ୍ଷକ ଏବଂ ଅଧ୍ୟକ୍ଷମାନେ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କ ଆବେଦନ ପତ୍ରଗୁଡ଼ିକୁ ''ଓଡ଼ିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ'' (OSSP)ରେ ସିଧାସଳଖ ସମ୍ପୃକ୍ତ ବିଭାଗକୁ ଅନୁମୋଦନ କରିବେ।

ସେଥିନିମନ୍ତେ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀ/ଅଭିଭାବକମାନେ ଯଥାଶୀଘ୍ର ସେମାନଙ୍କ ବିଦ୍ୟାଳୟର ଅଧ୍ୟକ୍ଷ/ପ୍ରଧାନଶିକ୍ଷକଙ୍କ ନିକଟରେ ଅଭିଭାବକଙ୍କ ଆୟ ପ୍ରମାଣପତ୍ର ସହିତ ଛାତ୍ରଛାତ୍ରୀଙ୍କ ଜାତି ପ୍ରମାଣପତ୍ର, ଆଧାର ଏବଂ ବ୍ୟାଙ୍କ ପାସ୍‌ବୁକ୍‌ର ପ୍ରଥମ ପୃଷ୍ଠାର ନକଲ ଦାଖଲ କରିବାକୁ ଅନୁରୋଧ କରାଯାଉଅଛି।

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ**
OIPR-26001/11/0004/2425

# ଧରାବତରଣ କଲେ ମା’ ଗଜଲକ୍ଷ୍ମୀ


ଅଶୋକନଗର ଲକ୍ଷ୍ମୀପୂଜା ସମିତି

**ଭୁବନେଶ୍ୱର, ୧୬।୧୦(ଶର୍ମିଷ୍ଠା ପାଣିଗ୍ରାହୀ) – ପାର୍ବଣ ଋତୁର ବଡ଼ପର୍ବ ଦୁର୍ଗାପୂଜା ଶେଷ ହୋଇଛି। ବୁଧବାର ଧରାଧାମକୁ ଆଗମନ କରିଛନ୍ତି ଧନଦାତ୍ରୀ ମା’ ଗଜଲକ୍ଷ୍ମୀ। ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଅନୁଷ୍ଠାନ, କ୍ଲବ ଓ ବାଣିଜ୍ୟିକ ପ୍ରତିଷ୍ଠାନ ପକ୍ଷରୁ ମା’ଙ୍କ ପୂଜା ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଥିବାବେଳେ ସମସ୍ତେ ବେଶ୍ ଉତ୍ସାହର ସହ ମା’ଙ୍କୁ ସ୍ୱାଗତ କରିଛନ୍ତି। ସହରର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସମୟରେ ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ତେବେ ଗୁରୁବାରଠାରୁ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ।**

## ପ୍ରତିଦିନ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ ମା’ଙ୍କ ଖେଚୁଡ଼ି ଭୋଗ

### ନୀଳାଦ୍ରିବିହାର ଲକ୍ଷ୍ମୀ ବଜାର ସଂଘ

ନୀଳାଦ୍ରିବିହାର ସେକ୍ଟର-୧ ଛକ ଲକ୍ଷ୍ମୀ ବଜାର ସଂଘ ପକ୍ଷରୁ ଚଳିତବର୍ଷ ନବନିର୍ମିତ ସ୍ଥାୟୀ ମଣ୍ଡପରେ ଅନ୍ନଦାତ୍ରୀ ମା’ ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ବାଲିଅନ୍ତା କାରିଗରଙ୍କ ଦ୍ୱାରା ୭ ଫୁଟର ମୂର୍ତ୍ତି ଓ ୧୪ ଫୁଟର ଜରି ମେଢ ତିଆରି ହୋଇଛି। ବୁଧବାର ରାତି ୯ଟାରେ କଳସ ଯାତ୍ରା, ୧୧ଟାରେ ପୂଜାରମ୍ଭ ହୋଇ ଚକ୍ଷୁଦାନ, ଅଗ୍ନିସ୍ଥାପନ, ଉପଚାର ପୂଜା, ସହସ୍ର ନାମ, ଆଳତି ଓ ପୁଷ୍ପାଞ୍ଜଳି ଆଦି ଅନୁଷ୍ଠିତ ହୋଇଥିଲା। ୫ଦିନ ଧରି ଯଥାବିଧି ରୀତିନୀତି ଅନୁସାରେ ମା’ଙ୍କ ପୂଜାର୍ଚ୍ଚନା କରାଯିବ। ପ୍ରତିଦିନ ମା’ଙ୍କ ପାଖରେ ଖେଚୁଡ଼ି ଭୋଗ ଲାଗି କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବ। ଏଥର ଚାରିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି। ଗୁରୁବାର ଭଜନ ସମାରୋହ, ଶୁକ୍ରବାର ଡ୍ୟାନ୍ସ ଧମାକା, ଶନିବାର ଭଜନ ସମାରୋହ, ରବିବାର ମେଲୋଡି ଓ ସୋମବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ। ସୁରକ୍ଷା ସହ ଅଗ୍ନି ନିର୍ବାପକ ଓ ସିସିଟିଭି ବ୍ୟବସ୍ଥା କରାଯାଇଛି ବୋଲି ସଂଘ ସଭାପତି ତାରକ ମହାନ୍ତି, ସମ୍ପାଦକ ତାପସ କୁମାର ସାହୁ, ମୁଖ୍ୟ ସଂଯୋଜକ ସୁଶାନ୍ତ ନାୟକ ସୂଚନା ଦେଇଛନ୍ତି।

## ଶହୀଦନଗରରେ ଚାନ୍ଦି ମେଢ଼ରେ ମା’

ଶହୀଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ୧୪ତମ ମା’ ଲକ୍ଷ୍ମୀପୂଜା ଆରମ୍ଭ ହୋଇଛି। ଚାନ୍ଦି ମେଢ଼ରେ ମା’ ଝଲସୁଛନ୍ତି। ୨୧ ତାରିଖ ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟା ୬ଟା ୩୦ରୁ ରାତି ୧୦ଟା ପର୍ଯ୍ୟନ୍ତ ପ୍ରବଚନ ପରିବେଷଣ କରାଯିବ। ଅଧ୍ୟାପକ ସନ୍ତୋଷ କୁମାର ସାହୁ ଶ୍ରଦ୍ଧାଳୁଙ୍କୁ ପ୍ରବଚନ ପ୍ରଦାନ କରିବେ। ୨୨ ତାରିଖରେ ଶ୍ରୀଶ୍ରୀ ଦୁର୍ଗା ମା’ ଭଜନ ଓ ସଙ୍କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଭଜନ, କୀର୍ତ୍ତନ ଓ ଦାସକାଠିଆ ପରିବେଷଣ କରାଯିବ। ୨୩ ତାରିଖ ଅପରାହ୍ଣ ୫ଟାରେ ମିଳିତ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଭସାଣି ଶୋଭାଯାତ୍ରା ଶହୀଦନଗରରୁ ରାଜମହଲ ଛକ ପର୍ଯ୍ୟନ୍ତ ଚାଲିବ।

## ଭିଏସ୍ଏସ୍ ନଗରରେ ଗଜଲକ୍ଷ୍ମୀ ପୂଜା

ସାର୍ବଜନୀନ ଦୁର୍ଗାପୂଜା ସମିତି ଭିଏସ୍ଏସ୍ ନଗର ପକ୍ଷରୁ ଚଳିତବର୍ଷ ୪୬ତମ ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ବୁଧବାର ସନ୍ଧ୍ୟା ୬ଟା ୧୦ରେ ଜଳଯାତ୍ରା ଓ ରାତି ୮ଟାରେ ମା’ଙ୍କ ଚକ୍ଷୁଦାନ କରାଯାଇଥିଲା। ରାତି ୧୦ଟା ୪୦ରେ ଆରତି, ବନ୍ଦାପନା ଓ ପୁଷ୍ପାଞ୍ଜଳି ପରେ ପୂଜା ବିଧି ସମ୍ପନ୍ନ ହୋଇଥିଲା। ରବିବାର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଦର୍ଶନ ଜାରି ରହିବ ଓ ସନ୍ଧ୍ୟାରେ ଭସାଣି ଯାତ୍ରା ଅନୁଷ୍ଠିତ ହେବ। ସମିତି ସଭାପତି ଜୟନ୍ତ କୁମାର ପରିଡ଼ା, ଉପସଭାପତି ହରିହର ତ୍ରିପାଠୀ ଓ ନିମାଇଁ ଚରଣ ଦାସ, ସାଧାରଣ ସମ୍ପାଦକ ପ୍ରତାପ କୁମାର ନନ୍ଦ, ଯୁଗ୍ମ ସମ୍ପାଦକ ଧରଣୀଧର ରାଉତ, ରାମଚନ୍ଦ୍ର ସାମଲ, ମନୋଜ ସାହୁ ଓ ସଞ୍ଜୟ ସ୍ୱାଇଁଙ୍କ ସହ ଦିଲୀପ ଦାଶଶର୍ମା, ଅମ୍ବିକା ମହାନ୍ତି, ରଞ୍ଜିତ ପୃଷ୍ଟି, ଶଶୀ ଭୂଷଣ ଦାସ ଓ ସପନ କୁମାର ଦାସ ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି।


ଶହୀଦନଗର


କଟକ ରୋଡ଼ ବ୍ୟବସାୟୀ ସଂଘ

## ନିଆରା ବାର୍ତ୍ତା ଦେଉଛି ୟୁନିଟ୍-୩ ଗଜଲକ୍ଷ୍ମୀ ସାଂସ୍କୃତିକ ସଂଘ

ମା’ ଗଜଲକ୍ଷ୍ମୀ ପୂଜାରେ ନିଆରା ବାର୍ତ୍ତା ଦେଉଛି ୟୁନିଟ-୩ ଗଜଲକ୍ଷ୍ମୀ ସାଂସ୍କୃତିକ ସଂଘ। ଚଳିତ ବର୍ଷ ଏହି ପୂଜା ୩୦ ବର୍ଷରେ ପଦାର୍ପଣ କରିଛି। ଏଥର ଝୋଟିରେ ମହିଳା ସଶକ୍ତୀକରଣର ବାର୍ତ୍ତା ରହିଥିବାବେଳେ ବିଭିନ୍ନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୩ ତାରିଖ ପର୍ଯ୍ୟନ୍ତ ଛଉ, ଗୋଟିପୁଅ, ଢେମସା ଭଳି ଲୋକନୃତ୍ୟ ପରିବେଷଣ କରାଯିବ। ଏଥିସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳା, ପ୍ରତିଭାବାନ୍ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।


ନୀଳାଦ୍ରିବିହାର ଲକ୍ଷ୍ମୀପୂଜା


ଭୁବନେଶ୍ୱର ଭିଏସ୍ଏସ୍ ନଗରରେ ପୂଜା ପାଉଥିବା ମା’ ଗଜଲକ୍ଷ୍ମୀ।


ପୋଖରୀପୁଟ ମା’ଭୁଆଶୁଣି ୟୁଥ୍ କ୍ଲବ୍


ବାପୁଜୀ ନଗର


ବଡଗଡ ବ୍ରିଟ୍ କଲୋନୀ ବ୍ୟବସାୟୀ ସଂଘ


ବାୟାବାବା ମଠ ନିକଟ ଗଜଲକ୍ଷ୍ମୀ ତୋରଣ।


ୟୁନିଟ୍-୪


ୟୁନିଟ୍-୯


ରିଜିଓନାଲ ଛକ


ୟୁନିଟ୍-୪ ଗଜଲକ୍ଷ୍ମୀ ତୋରଣ

( ଫଟୋ: ବିକାଶ ନାୟକ)

# ମା' ଧନଦାତ୍ରୀଙ୍କ ଆରାଧନା


ଖୋର୍ଦ୍ଧାର ପୁରୁଣା ମେଡିକାଲ ରୋଡ୍ ବ୍ୟବସାୟୀ ସଂଘ


ପଞ୍ଚସଖା ବଣିକ ସଂଘ


ସୁନ୍ଦରୀବର ବଣିକ ସଂଘ, ପୌରପରିଷଦ ରୋଡ


କଳ୍ପତରୁ ପୂଜା କମିଟି, ମାରୱାଡ଼ି ପଟି


କୃଷ୍ଣପ୍ରସାଦ ପାଇକରାୟପୁର ଗୋପବନ୍ଧୁ ପାଠାଗାର


ବେଗୁନିଆ ବଜାର ବଣିକ ସଂଘ


ହାଟବଜାର ମେଳଣ ପଡ଼ିଆ, ଜଟଣୀ


ଝାଁଳା ମୁଣ୍ଡମୁହାଣ ବ୍ୟବସାୟୀ ସଂଘ


ମହାବୀର ଟ୍ୟାକ୍ସି ସଂଘ, ହାବେଳି ପଡ଼ିଆ


ନିରାକାରପୁର ହାଟବଜାର


ତ୍ରିନାଥ କ୍ଲବ, ହାଟବଜାର, ଜଟଣୀ


ବାପୁଜୀ ଗଜଲକ୍ଷ୍ମୀ ପୂଜା କମିଟି


ବାଣପୁର ପାର୍କ ବଜାର ସାହି


ସଦ୍‌ଭାବନା ବ୍ୟବସାୟୀ ସଂଘ, ନୂଆ ବସ୍‌ଷ୍ଟାଣ୍ଡ


ହରିହର କ୍ଲବ, କୁଦିଆରୀ, ଜଟଣୀ


ହରିହର ଉନ୍ନୟନ ପରିଷଦ, ବିକାଶ ନଗର, ଜଟଣୀ


ବାଘମାରି ବଜାର ବଣିକ ସଂଘ


ବାଲୁଗାଁ ବଜାର ରାଜନ ମାର୍କେଟ


ଗୋପବନ୍ଧୁ ବଣିକ ସଂଘ, ପୁରୁଣା ମେଡିକାଲ ରୋଡ

# ମା' ଧନଦାତ୍ରୀଙ୍କୁ ଆରାଧନା


କଟକ ଚୌଧୁରୀ ବଜାର ପୂଜା ମଣ୍ଡପ


କଟକ ଚାନ୍ଦିନୀଚୌକ ମଣ୍ଡପରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ।


କଣ୍ଟାପଡ଼ା ବ୍ଲକ ଅଲାରପୁର ପୂଜା ମଣ୍ଡପ


ଅଲିଶା ବଜାର ପୂଜା ମଣ୍ଡପ


ବଡ଼ମ୍ବା ବ୍ଲକ ଶଙ୍ଖାମେରୀ ଗ୍ରାମ(ପାଟଣା ସାହି) ପୂଜା ମଣ୍ଡପ


କଟକ କାଜିବଜାର ପୂଜା ମଣ୍ଡପ


ଚୌଦ୍ୱାର ବ୍ରାହ୍ମଣ ସାହି ପୂଜା ମଣ୍ଡପ


ଚୌଦ୍ୱାର ଗାନ୍ଧୀ ଛକ ବଣିକ ସଂଘ ପୂଜା ମଣ୍ଡପ

## ୩୧୪୦ ଲିଟର ପୋଚ, ମଦ ଜବତ: ଅଭିଯୁକ୍ତ ଗିରଫ

**କଟକ/ଖୁଣ୍ଟୁଣୀ,୧୬।୧୦ (କାର୍ତ୍ତିକ ସାହୁ/ସଚ୍ଚିଦାନନ୍ଦ ପଣ୍ଡା)**

ତିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ଜଙ୍ଗଲରେ ଆଠଗଡ଼ ଅବକାରୀ ରେଞ୍ଜ, ବାଙ୍କୀ ଅବକାରୀ କର୍ମଚାରୀ ମିଳିତ ଭାବେ ବୁଧବାର ଚଢ଼ାଉ କରି ବିପୁଳ ପରିମାଣର ଦେଶୀମଦ ଜବତ କରିଛନ୍ତି। ଜଙ୍ଗଲରେ ଥିବା ଏକ ପୋଖରୀରୁ ୨,୮୦୦ ଲିଟର ଗୁଡ଼ ପୋଚ ଓ ୨୮୦ ଲିଟର ଦେଶୀମଦ ଜବତ ହୋଇଛି। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୬ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ଭିରୁଡ଼ା ଅଞ୍ଚଳରେ ବେଆଇନ ମଦ କାରବାର ହେଉଥିଲା। ଏନେଇ ଆଠଗଡ଼ ଓ ବାଙ୍କୀ ଅବକାରୀ ପୋଲିସ ଖବର ପାଇବା ପରେ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉବେଳେ ପ୍ଲାଷ୍ଟିକ ଜାରରେ ପୋଚ ଓ ମଦକୁ ଭର୍ତ୍ତି କରି ପୋଖରୀରେ କୂଳରେ ଲୁଚାଇ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଚଢ଼ାଉ ସମୟରେ ମଦ ମାଫିଆମାନେ ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ଏକ ମାମଲା ରୁଜୁ ହୋଇଛି।

ଖୁଣ୍ଟୁଣୀ ଥାନା ଅଞ୍ଚଳରୁ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ଏକ ଟାଟା ଏସିଇ ଗାଡ଼ିରୁ ୬୦ ଲିଟର ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ଖୁଣ୍ଟୁଣୀ ଥାନା ଅଧୀନ ବ୍ରହ୍ମପୁର ଗ୍ରାମର ସତ୍ୟଜିତ୍ ସାହୁଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଛି। ସେ ଉକ୍ତ ମଦ ବିକ୍ରି ପାଇଁ ଗାଡିରେ ନେଇ ଆସୁଥିବାବେଳେ ପୋଲିସ ଚଢ଼ାଉ କରି ତାହାକୁ ଜବତ କରିଥିଲା।

## 'ଖାଦ୍ୟର ଗୁଣବତ୍ତା ବୃଦ୍ଧି ନିତାନ୍ତ ଆବଶ୍ୟକ'

**କଟକ,୧୬।୧୦(କାର୍ତ୍ତିକ ସାହୁ)**



ଓଏଏସ୍‌ଏମ୍‌ଇ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

**ବିଶ୍ୱ ଖାଦ୍ୟ ଦିବସରେ ଆଲୋଚନାଚକ୍ର**

ବିଶ୍ୱ ଖାଦ୍ୟ ଦିବସ ଅବସରରେ ଓଡ଼ିଶା ପ୍ରୋଜେକ୍ଟ ଆଣ୍ଡ୍ ମାର୍କେଟିଂ ଡେଭଲପ୍‌ମେଣ୍ଟ ସେଣ୍ଟର (ଓପିଏମ୍‌ଡିସି) ପକ୍ଷରୁ ଓଏଏସ୍‌ଏମ୍‌ଇ ସମ୍ମିଳନୀ କକ୍ଷରେ ଏକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘର ଚେୟାରମ୍ୟାନ ଗଉରୀ ଦାସ ଯୋଗଦେଇ କହିଛନ୍ତି, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପାଇଁ ଖାଦ୍ୟର ଚାହିଦା ସହ ଗୁଣବତ୍ତା ବୃଦ୍ଧି ନିତାନ୍ତ ଆବଶ୍ୟକ। ଓପିଏମ୍‌ଡିସି ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ ବିଶ୍ୱ ଖାଦ୍ୟ ଦିବସର ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଖାଦ୍ୟ ପ୍ରକ୍ରିୟାକରଣ କରୁଥିବା ଉଦ୍ୟୋଗୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଓଏଏସ୍‌ଏମ୍‌ଇ ମହାନିର୍ଦ୍ଦେଶକ ସାତ୍ତ୍ୱିକ ସ୍ୱାଇଁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଉଦ୍ୟୋଗୀର ଚାହିଦା ଏବଂ ଭିତ୍ତିଭୂମି ଉପରେ ଆଲୋଚନା କରିଥିଲେ। ରାଷ୍ଟ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ବୈଜ୍ଞାନିକ ଡ. ସୁପ୍ରିୟା ପ୍ରିୟଦର୍ଶିନୀ ମହିଳା ଉଦ୍ୟୋଗୀଙ୍କୁ ବିଭିନ୍ନ ପ୍ରକାର ଚାଷ ଉତ୍ପାଦନ ପ୍ରଣାଳୀ, ଖାଦ୍ୟ ପ୍ରକ୍ରିୟାକରଣ ସଂକ୍ରାନ୍ତରେ କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ୱେଲନେସ୍ କ୍ଲବ୍‌ର ଦୁଷ୍ମନ୍ତ କର ଯୋଗଦେଇଥିଲେ। ଜିଲା ଶିଳ୍ପ କେନ୍ଦ୍ରର ସହ-ଶିଳ୍ପ ଅଧିକାରୀ ମନୋଜ କୁମାର ମହାପାତ୍ର, ଶିଳ୍ପ ନିର୍ଦ୍ଦେଶକ ସତୀଶ ମିଶ୍ର ଏବଂ ପୂର୍ବତନ ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ପୀତାମ୍ବର ପରିଡ଼ା ଯୋଗଦେଇ ଖାଦ୍ୟ ପ୍ରକ୍ରିୟାକରଣ ଗୁଣବତ୍ତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କେତେଜଣ ମହିଳା ଶିଳ୍ପ ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଚମ୍ପକଲତା ଦାସ, ବି. ମାଧବୀ, ଲିପିସ୍ମିତା ଲେଙ୍କା, ଚିତ୍ରଭାନୁ ପରିଡ଼ା, ଭବାନୀ ଶଙ୍କର ଭୋଳ, କାଦମ୍ବିନୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଧୁସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଚୌଦ୍ୱାର ପ୍ରସିଦ୍ଧ ରୂପଯାତ୍ରା ଆରମ୍ଭ

**ଚୌଦ୍ୱାର,୧୬।୧୦(ଆଶୁତୋଷ ଦାସ)**

ଚୌଦ୍ୱାର ଅଞ୍ଚଳର ପ୍ରସିଦ୍ଧ ରୂପଯାତ୍ରା ବୁଧବାରଠାରୁ ଆରମ୍ଭ ହୋଇଛି। ସକାଳେ କୁମାରୀମାନେ ନଦୀ ଓ ପୋଖରୀ କୂଳରେ ବାଲୁକା ଏବଂ ସନ୍ଧ୍ୟାରେ ଚାନ୍ଦପୂଜା କରିଥିଲେ। ଏଥିସହ ବିଭିନ୍ନ ସାହି ବସ୍ତିରେ ସେମାନେ ପୁଚି ଖେଳିବା ସହ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ମଣ୍ଡପରେ ଗଜଲକ୍ଷ୍ମୀ, ଦୁର୍ଗା, ହର-ପାର୍ବତୀ, ମହାଦେବ, ରାଧାକୃଷ୍ଣ, ହନୁମାନ ଓ ଲକ୍ଷ୍ମୀନାରାୟଣଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସ୍ଥାନୀୟ ଅଞ୍ଚଳକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି। ବିରାଟ ବଜାର, କଳିଙ୍ଗ ଛକ, କପାଳେଶ୍ୱର, ଓଟିଏମ୍ ହନୁମାନ ବଜାର, ବଡ଼ ବଜାର, ନୂଆସାହି ମଣ୍ଡପ ନିକଟରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପରମ୍ପରା ଅନୁଯାୟୀ, ଆସନ୍ତା ୧୯ ତାରିଖରେ ୪୩ଟି ମଣ୍ଡପରେ ପୂଜା ପାଉଥିବା ମୂର୍ତ୍ତି ଶୋଭାଯାତ୍ରାରେ ଆସି ତିନିକୋଣିଆସ୍ଥିତ ରୂପଯାତ୍ରା ପଡିଆରେ ଏକତ୍ରିତ ହେବେ। ୨୦ ତାରିଖ ସକାଳେ ମୂର୍ତ୍ତିଗୁଡିକ ମେଳଣ ପଡିଆରୁ ବାହାରି ଭସାଣି ପାଇଁ ବିରୂପା ନଦୀକୂଳରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ ପୋଖରୀକୁ ଯିବେ ବୋଲି ରୂପଯାତ୍ରା କମିଟି ପକ୍ଷରୁ କୁହାଯାଇଛି। ଏହି ଯାତ୍ରାକୁ ସରସସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ବିଦ୍ୟୁତ୍, ଜନସ୍ୱାସ୍ଥ୍ୟ, ଅଗ୍ନିଶମ ବିଭାଗ, ଚୌଦ୍ୱାର ପୌରପାଳିକା, ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

## ଘଣ୍ଟିଖାଲ ରେଳ ଫାଟକ ଭାଙ୍ଗିଲା



**ଖୁଣ୍ଟୁଣୀ, ୧୬।୧୦(ସଚ୍ଚିଦାନନ୍ଦ ପଣ୍ଡା)**

କଟକ ଜିଲା ଖୁଣ୍ଟୁଣୀ ଥାନା ଅଧୀନ ଘଣ୍ଟିଖାଲସ୍ଥିତ ଆରତୀ ଷ୍ଟିଲ ପାର୍ଶ୍ୱ ରେଳ ଲେଭଲ କ୍ରସିଂ ଗେଟ୍ ବୁଧବାର ସନ୍ଧ୍ୟାରେ ଅଧାରୁ ଭାଙ୍ଗିପଡିଛି। ହେଲେ ଗେଟ୍ ପାଖରେ ଆପେକ୍ଷା କରିଥିବା ଗାଡ଼ି ଚାଳକ ଓ ପଥଚାରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରକ୍ଷଣାବେକ୍ଷଣ ଅଭାବ କିମ୍ବା ଜଏଣ୍ଟ ସ୍ଥାନରୁ ଓଲ୍ଡିଂ ଛାଡିଯିବାରୁ ପାଇପ୍ ଭାଙ୍ଗିଯାଇଥିବା ଅନୁମାନ କରାଯାଉଛି। ସନ୍ଧ୍ୟାରେ ଏକ ମାଲ୍‌ବାହୀ ଟ୍ରେନ୍ ଯିବାକୁ ଥିବାରୁ ଗେଟ୍‌ମ୍ୟାନ୍ ଗେଟ୍ ପକାଇଥିଲେ। ଟ୍ରେନ୍‌ଟି ଯିବା ପରେ ଗେଟ୍ ଉଠାଇବାବେଳେ ତାହା ଭାଙ୍ଗି ପଡିଥିଲା। ହେଲେ ଏହି ସମୟରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇ ନ ଥିବା ଘଣ୍ଟିଖାଲ ଷ୍ଟେଶନ ଆର୍‌ପିଏଫ୍ ଆଶାର ଅଲ୍ଲୀ କହିଛନ୍ତି ।


କୁମାର ପୂର୍ଣ୍ଣିମା ଅବସରରେ କଟକ କାଜିବଜାର ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଥିବା ଚଉଁରା ମୂଳରେ ଯୁବତୀମାନେ ପୂଜାର୍ଚ୍ଚନା କରୁଛନ୍ତି।

# ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ

**ପୁରୀ,୧୬।୧୦(ଅଜିତ୍ କୁମାର ମହାନ୍ତି)**


ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**୧୮ରୁ କାର୍ତ୍ତିକ ବ୍ରତ**
- ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କୁ ନେଇ ବୈଠକ
- ପୁରୀର ୪ କେନ୍ଦ୍ରରେ ହବିଷିଆଳିଙ୍କ ରହଣି ବ୍ୟବସ୍ଥା

ଚଳିତବର୍ଷର ହବିଷ ବ୍ରତ ୧୮ରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ। ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକରଣ କରିଥିବା ହବିଷିଆଳି ମା'ମାନଙ୍କୁ ୪ଟି ରହଣି କେନ୍ଦ୍ରରେ ରହିବାର ବ୍ୟବସ୍ଥା କରାଯାଇଛି ବୋଲି ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ବୁଧବାର ଟାଉନ୍ ହଲଠାରେ ହବିଷ ବ୍ରତ ବା ରାଇଦାମୋଦର ବ୍ରତ କାର୍ଯ୍ୟରେ ନିୟୋଜିତ ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କୁ ନେଇ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ ହବିଷିଆଳିଙ୍କର ସେବାକୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ। ହବିଷିଆଳି କାର୍ଯ୍ୟରେ ଯେପରି କୌଣସି ଅବହେଳା ନ ହୁଏ ଓ ମା'ମାନେ ଏକମାସ ଭଲ ଭାବରେ ହବିଷ ସାରି ଘରକୁ ଫେରିବେ ସେଥିପାଇଁ ସମସ୍ତେ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ସେ ଅନୁରୋଧ କରିଥିଲେ।

ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ଗୋପୀନାଥ କୁଅଁର ଯୋଗଦେଇ କାର୍ତ୍ତିକ ମାସରେ ହବିଷିଆଳି ମା'ମାନଙ୍କର ଏକମାସର ବ୍ରତକୁ ନିଷ୍ଠାର ସହ ପାଳନ ପାଇଁ ସମସ୍ତ ସହଯୋଗ ଯୋଗାଇଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ। ଚଳିତ ବର୍ଷ ବୃନ୍ଦାବତୀ ନିବାସ, ଅକ୍ଷୟ ପାତ୍ର, ବଗଲା ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପଠାରେ ହବିଷିଆଳି ମା'ମାନଙ୍କର ରହଣି ବ୍ୟବସ୍ଥା ହୋଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଜିଲା ପ୍ରଶାସନ ସମସ୍ତ ସୁବିଧା ମା'ମାନଙ୍କୁ ଯୋଗାଇଦେବାର ବ୍ୟବସ୍ଥା କରିଛନ୍ତି। ଏହାକୁ ସମ୍ମିଳିତ ଭାବେ ସଫଳ କରିବାକୁ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ଅନୁରୋଧ କରିଥିଲେ। ଏହି କାର୍ଯ୍ୟ ଏକ ବ୍ୟାପକ ଓ ଏକମାସ ଧରି କରିବାର ଆବଶ୍ୟକତା ଥିବାରୁ ବିଭାଗର କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯାଉଛି। ପାରସ୍ପରିକ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଅଧିକାରୀମାନେ ପରାମର୍ଶ ଦେଇଛନ୍ତି।

ବୈଠକରେ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ସହଦେବ ସାହୁ, ବିବେକାନନ୍ଦ ସାହୁ, ଏଡିଏମ୍ଓ ଡ. ବିନୋଦ ବିହାରୀ ରଥ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ, ରେଡ୍‌କ୍ରସ, ସେଣ୍ଟ୍ ଜନ୍ ଆମ୍ବୁଲାନ୍ସ, ମିଶନ ଓଡ଼ିଶା, ମହିଳା ସ୍ୱୟଂ ସହାୟକ ସଦସ୍ୟା, ବିବେକାନନ୍ଦ ଯୁବ ଶକ୍ତି ଅନୁଷ୍ଠାନ, ହାପିନେସ ଫାଉଣ୍ଡେଶନର କର୍ମକର୍ତ୍ତା ଓ ସଦସ୍ୟ, ଆଶା ଓ ଅଙ୍ଗନୱାଡି କର୍ମୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ହବିଷିଆଳି କେନ୍ଦ୍ର ଟେଣ୍ଡରକୁ ନେଇ ଜିଲାପାଳଙ୍କୁ ଦାବିପତ୍ର

**ପୁରୀ,୧୬।୧୦(ଅଜିତ୍ କୁମାର ମହାନ୍ତି)**

୧୮ ତାରିଖଠାରୁ କାର୍ତ୍ତିକ ବ୍ରତ ଆରମ୍ଭ ହେବାକୁ ଯାଉଛି। ପ୍ରତିବର୍ଷ ଭଳି ପ୍ରଶାସନ ପକ୍ଷରୁ ଚଳିତବର୍ଷ ହବିଷିଆଳି କେନ୍ଦ୍ର କରାଯାଇଛି। ତେବେ କେନ୍ଦ୍ର ନିମନ୍ତେ ପ୍ରଶାସନ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏପରିକି କିଛି ଠିକାଦାର ପ୍ରଶାସନର ସମସ୍ତ ମାନଦଣ୍ଡ ପୂରଣ କରି ଟେଣ୍ଡର ପାଇଥିଲେ। ମାତ୍ର କିଛିଘଣ୍ଟା ପରେ ପ୍ରଶାସନ ପକ୍ଷରୁ ଉକ୍ତ ଟେଣ୍ଡରକୁ ବାତିଲ କରାଯାଇଥିଲା। ପରେ କିଛି ଅଧିକାରୀଙ୍କ ନିଜ ଲୋକଙ୍କୁ ଟେଣ୍ଡର ଦିଆଯାଇଛି ବୋଲି ସାମାଜିକ କର୍ମୀ ରଜତ କୁମାର ସାହୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେବେ ଏନେଇ ସାମାଜିକ କର୍ମୀ ସାହୁ ଭିଜିଲାନ୍ସ ସହ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି।

## ୧୦ ବର୍ଷ ହେଲା ସରୁନି ସୋଭରା କଲ୍ୟାଣ ମଣ୍ଡପ

**ଯୋଗେଶ୍ୱରପୁର,୧୬।୧୦(ରଶ୍ମିରଞ୍ଜନ ସାହୁ)**

ଗ୍ରାମାଞ୍ଚଳରେ ଗରିବ ଲୋକଙ୍କ ପାଇଁ କମ୍ ମୂଲ୍ୟରେ ବିବାହ ଖର୍ଚ୍ଚ କରିବା ଲାଗି ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ନୟାହାଟ ସୋରଭା ପଞ୍ଚାୟତରେ ୧୦ ବର୍ଷ ହେଲା ଏକ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଅଧାପନ୍ତରା ଭାବେ ପଡ଼ିରହିଛି। ଖବର ନେବାରୁ ଜଣାପଡିଛି, ପଞ୍ଚାୟତ ଅଫିସ ନିକଟରେ ଥିବା ଗୋଚର ଜମିରେ ୧୦ ବର୍ଷ ପୂର୍ବେ ୩୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା କଲ୍ୟାଣ ମଣ୍ଡପ ଘର ଅଧାଗଢା ଅବସ୍ଥାରେ ପଡ଼ିରହିଛି। ଏ ସମ୍ପର୍କରେ କେତେଜଣ ବ୍ୟକ୍ତି ଭିଜିଲାନ୍ସରେ ଅଭିଯୋଗ କରିବା ପରେ ତଦନ୍ତ ସରିଥିଲେ ମଧ୍ୟ ଏହା ପୂର୍ଣ୍ଣାଙ୍ଗ ନ ହେବାରୁ ଘରକାନ୍ଥ ଫାଟି ଜଙ୍ଗଲ ସୃଷ୍ଟି ହେଇଛି। ସୋରଭା କଲ୍ୟାଣ ମଣ୍ଡପ ନିର୍ମାଣ କରିଥିବା ଠିକାଦାର ଅର୍ଦ୍ଧାଧିକ ଟଙ୍କା ବିଲ୍ କରିନେଇଥିବାବେଳେ ଉକ୍ତ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିବାକୁ କେହି ରାଜି ହେଉ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଗୋପ ବିଡିଓ ଛବିରାଣୀ ସାହୁଙ୍କୁ ଯୋଗାଯୋଗ କରିବାରେ, ସେ ଫୋନ ନ ଉଠାଇବାରୁ ତାଙ୍କଠାରୁ କୌଣସି ଉତ୍ତର ମିଳିପାରିନାହିଁ। ଏ ଦିଗରେ ପୁରୀ ଜିଲାପାଳ ଦୃଷ୍ଟି ଦେଇ ଉକ୍ତ କାର୍ଯ୍ୟକୁ ଶେଷ କରିବାକୁ ସୋରଭା ସରପଞ୍ଚ କିଶୋର ସେଠୀ, ଜ୍ୟୋତି ରଞ୍ଜନ ନାୟକ ଦାବି କରିଛନ୍ତି।

## ଚିଲିକା ମୁହାଣରେ କୁମ୍ଭୀର

**କଣାସ,୧୬।୧୦(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା, ତାହାର ଶାଖା ନଦୀ ରାଜୁଆ ଓ ମକରା ନଦୀରେ ଗୋଟିଏ କୁମ୍ଭୀର ଦୀର୍ଘ ୧୫ ଦିନ ହେଲା ବୁଲୁଥିବାରୁ ଲୋକେ ଭୟଭୀତ ଅଛନ୍ତି। ମଙ୍ଗଳବାର କୁମ୍ଭୀରଟି ମକରା ନଦୀର ଶେଷ ସୀମା ସରସ୍ୱତୀ ନଗର ନିକଟରେ ଘୂରି ବୁଲୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଖୋର୍ଦ୍ଧା ଡିଏଫ୍ଓ ପୂର୍ଣ୍ଣିମା ପାଣ୍ଡିଆନ କହିଛନ୍ତି। ସେହି କୁମ୍ଭୀରଟି ମଗର ମୁହଁ କୁମ୍ଭୀର ହୋଇଥିବାରୁ ସେ କେବଳ ମାଛ ଖାଇ ବଞ୍ଚିବ। ମଣିଷଙ୍କୁ କୌଣସି ବିପଦ ନାହିଁ। ବନ ବିଭାଗ ପକ୍ଷରୁ କୁମ୍ଭୀର ଉପରେ ନଜର ରଖାଯାଇଛି। ବନ ବିଭାଗ କୁମ୍ଭୀରକୁ ଧରିବାକୁ ଦାବି ହେଉଛି।

## ଲକ୍ଷ୍ମୀ କ୍ଲବ ପକ୍ଷରୁ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା

**ଅସ୍ତରଙ୍ଗ,୧୬।୧୦(ମମତା ଜେନା)**

ଅସ୍ତରଙ୍ଗର ମା' ଲକ୍ଷ୍ମୀ କ୍ଲବ ପକ୍ଷରୁ ୨୭ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ୪୪ତମ ମା' ଗଜଲକ୍ଷ୍ମୀ ପୂଜା ପାରମ୍ପରିକ ରୀତିନୀତି ଅନୁସାରେ ଚାଲୁରହିଛି। ୧୯ରେ ମା' ଲକ୍ଷ୍ମୀ ନାଟ୍ୟସଂସଦ ପକ୍ଷରୁ 'ନୂଆ ରାମାୟଣ କାହାଣୀ ଶୁଣ', ୨୦ରେ ଈଶାନେଶ୍ୱର ନାଟ୍ୟସଂସଦ ବାଙ୍କୀ କଟକ ପକ୍ଷରୁ 'ଭୁଲ୍ ତୋର ଭୋଗୁଛି ମୁଁ', ୨୧ରେ ମା' ମଙ୍ଗଳା ପପିୟଙ୍ଗ୍ ଷ୍ଟାର ଗୋବିନ୍ଦପୁର ପାରାଦୀପ ପକ୍ଷରୁ 'କୃଷ୍ଣ ନାମ ଧରି ଯାଉ ଜୀବନ', ୨୨ରେ ଓମ୍ ସାଇ ଶକ୍ତି ନାଟ୍ୟସଂସଦ ଭୁବନେଶ୍ୱର ପକ୍ଷରୁ 'ଗୁମୁରି ଗୁମୁରି କାହାଣୀ କାନ୍ଦେ', ୨୩ରେ ଆରିୟାନ କ୍ଲବ ଭୁବନେଶ୍ୱର ପକ୍ଷରୁ 'କାନ୍ଦେନା ଲୁହ ସରିଯିବ' ଆଦି ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଶ୍ରେଷ୍ଠ ନାଟକ ପରିବେଷଣ କରିଥିବା ଅନୁଷ୍ଠାନକୁ ଆକର୍ଷଣୀୟ ପୁରସ୍କାର ଦିଆଯିବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। କ୍ଲବର ମୁଖ୍ୟ ଉପଦେଷ୍ଟା ପ୍ରମୋଦ ଦାସ, ସଭାପତି ତରୁଣ ତପନ ସ୍ୱାଇଁ, ଉପସଭାପତି ହରିହର ମହାନ୍ତି, ସମ୍ପାଦକ ପବିତ୍ର କୁମାର କାଣ୍ଡି, ଦିଲୀପ କୁମାର ଦାସ, ନିରଞ୍ଜନ ଦାସ, ମନୋଜ ବିଶ୍ୱାଳ, ଅଶୋକ ବେହେରା, କୃଷ୍ଣଚନ୍ଦ୍ର ନାୟକ, ସମୀର ରଞ୍ଜନ କର, ପ୍ରତାପ ବିଶ୍ୱାଳ, ଚିତ୍ରସେନ ପ୍ରଧାନ ଓ ପ୍ରଶାନ୍ତ ଭୋଳ ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନା କରୁଛନ୍ତି।

## ବାମଦେବ ପାତ୍ର ସ୍ମୃତି ସାହିତ୍ୟ ସଂସଦର ଦ୍ୱାଦଶ ସ୍ମୃତି ସମ୍ମାନ ଉତ୍ସବ


ସମାରୋହରେ ସମ୍ମାନିତ ବିଶିଷ୍ଟ ବ୍ୟକ୍ତି ଏବଂ ମଞ୍ଚାସୀନ ଅତିଥି।

**ପୁରୀ,୧୬।୧୦(ଅଜିତ୍ କୁମାର ମହାନ୍ତି)**

ବ୍ରହ୍ମଗିରି ରେଣ୍ଟାସ୍ଥିତ ବାମଦେବ ପାତ୍ର ସ୍ମୃତି ସାହିତ୍ୟ ସଂସଦର ଦ୍ୱାଦଶ ବାର୍ଷିକ ସ୍ମୃତି ସମ୍ମାନ ପ୍ରଦାନ ସମାରୋହ ବୁଧବାର ରାଣୀ ସତୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ରମେଶ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଗାୟକ ବ୍ୟାସ ଲକ୍ଷ୍ମୀଧର ଦାଶ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ମାନସ ରଞ୍ଜନ ମହାପାତ୍ର, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ଶ୍ରୀପର୍ଣ୍ଣାର ସମ୍ପାଦକ ଉମାକାନ୍ତ ମହାପାତ୍ର, ସାହିତ୍ୟିକ ରବୀନ୍ଦ୍ର ନାଥ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରାରମ୍ଭରେ କ୍ରିଷ୍ଣା ମହାପାତ୍ର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂସଦର ସମ୍ପାଦକ ପର୍ଶୁରାମ ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ସମାରୋହରେ ସାହିତ୍ୟିକ ବିଭୁ ଦାସ, ଭିକାରୀ ଚରଣ ଜେନା, ପ୍ରିୟପତ୍ରର ସମ୍ପାଦକ ବିପିନ ବିହାରୀ ଦଳାଇ, ସାହିତ୍ୟିକା ହେମାଙ୍ଗିନୀ ମହାନ୍ତି, ପାଲା ଗାୟକ କେଶବ ଚନ୍ଦ୍ର ରଥ, ଭଗବତୀ ବିଦ୍ୟା ନିକେତନର ସମ୍ପାଦକ ମହେନ୍ଦ୍ର ବିଶୋଇ, ପ୍ରଧାନ ଶିକ୍ଷକ ପ୍ରଶାନ୍ତ ମଙ୍ଗରାଜ, ସଂସ୍କୃତି ଗବେଷକ ନୀଳମଣି ସୁଆର, ଶିକ୍ଷକ ଗଙ୍ଗାଧର ପ୍ରଧାନ, ନନ୍ଦ କୁମାର ବଡ଼ଦଳାଇ, ଅଙ୍ଗନୱାଡି କର୍ମୀ ରୋଜାଲିନ୍ ମିଶ୍ରଙ୍କୁ ବାମଦେବ ପାତ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅତିଥିମାନେ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କବିତା ମିଶ୍ର, ଦୁର୍ଗାବତୀ ପ୍ରଧାନ ସମ୍ବର୍ଦ୍ଧନା ପର୍ବ ପରିଚାଳନା କରିଥିଲେ। ଶେଷରେ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ ଧନ୍ୟବାଦ ଦେଇଥିଲେ। ସଭା ଆରମ୍ଭରେ କବି ହରିହର ମିଶ୍ରଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶ୍ୟାମ ପ୍ରକାଶ ସେନାପତି, ଅନ୍ନପୂର୍ଣ୍ଣା ଦେବୀ, ଚାରୁଲତା ମିଶ୍ର, ମିନତି ପଟ୍ଟନାୟକ, ରଶ୍ମି ବେହେରା, ସସ୍ମିତା ପ୍ରଧାନଙ୍କ ସମେତ ସଂସଦର କର୍ମକର୍ତ୍ତା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ବିଜେଡି ପକ୍ଷରୁ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ


ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର।



ସିଂହଦ୍ୱାର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରାଯାଉଛି।

**ପୁରୀ,୧୬।୧୦(ଅଜିତ୍ କୁମାର ମହାନ୍ତି)**

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବୁଧବାର ୭୯ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେଡି ପୁରୀ ଶାଖା ପକ୍ଷରୁ ପଟ୍ଟନାୟକଙ୍କ ସୁସ୍ଥ ଜୀବନ କାମନା କରି ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୀପଦାନ କାର୍ଯ୍ୟକ୍ରମରେ ବିଧାୟକ ସୁନୀଲ କୁମାର ମହାନ୍ତି, ସବ୍ୟସାଚୀ ମହାପାତ୍ର, ସୁରେନ୍ଦ୍ର ନାଥ ଦାସ, ଏ ବିଶ୍ୱନାଥ ରାଓ, ଗୁଣଧର ଦାସ ମହାପାତ୍ର, ନାରାୟଣ ପଟ୍ଟନାୟକ, ଭକ୍ତ ଦାସ, ପ୍ରଦୀପ୍ତ ନାୟକ, ରବି ସାମନ୍ତରା, ରବି ପଣ୍ଡା, ଦେବରାଜ ସାହୁ, ପ୍ରକାଶ ମିଶ୍ର, ବିଭୂତି ସେଠୀ, ବୀରେନ୍ଦ୍ର ହୋତା, ସୌମେନ୍ଦ୍ର ଦେଓ, ରାଜେଶ ରଥ, ଶକ୍ତି ରଥ, ସବିତା ମିଶ୍ର, ତାପସ ପଟ୍ଟନାୟକ, ବିଜୟ ରାଉତ, ରବୀନ୍ଦ୍ର ପଟ୍ଟନାୟକ, କେ ମାର୍ଗ, କେ ରାଜୁ ଓ ସରସ୍ୱତୀ ସାହୁ ପ୍ରମୁଖ ଉପସ୍ଥିତ ରହି ଦୀପଦାନ କରିଥିଲେ।

ସେହିପରି ୟୁଥ୍ ହଷ୍ଟେଲ ପରିସରରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏବଂ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉଦଘାଟନ କରିଥିଲେ। ଶିବିରରେ ନିମାପଡ଼ାର ବିଧାୟକ ପ୍ରାର୍ଥୀ ଦିଲୀପ ନାୟକ, ପୁରୀର ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ସୁରେନ୍ଦ୍ରନାଥ ଦାସ, ବିଶ୍ଣୁ ରାଓ, ପୂର୍ବତନ କାଉନସିଲର ବିଭୂତି ସେଠୀ, ନୃସିଂହ ସାହୁ, ନାରାୟଣ ପଟ୍ଟନାୟକ, ଶୁଚିସ୍ମିତା ସାହୁ, ବରିଷ୍ଠ ସେବାୟତ ରାମକୃଷ୍ଣ ଦାସ ମହାପାତ୍ର, ରବି ଶଙ୍କର ପ୍ରତିହାରୀ, ବିଦ୍ୟାଧର ସ୍ୱାଇଁ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ପଣ୍ଡା, ବଦ୍ରି ମିଶ୍ର, ରବି ସାମନ୍ତରା, ହରିହର ପାଢ଼ୀ, ରବି ପଣ୍ଡା, ସୌମ୍ୟରଞ୍ଜନ ମହାନ୍ତି, ବିଶ୍ୱକେତନ ଦାସ, ବାବୁଲି ବାରିକ, ନାଗେଶ୍ୱର ରାଓ, ଯୁବନେତା ଅଜୟ କୁମାର ସ୍ୱାଇଁ, ରାମକୃଷ୍ଣ ପ୍ରତିହାରୀ, ନାରାୟଣ ଖୁଣ୍ଟିଆ ଏବଂ ଛାତ୍ର ନେତା ସାଗର ପାତ୍ର, ସନ୍ଧ୍ୟାରାଣୀ ଭଞ୍ଜ, ରୋଜାଲିନ ନାୟକ, ଅରୁଣିମା ନନ୍ଦ, ପି. ମୁନି ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୧୦୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ନୟାହାଟ ଅଞ୍ଚଳରୁ ଚୋରାବାଲି ଚାଲାଣ, ପ୍ରଶାସନ ନିରବ ଦ୍ରଷ୍ଟା

**ଯୋଗେଶ୍ୱରପୁର,୧୬।୧୦(ରଶ୍ମିରଞ୍ଜନ ସାହୁ)**

ଦେବୀନଦୀରୁ ବେଆଇନ ଭାବେ ହାଇୱା ଦ୍ୱାରା ନୟାହାଟ ମୁଖ୍ୟରାସ୍ତା ଦେଇ ବିଭିନ୍ନ ଅଞ୍ଚଳକୁ ବାଲି ଚୋରାଚାଲାଣ କରାଯାଉଛି। ବାଲି ମାଫିଆମାନେ କୋଟି କୋଟି ଟଙ୍କାର ରାଜସ୍ୱ ଠକିବାକୁ ନକଲି ଜାଲ ରସିଦ ତିଆରି କରୁଛନ୍ତି। ବାଲି ବୋହୁଥିବା ଗାଡ଼ିର କାଗଜପତ୍ର ଠିକ୍ ନ ଥିବାବେଳେ ପ୍ରଶାସନ ପକ୍ଷରୁ ଯଥା ତହସିଲଦାର, ଲଘୁଖଣିଜ ବିଭାଗ, ପୋଲିସ ପକ୍ଷରୁ ତନଖି କରାଯାଉ ନାହିଁ। ଜନସାଧାରଣଙ୍କୁ ଉନ୍ନତମାନର ବାଲି ଦେବେ ବୋଲି କହି ସେମାନେ ନିମ୍ନମାନର ବାଲିକୁ ଉଚ୍ଚ ଦରରେ ବିକ୍ରି କରି ମାଲାମାଲ ହେଉଥିବାବେଳେ ପ୍ରଶାସନ କାହିଁକି ଏହା ଉପରେ ଚଢ଼ାଉ କରୁନାହିଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ନୟାହାଟରେ ଧୂମାଳ ପଞ୍ଚାୟତର ଗଡ଼ନିପାଣିଆ ହରିଜନ ସାହି ପାଖରେ ଚୋରା ବାଲି ମହଜୁଦ ରଖାଯାଇ ବିଭିନ୍ନ ସମୟରେ ଚୋରାଚାଲାଣ କରାଯାଉଛି। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ ପଢିହାରୀ, ଗୋପ ତହସିଲଦାର ଅନିଲ କୁମାର ମହାନ୍ତି ଓ ଲଘୁଖଣିଜ ବିଭାଗକୁ ପଚାରିବାରେ, ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ରାଷ୍ଟ୍ରପତିଙ୍କ ଗସ୍ତ ନେଇ ପୋଲିସର ସମୀକ୍ଷା

**ପୁରୀ,୧୬।୧୦(ଅଜିତ୍ କୁମାର ମହାନ୍ତି)**

୨୪ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପୁରୀ ଗସ୍ତ ରହିଛି। ସେ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ବୁଧବାର ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଯାଇ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ରାଷ୍ଟ୍ରପତିଙ୍କ ୫୦ ମିନିଟ୍‌ର କାର୍ଯ୍ୟକ୍ରମ ରହିଛି।

ରାଷ୍ଟ୍ରପତି ତାଳବଣିଆସ୍ଥିତ ହେଲିପ୍ୟାଡ୍‌ରେ ପହଞ୍ଚିବା ପରେ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗ ଦେବେ। ପ୍ରୋଟୋକଲ ଅନୁଯାୟୀ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସମାରୋହରେ ରାଷ୍ଟ୍ରପତିଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂଦେଓ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ପୁରୀ ଏମ୍‌ପି ସମ୍ବିତ ପାତ୍ର ପ୍ରମୁଖ ଯୋଗଦେବେ। ଉଦ୍‌ଘାଟନୀ ଉତ୍ସବରେ ସ୍ମରଣିକା ଉନ୍ମୋଚିତ ହେବା ସହ ଦେଶ, ବିଦେଶରେ ପ୍ରତିଷ୍ଠା ଲାଭ କରିଥିବା କଲେଜର ପୁରାତନ ଛାତ୍ର ଓ ଆଲୁମ୍‌ନିଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ସହଯୋଗରେ ଆୟୁର୍ବେଦ ପର୍ବ ଅନୁଷ୍ଠିତ ହେବ। ଦେଶର ବିଭିନ୍ନ ସ୍ଥାନରୁ ପ୍ରତିଷ୍ଠିତ ୪୦ ଜଣଙ୍କୁ ନେଇ ପୁରାତନ ଓ ଆଧୁନିକ ଆୟୁର୍ବେଦକୁ ନେଇ ସେମିନାର, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି କଲେଜର ଅଧ୍ୟକ୍ଷ ପ୍ର. ଅରୁଣ କୁମାର ଦାଶ କହିଛନ୍ତି।

## ଦଣ୍ଡ ପ୍ରଣାମ କରି ଚାରିଧାମ ତୀର୍ଥଯାତ୍ରା

**ହିନ୍ଦୁ ଜାଗରଣ ବାର୍ତ୍ତା ନେଇ ରାଜସ୍ଥାନରୁ ଶ୍ରୀକ୍ଷେତ୍ର**

**ସାକ୍ଷୀଗୋପାଳ,୧୬।୧୦ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)**




ଜଣେ ବ୍ୟକ୍ତି ଦଣ୍ଡ ପ୍ରଣାମ କରି ଚାରିଧାମ ତୀର୍ଥଯାତ୍ରା କରୁଛନ୍ତି। ରାଜସ୍ଥାନର ସାଇ ମାଧୋପୁର ଜିଲା ଅମରଗଡ଼ ଅଞ୍ଚଳର ଅରିସିଂ ମାଲି ମଙ୍ଗଳବାର ସାକ୍ଷୀଗୋପାଳରେ ପହଞ୍ଚିଛନ୍ତି। ସନାତନ ଧର୍ମର ସୁରକ୍ଷା ଓ ହିନ୍ଦୁ ଜାଗରଣ ବାର୍ତ୍ତା ନେଇ ସେ ଚାରିଧାମ ତୀର୍ଥଯାତ୍ରା କରୁଥିବା କହିଛନ୍ତି। ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରି ରାସ୍ତାରେ ଦଣ୍ଡ ପ୍ରଣାମ କରି ସେ ଆଗକୁ ଆଗକୁ ଚାଲିଛନ୍ତି। ଗତବର୍ଷ ମାର୍ଚ୍ଚରୁ ଅରିସିଂ ତାଙ୍କ ଯାତ୍ରା ଆରମ୍ଭ କରି ୧୯ ମାସ ମଧ୍ୟରେ ସେ ମଥୁରା, ବୃନ୍ଦାବନ, ଗୋବର୍ଦ୍ଧନ, ଅଯୋଧ୍ୟା, ବାରାଣସୀ ଓ ରାଞ୍ଚି ଦେଇ ଶ୍ରୀଜଗନ୍ନାଥ ଧାମ ଅଭିମୁଖେ ବାହାରିଛନ୍ତି। ତାଙ୍କର ଦୁଇ ପୁଅ, ଝିଅ ଓ ନାତି ଅଛନ୍ତି ବୋଲି ଅରିସିଂ କହିଛନ୍ତି।

# ଧାଡ଼ିବୁଣା ଧାନକ୍ଷେତ ପରିଦର୍ଶନ, ପ୍ରଶିକ୍ଷଣ ଶିବିର



**ଡେଲାଙ୍ଗ,୧୬।୧୦(ରଶ୍ମିରଞ୍ଜନ ପ୍ରଧାନ)**

ଡିଏସ୍‌ଆର ଓଡ଼ିଶା ଓ ସିସା ପ୍ରୋଜେକ୍ଟ ମାଧ୍ୟମରେ ଡେଲାଙ୍ଗ ବ୍ଲକରେ କରାଯାଇଥିବା ଧାଡ଼ିବୁଣା ଧାନକ୍ଷେତକୁ ବୁଧବାର ୧୦ ଜିଲାର ୭୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଚାଷୀ ପରିଦର୍ଶନ କରିଛନ୍ତି। ସିସାର କୃଷି ବିଶେଷଜ୍ଞ ଡ. ଅଶୋକ କୁମାର ଯାଦବ, ଡ. ବିଧାନ ମହାପାତ୍ର, ଜିଲା କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ସୂର୍ଯ୍ୟନାରାୟଣ ମିଶ୍ର, ଜାତୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଅଞ୍ଜନୀ, ସିୱାର ପକ୍ଷରୁ ଡ. ସୁକାନ୍ତ କୁମାର ଷଡ଼ଙ୍ଗୀ, ସ୍ଥାନୀୟ ବୈଷୟିକ ପରାମର୍ଶଦାତା ଅଶୋକ ପ୍ରଧାନଙ୍କ ନେତୃତ୍ୱରେ କଳାହାଣ୍ଡି, ପୁରୀ, ବରଗଡ଼, ଖୋର୍ଦ୍ଧା, ଗଞ୍ଜାମ, କଟକ, ଭଦ୍ରକ, ମୟୂରଭଞ୍ଜ ପ୍ରଭୃତି ଜିଲାର ଚାଷୀମାନେ ଏହି ପରିଦର୍ଶନରେ ଅଂଶଗ୍ରହଣ କରିଥିଲେ। ଡେଲାଙ୍ଗ ବ୍ଲକ ବେନୁପଡ଼ା ମଠର ଧାନଜମି, ଗୌରାଦେଇପୁର ଓ ରାମଚନ୍ଦ୍ରପୁରଠାରେ କରାଯାଇଥିବା ଧାଡ଼ିବୁଣା କ୍ଷେତ ପରିଦର୍ଶନ କରିଥିଲେ।

ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଆଇଆର୍‌ଆର୍‌ଆଇ), ଦକ୍ଷିଣ ଏସିଆ ଖାଦ୍ୟ ଶସ୍ୟ ଉତ୍ପାଦନ ପ୍ରୋତ୍ସାହନ (ସିସା), କୀଟନାଶକ ଉତ୍ପାଦକ ବେୟର ଓ ଓଡ଼ିଶା ସରକାରଙ୍କ କୃଷି ବିଭାଗ ସଂସ୍ଥାର ମିଳିତ ଉଦ୍ୟମରେ ଧାଡ଼ିବୁଣା ଧାନଚାଷ ପାଇଁ ଚାଷୀମାନଙ୍କୁ ସଚେତନ କରିବା ଓ ଧାନ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରିବା ହେଉଛି କ୍ଷେତ୍ର ପରିଦର୍ଶନର ମୁଖ୍ୟ ଲକ୍ଷ୍ୟ। ଚଳିତବର୍ଷ ପୁରୀ ଜିଲାର ଡେଲାଙ୍ଗ, ପିପିଲି, ନିମାପଡ଼ା, ଗୋପ, କଣାସ ଓ ପୁରୀ ସଦର ବ୍ଲକରେ ଏହି ଧାଡ଼ିବୁଣା ଧାନ ଚାଷ କରାଯାଇଥିବା ନେଇ ସିସା ପକ୍ଷରୁ ସୂଚନା ମିଳିଛି। ଏହି କ୍ଷେତରେ ଚାଷୀମାନେ ପହଞ୍ଚି ଧାଡ଼ିବୁଣା ଧାନଚାଷର ପଦ୍ଧତି, ଉପକାରିତା, ଅର୍ଥନୀତି ଅଭିବୃଦ୍ଧି ସମ୍ପର୍କରେ ସଂଶ୍ଳିଷ୍ଟ ଚାଷୀଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। କମ୍ ଖର୍ଚ୍ଚ, ଶ୍ରମିକ ହ୍ରାସ, ଯାନ୍ତ୍ରିକ ପଦ୍ଧତିରେ ଚାଷ କରି ଅଧିକ ଲାଭବାନ ହୋଇଛି ବୋଲି ଚାଷୀ ହେମନ୍ତ କୁମାର ନରେନ୍ଦ୍ର ପରିଦର୍ଶନରେ ଆସିଥିବା ଚାଷୀମାନଙ୍କୁ କହିଥିଲେ।

# ଦର୍ଶକଙ୍କ ମନମୋହିଲା ମାହାରୀ, ଆଧୁନିକ ନୃତ୍ୟ

**ପୁରୀ,୧୬।୧୦(ଅଜିତ୍ କୁମାର ମହାନ୍ତି)**

**ଶ୍ରୀକ୍ଷେତ୍ର ୟୁଥ୍ କଲଚରାଲ ଆସୋସିଏଶନ ପକ୍ଷରୁ ୪୫ତମ କୁମାର ଉତ୍ସବ**


କୁମାର ଉତ୍ସବରେ ରାଜ୍ୟସଭା ସଦସ୍ୟ ସୁବାଶିଷ ଖୁଣ୍ଟିଆ ଓ ଅନ୍ୟ ଅତିଥିମାନେ।

ପୁରୀର ସାଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନ ଶ୍ରୀକ୍ଷେତ୍ର ୟୁଥ୍ କଲଚରାଲ ଆସୋସିଏଶନ ପକ୍ଷରୁ ୪୫ତମ କୁମାର ଉତ୍ସବ ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିଠାରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସେବାୟତ ଭଗବାନ ସୁଆର, ଗୋପାଳ ଖୁଣ୍ଟିଆ, ରାମଚନ୍ଦ୍ର ଦାସ ମହାପାତ୍ର, ପ୍ରମିତ କୁମାର ଦାସ, ସଭାପତି ରଜନୀକାନ୍ତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠାନର ସଭାପତି ଲେଙ୍କା ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଆଲୋକ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ପୂର୍ବରୁ ଆୟୋଜିତ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ଆଲୋକ ମହାପାତ୍ର ନିର୍ଦ୍ଦେଶନା ଓ ନୃତ୍ୟ ଗୁରୁ ଅମିତ୍ ଚାଟାର୍ଜୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର କୁନି କଳାକାରଙ୍କୁ ନେଇ କୁମାର ପୁନେଇ ରାତି ମନ ଭରିଦିଏ ତାତି ଓ ପୁରୁଣା ହିନ୍ଦୀ ଗୀତକୁ ନେଇ ନାଟ୍ୟ ରୂପକ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ମାହାରୀ ନୃତ୍ୟ, ଆରତୀ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଆଧୁନିକ ନୃତ୍ୟ ମଞ୍ଚସ୍ଥ ହୋଇଥିଲା। ଶେଷରେ ଓଲିଉଡ୍ ଗାୟକ ମନ୍ମୟ ଓ ଶାଶ୍ୱତୀଙ୍କ ପକ୍ଷରୁ ସଙ୍ଗୀତ ପରିବେଷଣରେ ସ୍ୱର୍ଣ୍ଣାଭ ବାଲୁକା ରାଶିରେ ମନ୍ତ୍ରମୁଗ୍ଧ ଦର୍ଶକମାନେ ସଙ୍ଗୀତ ଉପଭୋଗ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଶିଷ୍ଟ ବ୍ୟକ୍ତିବିଶେଷମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଭକ୍ତ ଚରଣ ଦାସ, ସନ୍ତୋଷ ଶତପଥି, ପ୍ରଦୀପ କୁମାର, ଜିତେନ୍ଦ୍ର ଦାସ ମହାପାତ୍ର, ସଦାଶିବ ନାୟକ, ନାରାୟଣ ଗୋଛିକାର, ବିଜୟ କୁମାର ଆପଟ, କୋଷାଧ୍ୟକ୍ଷ ବାସୁଦେବ ଦାସ, ସାଂଗଠନିକ ସମ୍ପାଦକ ହରେକୃଷ୍ଣ ମିଶ୍ର, କ୍ରୀଡ଼ା ସମ୍ପାଦିକା ସରସ୍ୱତୀ, କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ହରିଚନ୍ଦନ ଦାସ, ସହ ସାଂସ୍କୃତିକ ସମ୍ପାଦକ ପ୍ରଶାନ୍ତ ମୁଦୁଲି, କାର୍ଯ୍ୟକାରୀ ସଭ୍ୟ ଅମିତ୍ ଚାଟାର୍ଜୀ, ରଞ୍ଜିତ ସିଂ, ବିକ୍ରମ ପରିଡ଼ା, ଡ. ବିକ୍ରମ ଦାସ, ଲକ୍ଷ୍ମୀ ନାରାୟଣ ପଣ୍ଡା, ମଦନ ମୋହନ ପୂଜାପଣ୍ଡା, ପୁରୁଷୋତ୍ତମ ଦାସ ମହାପାତ୍ର, ରାଜ ପଟ୍ଟନାୟକ, ପି ଅନିଲ ରାଓ, ଅଶୋକ ପଲେଇ, ଦୀପକ ସାହୁ, ସୁବ୍ରତ ସାହୁ ଓ ଯୁଗଳ କିଶୋର ସିଂହଙ୍କ ସହ ଅନୁଷ୍ଠାନର ସମସ୍ତ ସଭ୍ୟସଭ୍ୟା ସୁଚାରୁରୂପେ ପରିଚାଳନା କରିଥିଲେ। ସେହିପରି ପୂର୍ବାହ୍ନରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଅନ୍ତର୍ଗତ ଇଷ୍ଟର୍ନ ଜୋନାଲ କଲଚରାଲ ସେଣ୍ଟର୍ ପକ୍ଷରୁ ସ୍ୱଚ୍ଛ ଭାରତ ସଂସ୍କୃତି ପର୍ବ ଆନୁକୂଲ୍ୟରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସ୍ୱଚ୍ଛ ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମୂହ ଦୀପ ଦାନ କରାଯିବା ପରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଅନୁଷ୍ଠାନର ସଭ୍ୟା ମନୀଷା ମହାନ୍ତି ଓ ତାଙ୍କ ଗ୍ରୁପ ପକ୍ଷରୁ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରାଯାଇଥିଲା।

# ଅଭିଯୁକ୍ତ ଗିରଫ ପରେ ବି ଚାପା ଉତ୍ତେଜନା

ରାମଚନ୍ଦ୍ରପୁର,୧୬।୧୦(ଗଣେଶ୍ୱର ସା)

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଣ୍ଡୁଆ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଏସ୍.କେ. ରେହମତ୍ ଖାଁ(୨୫)ଙ୍କୁ ଠେଙ୍ଗାରେ ପିଟି ହତ୍ୟା ଘଟଣାରେ ଅଭିଯୁକ୍ତ ସୁଜିତ ଜେନା ଓରଫ ମୁନାଙ୍କୁ ପୋଲିସ ବିଳମ୍ବିତ ରାତିରେ ଗିରଫ କରିଛି। କେନ୍ଦୁଝର ଏସ୍‌ପି ନୀତିନ୍ କୁଶଲକର ଓ ଆନନ୍ଦପୁର ଉପ ଜିଲାପାଳ ଫାଲ୍‌ଗୁନୀ ମାଝୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅନ୍ୟାନ୍ୟ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଛି। ମାତ୍ର ଏବେ ବି ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ସେଠାରେ ପୋଲିସ ଛାଉଣୀ ହୋଇ ରହିଛନ୍ତି।

ସୂଚନା ଅନୁଯାୟୀ, ରେହମତ୍ ପଣ୍ଡୁଆ ଛକରେ ଥିବା ଦୋକାନକୁ ପାନ ପାଇଁ ଆସିଥିଲେ। ପାନ ନେବା ପରେ ନିଜ ବାଇକ୍ ଉପରେ ବସିଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ ନେଇ ମୁନାଙ୍କ ସହ ରେହମତ୍‌ଙ୍କ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ମୁନା ଏକ ଠେଙ୍ଗାରେ ରେହମତ୍‌ଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ରେହମତ୍‌ଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ ତାଙ୍କ ସମ୍ପର୍କୀୟମାନେ ଆକ୍ରମଣକାରୀଙ୍କ ଘର ଭାଙ୍ଗି ପୋଡ଼ିଦେବା ସହ ବାପା ପୂର୍ଣ୍ଣଚନ୍ଦ୍ର ଜେନା, ମା' ଝରଣା ଜେନା ଓ ଭାଇ ଓମ୍‌କାର ଜେନାଙ୍କୁ ପ୍ରତିଆକ୍ରମଣ କରି ଗୁରୁତର କରିଥିଲେ। ରେହମତ୍‌ଙ୍କ ମୃତଦେହ ରାସ୍ତା ଉପରେ ରଖି ଟାୟାର ଜାଳି ପଣ୍ଡୁଆ-ବାଟୋ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କୁ ଫାଶୀ ଓ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା, ରେହମତ୍‌ଙ୍କ ସ୍ତ୍ରୀଙ୍କୁ ସରକାରୀ ଚାକିରି ପ୍ରଦାନ କରିବାକୁ ଦାବି କରିଥିଲେ। ରାମଚନ୍ଦ୍ରପୁର ଥାନାର ଏକ ଟିମ୍ ତଦନ୍ତ ଜାରି ରଖି ଅଭିଯୁକ୍ତଙ୍କୁ ବୈତରଣୀ ନଦୀ ଆମ୍ବୋ ଘାଟରୁ ବିଳମ୍ବିତ ରାତିରେ କାବୁ କରିଥିଲା। ରାତି ୧ଟାରେ ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା, ଆନନ୍ଦପୁର ଉପଜିଲାପାଳ ମାଝୀ, କେନ୍ଦୁଝର ଏସ୍‌ପି କୁଶଲକର ପହଞ୍ଚି ଜିଲା ରେଡ୍‌କ୍ରସ୍‌ରୁ ନଗଦ ୩୦ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ନିକଟରୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ବ୍ୟବସ୍ଥା କରିବା ସହ ମୃତକଙ୍କ ସ୍ତ୍ରୀଙ୍କୁ ସରକାରୀ ଚାକିରି ବିଷୟରେ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରାଯିବ ବୋଲି ଏସ୍‌ପି କହିବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ପୋଲିସ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ରାମଚନ୍ଦ୍ରପୁର ଥାନାରେ ଏକ ମାମଲା(ନଂ.୩୪୬/୨୪)ରୁଜୁ ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ରେହମତ୍‌ଙ୍କ ଶେଷକୃତ୍ୟ ସମୟରେ ପଣ୍ଡୁଆ ସରପଞ୍ଚ ବିଭୂତି ଭୂଷଣ ରାଉତଙ୍କୁ ବିରୋଧ କରାଯାଇଥିଲା। ଘଟଣାର ୧୫ଘଣ୍ଟା ପରେ ଆସି ପହଞ୍ଚିବାକୁ ନେଇ ମୃତକଙ୍କ ସମ୍ପର୍କୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଭଉଣୀ ଘରକୁ ଲକ୍ଷ୍ମୀପୂଜା ପାଇଁ ପଳାଇଯାଇଥିବାରୁ ଆସିବାରେ ବିଳମ୍ବ ହେଲା ବୋଲି ସରପଞ୍ଚ ନିଜ ପ୍ରତିକ୍ରିୟାରେ କହିଛନ୍ତି।

ଅନ୍ୟପକ୍ଷେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ଅଭିଯୁକ୍ତଙ୍କ ଭାଇ ଓମ୍‌କାରଙ୍କ ମୃତ୍ୟୁ ଘଟିଥିବା ନେଇ ଅଞ୍ଚଳରେ ଗୁଜବ ସୃଷ୍ଟି ହୋଇଥିଲା। ରାମଚନ୍ଦ୍ରପୁର ଥାନା ଅଧିକାରୀ ଘଟଣାକୁ ଖଣ୍ଡନ କରିବା ସହ ସମସ୍ତ ଗୁରୁତର ଚିକିତ୍ସାଧୀନ ଥିବା କହିଥିଲେ। ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ ବେହେରା କହିଛନ୍ତି, ଏ ପର୍ଯ୍ୟନ୍ତ ପ୍ରତିଆକ୍ରମଣ ନେଇ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ସ୍ଥିତିରେ ସାମାନ୍ୟ ସୁଧାର ଆସିଥିଲେ ମଧ୍ୟ ଅପ୍ରୀତିକର ପରିସ୍ଥିତିକୁ ନଜରରେ ରଖି ଗ୍ରାମରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିବା ସେ କହିଥିଲେ।



ପଣ୍ଡୁଆ ଗ୍ରାମରେ ମୁତୟନ ହୋଇଥିବା ପୋଲିସ।

**ଠେଙ୍ଗାରେ ପିଟି ଯୁବକଙ୍କୁ ହତ୍ୟା ଘଟଣା**

- **ପଣ୍ଡୁଆରେ ପୋଲିସ ଛାଉଣୀ**
- **ପ୍ରତିଆକ୍ରମଣରେ ଅଭିଯୁକ୍ତଙ୍କ ଭାଇଙ୍କ ମୃତ୍ୟୁ ଗୁଜବ**



ଗିରଫ ଅଭିଯୁକ୍ତ

## ଝିଅ ଆଗରେ ସ୍ତ୍ରୀଙ୍କ ଗଳା କାଟିଲେ ସ୍ୱାମୀ

କାଲିମେଳା,୧୬।୧୦(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଳା ଥାନା ଏମ୍‌ପିଭି ୨୩ ଗ୍ରାମରେ ବୁଧବାର ୪ବର୍ଷର ଝିଅ ସମ୍ମୁଖରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ ମୋନିକା ମିସ୍ତ୍ରିଙ୍କ ଗଳାକାଟି ଦେଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କାଲିମେଳା ପରେ ମାଲକାନଗିରି ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଛି ତାହା ଜଣାପଡ଼ିନାହିଁ। ମୋନିକାଙ୍କ ସମ୍ପର୍କୀୟ ଏ ନେଇ କାଲିମେଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୨୨୩/୨୪ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି। ମୋନିକାଙ୍କ ବୟାନ ରେକର୍ଡ ପରେ ଆକ୍ରମଣର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଏମ୍‌ପିଭି ୨୩ ଗ୍ରାମର ମୋନିକାଙ୍କୁ ଏମ୍‌ଭି ୬୬ ଗ୍ରାମର ବିଭାସ ୧୨ ବର୍ଷ ପୂର୍ବେ ବିବାହ କରିଥିଲେ। ତାଙ୍କର ୧୦ ବର୍ଷର ପୁଅ ଏବଂ ୪ ବର୍ଷର ଝିଅ ଅଛନ୍ତି। ବିବାହର କିଛିଦିନ ପରେ ମୋନିକାଙ୍କୁ ସ୍ୱାମୀ ଏବଂ ପରିବାର ଲୋକେ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଅଧିକାଂଶ ସମୟ ପାରିବାରିକ ଅଶାନ୍ତି ଲାଗି ରହିବା ଯୋଗୁ ମୋନିକା ପ୍ରାୟ ବର୍ଷେ ହେଲା ଝିଅକୁ ନେଇ ବାପଘର ଏମ୍‌ପିଭି ୨୩ ଗ୍ରାମରେ ରହୁଥିଲେ। ବୁଧବାର ସକାଳେ ମୋନିକା ତାଙ୍କ ମା' ସୁବାସିନୀ ଏବଂ ଝିଅ ସହ ଘରେ ଥିବା ସମୟରେ ବିଭାସ ସେଠାରେ ପହଞ୍ଚି ସ୍ତ୍ରୀଙ୍କ ସହ ଝଗଡ଼ାକରି ମାରିବା ଉଦ୍ଦେଶ୍ୟରେ ଏକ ବ୍ଲେଡରେ ତାଙ୍କ ଗଳା କାଟି ଦେଇଥିଲେ।

## କଟୁରି ଚୋଟରେ ୪ ମାସର ପୁତୁରା ମୃତ, ସ୍ତ୍ରୀ ଗୁରୁତର

ବ୍ରହ୍ମଗିରି,୧୬।୧୦(ସ୍ୱାଧୀନ ଚମ୍ପତିରାୟ)

ପୁରୀ ଜିଲା ବ୍ରହ୍ମଗିରି ଥାନା ଅଧୀନ କୁଶୁବେଣ୍ଟି ଗ୍ରାମରେ ବୁଧବାର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ ଓ ୪ ମାସର ପୁତୁରାଙ୍କୁ ମାରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ପୁତୁରାଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ବାପା ଚିନ୍ମୟ ରାଉତଙ୍କ ଅଭିଯୋଗକ୍ରମେ ବ୍ରହ୍ମଗିରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଅଧୀନ କଳାପଥର ଗ୍ରାମର ଗୁଣ୍ଡିଚା ପ୍ରଧାନ। ଏନେଇ ପୋଲିସ ନଂ. ୫୨୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣା ବ୍ରହ୍ମଗିରି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, କୁଶୁବେଣ୍ଟି ଗ୍ରାମର ମାଗୁଣି ପ୍ରଧାନ ତାଙ୍କ ସାନଝିଅଙ୍କୁ ଗୁଣ୍ଡିଚାଙ୍କ ସହ ବିବାହ ଦେଇଥିଲେ। ବିବାହ ପରେ ଗୁଣ୍ଡିଚା ଘରଜ୍ୱାଇଁଆ ହୋଇ ରହୁଥିଲେ। କିଛିଦିନ ହେବ ଶ୍ୱଶୁର ଘର ସହ ଗୁଣ୍ଡିଚାଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। କୌଣସି କାରଣକୁ ନେଇ ମଙ୍ଗଳବାର ରାତିରେ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏନେଇ ବୁଧବାର ସକାଳୁ ଗୁଣ୍ଡିଚା ନିଜ ସ୍ତ୍ରୀ ମୃଷି ପ୍ରଧାନ ଓ ତାଙ୍କ ଦେଢଶାଶୁଙ୍କ ୪ ମାସର ପୁଅକୁ କଟୁରିରେ ହାଣିଥିଲେ। ମୃଷିଙ୍କ ଚିତ୍କାର ଶୁଣି ଗ୍ରାମର କେତେଜଣ ଯୁବକ ଗୁଣ୍ଡିଚାଙ୍କୁ କାବୁ କରି ବ୍ରହ୍ମଗିରି ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁଣ୍ଡିଚାଙ୍କୁ କାବୁ କରିଥିଲା। ଏଥିସହ ମୃଷି ଓ ଶିଶୁପୁତ୍ରଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ଶିଶୁ ପୁତ୍ରର ମୃତ୍ୟୁ ହୋଇଥିବା ସମୟରେ ମୃଷିଙ୍କ ମୁଣ୍ଡ ଓ ହାତରେ ଆଘାତ ଲାଗିଥିବାରୁ ସେ ଚିକିତ୍ସାଧୀନ ଅଛନ୍ତି।

**ପାରିବାରିକ ଗଣ୍ଡଗୋଳରୁ ତୁମୁଳକାଣ୍ଡ**

## ସାହାଯ୍ୟ ମାଗି ଅଭିନେତ୍ରୀଙ୍କଠାରୁ ଟଙ୍କା ଠକେଇ

ଭୁବନେଶ୍ୱର,୧୬।୧୦
(ସୂର୍ଯ୍ୟକାନ୍ତ ବେହେରା)

ଜଣେ ଯୁବକ ଓଲିଉଡ୍‌ରେ କାମ କରୁଥିବା ପରିଚୟ ଦେଇ ଗାଡି ଖରାପ ହୋଇଥିବା ବାହାନା କରି ଜଣେ ଆଲ୍‌ବମ୍ ଅଭିନେତ୍ରୀଙ୍କଠାରୁ ୪ ହଜାରରୁ ଅଧିକ ଟଙ୍କା ଠକିନେଇଛନ୍ତି। ଠକାମିର ଶିକାର ହୋଇଥିବା ଅଭିନେତ୍ରୀ ଜଣକ ଚନ୍ଦକା ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ଯୁବକ ଏଭଳି ଏକାଧିକ ଯୁବତୀଙ୍କୁ ସାହାଯ୍ୟ ମାଗି ଠକିଥିବା ଜଣାପଡିଛି।

ସୂଚନାନୁସାରେ, ଅଭିନେତ୍ରୀଙ୍କ ମୋବାଇଲକୁ ପ୍ରଥମେ ଏକ ଅଜଣା ନମ୍ବରରୁ ହ୍ୱାଟ୍ସଆପ୍ ମେସେଜ ଆସିଥିଲା। କିନ୍ତୁ ଅଭିନେତ୍ରୀ ଜଣଙ୍କ କୌଣସି ଉତ୍ତର ଦେଇ ନ ଥିଲେ। ଏହାପରେ ଫେସ୍‌ବୁକ୍ ଜରିଆରେ ଆଉଏକ ମେସେଜ ଆସିଥିଲା। ହ୍ୱାଟ୍ସଆପ୍ ଡିପି ଓ ଫେସ୍‌ବୁକ୍ ପ୍ରୋଫାଇଲ ସମାନ ଥିବାରୁ ଅଭିନେତ୍ରୀ ଜଣକ ଉକ୍ତ ମେସେଜ୍‌ର ଉତ୍ତର ଦେଇଥିଲେ। ଯୁବକ ଜଣକ ନିଜକୁ ଓଲିଉଡ୍‌ରେ କାମ କରୁଥିବା କହି ଅଭିନେତ୍ରୀଙ୍କୁ ଏକ ପ୍ରୋଜେକ୍ଟରେ କାମ ଦେବାର ପ୍ରସ୍ତାବ ଦେଇ ବିଶ୍ୱାସ ଜନ୍ମାଇଥିଲେ। ପରବର୍ତ୍ତୀ ସମୟରେ ସେ ହଠାତ୍ କଲ୍ କରି ଗାଡି ଖରାପ ହୋଇଯାଇଥିବାର ମିଛ ବାହାନା କରି ମରାମତି ଓ ଖାଇବା ପାଇଁ ଅଭିନେତ୍ରୀଙ୍କୁ ଟଙ୍କା ମାଗିଥିଲେ। ଫଳରେ ଅଭିନେତ୍ରୀ ଜଣକ ଉକ୍ତ ଯୁବକ ଦେଇଥିବା ଏକ ସ୍କାନ୍ କ୍ୟୁଆର୍ କୋଡ୍‌ରେ ୪ ହଜାରରୁ ଅଧିକ ଟଙ୍କା ଟ୍ରାନ୍ସଫର କରିଥିଲେ। ତେବେ ଟଙ୍କା ଫେରାଇଦେବାକୁ କହି ଯୁବକ ଜଣକ ବାରମ୍ବାର ଅଭିନେତ୍ରୀଙ୍କୁ ଟଙ୍କା ମାଗିବାରୁ ସନ୍ଦେହ ହୋଇଥିଲା। ଏପରିକି ଏକ ଦାଣ୍ଡିଆ କାର୍ଯ୍ୟକ୍ରମକୁ ଅଭିନେତ୍ରୀ ଜଣକ ଯାଇଥିବାବେଳେ ଉକ୍ତ ଯୁବକ ମଧ୍ୟ ସେଠାକୁ ଯାଇଥିଲେ। ସେଠାରେ କେତେଜଣ ଯୁବତୀଙ୍କ ସହ ସେହି ଯୁବକଙ୍କର ବଚସା ହୋଇଥିବା ସେ ଦେଖିବାକୁ ପାଇଥିଲେ। ଯୁବକ ଜଣକ ଏହିଭଳି ଏକାଧିକ ଯୁବତୀଙ୍କୁ ଠକିଥିବା ଅଭିନେତ୍ରୀ ଜଣକ ଜାଣିବା ପରେ ଟଙ୍କା ମାଗିଥିଲେ। କିନ୍ତୁ ଯୁବକ ଟଙ୍କା ନ ଫେରାଇବାରୁ ଅଭିନେତ୍ରୀ ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଚୋରି କରି ପୁଣି ଟୁଙ୍ଗୁରୁ ଭୋଳ ଗିରଫ



ଭୁବନେଶ୍ୱର,୧୬।୧୦
(ସୂର୍ଯ୍ୟକାନ୍ତ ବେହେରା)

ଜଣେ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ଚର୍ଚ୍ଚାରେ ଥିବା ଟୁଙ୍ଗୁରୁ ଓରଫ ଆଲୋକ ଭୋଳ ପୁଣି ଥରେ ଗିରଫ ହୋଇଛନ୍ତି। ଏକ ଦୋକାନରୁ ୱେଲ୍ଡିଂ ମେଶିନ, ହ୍ୟାଣ୍ଡ କଟର ଓ ତମ୍ବା କେବୁଲ ତାର ଚୋରି କରିବା ଅଭିଯୋଗରେ ଭରତପୁର ପୋଲିସ ଟୁଙ୍ଗୁରୁଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ସମସ୍ତ ଚୋରି ସାମଗ୍ରୀ ଜବତ ହୋଇଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଟୁଙ୍ଗୁରୁ ଜଣେ ଅଭ୍ୟାସଗତ ଅପରାଧୀ ଓ ତାଙ୍କ ନାମରେ ଭରତପୁର, ଚନ୍ଦକା ଓ ଘଟଗାଁ ଥାନାରେ ୪ଟି ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ ସ୍ଥାନୀୟ ଥାନା ଅନ୍ତର୍ଗତ ଶ୍ରୀକ୍ଷେତ୍ର ବିହାରରେ ଥିବା ଏକ ୱେଲ୍ଡିଂ ଗ୍ୟାରେଜରୁ ଗତ ଏପ୍ରିଲ ୪ରେ ଦୋକାନୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଟୁଙ୍ଗୁରୁ ଚୋରି କରି ଫେରାର ହୋଇଯାଇଥିଲେ।

# ବିଳମ୍ବରେ ପହଞ୍ଚିବାରୁ ପୋଲିସକୁ ମାଡ଼

ସୋନପୁର/ବିନିକା,୧୬।୧୦
(ମୃତ୍ୟୁଞ୍ଜୟ ଶତପଥୀ/ ରାମଗୋପାଳ ବାଘ)

ଚୋରି ଅଭିଯୋଗରେ ୩ ନାବାଳକଙ୍କୁ ଗ୍ରାମବାସୀ ମଙ୍ଗଳବାର ରାତି ସାରା କ୍ଲବ୍ ଘରେ ରଖିଲେ। ସୂଚନା ପାଇ ବୁଧବାର ପୋଲିସ ଅଭିଯୁକ୍ତମାନଙ୍କୁ ନିଜ ହେପାଜତକୁ ଆଣିବା ସମୟରେ ତୁମୁଳକାଣ୍ଡ ଘଟିଛି। ବିଳମ୍ବରେ ପୋଲିସ ପହଞ୍ଚିବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ପୋଲିସ ଟିମ୍‌କୁ ମାଡ଼ ମାରିବା ସହ ପୋଲିସ ଗାଡ଼ିକୁ ଭଙ୍ଗାରୁଜା କରିଛନ୍ତି। ସୁବର୍ଣ୍ଣପୁର ଜିଲା ବିନିକା ଥାନା ପାପି(ଆନନ୍ଦନଗର)ରେ ଏହି ଘଟଣା ଘଟିଛି। ଆନନ୍ଦନଗର ଅଞ୍ଚଳର କେତେଜଣ ଚାଷୀ ମଙ୍ଗଳବାର ରାତିରେ ସିଂଘିଯୁବା-ଖଇରମାଳ ରାସ୍ତା ପାର୍ଶ୍ୱ ଧାନବିଲରେ ପାଣି ମଡ଼ାଉଥିଲେ। ଏହି ସମୟରେ ଚାଷକାମରେ ନିୟୋଜିତ ଜଣେ ଚାଷୀଙ୍କ ନିକଟରୁ ରାମପୁର ଥାନା ଅଞ୍ଚଳର ୩ଜଣ ନାବାଳକ ମୋବାଇଲ ଓ ବାଇକ୍ ଲୁଟ୍ ଉଦ୍ୟମ କରିଥିଲେ। ସମ୍ପୃକ୍ତ ଚାଷୀ ପାଟି କରିବାରୁ ନିକଟରେ ଥିବା ଅନ୍ୟ ଚାଷୀମାନେ ଦୌଡ଼ି ଆସିଥିଲେ। ଫଳରେ ଅଭିଯୁକ୍ତମାନେ ଭୟରେ ଆନନ୍ଦନଗର କ୍ଲବ୍ ଘରେ ଲୁଚିଯାଇଥିଲେ। ସେମାନଙ୍କୁ ଚାଷୀ ଓ ଗ୍ରାମବାସୀ କାବୁକରିବା ସହ କ୍ଲବ୍ ଘରେ ତାଲା ପକାଇ ବିନିକା ଥାନା ପୋଲିସକୁ ଖବର ଦେଇଥିଲେ। କିନ୍ତୁ ପୋଲିସ ରାତିରେ ଘଟଣାସ୍ଥଳକୁ ନ ଯାଇ ବୁଧବାର ସକାଳେ ଯାଇଥିଲା। ପୋଲିସ ବିଳମ୍ବରେ ପହଞ୍ଚି ଲୁଟେରାମାନଙ୍କୁ ନିଜ ହେପାଜତକୁ ନେବାକୁ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀ ବିରୋଧ କରିଥିଲେ। ଘଟଣାସ୍ଥଳର ସ୍ଥିତି ଦେଖି ବିନିକା ପୋଲିସ ରାମପୁର ପୋଲିସର ସହାୟତା ନେବା ସହ କ୍ଲବଘର ସମ୍ମୁଖରେ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରିଥିଲା। ଗ୍ରାମବାସୀଙ୍କ ସହ ଆଲୋଚନା ଚାଲିଥିବା ବେଳେ ପୋଲିସ ଅଭିଯୁକ୍ତମାନଙ୍କୁ କ୍ଲବ୍ ଘରୁ ବାହାର କରିଥିଲେ। ଏଥିରେ ଗ୍ରାମବାସୀ ଉତ୍ତେଜିତ ହୋଇ ଅଭିଯୁକ୍ତଙ୍କ ସମେତ ପୋଲିସ ଟିମ୍ ଉପରେ ଆକ୍ରମଣ ଆରମ୍ଭ କରିଥିଲେ। ଏହି ଆକ୍ରମଣରେ ଏସ୍‌ଆଇ ସୁଜାତା ବୁଡେକ୍, ଏଏସ୍‌ଆଇ ତ୍ରିନାଥ ସାହୁ ଓ କନ୍‌ଷ୍ଟେବଲ ଗୋପୀନାଥ ସାହୁ ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ପୋଲିସ ଗାଡ଼ି ମଧ୍ୟ ଭାଙ୍ଗିଛି। ଏପରିକି ଲୋକେ ପୋଲିସ ଗାଡ଼ିର ଟାୟାରରୁ ପ୍ରେସର ଖୋଲି ଦେଇଥିଲେ। ପରେ ଅଧିକ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଅଭିଯୁକ୍ତଙ୍କୁ ନିଜ ହେପାଜତକୁ ଆଣିବାରେ ସକ୍ଷମ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବିନିକା ଥାନାରେ ରଖି ପଚରାଉଚରା କରାଯାଇଥିଲା। ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ କ୍ରମେ ୩ ନାବାଳକଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିପରି ପୋଲିସ ଉପରେ ଆକ୍ରମଣ ଓ ଗାଡ଼ି ଭଙ୍ଗାରୁଜା ଅଭିଯୋଗରେ ଏସ୍‌ଆଇ ସୁଜାତା ବୁଡେକ୍‌ଙ୍କ ଲିଖିତ ଅଭିଯୋଗକ୍ରମେ ଗ୍ରାମର କେତେଜଣଙ୍କ ନାମରେ ଅନ୍ୟ ଏକ ମାମଲା(୩୫୭/୨୪)ରୁଜୁ ହୋଇଛି। ଏହି ଘଟଣାରେ ବିନିକା ପୋଲିସ ମୋଟ ୨୨ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଅନ୍ୟପକ୍ଷେ ସିଂଘିଯୁବା, ପାପି ଓ ଆନନ୍ଦନଗର ଅଞ୍ଚଳର ଶତାଧିକ ଲୋକ ବିନିକା ଥାନା ସମ୍ମୁଖରେ ଏକାଠି ହୋଇଛନ୍ତି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ସୁବର୍ଣ୍ଣପୁର ଏସ୍‌ପି ରାମପ୍ରସାଦ ସାହୁ, ସୋନପୁର ଏସ୍‌ଡିପିଓ ପ୍ରତାପ ତ୍ରିପାଠୀ ଓ ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ ପୋଲିସ ଟିମ୍‌କୁ ନେଇ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛନ୍ତି।



ଲୋକେ ଭଙ୍ଗାରୁଜା କରିଥିବା ବିନିକା ପୋଲିସ ଗାଡ଼ି।

- **୩ ନାବାଳକ ଲୁଟେରା ଧରାପଡ଼ିଲେ**
- **୨୨ ଗ୍ରାମବାସୀ ଗିରଫ**

## ଦ୍ୱିତୀୟ ସ୍ତ୍ରୀ କଥାରେ ଝିଅଙ୍କୁ ହତ୍ୟାକଲେ ବାପା

ଚିତ୍ରକୋଣ୍ଡା, ୧୬।୧୦
(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ବାପା ସାଜିଲେ ସଇତାନ। ଜନ୍ମିତ ଶିଶୁକନ୍ୟାଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି। ଏପରି ଘଟଣା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଦୋରାଗୁଡ଼ା ପଞ୍ଚାୟତ ଆର୍‌ଏସ୍‌ସି -୧୪ ଗ୍ରାମରେ ଗୁରୁବାର ଘଟିଛି। ସକାଳୁ ବ୍ଲେଶିରାଣୀ ଭତ୍ରା(୫)ପଡ଼ୋଶୀ ଘରେ ଖେଳୁଥିବା ସମୟରେ ବାପା ସଞ୍ଜୀବ ଭତ୍ରା ତାଙ୍କୁ ଛୁରି ଭୁସି ଦେଇଥିଲେ। କୁନି ଝିଅର ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଚିତ୍ରକୋଣ୍ଡା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରୁ ହତ୍ୟାକାରୀ ବାପା ଫେରାର ହୋଇଯାଇଛନ୍ତି। ମୃତ ବ୍ଲେଶିଙ୍କ ଜେଜେବାପା ବିନୋଦ ଭତ୍ରା ଅଭିଯୋଗ କରିଛନ୍ତି, ପୁଅ ସଞ୍ଜୀବ ଦ୍ୱିତୀୟ ସ୍ତ୍ରୀ ପ୍ରରୋଚନାରେ ପଡ଼ି ଆଗ ସ୍ତ୍ରୀର ଝିଅ ବ୍ଲେଶିଙ୍କୁ ହତ୍ୟାକରିଛି। ହତ୍ୟାକାରୀ ସଞ୍ଜୀବକୁ ଫାଶୀଦଣ୍ଡ ଦିଆଯାଉ ବୋଲି ପ୍ରତିକ୍ରିୟାରେ ସେ କହିଛନ୍ତି। ଚିତ୍ରକୋଣ୍ଡା ପୋଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ତନାଘନା ଚଳାଇଥିବା କହିଛି। ଏ ନେଇ ଚିତ୍ରକୋଣ୍ଡା ଥାନାରେ ୧୭୪/୨୪ରେ ମାମଲା ରୁଜୁ ହୋଇଛି।

# ଅଭିଯୋଗ ଗ୍ରହଣ କରୁନି 'ହର୍' ଟିମ୍

ଭୁବନେଶ୍ୱର,୧୬।୧୦
(ସୂର୍ଯ୍ୟକାନ୍ତ ବେହେରା)

ସର୍ବସାଧାରଣ ସ୍ଥାନରେ ଅସାମାଜିକ ଯୁବକ, ରୋଡ୍ ରୋମିଓଙ୍କଠାରୁ ମହିଳାମାନଙ୍କୁ ସୁରକ୍ଷା ଦେବାକୁ ଭୁବନେଶ୍ୱରରେ କମିଶନରେଟ ପୋଲିସ ପକ୍ଷରୁ ଗଠନ ହୋଇଥିବା 'ହାଇ ଏଫିସିଏନ୍ସି ରେସପନ୍ସ'(ହର୍) ଟିମ୍‌ର କାର୍ଯ୍ୟକୁ ନେଇ ଏବେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏହି ଟିମ୍ ଗତ କିଛି ଦିନ ହେବ ପୀଡ଼ିତାଙ୍କ ଅଧିକାଂଶ ଫୋନ କଲ୍ ଗ୍ରହଣ କରୁ ନାହିଁ। ଏପରି କି ଫୋନ କଲ୍ ଉଠାଇଲେ ସେଥିରେ ଦାୟିତ୍ୱରେ ଥିବା କର୍ମଚାରୀମାନେ ବ୍ୟସ୍ତ ଥିବାର ବାହାନା କରି ଫୋନ୍ କାଟି ଦେଉଛନ୍ତି। ପୀଡ଼ିତାଙ୍କ ଅଭିଯୋଗକୁ ଅଣଦେଖା କରାଯାଉଛି ବୋଲି ପୀଡ଼ିତା ଏବଂ ସମାଜସେବୀମାନେ ଅଭିଯୋଗ କରିଛନ୍ତି। ମହିଳାଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ଏହି ଟିମ୍ ହଠାତ୍ ଏମିତି ବ୍ୟବହାର କରିବା ପଛର କାରଣ କ'ଣ ରହିଛି ତାହା ଜଣାପଡ଼ି ନ ଥିବାବେଳେ ଦୁର୍ବ୍ୟବହାରର ଶିକାର ହୋଇଥିବା ପୀଡ଼ିତାମାନେ ଏବେ କାହାକୁ ଯୋଗାଯୋଗ କରିବେ ସେନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏହି ବ୍ୟବସ୍ଥାକୁ ବନ୍ଦ କରିବା ଉଦ୍ଦେଶ୍ୟରେ ଏଥିରେ କାର୍ଯ୍ୟ କରୁଥିବା ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଅନ୍ତର କରିଦିଆଯାଇଛି। ଅପରପକ୍ଷରେ ଏଭଳି ଚର୍ଚ୍ଚାକୁ ଡିସିପି ପିନାକ ମିଶ୍ର ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ହର୍ ଟିମ ବନ୍ଦ ହୋଇନି। ଯିଏ ବି ଏଭଳି ଚର୍ଚ୍ଚା କରୁଛନ୍ତି, ତାହା ମିଛ। ହର୍ ଟିମ୍ ଆଗକୁ ମଧ୍ୟ କାମ କରିବ ବୋଲି କହିଛନ୍ତି।

ପ୍ରକାଶ ଯେ, ଭୁବନେଶ୍ୱରରେ ମହିଳାଙ୍କୁ ତ୍ୱରିତ ସୁରକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ଗତ ଏପ୍ରିଲ ୧୮ରେ ହର୍ ଟିମ୍‌ର ଲୋଗୋ ଉନ୍ମୋଚନ କରାଯିବା ସହ ଇମେଲ୍ ଆଇଡି ଏବଂ ଏକ ଟୋଲ୍ ଫ୍ରି ନମ୍ବର(୬୩୭୨୫୦୦୪୦୦) ଜାରି କରାଯାଇଥିଲା। ଏସିପି ଅଞ୍ଜନା ଟୁଡୁଙ୍କ ନେତୃତ୍ୱରେ ଜଣେ ଇନ୍ସପେକ୍ଟର, ୨ଜଣ ଏସ୍‌ଆଇ ଏବଂ ୧୦ଜଣ କନଷ୍ଟେବଲ୍ ଟିମ୍‌ରେ ରହିଥିଲେ। ସେମାନେ ମହିଳାଙ୍କ ବିରୋଧରେ ହେଉଥିବା ଅତ୍ୟାଚାର ଓ ନିର୍ଯାତନା ବିରୋଧରେ ଅଭିଯୋଗ ପାଇବା କ୍ଷଣି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ। ହେଲେ ଗତ କିଛି ଦିନ ହେଲା ଏହି ଟିମ୍ ଅଭିଯୋଗକୁ ଠିକ୍‌ଭାବେ ଗ୍ରହଣ କରୁନାହିଁ। ବିଶେଷକରି ଗତ ୪ ଦିନରେ ୪୦ରୁ ଅଧିକ ଅଭିଯୋଗ ଆସିବା ସତ୍ତ୍ୱେ ହର୍ ଟିମ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ଏହାର କାର୍ଯ୍ୟକାରିତାକୁ ନେଇ ସନ୍ଦେହ ବଢ଼ିଛି। ଏନେଇ ଦାୟିତ୍ୱରେ ଥିବା ଏସିପି ଟୁଡୁଙ୍କୁ ପଚାରିଲେ ସେ କୌଣସି ସନ୍ତୋଷଜନକ ଉତ୍ତର ମଧ୍ୟ ଦେଉ ନାହାନ୍ତି। ମହିଳାଙ୍କ ସୁରକ୍ଷା ପାଇଁ ସରକାର ସବୁବେଳେ ଚିନ୍ତା କରୁଥିବାବେଳେ କମିଶନରେଟ ପୋଲିସର ଏହି ଟିମ୍ ଅଚାନକ ବନ୍ଦ ହେବା ପଛର କାରଣ କ'ଣ ରହିଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଖଣ୍ଡଗିରି ଅଞ୍ଚଳର ସୁପ୍ରଭା ଚୌଧୁରୀ ନାମ୍ନୀ ଜଣେ ମହିଳା କହିଛନ୍ତି ଏକ ସମସ୍ୟା ପାଇଁ ହର୍ ଟିମ୍‌କୁ ଯୋଗାଯୋଗ କରିଥିଲି। ଫୋନ କଲ୍ ଗ୍ରହଣ କଲେ କିନ୍ତୁ ସମସ୍ୟା କହିବା ଆରମ୍ଭ କରିବାରୁ ବ୍ୟସ୍ତ ଥିବା କହି ଫୋନ କାଟି ଦେଲେ ବୋଲି ଚୌଧୁରୀ ଅଭିଯୋଗ କରିଛନ୍ତି। ସେହିପରି ଖଣ୍ଡଗିରି ଅଞ୍ଚଳର ସାମାଜିକକର୍ମୀ ପୁଷ୍ପଲତା ବେହେରା କହିଛନ୍ତି, ସହରରେ ମହିଳାଙ୍କୁ ସୁରକ୍ଷା ପାଇଁ ହର୍ ଟିମ ଭଲ କାମ କରୁଥିବାରୁ ଆମେ ନିଜକୁ ସୁରକ୍ଷିତ ମନେକରୁଥିଲୁ। ତେଣୁ ସଚେତନତା କାର୍ଯ୍ୟକ୍ରମ ପାଇଁ ଆମେ ହର୍ ଟିମ୍‌କୁ ଯୋଗାଯୋଗ ମଧ୍ୟ କରିଥିଲୁ। କିନ୍ତୁ ଦାୟିତ୍ୱରେ ଥିବା ଅଧିକାରୀ ବା ହର ଟିମ୍‌ର ଅନ୍ୟ କର୍ମଚାରୀମାନେ ଗତ ୫ଦିନ ହେବ ବିଭିନ୍ନ ବାହାନା ଦେଖାଇ ଅଣଦେଖା କରୁଛନ୍ତି ବୋଲି ବେହେରା କହିଛନ୍ତି।

- **୪ ଦିନରେ ୪୦ ଅଭିଯୋଗର ନାହିଁ କାର୍ଯ୍ୟାନୁଷ୍ଠାନ**
- **ବନ୍ଦ କରାଯିବା ନେଇ ଚାଲିଛି ଉଦ୍ୟମ**
- **ହର୍ ଟିମ୍ ବନ୍ଦ ହେବନି, ଚାଲୁ ରହିବ: ଡିସିପି**

# ଆର୍ଥିକ ଅନିୟମିତତା ଅଭିଯୋଗରେ ପିଇଓ ଗିରଫ

ଲୋଇସିଂହା,୧୬।୧୦(ସୁଶାନ୍ତ ବାରିକ)

ବିଭିନ୍ନ ସରକାରୀ ଯୋଜନାରେ ଆର୍ଥିକ ଅନିୟମିତତା ଅଭିଯୋଗରେ ବଲାଙ୍ଗୀର ଜିଲା ଆଗଲପୁର ପୋଲିସ ଆଗଲପୁର ଓ ଭରସୁଜା ପଞ୍ଚାୟତର ପୂର୍ବତନ ପିଇଓ ରାଜକିଶୋର ପୋଢ଼ଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ଏଭଳି ଅନିୟମିତତା ସମ୍ପର୍କରେ ଆଗଲପଡ଼ା ବିଡିଓ କୁଳଦୀପ ମହାନ୍ତି ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୧୭୪/୨୦୨୪) ରୁଜୁ କରି ଏଭଳି ପଦକ୍ଷେପ ନେଇଛି। ଏହି ଆର୍ଥିକ ଅନିୟମିତତାର ପରିମାଣ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଉଥିବାବେଳେ ଏନେଇ ଅଭିଯୋଗ ପତ୍ରରେ ନିର୍ଦ୍ଦିଷ୍ଟ ଭାବେ କିଛି ଦର୍ଶାଯାଇ ନାହିଁ। ତଦନ୍ତ ଜାରି ରହିଛି, ପରବର୍ତ୍ତୀ ସମୟରେ କେତେ ଟଙ୍କାର ଅନିୟମିତତା ହୋଇଛି ତାହା ଜଣାପଡ଼ିବ ବୋଲି ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ, ରାଜକିଶୋର ପୋଢ଼ ଆଗଲପୁର ଓ ଭରସୁଜା ପଞ୍ଚାୟତରେ ପିଇଓ (ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ) ଦାୟିତ୍ୱରେ ରହିଥିଲେ। ଗତ ମାର୍ଚ୍ଚ ମାସରେ ବିଡିଓ ମହାନ୍ତି ଭରସୁଜା ଓ ଆଗଲପୁର ପଞ୍ଚାୟତ ପରିଦର୍ଶନରେ ଯାଇଥିଲେ। ସେତେବେଳେ ପିଇଓ ଉନ୍ନୟନ କାମ ସଂକ୍ରାନ୍ତୀୟ ଫାଇଲ ଏବଂ ଭଉଚର ରେକର୍ଡ ପତ୍ର ଦେଖାଇ ପାରି ନ ଥିଲେ। ଏହାପରେ ମାର୍ଚ୍ଚ ୧୫ରେ ବିଡିଓଙ୍କ ପତ୍ର ସଂଖ୍ୟା ୭୦୯ରେ ଉଭୟ ପଞ୍ଚାୟତରୁ ପିଇଓ ପୋଢ଼ଙ୍କୁ ଦାୟିତ୍ୱରୁ ଅନ୍ତର କରାଯାଇଥିଲା । ଉଭୟ ପଞ୍ଚାୟତରୁ ଅନ୍ତର ପରେ ନୂତନ ଭାବେ ଯୋଗ ଦେଇଥିବା ପିଇଓଙ୍କୁ ସେ ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରି ନ ଥିଲେ। ଅପରପକ୍ଷେ ବିଡିଓ ମହାନ୍ତିଙ୍କ ପତ୍ର ସଂଖ୍ୟା ୮୨୪(ତା ୦୨। ୦୪।୨୦୨୪)ରେ ତଦନ୍ତ ପାଇଁ ପିଇଓ ପୋଢ଼ଙ୍କୁ ବ୍ଲକ୍‌କୁ ଡକାଯାଇଥିଲା । ହେଲେ ସେହିଦିନ ସେ ଅନୁପସ୍ଥିତ ରହିଥିଲେ। ସେବେଠାରୁ କାର୍ଯ୍ୟାଳୟ ଆସୁ ନ ଥିବାରୁ ତାଙ୍କୁ ବ୍ଲକ୍ ପ୍ରଶାସନ ପକ୍ଷରୁ ପଳାତକ ଘୋଷଣା କରାଯାଇଥିଲା। ଗତ ଜୁଲାଇ ୨ରେ ପୁନର୍ବାର ବିଡିଓ ଉଭୟ ପଞ୍ଚାୟତକୁ ଗସ୍ତ ବେଳେ ପୂର୍ବତନ ପିଇଓଙ୍କ କାର୍ଯ୍ୟକାଳ ସମୟର ରେକର୍ଡପତ୍ର ମିଳି ନ ଥିଲା । ପୋଢ଼ ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରି ନ ଥିବାରୁ ପଞ୍ଚାୟତ କାର୍ଯ୍ୟାଳୟରେ ଅଚଳାବସ୍ଥା ଜାରି ରହିବା ସହ ଜନସାଧାରଣ ସୁଫଳ ପାଇପାରୁ ନାହାନ୍ତି। ଏଣୁ ବ୍ଲକ୍ ପ୍ରଶାସନ ପକ୍ଷରୁ ତାଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଏତଲା ଦିଆଯାଇଥିବା ବିଡିଓ ମହାନ୍ତି କହିଛନ୍ତି ।



ପୋଲିସ ହେପାଜତରେ ଅଭିଯୁକ୍ତ ପିଇଓ ରାଜକିଶୋର ପୋଢ଼।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୧୦।୨୦୨୪

| | |
|---|---|
| ୫,୨୮, ୫୮୦ ଟଙ୍କା | |
| ସୁନା | ୪୫୦ ମିଲି ଗ୍ରାମ୍ |
| ରୁପା | ୫୦.୦୦୦ ଗ୍ରାମ୍ |

# ବିଭିନ୍ନ ଜିଲାରେ ସ୍ଥାପନ ହେବ ବରପୁତ୍ରଙ୍କ ପ୍ରତିମୂର୍ତ୍ତି

**ଭୁବନେଶ୍ୱର,୧୬।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ରାଜ୍ୟର ବିଭିନ୍ନ ଜିଲାରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ। ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ ନିମନ୍ତେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଛି। ଏ ନେଇ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଲୋକପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ଜିଲା ପ୍ରଶାସନଠାରୁ ହସ୍ତଗତ ହୋଇଥିବା ପ୍ରସ୍ତାବ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ ନିମନ୍ତେ ତାଲିକା ପ୍ରସ୍ତୁତ କରାଯାଇଛି। କେନ୍ଦ୍ରାପଡ଼ାରେ ଭଜନ ସମ୍ରାଟ ଭିକାରୀ ବଳ, ବଲାଙ୍ଗୀରରେ ଧରମସିଂହ ମାନ୍ଧାତା ମାଝୀ, ଭୁବନେଶ୍ୱରରେ କୁନ୍ତଳା କୁମାରୀ ସାବତ ଓ କବି ଶେଖର ଚିନ୍ତାମଣି ମହାନ୍ତି, ବ୍ରହ୍ମପୁରରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଭଦ୍ରକରେ ଗୋକୁଳାନନ୍ଦ ମହାନ୍ତି, କେନ୍ଦୁଝରରେ ରତନା ନାୟକ, ସମ୍ବଲପୁରରେ ଅଟଳ ବିହାରୀ ବାଜପେୟୀ ଓ ବୀର ସୁରେନ୍ଦ୍ର ସାଏ, କଟକରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ, ମଧୁସୂଦନ ଦାସ ଓ ଅଟଳ ବିହାରୀ ବାଜପେୟୀ, ବରଗଡ଼ରେ ଗଙ୍ଗାଧର ମେହେର, ବାଲେଶ୍ୱରରେ ଫକୀର ମୋହନ ସେନାପତି ଓ ବାଘାଯତୀନ, ପୁରୀ ଡେଲାଙ୍ଗରେ ବୌଦ୍ଧଧର୍ମ ବିଶାରଦ ଡିଗନାଗ, ମାଲକାନଗିରିରେ ତାମ୍ପା ଦୋରା ଏବଂ ଢେଙ୍କାନାଳ ଭୁବନରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ସେହିପରି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଓ ପ୍ରଥମ ଓଡ଼ିଆ ଶଙ୍କରାଚାର୍ଯ୍ୟ ଶ୍ରୀଧର ସ୍ୱାମୀଙ୍କ ପ୍ରତିମୂର୍ତ୍ତି ମଧ ସ୍ଥାପନ କରାଯିବାର ନିଷ୍ପତ୍ତି ହୋଇଛି। ସଂସ୍କୃତି ମନ୍ତ୍ରୀ କହିଛନ୍ତି, ଭାରତବର୍ଷର ସ୍ୱାଧୀନତା, ଓଡ଼ିଶା ପ୍ରଦେଶର ସ୍ୱତନ୍ତ୍ରତା, ଆମ ଭାଷା ଓ ସାହିତ୍ୟକୁ ନିଜର ଲେଖନୀ ଚାଳନା ମାଧ୍ୟମରେ ଋଦ୍ଧିମନ୍ତ କରିବା, ଓଡ଼ିଶାର ଐତିହ୍ୟ ଏବଂ ଓଡ଼ିଆ ସଂସ୍କୃତିର ମୂଲ୍ୟବୋଧକୁ ବଜାୟ ରଖିବା ଦିଗରେ ଆମ ବରପୁତ୍ରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଆମ ସ୍ୱାଧୀନତା ଓ ସ୍ୱାଭିମାନ ପାଇଁ ବଳିଦାନ ଦେଇଥିବା ଏବଂ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିର ରକ୍ଷକ ଭାବେ କାର୍ଯ୍ୟକରିଥିବା ବରପୁତ୍ରମାନେ ହେଲେ ଚିରନମସ୍ୟ। ତେଣୁ ପ୍ରାଥମିକତା ଭିତ୍ତିରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ଏହାର ସ୍ଥାପନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ'



ଅତିଥିମାନେ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ' ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର,୧୬।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

### ତୃତୀୟ ମୋଶନ ପିକ୍ଚର ଆୱାର୍ଡ

**ଶ୍ରେଷ୍ଠ ଅଭିନେତା ଚନ୍ଦନ କର, ଶ୍ରେଷ୍ଠ ଅଭିନେତ୍ରୀ ଭୂମିକା ଦାସ**

ମାସ୍ ଇଭେଣ୍ଟ୍ସ ପକ୍ଷରୁ ବୁଧବାର ତୃତୀୟ 'ମୋଶନ ପିକ୍ଚର ଆୱାର୍ଡ' ସୂଚନା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୀର ଅହମ୍ମଦ ଅଲ୍ଲୀଙ୍କ ପରିଚାଳନାରେ ଆୟୋଜିତ ଏହି ଉତ୍ସବରେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟ୍ଟଶାଣୀ, ସଂଳାପକାର ଡ. ରଜନୀ ରଞ୍ଜନ, ସମାଜସେବୀ ତଥା ଓଡ଼ିଶା ପାଇକ ଆଖଡ଼ା ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ଅଭିନେତ୍ରୀ ସୋଫିଆ ଆଲମ୍ ଓ ଯୁବନେତା ଶକ୍ତିପ୍ରକାଶ ପତି ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଚଳଚ୍ଚିତ୍ର କ୍ଷେତ୍ରରେ ୧୮ଟି ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା। କିମ୍ବଦନ୍ତୀ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ' ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଅଭିନେତା ଚନ୍ଦନ କର ଓ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଭୂମିକା ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ଶ୍ରେଷ୍ଠ ହାସ୍ୟ ଅଭିନେତା ଜୀବନ ପଣ୍ଡା, ସହଅଭିନେତା ଶକ୍ତି ବରାଳ, ସହଅଭିନେତ୍ରୀ ପୁଷ୍ପା ପଣ୍ଡା, ଶ୍ରେଷ୍ଠ ଖଳନାୟକ ଭାବେ ହର ରଥ, ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଅନୁପମ ପଟ୍ଟନାୟକ, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ପ୍ରଶାନ୍ତ ପାଢ଼ୀ, ନବାଗତ ଅଭିନେତ୍ରୀ ଭାବେ ଦୀପା ମିଶ୍ର, ଶ୍ରେଷ୍ଠ ଲେଖକ ପ୍ରିୟବ୍ରତ ପଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ଚଳଚ୍ଚିତ୍ର ସାମ୍ବାଦିକ ଭାବେ ଶ୍ରୀରାମ ରାୟ ଓ ସିନେ ସମୀକ୍ଷକ ଗୁରୁପଦ ନାଥଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଏହାସହ ଚଳଚ୍ଚିତ୍ର 'ଆସକ୍ତ' ପାଇଁ ସୁରଭି ପ୍ରିୟଦର୍ଶନୀଙ୍କୁ ସ୍ୱତନ୍ତ୍ର ଜୁରି ଆୱାର୍ଡ, ପ୍ରତାପ ରାଉତଙ୍କୁ ଶ୍ରେଷ୍ଠ ସିନେମାଟୋଗ୍ରାଫି, ତ୍ରିପତି ସାହୁଙ୍କୁ ଉଦୀୟମାନ ନିର୍ଦ୍ଦେଶକ, ଅଭିନେତା ଚୌଧୁରୀ ବିକାଶ ଦାସଙ୍କୁ ଚଳଚ୍ଚିତ୍ର ଶିଳ୍ପ ଗୌରବ ଓ ଦୁଷ୍ମନ୍ତ ପଣ୍ଡାଙ୍କୁ ଜୁରି ଆୱାର୍ଡ ପ୍ରଦାନ କରାଯାଇଥିଲା।

# ଓଡ଼ିଶାର ୧୦ଜଣ ପାଇବେ ଜାତୀୟ ମିଡିଆ ଆୱାର୍ଡ

**ପୁରୀ,୧୬।୧୦(ଅଜିତ୍ କୁମାର ମହାନ୍ତି)**

### ନଭେମ୍ବର ୯ରେ ଜାତୀୟ ମିଡିଆ ସମାବେଶ

ଜାତୀୟ ମିଡିଆ ଫାଉଣ୍ଡେଶନ ପକ୍ଷରୁ ନଭେମ୍ବର ୯ରୁ ପୁରୀରେ ତିନିଦିନିଆ ଜାତୀୟ ମିଡିଆ ସମାବେଶ ଅନୁଷ୍ଠିତ ହେବ। ଏହି ସମାବେଶରେ କେନ୍ଦ୍ର ଓ ରାଜ୍ୟର ମନ୍ତ୍ରୀ ଏବଂ ଏମ୍‌ପିଙ୍କ ସମେତ ଭାରତବର୍ଷର ବିଶିଷ୍ଟ ସାମ୍ବାଦିକ ଓ ସ୍ତମ୍ଭକାର ଯୋଗଦେବେ ବୋଲି ଜଣାଯାଇଛି। ଫାଉଣ୍ଡେଶନର ରାଜ୍ୟ ଉପସଭାପତି ତଥା ସ୍ତମ୍ଭକାର ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ ପୁରୀ ଚୈତନ୍ୟବିହାର ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଫାଉଣ୍ଡେଶନର କେନ୍ଦ୍ର ସଭାପତି ରାଜେନ୍ଦ୍ର ଜୈନ ଦେଶରେ କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା, ପେନ୍‌ସନ ବୀମା ବୃଦ୍ଧି ସମେତ ସେମାନଙ୍କ ବିକାଶ ଉପରେ ଆଲୋଚନା କରାଯାଇ କେନ୍ଦ୍ର ସରକାରଙ୍କ ସହ ବିଚାରବିମର୍ଶ କରାଯିବ ବୋଲି ପ୍ରକାଶ କରିଛନ୍ତି।

ଏହି ଅବସରରେ ଓଡ଼ିଶାର ଚଳଚ୍ଚିତ୍ର, ଶ୍ରୀଜଗନ୍ନାଥ ସଂସ୍କୃତି, ସମାଜସେବା, ଶିଳ୍ପ ବିକାଶ, ସାହିତ୍ୟ, ଆଇନ ସୁରକ୍ଷା ଆଦି କ୍ଷେତ୍ରରେ ୧୦ଜଣ ବ୍ୟକ୍ତିତ୍ୱଙ୍କୁ ଜାତୀୟ ମିଡିଆ ଆୱାର୍ଡ ପ୍ରଦାନ କରାଯିବା ସହ ଏକ ରଙ୍ଗିନ ମାଗାଜିନ୍ ଉନ୍ମୋଚନ ହେବ ବୋଲି ଉତ୍ସବ କମିଟି ଅଧ୍ୟକ୍ଷ ମଧୁସୂଦନ ମିଶ୍ର ସୂଚନା ଦେଇଛନ୍ତି। ଫେଡେରେଶନ୍‌ର ଜାତୀୟ ସମ୍ପାଦକ ସମୀର ସିଂ ଓ ପୂର୍ବାଞ୍ଚଳ ସଭାପତି ରଶ୍ମିରଞ୍ଜନ ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜାତୀୟ ପ୍ରବକ୍ତା ଶିବଶଙ୍କର ଶର୍ମା, ସାମ୍ବାଦିକ ବିଶ୍ୱନାଥ ମିଶ୍ର, ଦେବ କୁମାର ମିଶ୍ର, ରଞ୍ଜନ ସାହୁ, ରାଜେନ୍ଦ୍ର ମିଶ୍ର, ଶିବରାମ ପ୍ରଧାନ, ସୌମ୍ୟରଞ୍ଜନ ପାତ୍ର, ଗଙ୍ଗା ନାରାୟଣ ନନ୍ଦ, ଗୋବିନ୍ଦ ପାତ୍ର, କେଦାର ମହାପାତ୍ର, ହୃଷୀକେଶ ପ୍ରଧାନ, ଦୁର୍ଗା ତ୍ରିପାଠୀ, ଅନିଲ ସାହୁ, ମାନସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଚିଲିକାରେ ନୌକାୟନ ଅଭିଯାନ

**ବାଲୁଗାଁ,୧୬।୧୦(ସଂଗ୍ରାମ ପାଇକରାୟ)**

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଓଡ଼ିଶା ନିର୍ଦ୍ଦେଶାଳୟ ପକ୍ଷରୁ ୩ ଓଡ଼ିଶା ନାଭାଲ ୟୁନିଟ୍ ଏନ୍‌ସିସି କଟକ ନେତୃତ୍ୱରେ ଆଇଏନ୍‌ଏସ୍ ଚିଲିକାରେ ବୁଧବାର ନୌକାୟନ ଅଭିଯାନର ଶୁଭାରମ୍ଭ ହୋଇଛି। ଏହାକୁ କମାଣ୍ଡିଂ ଅଫିସର ଆଇଏନ୍‌ଏସ୍ ଚିଲିକା କୋମୋଡୋର୍ ବି. ଦୀପକ ଅନିଲ ଉଦ୍‌ଘାଟନ କରିଥିଲେ। ଏହି ନୌକାୟନ ଅଭିଯାନ ଦଶଦିନ ଧରି ଚାଲିବ। ମୋଟ ୬୦ଜଣ କ୍ୟାଡେଟ୍



ନୌକାୟନରେ ସାମିଲ ହୋଇଥିବା ବେଳେ ଚିଲିକାରେ ୨୧୦କିମି ଅତିକ୍ରମ କରିବାର କାର୍ଯ୍ୟସୂଚୀ ରହିଛି। ଏଥିସହ କ୍ୟାଡେଟ୍‌ମାନେ ବିଭିନ୍ନ ସାମାଜିକ ସେବା କାର୍ଯ୍ୟକ୍ରମରେ ଭାଗନେବେ। କ୍ୟାଡେଟ୍‌ମାନଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ ଏଂ ଅନୁଶାସନ ଭାବନା ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। କ୍ୟାମ୍ପ୍ କମାଣ୍ଡାଣ୍ଟ କମାଣ୍ଡର ସୁଶାନ୍ତ କୁମାର ମହାନ୍ତି, ସୁରକ୍ଷା ଅଧିକାରୀ କମାଣ୍ଡର ସୁଦୀପ କୁମାର ସାହୁ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ବର୍ଷବ୍ୟାପୀ ପାଳନ ହେବ ମହତାବଙ୍କ ୧୨୫ତମ ଜୟନ୍ତୀ

**ଭୁବନେଶ୍ୱର,୧୬।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

- ଭଦ୍ରକ ଆଗରପଡ଼ା ହେବ ଆଦର୍ଶ ଗ୍ରାମ
- ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ନେଇ ୧୦ଜଣିଆ କମିଟି ଗଠିତ

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ଜନନାୟକ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଆସନ୍ତା ନଭେମ୍ବର ୨୧ରୁ ବର୍ଷବ୍ୟାପୀ ପାଳନ ହେବ। ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହିତ ତାଙ୍କ ଜନ୍ମମାଟି ଭଦ୍ରକ ଜିଲାର ଆଗରପଡ଼ା ଗ୍ରାମକୁ ଆଦର୍ଶ ଗ୍ରାମ ଭାବରେ ଘୋଷଣା କରାଯାଇଥିବାବେଳେ ଉକ୍ତ ଗାଁରେ ତାଙ୍କ ନାଁରେ ଏକ ସ୍ମାରକୀ ପ୍ରତିଷ୍ଠା ନିମନ୍ତେ ସରକାରଙ୍କ ଅନୁମୋଦନ ମିଳିଛି। ଡ. ମହତାବଙ୍କ ଜୟନ୍ତୀ ପାଳନ ଓ ଜନ୍ମସ୍ଥାନ ସ୍ମାରକୀ ଏବଂ ସ୍ମୃତି ସଂଗ୍ରହାଳୟ ପ୍ରତିଷ୍ଠା ତଥା ପରିଚାଳନା ପାଇଁ ସରକାରଙ୍କ ଅନୁମୋଦନକ୍ରମେ ଏକ ୧୦ ଜଣିଆ କମିଟି ଗଢ଼ାହୋଇଛି। କମିଟିରେ ମୁଖ୍ୟ ପୃଷ୍ଠପୋଷକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରହିଥିବାବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଧ୍ୟକ୍ଷ ରହିଛନ୍ତି। ଏଥିସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଏକାମ୍ର ବିଧାୟକ ବାବୁ ସିଂ, ଭାରତ ସରକାରଙ୍କ ଜାତୀୟ କୀର୍ତ୍ତିରାଜି ପ୍ରାଧିକରଣ ଅଧ୍ୟକ୍ଷ ପ୍ରଫେସର କେ.କେ. ବାସା, ଡ. ହରେକୃଷ୍ଣ ମହତାବ ସଂସାଧନ କେନ୍ଦ୍ରର ସମ୍ପାଦକ ପ୍ରଫେସର ଉପେନ୍ଦ୍ର ପ୍ରସାଦ ପାଢ଼ୀ, ଭାରତୀୟ ଜାତୀୟ କଂଗ୍ରେସ ଓ ବିଜୁ ଜନତା ଦଳର ପ୍ରତିନିଧି ଏହି କମିଟିରେ ରହିଛନ୍ତି। ଏନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି।

# ଏଥର ବାଲିଯାତ୍ରାର ଆକର୍ଷଣ 'ଡ୍ରୋନ୍ ଶୋ'

### ୩ ଦିନ ବଲିଉଡ୍ ନାଇଟ୍‌ରେ ଝୁମିବେ ଦର୍ଶକ

- ଭଜନରୁ ଆରମ୍ଭ ହେବ ଉଦ୍‌ଘାଟନୀ ସନ୍ଧ୍ୟା
- କଟକ-ଇନ୍-କଟକରେ ଓଡ଼ିଆ ସିନେମା ପ୍ରଦର୍ଶନ





ଖବରଦାତା ସମ୍ମିଳନୀରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ସମେତ ଅନ୍ୟମାନେ।

**କଟକ,୧୬।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

ଚଳିତବର୍ଷ ନଭେମ୍ବର ୧୫ରୁ କଟକ ବାଲିଯାତ୍ରା ଆରମ୍ଭ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଗୁରୁତ୍ୱ ଦେଇଛନ୍ତି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ କହିଛନ୍ତି, ବାଲିଯାତ୍ରା ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ବାଲିଯାତ୍ରାର ଶୁଭାରମ୍ଭ ଭଜନରୁ କରାଯିବ। ପ୍ରଥମ ଦିନରେ ବଲିଉଡ୍ କଣ୍ଠଶିଳ୍ପୀ ଅନୁପ୍ ଜଲୋଟା ଏବଂ ଓଡ଼ିଆ କଣ୍ଠଶିଳ୍ପୀ ଭଜନ ପରିବେଷଣ କରିବେ। ବାଲିଯାତ୍ରାରେ ପ୍ରଥମଥର ପାଇଁ ଗୋଟିଏ ଦିନ ମହାନଦୀ ଉପରେ ଡ୍ରୋନ୍ ଶୋ' କରାଯିବ। ଏଥିରେ ୩୦୦ରୁ ୫୦୦ ଡ୍ରୋନ୍ ସାମିଲ ହେବ। ଆବଶ୍ୟକ ପଡ଼ିଲେ ଏହି ଶୋ'କୁ ଅଧିକ ଦିନ ବଢ଼ାଯିବ।

ବାଲିଯାତ୍ରାରେ ବଲିଉଡ୍ କଣ୍ଠଶିଳ୍ପୀ ସୋନୁ ନିଗମ୍, ସୁରେଶ ୱାଡେକର, ପୀୟୂଷ ମିଶ୍ରଙ୍କ ସଙ୍ଗୀତରେ ୩ ଦିନ ବଲିଉଡ୍ ନାଇଟ ମୁଖ୍ୟ ଆକର୍ଷଣ ପାଲଟିବ। ଏଥିସହ ହମ୍‌ସୁଫି ବ୍ୟାଣ୍ଡ୍ ସଙ୍ଗୀତ ପରିବେଷଣ କରିବ। ସେହିପରି ଲେଜର୍ ଶୋ' ଓ ସବୁଜ ବାଣ ପ୍ରଦର୍ଶନ କରାଯିବ। କଟକ-ଇନ୍-କଟକ ପରିସରରେ ଓଡ଼ିଆ ଚଳଚ୍ଚିତ୍ର କିପରି ଭାବେ ଆରମ୍ଭ ହୋଇଥିଲା ଏବଂ ଏହା କିପରି ଭାବେ କାର୍ଯ୍ୟ କରୁଛି ଓ ଓଡ଼ିଆ ଅସ୍ମିତାକୁ କିପରି ଭାବେ ଉଜ୍ଜୀବିତ କରୁଛି ତାହା ପ୍ରଦର୍ଶନ କରାଯିବ। ଏଥିସହ ସେଠାରେ ପୁସ୍ତକ ମେଳା ଆୟୋଜନ କରାଯିବ। ବାଲିଯାତ୍ରାକୁ ନେଇ ମ୍ୟୁଜିକ୍ ଭିଡିଓ ତିଆରି କରାଯାଉଛି ଏବଂ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏହାକୁ ରିଲିଜ୍ କରାଯିବ। ବାଲିଯାତ୍ରାର ଉପର ଓ ତଳ ପଡ଼ିଆରେ ମୋଟ୍ ୧୨୦୦ ଷ୍ଟଲ ନିର୍ମାଣ କରାଯିବ। ବାଲିଯାତ୍ରାରେ ନିଲାମ ପ୍ରକ୍ରିୟା ମାଧ୍ୟମରେ ବ୍ୟବସାୟୀଙ୍କୁ ପ୍ଲଟ୍ ଆବଣ୍ଟନ କରାଯିବ। ଆବେଦନକାରୀମାନେ Cuttack. odisha.gov.in ୱେବ୍‌ସାଇଟ୍‌କୁ ଯାଇ ନିଲାମର ସମ୍ପୂର୍ଣ୍ଣ ବିବରଣୀ ପାଇପାରିବେ। ଅକ୍ଟୋବର ୧୫ରୁ ୨୫ ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପ୍ଲଟ୍ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିବ। ସ୍ଥାନୀୟ ବାରବାଟୀ ପ୍ୟାଲେସ୍‌ଠାରେ ପ୍ଲଟ୍ ପଞ୍ଜୀକରଣ ବ୍ୟବସ୍ଥା କରାଯାଉଛି। ୨୯ ତାରିଖରୁ ନିଲାମ ପ୍ରକ୍ରିୟା କରାଯିବ। ବ୍ୟବସାୟୀ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍‌ରେ ପ୍ଲଟ୍ ପଞ୍ଜୀକରଣ ପାଇଁ ଆବେଦନପତ୍ର ପାଇପାରିବେ। ଏଥିପାଇଁ ବ୍ୟବସାୟୀଙ୍କୁ ୧୦୦ ଟଙ୍କା ଦେୟ ଦେବାକୁ ପଡିବ। ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ ପରେ ଏହି ଆବେଦନ ପତ୍ରକୁ ବାରବାଟୀ ପ୍ୟାଲେସ୍‌ଠାରେ ଦାଖଲ କରିବାକୁ ପଡ଼ିବ। ଜଣେ ବ୍ୟକ୍ତି/ଅନୁଷ୍ଠାନ ସର୍ବାଧିକ ୩ଟି ପ୍ଲଟ୍ ପାଇଁ ଆବେଦନ କରିପାରିବେ। ପ୍ଲଟ୍‌ର ପରିମାଣ ୧୦୦୦ ବର୍ଗଫୁଟରୁ କମ୍ ହେବା ବାଧ୍ୟତାମୂଳକ। ପ୍ରତି ପ୍ଲଟ୍ ପାଇଁ ପଞ୍ଜୀକରଣ ବାବଦକୁ ବ୍ୟବସାୟୀଙ୍କୁ ୫୦୦୦ ଟଙ୍କା ଦେବାକୁ ପଡ଼ିବ। ଯଦି କୌଣସି ନିର୍ଦ୍ଦିଷ୍ଟ ପ୍ଲଟ୍ ପାଇଁ ଏକାଧିକ ବ୍ୟକ୍ତି ଆବେଦନ କରନ୍ତି, ତା'ହେଲେ ସେହି ପ୍ଲଟ୍‌ର ଆବଣ୍ଟନ ନିଲାମ ମାଧ୍ୟମରେ କରାଯିବ। ନିଲାମ ସରିବାର ୨ଦିନ ମଧ୍ୟରେ ନିଲାମଧାରୀ ଧାର୍ଯ୍ୟ ରାଶି ଦାଖଲ କରିବେ, ନଚେତ୍ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରାଯାଇ ପଞ୍ଜୀକରଣ ରାଶି ବାଜ୍ୟାପ୍ତି ସହ ପରବର୍ତ୍ତୀ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ। କୌଣସି ପ୍ଲଟ୍ ପାଇଁ ଏକମାତ୍ର ଆବେଦନକାରୀ ଥିଲେ ତାହାକୁ ସ୍ୱତନ୍ତ୍ର ଭାବେ ନିଲାମ କରାଯିବ। ନିଲାମ ପ୍ରକ୍ରିୟା ସର୍ବନିମ୍ନ ବର୍ଗଫୁଟ ପିଛା ୫୦ ଟଙ୍କାରୁ ଆରମ୍ଭ କରାଯିବ। ବାଲିଯାତ୍ରା ତଳ ପଡ଼ିଆର ପ୍ରତ୍ୟେକ ବ୍ଲକ୍‌ର କୋଣ ଷ୍ଟଲର ନିଲାମ ପ୍ରକ୍ରିୟା ସର୍ବନିମ୍ନ ୬୦ ଟଙ୍କା ପ୍ରତି ବର୍ଗଫୁଟ ହିସାବରେ କରାଯିବ। ସେହିଭଳି ଦୋଳି ଓ ଅନ୍ୟାନ୍ୟ ଖେଳ ନିମନ୍ତେ ସର୍ବନିମ୍ନ ପଞ୍ଜୀକରଣ ୫୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଉପରୋକ୍ତ ସମସ୍ତ ନିୟମାବଳୀ ସହ ଦୋଳି ଓ ଅନ୍ୟାନ୍ୟ ଖେଳର ନିଲାମ ପ୍ରତି ବର୍ଗଫୁଟ ପିଛା ୪୦ ଟଙ୍କା ହିସାବରେ କରାଯିବ। ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ବାରବାଟୀ ପ୍ୟାଲେସ୍‌ରେ ନିଲାମ ପ୍ରକ୍ରିୟା କରାଯିବ। ସେହିପରି ଉଠା ଦୋକାନୀଙ୍କୁ ପଞ୍ଜୀକରଣ ଏବଂ ବ୍ୟବସାୟ ପାଇଁ ଅନୁମତି ପ୍ରାପ୍ତି ନିମନ୍ତେ ୧୦୦୦ ଟଙ୍କା ଜମା କରିବାକୁ ପଡ଼ିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏହି ଅବସରରେ ବାଲିଯାତ୍ରା ଲୋଗୋ ସହ ସୋସିଆଲ ମିଡିଆ ହ୍ୟାଣ୍ଡଲର ଉନ୍ମୋଚନ କରାଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର, ଅତିରିକ୍ତ ଡିସିପି ଦେବଦତ୍ତ କର, ଅତିରିକ୍ତ ଜିଲାପାଳ ଶିବ ଟପୋ, ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତି, କଟକ ସଦର ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନିରଞ୍ଜନ



@ ପିଣ୍ଟୁ



@ ଭଗବାନ୍



@ ଦୀପାଞ୍ଜଳି



@ ସୌମ୍ୟାଶ୍ରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁରୀ ସହରରେ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ସିସିଟିଭି

**ପୁରୀ,୧୬।୧୦(ଅଜିତ୍ କୁମାର ମହାନ୍ତି)**

ପୁରୀ ପାଇଁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ସିସିଟିଭି। ଏହି ସିସିଟିଭି ପ୍ରକଳ୍ପ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି। ସହରର ବିଭିନ୍ନ ପ୍ରବେଶ ପଥ ଯଥା ସମଙ୍ଗ, ମାଳତୀପାଟପୁର, ମଙ୍ଗଳାଘାଟ ଆଦି ପ୍ରବେଶ ପଥରେ ପୋର୍ଟେବୁଲ ନେଟୱର୍କ ଓ ଅପ୍ଟିକାଲ ଫାଇବର ଥିବା ୬୦୦ରୁ ଊର୍ଦ୍ଧ୍ୱ ସିସିଟିଭି କ୍ୟାମେରା ଲଗାଯିବ। ଏହାର କମାଣ୍ଡ କଣ୍ଟ୍ରୋଲ ସେଟ୍‌ଅପ ରହିବ, ଯାହା ଦ୍ୱାରା ସବୁ ବିଭାଗ ନିଜ କାର୍ଯ୍ୟ କରିପାରିବେ।

ପୁରୀ-କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ପାଇଁ ମଧ ସମନ୍ୱିତ ଯୋଜନା ପ୍ରସ୍ତୁତ କରାଯାଉଛି। ଶ୍ରୀମନ୍ଦିର ଭିତର ଓ ବାହାର କାଠ ନିକଟରେ ଦର୍ଶନ ନିୟନ୍ତ୍ରିତ କରିବାକୁ ସିସିଟିଭି କ୍ୟାମେରା ଲାଗିଛି। ଏଥିସହ ଶ୍ରୀମନ୍ଦିର ଭିତରେ ଓ ବାହାରେ ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥ, ନାଟମଣ୍ଡପରେ ସିସିଟିଭି କ୍ୟାମେରା ଲାଗିବାକୁ ଟେଣ୍ଡର ଆହ୍ୱାନ କରାଯାଇଛି। ପୁରୀ ସହରକୁ ଜଗିବ ସିସିଟିଭି। ସିସିଟିଭି ନଜରରେ ରହିବ ପୁରୀ ସହର। ହାଇଲେବୁଲ ସିସିଟିଭି ସର୍ଭେଲାନ୍ସରେ ରହିବ ସହର। କମାଣ୍ଡ ଏବଂ କଣ୍ଟ୍ରୋଲ୍ ରୁମ ସହିତ ଯୋଡ଼ିହେବ ସମସ୍ତ ସିସିଟିଭି। ମହାବାତ୍ୟା ଫନିରେ ଅଚଳ ହୋଇଥିଲା ସହରର ସମସ୍ତ ସିସିଟିଭି। ଓବିସିସି ମାଧ୍ୟମରେ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା ଜିଲାପାଳ କହିଛନ୍ତି। ସହରକୁ ଅପରାଧମୁକ୍ତ, ସୁରକ୍ଷିତ ଓ ଟ୍ରାଫିକ ସୁପରିଚାଳନା ପାଇଁ ସିସିଟିଭି ଲଗାଇବା ପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ ହୋଇଛି। ଶ୍ରୀମନ୍ଦିର, ବଡ଼ଦାଣ୍ଡ, ସମୁଦ୍ରକୂଳ, ପୁରୀର ପ୍ରବେଶପଥ, ସାହି ଗଳିକନ୍ଦିକୁ ଜଗିବ ସିସିଟିଭି।

## କୁଆଁର ପୁନେଇଁ ଜହ୍ନ ଗୋ....



ବୁଧବାର ସନ୍ଧ୍ୟାରେ ଲକ୍ଷ୍ମୀସାଗର ଅଞ୍ଚଳରେ ଚଉଁରାମୂଳରେ ଚାନ୍ଦ ପୂଜା କରାଯାଉଛି। (ଫଟୋ- ବିକାଶ ନାୟକ)

# ଭିଙ୍ଗାରପୁର ଭସାଣିରେ ୭ ମେଢ଼

ବାଲିଅନ୍ତା,୧୬।୧୦(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକର ଭିଙ୍ଗାରପୁରର ପୁରାତନ ଦୁର୍ଗାପୂଜାର ଭସାଣି ଶୋଭାଯାତ୍ରା ବୁଧବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାଦେବ ସାହିର ମହାବୀର ପୂଜା କମିଟି, ଜାର ସାହିର ମହାବୀର ପୂଜା କମିଟି, ମୁଦୁଲି ସାହିର ଲକ୍ଷ୍ମୀ ନାରାୟଣ ପୂଜା କମିଟି, ମହାଦେବ ପୂଜା କମିଟି, ବଣିଆ ସାହିର ଲକ୍ଷ୍ମୀ ନାରାୟଣ ପୂଜା କମିଟି ଓ ମା' ଦୁର୍ଗା ପୂଜା କମିଟି ଭିଙ୍ଗାରପୁର ଆଦି ୭ଟି ମେଢ଼କୁ ନେଇ ଭସାଣି ଉତ୍ସବ ଆୟୋଜିତ ହୋଇଥିଲା। ଭସାଣି ଶୋଭାଯାତ୍ରାରେ ହନୁମାନ, ଶିବପାର୍ବତୀ, ବିଷ୍ଣୁ, ରାମ ଲକ୍ଷ୍ମଣ, ସୀତା, ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ବିଭିନ୍ନ ଦେବଦେବୀଙ୍କ ମେଢ଼ ଭିଙ୍ଗାରପୁର ବଜାର ଛକସ୍ଥିତ ମା' ଦୁର୍ଗାଙ୍କ ମଣ୍ଡପ ସମ୍ମୁଖରେ ଏକତ୍ର ହୋଇଥିଲେ। ସବୁ ଦେବଦେବୀଙ୍କୁ ଶୋଭାଯାତ୍ରାର ଆଗରେ ପଠାଇ ଏକମାତ୍ର ମା' ଦୁର୍ଗାଙ୍କ ପ୍ରତିମା ସବୁଠୁ ଶେଷରେ ମେଲାଣି ନେଇଥାନ୍ତି। ସେଠାରୁ ସମସ୍ତ ମେଢ଼ ବିଭିନ୍ନ ସାହି ଅତିକ୍ରମ କରି ପଞ୍ଚାୟତ ଅଫିସ ଛକ ମା' ଥାନପତି, କୈବର୍ତ୍ତ ସାହି ଓ ଚୈାଧୁରୀ ସାହି ଦେଇ କୁଶଭଦ୍ରା ନଦୀ କୂଳରେ ନିର୍ମିତ ଅସ୍ଥାୟୀ ପୋଖରୀକୁ ନିଆଯାଇ ବିସର୍ଜନ କରାଯାଇଥିଲା। ପାରମ୍ପରିକ ବାଦ୍ୟର ତାଳେ ତାଳେ ଭସାଣି ଶୋଭାଯାତ୍ରା କରାଯାଇଥିଲା। ଚଳିତବର୍ଷ ଏହି ସାମୂହିକ ଭସାଣି ଉତ୍ସବରେ ରାମଚନ୍ଦ୍ରପୁର ପୂଜା କମିଟି ସାମିଲ ହୋଇ ନ ଥିଲା। ଭସାଣି ଉତ୍ସବରେ ବାଲିଅନ୍ତା ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦ ଜଣ ଅଫିସରଙ୍କ ସମେତ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଭିଙ୍ଗାରପୁର ସରପଞ୍ଚ ହୃଷୀକେଶ ବେହେରାଙ୍କ ମୁଖ୍ୟ ପରିଚାଳନାରେ ଓ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କ ସହଯୋଗରେ ଭସାଣି ଉତ୍ସବ ପରିଚାଳିତ ହୋଇଥିଲା।





## ନଭେମ୍ବର ୧୫ରୁ ଚୁଡଙ୍ଗଗଡ଼ ମହୋତ୍ସବ

ବାରଙ୍ଗ,୧୬।୧୦(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ବାରଙ୍ଗ ଗଡେଇକୁଦ ନିକଟସ୍ଥ ଚୁଡଙ୍ଗଗଡ଼ର ଅଧିଷ୍ଠାତ୍ରୀ ଦେବୀ ସାରଙ୍ଗେଇ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହୋତ୍ସବ କମିଟି ମୁଖ୍ୟ ଉପଦେଷ୍ଟା ବସନ୍ତ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ସଭାପତି ତୃଷାରକାନ୍ତ ଚକ୍ରବର୍ତ୍ତୀ ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ-୨୦୨୪ର ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଚଳିତବର୍ଷ ନଭେମ୍ବର ୧୫ରୁ ୧୮ ପର୍ଯ୍ୟନ୍ତ ସପ୍ତମ ବାର୍ଷିକ ସମାରୋହ ଆୟୋଜିତ ହେବାକୁ ଯାଉଛି। ଏହି ମହୋତ୍ସବ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରଭାତ ସମୟରେ ପୌରାଣିକ ତଥ୍ୟ ଅନୁଯାୟୀ ପୁଣ୍ୟତୋୟା ପ୍ରାଚୀ ନଦୀରେ ତଥା ପୁରୀ ମୁଖ୍ୟକେନାଲରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ କରାଯିବ। ପରେ ସନ୍ଧ୍ୟା ୬ଟାବେଳେ ମହୋତ୍ସବ ସମାରୋହର ମଞ୍ଚ ଉଦ୍‌ଘାଟନ କରାଯିବ। ମହୋତ୍ସବର ବିଭିନ୍ନ ରାତିରେ ରାଜ୍ୟର ବିଭିନ୍ନ ରାଜନୈତିକ ବ୍ୟକ୍ତି, ଐତିହାସିକ, ଦାର୍ଶନିକ, ପରିବେଶବିତ୍‌ମାନେ ଅତିଥି ଭାବେ ଉପସ୍ଥିତ ରହିବେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ରାଜ୍ୟର ସୁପ୍ରତିଷ୍ଠିତ ପାଇକ ସମରଶଯ୍ୟା, ସମ୍ବଲପୁରୀ, ଛଉ ଆଦି ବିଭିନ୍ନ ଲୋକକଳା ନୃତ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବୈଠକରେ ଭୂପତି ଭୂଷଣ ପାଣି, ସୁନିଲ ସିଂ, ଅମରେନ୍ଦ୍ର ମହାପାତ୍ର, କୃଷ୍ଣଚନ୍ଦ୍ର ନାୟକ, ବସନ୍ତ ପାଣି, କୃଷ୍ଣଚନ୍ଦ୍ର ମଲ୍ଲିକ, ରାମଚନ୍ଦ୍ର ଦାସ, ଦିପକ ସାଇଁ, ସୁନିଲ ସାଇଁ, ପ୍ରମୋଦ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।



କଳାକୁଞ୍ଜ ମହୋତ୍ସବରେ ଅତିଥିଙ୍କ ସହ ସମ୍ମାନିତ ୩ ଗୁରୁ ଓ ଅନ୍ୟମାନେ।

# ୩ ଗୁରୁଙ୍କୁ କଳାକୁଞ୍ଜ ସମ୍ମାନ

### ମନ୍ତ୍ରମୁଗ୍ଧ କଲା ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ

ଭୁବନେଶ୍ୱର,୧୬।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ଶ୍ରୀରାଧା କଳାକୁଞ୍ଜ ଟ୍ରଷ୍ଟ ପକ୍ଷରୁ କଳାକୁଞ୍ଜ ମହୋତ୍ସବ ବୁଧବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଓଡ଼ିଶୀ ନୃତ୍ୟଗୁରୁ ଡ. ମନୋରଞ୍ଜନ ପ୍ରଧାନ ଓ ଗୁରୁ ମିନତି ପ୍ରଧାନ ଏହି ପ୍ରୟାସ କରିଛନ୍ତି। କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ବିଶିଷ୍ଟ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, ମର୍ଦ୍ଦଳଗୁରୁ ଧନେଶ୍ୱର ସ୍ୱାଇଁ, ଡ. ଗୀତାରାଣୀ ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ 'କଳାକୁଞ୍ଜ ନୃତ୍ୟଶ୍ରୀ ସମ୍ମାନ' ଓ ଡ. ସଙ୍ଗୀତା ଗୋସାଇଁଙ୍କୁ 'କଳାକୁଞ୍ଜ ଗାୟକ ଶ୍ରୀ ସମ୍ମାନ' ଏବଂ ଗୁରୁ ପ୍ରଫୁଲ୍ଲ କୁମାର ବଳଙ୍କୁ 'କଳାକୁଞ୍ଜ ବାଦ୍ୟଶ୍ରୀ ସମ୍ମାନ' ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିଳ୍ପୀମାନେ ଅଷ୍ଟଲକ୍ଷ୍ମୀ ବନ୍ଦନା, ଓଡ଼ିଶୀ ମଙ୍ଗଳା ଚରଣ, ସ୍ଥାୟୀନୃତ୍ୟ, ବସନ୍ତ ପଲ୍ଲବୀ, ନବଦୁର୍ଗା, ପଞ୍ଚଦେବ ସ୍ତୁତି ସହ ବୃନ୍ଦ ତବଲା ବାଦନ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଜ୍ଞାନଚାନ୍ଦ ସାଗରଙ୍କ ମଞ୍ଚ ସଂଯୋଜନା ଓ ଗୁରୁ ମନୋରଞ୍ଜନ ପ୍ରଧାନଙ୍କ ସଂଯୋଜିତ ଏହି ନୃତ୍ୟ ଉପସ୍ଥିତ ଦର୍ଶକ ଓ ଅତିଥିଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଗୁରୁ ମିନତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଅନୁଷ୍ଠାନର ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ୨ ମୋବାଇଲ ଚୋରଙ୍କୁ ପୋଲିସ ଜିମା ଦେଲେ ସ୍ଥାନୀୟ ଲୋକେ

ବାରଙ୍ଗ,୧୬।୧୦(ଲିଙ୍ଗରାଜ ରାଉତ) ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତାର ପଦ୍ମନାଭ ନଗର ପାଖରୁ ୨ ମୋବାଇଲ ଚୋରଙ୍କୁ ସ୍ଥାନୀୟ ଲୋକେ ଧରି ଗୋଡ଼ିସାହି ଫାଣ୍ଡି ପୋଲିସକୁ ଜିମା ଦେଇଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ବିଦ୍ୟାଧରପୁର ଗ୍ରାମର ଲିଟୁ ପ୍ରଧାନ ଓ ନଖିଆ ସାହୁ। ପୋଲିସ ଏନେଇ ଏକ ମକଦ୍ଦମା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ବୁଧବାର ଅପରାହ୍ନ ୩ଟା ୩୦ ସମୟରେ ପଦ୍ମନାଭ ନଗର ବଜାର ଛକରେ ଉକ୍ତ ଗ୍ରାମର ଅଶୋକ ଦାସ ନିଜ ସ୍କୁଟିକୁ ଏକ ମିଠା ଦୋକାନ ଆଗରେ ରଖି କଥା ହେଉଥିଲେ। ଏହି ସମୟରେ ଲିଟୁ ଓ ନଖିଆ ଏକ ସ୍କୁଟିରେ ଆସି ଅଶୋକଙ୍କ ଗାଡ଼ିରେ ଥିବା ମୋବାଇଲକୁ ନେଇ କିଛି ଦୂରରେ ଯାଇ ଛିଡ଼ା ହୋଇଥିଲେ। କିଛି ସମୟ ପରେ ଅଶୋକ ମୋବାଇଲ ନ ପାଇ ଖୋଜାଖୋଜି କରିଥିଲେ। ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚରୁ ଲିଟୁ ଓ ନଖିଆ ମୋବାଇଲ ନେଇଥିବା ଜାଣିବା ପରେ ସେମାନଙ୍କୁ ସ୍ଥାନୀୟ ଲୋକେ ଧରି ପୋଲିସ ଜିମା ଦେଇଥିଲେ।

## ବାଇକ୍ ପୋଡ଼ିଦେଲେ ଦୁର୍ବୃତ୍ତ

ତ୍ରିଶୂଳିଆ,୧୬।୧୦(ତୁଷାରକାନ୍ତ ବେହେରା) ବାରଙ୍ଗ ଥାନା ଅଧୀନ ସାଧବାଣୀପୁର ଗ୍ରାମରେ ମଙ୍ଗଳବାର ରାତିରେ କେତେଜଣ ଦୁର୍ବୃତ୍ତ ଏକ ବାଇକ୍ ପୋଡ଼ି ଦେଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ରାମଦାସପୁର ଗ୍ରାମ ପଞ୍ଚାୟତ ଅଧୀନ ସାଧବାଣୀପୁର ଗ୍ରାମର ଗୋବିନ୍ଦ ବେହେରା ମଙ୍ଗଳବାର ରାତିରେ ଘର ଆଗରେ ନିଜର ବାଇକ୍(ଓଡି ୦୫ ବିସି ୮୩୪୭) ରଖି ଘରେ ଶୋଇଥିଲେ। ରାତି ପ୍ରାୟ ୧୧ଟା ୩୦ ବେଳକୁ ହଠାତ୍ କେତେଜଣ ଦୁର୍ବୃତ୍ତ ଆସି ଉକ୍ତ ବାଇକ୍‌ରେ ନିଆଁ ଲଗାଇ ଦେଇଥିଲେ। ଟାୟାର ଫାଟିବା ଶବ୍ଦ ଶୁଣି ଗୋବିନ୍ଦଙ୍କ ଭାଇ ଉଠିବା ବେଳକୁ ବାଇକ୍ ଜଳୁଥିବା ଦେଖିଥିଲେ। ସେ ସଙ୍ଗେ ସଙ୍ଗେ ଗୋବିନ୍ଦଙ୍କୁ ଡାକିବା ସହ ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଗାଡ଼ିର ଅଧା ଅଂଶ ଜଳି ଯାଇଥିଲା। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ଗଜଲକ୍ଷ୍ମୀ ପୂଜା ପାଇଁ ଗାଁରେ ଉତ୍ସବ



ବାରଙ୍ଗ,୧୬।୧୦(ଲିଙ୍ଗରାଜ ରାଉତ)

ବାରଙ୍ଗ ଓ ଏହାର ଆଖପାଖ ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ଅନୁଷ୍ଠିତ ହେଉଛି। ବ୍ରାହ୍ମଣୀଗାଁରେ ଚାଲିଥିବା ଚଳିତବର୍ଷର ୧୯ତମ ବାର୍ଷିକ ମା' ଗଜଲକ୍ଷ୍ମୀ ପୂଜାକୁ ନେଇ ଗ୍ରାମବାସୀ ବେଶ୍ ଉତ୍ସାହିତ ଅଛନ୍ତି। ୫ ଦିନ ବ୍ୟାପୀ ହେଉଥିବା ଏହି ପୂଜାରେ ପୂଜା ମଣ୍ଡପ ନିକଟରେ ପ୍ରତ୍ୟେକ ଦିନ ପ୍ରସାଦସେବନ ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଉଛି। ଏହାସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବା ନେଇ କମିଟି ପକ୍ଷରୁ ଯୋଜନା ହୋଇଛି। ସେହିଭଳି ନନ୍ଦନକାନନ ଲକ୍ଷ୍ମୀଦେବୀ ବଣିକ ସଂଘ ସଭାପତି ସନ୍ତୋଷ ରାଉତଙ୍କ ତତ୍ତ୍ୱାବଧାନରେ ଚଳିତବର୍ଷ ଲକ୍ଷ୍ମୀ ପୂଜା ୨୧ବର୍ଷରେ ପଦାର୍ପଣ କରିଛି। ରଘୁନାଥପୁର ଫୁଲଗଛ ସାହି, ଇଞ୍ଚଣା, ଦାଢା, କଲ୍ୟାଣପୁର, ବରିମୁଣ୍ଡ ଓ ଚନ୍ଦକା ଅଞ୍ଚଳରେ ଲକ୍ଷ୍ମୀ ପୂଜା ମହାସମାରୋହର ସହ ଚାଲିଥିବା ଦେଖିବାକୁ ମିଳିଛି।

## ଟ୍ରାକ୍ ନିରାପତ୍ତା ବୃଦ୍ଧି ପାଇଁ ରେଳ ଗ୍ରାଇଣ୍ଡିଂ ମେଶିନ ନିୟୋଜନ

ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)

ରେଳ ଟ୍ରାକ୍‌ଗୁଡିକର ନିରାପତ୍ତା ବୃଦ୍ଧି ତଥା ରକ୍ଷଣାବେକ୍ଷଣକୁ ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ଅତ୍ୟାଧୁନିକ ୯୬-ଷ୍ଟୋନ୍(ଆର୍‌ଜିଆଇ୯୬-୫) ରେଳ ଗ୍ରାଇଣ୍ଡିଂ ମେଶିନ ନିୟୋଜନ କରିଛି। କାର୍ଯ୍ୟକ୍ଷମ କରାଯାଇଥିବା ଏହି ମେଶିନ ରକ୍ଷଣାବେକ୍ଷଣ କ୍ଷେତ୍ରରେ ରେଳ ଟ୍ରାକ୍‌ର ଗୁଣବତ୍ତା ବୃଦ୍ଧି କରିବାରେ ସହାୟକ ହେଉଛି। ଆର୍‌ଜିଆଇ୯୬-୫ରେ ୮ଟି କୋଚ୍ ଉପଲବ୍ଧ ଥିବାବେଳେ ଏହାର ଦୈର୍ଘ୍ୟ ୧୬୫ ମିଟର ଓ ଏଥିରେ ୯୬ଟି ଗ୍ରାଇଣ୍ଡିଂ ପଥର (ପ୍ରତ୍ୟେକ ପାର୍ଶ୍ୱରେ ୪୮) ରହିଛି। ଏହା ଘଣ୍ଟା ପ୍ରତି ୨୨ କି.ମି. ବେଗରେ କାର୍ଯ୍ୟ କରିବାର କ୍ଷମତା ରହିଛି। ଟ୍ରାକ୍‌ର ବୃହତ୍ ଭାଗଗୁଡ଼ିକୁ ଦକ୍ଷତାର ସହିତ ଆଚ୍ଛାଦନ କରିବା ସହ ଡାଉନ୍‌ଟାଇମ୍ ହ୍ରାସ କରିବା ଏବଂ ଟ୍ରେନ କାର୍ଯ୍ୟରେ ବ୍ୟାଘାତକୁ କମ୍ କରିବାରେ ଏହା ସକ୍ଷମ ହେଉଛି। ପୂର୍ବରୁ ୱାଲଟିୟର ଏବଂ ସମ୍ବଲପୁର ରେଳ ମଣ୍ଡଳରେ ଏହି ମେଶିନକୁ ସଫଳତାର ସହ ନିୟୋଜିତ କରାଯାଇଥିବାବେଳେ ବର୍ତ୍ତମାନ ଓଡ଼ିଶାର ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳରେ ଏହାଦ୍ୱାରା ଟ୍ରାକଗୁଡିକର ଉନ୍ନତୀକରଣ କରାଯାଉଛି। ସୂଚନାଯୋଗ୍ୟ, ପୂର୍ବରୁ ଅର୍ଥାତ୍ ୨୦୨୩ ଜାନୁଆରୀରୁ ୨୦-ଷ୍ଟୋନ୍ ସ୍ପେଶାଲିଟି ରେଳ ଗ୍ରାଇଣ୍ଡିଂ ମେଶିନ କାର୍ଯ୍ୟକାରୀ ହୋଇଆସୁଛି। ଏହି ମେଶିନ ସ୍ୱତନ୍ତ୍ର ଭାବରେ ଜଟିଳ ଟ୍ରାକ୍ ଉପାଦାନଗୁଡିକ ଯଥା ସୁଇଚ, କ୍ରସ୍‌ଓଭର ଏବଂ ଲେଭଲ କ୍ରସିଂଗୁଡିକ ପରିଚାଳନା କରିବା ପାଇଁ ଡିଜାଇନ୍ କରାଯାଇଛି।

## ବଲ୍ଲଭ ଡ୍ୟାନ୍ସ ଟ୍ରଷ୍ଟର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୬।୧୦(ଶର୍ମିଷ୍ଠା ପାଣିଗ୍ରାହୀ) - ବଲ୍ଲଭ ଡ୍ୟାନ୍ସ ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନିତ ଅତିଥି ଭାବେ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ସଚିବ ଉଷାରାଣୀ ଦାସ, ଓଏସ୍ଏନ୍‌ଏର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଶୁଭଶ୍ରୀ ମୁଖାର୍ଜୀ, ଟ୍ରଷ୍ଟ ଅଧ୍ୟକ୍ଷା ମମତା ଦାସ, ସମ୍ପାଦକ ସୁବାସ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ରୁଦ୍ରାକ୍ଷ ଫାଉଣ୍ଡେଶନ ଓ ବଲ୍ଲଭ ନୃତ୍ୟ ଡ୍ୟାନ୍ସ ଅନୁଷ୍ଠାନ ପକ୍ଷରୁ ସାବେରି ପଲ୍ଲବୀ, ଜୟ ଭଗବତୀ, ସମ୍ବଲପୁରୀ ନୃତ୍ୟ ମା' ସମଲେଇ, କୁମାର ପୂର୍ଣ୍ଣିମା ଜହ୍ନଲୋ, ରସୋ ଜାମୁଡାଳି ନୃତ୍ୟ ପରିବେଷଣ କରାଯାଇଥିଲା। ବିଶ୍ୱଜିତ ଦାସ ମଞ୍ଚ ପରିଚାଳନା କରିଥିଲେ।



ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ବୁଧବାର ଶଙ୍ଖଭବନରେ ଆୟୋଜିତ ରକ୍ତଦାନ ଶିବିରରେ ବିଜେଡି ନେତୃବୃନ୍ଦ।

# ଯୋଗ ମାଧ୍ୟମରେ ମେରୁଦଣ୍ଡକୁ ମଜଭୁତ କରିପାରିବା

### କେୟାର ହସ୍ପିଟାଲରେ ବିଶ୍ୱ ମେରୁଦଣ୍ଡ ଦିବସ

ଭୁବନେଶ୍ୱର,୧୬।୧୦ (ଅଭୟ ଦାଶ)

ଭୁବନେଶ୍ୱର କେୟାର ହସ୍ପିଟାଲ ପକ୍ଷରୁ ବୁଧବାର ବିଶ୍ୱ ମେରୁଦଣ୍ଡ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହସ୍ପିଟାଲ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବରିଷ୍ଠ ସ୍ନାୟୁଶଲ୍ୟ ବିଶେଷଜ୍ଞ ଡା. ଆତ୍ମାରଞ୍ଜନ ଦାଶ ମେରୁଦଣ୍ଡ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଥିବା ବିଭିନ୍ନ କାରଣ ବିଷୟରେ କହିବା ସହିତ ଆମେ କେଉଁ ସବୁ ଦିଗପ୍ରତି ଧ୍ୟାନ ଦେଲେ ଏକ ଯନ୍ତ୍ରଣାମୁକ୍ତ ଜୀବନ ଅତିବାହିତ କରିପାରିବା ସେ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ହସ୍ପିଟାଲର ବରିଷ୍ଠ ସ୍ନାୟୁଶଲ୍ୟ ବିଶେଷଜ୍ଞ ଡା. ସୁଶାନ୍ତ କୁମାର ଦାଶ, ଯୋଗ କିଭଳି ମେରୁଦଣ୍ଡ ସମସ୍ୟାର ଉପଚାର ହେବା ସହିତ ଏକ ଯନ୍ତ୍ରଣା ମୁକ୍ତ ଜୀବନ ପାଇଁ ସହାୟକ ହୋଇଥାଏ ସେ ସମ୍ପର୍କରେ ଆଲୋଚନା କରିଥିଲେ। ନିୟମିତ ଯୋଗ କରିବା ଫଳରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତଙ୍କ ମେରୁଦଣ୍ଡ କିଭଳି ସୁସ୍ଥ ଓ ନୀରୋଗ ରହିବ ସେ ସମ୍ପର୍କରେ କହିଥିଲେ। ସେହିଭଳି ହସ୍ପିଟାଲ ପରିସରରେ ଏକ ଯୋଗ ଶିବିରର ଆୟୋଜନ କରାଯାଇ ଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଅଂଶଗ୍ରହଣ କରିଥିଲେ। ଯୋଗ ମାଧ୍ୟମରେ ଆମେ କିଭଳି ନିଜ ମେରୁଦଣ୍ଡକୁ ସୁସ୍ଥ ଓ ମଜଭୁତ କରିପାରିବା ସେ ସମ୍ପର୍କରେ ହସ୍ପିଟାଲ ପକ୍ଷରୁ ସବୁ ବର୍ଗର ଲୋକଙ୍କୁ ସଚେତନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ସାଧାରଣ ଲୋକଙ୍କୁ ଏକ ସୁସ୍ଥ ମେରୁଦଣ୍ଡର ମହତ୍ତ୍ୱ ବିଷୟରେ ଅବଗତ କରାଇବା ସହ ବିଭିନ୍ନ ପ୍ରକାର ମେରୁଦଣ୍ଡ ରୋଗ ଓ ତା'ର ଚିକିତ୍ସା ପଦ୍ଧତି ବିଷୟରେ ଜଣାଇବା ପାଇଁ ଅକ୍ଟୋବର ୧୬କୁ ବିଶ୍ୱ ମେରୁଦଣ୍ଡ ଦିବସ ଭାବେ ପାଳନ କରାଯାଉଛି।



## ସଂକ୍ଷେପରେ

### ୨ ଚୋରା ବନ୍ଧୁକ ଜବତ, ଜଣେ ଗିରଫ

ବାଙ୍କୀ,୧୬।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଥାନା ଅନ୍ତର୍ଗତ ଭଗିପୁର ପଞ୍ଚାୟତ ଅଧୀନ ଗୟଲବାଙ୍କ ଜାରିଆ ଶବର ସାହିର କେତେଜଣ ଲୋକ ବନ୍ଧୁକ ବ୍ୟବହାର କରି ଡମପଡ଼ା-ଚନ୍ଦକା ଅଭୟାରଣ୍ୟରୁ ଜଙ୍ଗଲି ଜନ୍ତୁ ମାରି ବାହାରକୁ ମାଂସ ଚାଲାଣ କରିଥାନ୍ତି। ଖବର ପାଇ ବାଙ୍କୀ ଥାନା ଅଧିକାରୀ ଶିବଚରଣ ବେହେରା ଚଢ଼ାଉ କରି ୨ଟି ଚୋରା ବନ୍ଧୁକ ଜବତ କରିଥିବାବେଳେ ଟୁନା ଦେହୁରୀ(୪୫)ଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛନ୍ତି। ଅନ୍ୟ ଅଭିଯୁକ୍ତ ଟୁନା ମହାନ୍ତି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। କଇଁମୁଣ୍ଡି ଫାଣ୍ଡି ଅଧିକାରୀ ଶେକ୍ ସାହାନୱାଜଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ସହଯୋଗ କରିଥିଲେ।

### ସାମାଜିକ କର୍ମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

କଟକ ସଦର,୧୬।୧୦(ସୁଶାନ୍ତ କୁମାର ଜେନା)

କିଶୋର ନଗର ଅଞ୍ଚଳର ଜଣାଶୁଣା ଚିକିତ୍ସକ ତଥା ସାମାଜିକ କର୍ମୀ ସ୍ୱର୍ଗତ ସଚିନ୍ଦ୍ର ନାଥ ବିଷୋୟୀ ଓ ତାଙ୍କ ଧର୍ମପତ୍ନୀ ଉଷାରାଣୀଙ୍କ ପ୍ରତିମୂର୍ତ୍ତି ସାମନ୍ତରାପୁରଠାରେ ଉନ୍ମୋଚିତ ହୋଇଯାଇଛି। ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅଫିସର ଡ. ବଞ୍ଚୁ ମାରାଣ୍ଡି ଏହାକୁ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତସି ବର୍ମନ, ଅଧ୍ୟାପକ ଧରଣୀଧର ଜେନା ଓ ବିଜୟ ମଲ୍ଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଡ. ବିଷୋୟୀ କର୍ମମୟ ଜୀବନରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରୋଗୀ ସେବା କରି ବେଶ୍ ଆଦରଣୀୟ ହୋଇପାରିଥିଲେ।

### ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

କଟକ ସଦର,୧୬।୧୦(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରଠାରେ ବୁଧବାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ବିଳାସ ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି କର୍ମୀ ଏବଂ ବିଭିନ୍ନ ବର୍ଗର ଜନସାଧାରଣ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ସୁସ୍ଥ ଓ ଦୀର୍ଘ ଜୀବନ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଗନ ବିହାରୀ ମହାପାତ୍ର, ସୁରେଶ ବିଶୋୟୀ, ଭବାନୀ ଶଙ୍କର ରାୟ, ସତ୍ୟ ସିଦ୍ଧାନ୍ତ ଦାଶ, ସୁଧାକର ଖଟେଇ, କଳ୍ପନା ମହାନ୍ତି ଓ ପ୍ରକାଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରି ଟ୍ରକ୍ ଜବତ, ଅଭିଯୁକ୍ତ ଗିରଫ

କଟକ,୧୬।୧୦ (କାର୍ତ୍ତିକ ସାହୁ):

କଟକ ରେଲୱେ ଗୁଡ୍ସ ସେଡ୍‌ରୁ ଚୋରି ହୋଇଥିବା ଏକ ଟ୍ରକ୍‌କୁ ଚାଉଳିଆଗଞ୍ଜ ପୋଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ପୁରୀ ଜିଲା ଚାରିଛକ ଥାନା ଅନ୍ତର୍ଗତ ବାଲୁଙ୍ଗା ଗ୍ରାମର ଲିଟୁ ସେଠୀ(୩୨)ଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ, କଟକ ଶିଖରପୁର ଉପରସାହି ବାସିନ୍ଦା ପ୍ରକ୍ଷିପ୍ତ କୁମାର ପାତ୍ରଙ୍କ ଟ୍ରକ୍ (ନଂ.ଓଆର୦୪ଡି-୩୧୫୨) କଟକ ରେଲୱେ ଷ୍ଟେଶନର ଗୁଡ୍ସ ସେଡ୍ ରାସ୍ତାରେ ଅଟକି ରହିଥିଲା। ସୋମବାର ରାତିରେ କେହି ଦୁର୍ବୃତ୍ତ ଟ୍ରକ୍‌ଟିକୁ ଚୋରି କରି ନେଇଥିଲେ। ଏନେଇ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୮୦/୨୪) ରୁଜୁ କରିଥିଲା। ବିଶ୍ୱସ୍ତ ସୂତ୍ରରୁ ସୂଚନାପାଇ ପୋଲିସ ମଙ୍ଗୁଳି ଅଞ୍ଚଳରେ ଚଢ଼ାଉ କରି ଚୋରି ଟ୍ରକ୍‌କୁ ଜବତ କରିଛି।

# ବିବାଦ ଯୋଗୁ ଏକାଠି ହେଲାନି ଭସାଣି ଶୋଭାଯାତ୍ରା

ନିଶ୍ଚିନ୍ତକୋଇଲି,୧୬।୧୦
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ସଦର ମହକୁମାରେ ଥିବା ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ ଶାରଦୀୟ ଦୁର୍ଗାପୂଜା ଛକାପଞ୍ଝା ଦେଇ ଶ୍ରଦ୍ଧାଳୁଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ବୁଧବାର ଭସାଣ ଉତ୍ସବ ହେବା ପାଇଁ ସ୍ଥିର ହୋଇଥିଲା। କିନ୍ତୁ ହଠାତ୍ ମଙ୍ଗଳବାର ମେଲୋଡ଼ି କାର୍ଯ୍ୟକ୍ରମ ବନ୍ଦ ହେବା ପରେ ବ୍ୟବସାୟୀ ସଂଘ ଶୋଭାଯାତ୍ରା ବାତିଲ କରିଥିଲା। କିନ୍ତୁ ବଜାରରେ ଥିବା ୧୨ ମେଢ଼ ମଧ୍ୟରୁ ୩ଟି ବୁଧବାର ସନ୍ଧ୍ୟାରେ ଶୋଭାଯାତ୍ରାରେ ବାହାରିଥିଲେ। ତେବେ ଅନ୍ୟ ୯ଟି ମେଢ଼ ଆସନ୍ତା ଶୁକ୍ରବାର ନିରାଡ଼ମ୍ବର ଭାବେ ବିସର୍ଜନ ହେବ ବୋଲି ବ୍ୟବସାୟୀ ସଂଘ ପକ୍ଷରୁ ସଭାପତି ପ୍ରମୋଦ କୁମାର ପଣ୍ଡା ସୂଚନା ଦେଇଛନ୍ତି।


ଭସାଣି ଶୋଭାଯାତ୍ରାରେ ଠାକୁରଙ୍କୁ ନିଆଯାଉଛି।

ତେବେ ବ୍ୟବସାୟୀ ସଂଘ ଐକ୍ୟବଦ୍ଧ ଭାବେ ଦୀର୍ଘବର୍ଷ ହେବ ସମ୍ମିଳିତ ହୋଇ ମନୋରଞ୍ଜନ କାର୍ଯ୍ୟକ୍ରମ ଓ ଏକକାଳୀନ ବିସର୍ଜନ ଶୋଭାଯାତ୍ରା କରିଥା'ନ୍ତି। ତେବେ ବଜାରରେ ୨ଥର ଶୋଭାଯାତ୍ରାକୁ ନେଇ ଆରୋପ ପ୍ରତ୍ୟାରୋପ ଓ ଆଲୋଚନା ସମାଲୋଚନା ଚାଲିଛି। ଶାନ୍ତିପୂର୍ଣ୍ଣ ଭାବେ ହେଉଥିବା ଶାରଦୀୟ ଦୁର୍ଗାପୂଜା କ୍ରମେ ବିବାଦୀୟ ହୋଇପଡ଼ିଛି। ଏକ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କଟକ ଅତିରିକ୍ତ ଏସ୍‌ପିଙ୍କ ସହ ଏକ ବୈଠକ ବୁଧବାର ହେବାକୁ ଥିବାରୁ ଆଗାମୀ ଦିନରେ ମେଲୋଡ଼ି ଓ ଶୋଭାଯାତ୍ରା ନେଇ ସ୍ପଷ୍ଟ ଚିତ୍ର ଆସିବ ବୋଲି ଜଣାଯାଇଛି। ତେବେ ଖବର ଲେଖାହେଲା ବେଳକୁ ୩ଟି ମେଢ଼ ନିଶ୍ଚିନ୍ତକୋଇଲି ବଜାରରେ ଭସାଣି ଉତ୍ସବ କରୁଥିଲା ବେଳେ ଅନ୍ୟ ମେଢ଼ଗୁଡିକ ପୂର୍ବବତ୍ ପୂଜା ମଣ୍ଡପରେ ରହିଛନ୍ତି।

# ମା' ଚର୍ଚ୍ଚିକାଙ୍କ କୁମାରୀ ବେଶ




ବାଙ୍କୀ,୧୬।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ମା' ଚର୍ଚ୍ଚିକାଙ୍କ ପୀଠରେ କୁମାର ପୂର୍ଣ୍ଣିମା ଅବସରରେ ମା'ଙ୍କୁ କୁମାରୀ ବେଶ କରାଯାଇ ପୂଜାର୍ଚ୍ଚନା କରାଯାଇଛି। ବୁଧବାର ହଜାର ହଜାର ଶ୍ରଦ୍ଧାଳୁ ମା' ଚର୍ଚ୍ଚିକାଙ୍କ ପୀଠକୁ ଯାଇ ମା'ଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ମନ୍ଦିରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମନ୍ଦିର କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବା ସହ ଭକ୍ତମାନେ କିପରି ମା'ଙ୍କୁ ସୁବିଧାରେ ଦର୍ଶନ କରିପାରିବେ ସେଥିପାଇଁ ସମସ୍ତ ସୁବିଧା କରାଯାଇଛି।

# ଆଠଗଡ଼ରେ ମା'ଙ୍କୁ ମେଲାଣି

## ଯାତ୍ରା କମିଟି ପକ୍ଷରୁ ସମ୍ବର୍ଦ୍ଧନା

ଆଠଗଡ଼,୧୬।୧୦(ସତ୍ୟପ୍ରସାଦ ରଥ)

ଆଠଗଡ଼ ସହରରେ ବିଭିନ୍ନ ବଜାର କମିଟି ପକ୍ଷରୁ ଆୟୋଜିତ ଦୁର୍ଗାପୂଜାର ଅନ୍ତିମ ପର୍ଯ୍ୟାୟରେ ବାଦ୍ୟ, ଆଲୋକ, ପାରମ୍ପରିକ ନୃତ୍ୟସଙ୍ଗୀତରେ ମା'ଙ୍କୁ ମେଲାଣି ସମ୍ପନ୍ନ ହୋଇଛି। ଏହି ଅବସରରେ ଆଠଗଡ଼ ସହରସ୍ଥିତ ଦୁର୍ଗା ବଜାର, ଲକ୍ଷ୍ମୀ ବଜାର(ପୁରୁଣା ବସ୍‌ଷ୍ଟାଣ୍ଡ), ରଘୁନାଥ ବଜାର, ଚାନ୍ଦବାଲି ଛକ ବଜାର, ସପ୍ତନେଶ୍ୱର ବଜାର, ଜଗନ୍ନାଥ ବଜାର, ରାସରସିକପୁର, ନୂଆ ବସ୍‌ଷ୍ଟାଣ୍ଡ ବଜାର ଓ କଣ୍ଟ୍ରୋଲ ବଜାର, ହାଟ ଆଦିର ପୂଜା କମିଟିଗୁଡ଼ିକ ସାମିଲ ହୋଇଥିଲେ। ୫ଟି ଦୁର୍ଗାମେଢ଼ ସହ ୫ଟି ହରପାର୍ବତୀ ମେଢ଼ ଭସାଣିରେ ସାମିଲ ହୋଇଥିଲେ। ଅପରାହ୍ଣରେ ଆଠଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ବାଉତୀ ମନ୍ଦିର ନିକଟସ୍ଥ ଦୁର୍ଗାବଜାର ମେଲଣ ପଡ଼ିଆଠାରେ ଏକତ୍ରିତ ହେବା ପରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଠଗଡ଼ ଯାତ୍ରା କମିଟି ପକ୍ଷରୁ ସମସ୍ତ ପୂଜା କମିଟିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସୁଧାକର ସାହୁ, ରୁଦ୍ରଚରଣ ମହାନ୍ତି, ଅରୁଣ ଦାସ, ହରପ୍ରସାଦ ବାରିକ, ସନ୍ତୋଷ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଭିଡ଼କୁ ଆଖିଆଗରେ ଆଠଗଡ଼ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପରେ ଆଠଗଡ଼ ସହରସ୍ଥିତ ସାପୁଆ ନଦୀକୂଳରେ ଆଠଗଡ଼ ଏନ୍‌ଏସି ପକ୍ଷରୁ ନିର୍ମିତ କୃତ୍ରିମ ଜଳାଶୟରେ ମୃଣ୍ମୟୀ ମୂର୍ତ୍ତିମାନଙ୍କୁ ବିସର୍ଜନ କରାଯାଇଥିଲା।


ଆଠଗଡ଼ ସହରରେ ଶିବପାର୍ବତୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଭସାଣି ପାଇଁ ନିଆଯାଉଛି।

# ମା' ଖପର ଚଣ୍ଡୀଙ୍କ ପୀଠରେ ୧୪ତମ ବିଶ୍ୱଶାନ୍ତି ମହାଯଜ୍ଞ



ବାଙ୍କୀ,୧୬।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)- ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତ ଅଧୀନ ସାମନ୍ତରାପୁର ଗାଁରେ ଅବସ୍ଥିତ ପ୍ରସିଦ୍ଧ ମା' ଖପର ଚଣ୍ଡୀଙ୍କ ପୀଠରେ ୧୪ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ଷୋଡ଼ଶ ଉପଚାର ପୂଜା, ଚଣ୍ଡିପାଠ, ଗୀତାପାଠ ଆଦି ପ୍ରତି ସନ୍ଧ୍ୟାରେ କରାଯାଇଛି। ବାଙ୍କୀ, କଟକ, ଆଠଗଡ଼, ଖୋର୍ଦ୍ଧା ସମେତ ବିଭିନ୍ନ ଅଞ୍ଚଳର ଭକ୍ତ ଏହି ଯଜ୍ଞରେ ସାମିଲ ହୋଇଥିଲେ। ମୁଖ୍ୟ ପୁରୋହିତ ଅକ୍ଷୟ କୁମାର ହୋତା ଓ ସାଥୀ ପୁରୋହିତମାନେ ବିଶ୍ୱଶାନ୍ତି ମହାଯଜ୍ଞ କାର୍ଯ୍ୟ ତୁଲାଇଥିବା ବେଳେ ପୁରୋହିତ ସୁଦର୍ଶନ ଷଡ଼ଙ୍ଗୀ ଗୀତାପାଠ ଓ ଚଣ୍ଡିପାଠ କରିଥିଲେ। ପ୍ରତି ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ, ସଙ୍ଗୀତ କାର୍ଯ୍ୟମାନ କରାଯାଇଥାଲା। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା, ଭ୍ରାତୃଭାବ, ଭକ୍ତି ଓ ମୈତ୍ରୀ ଜାଗ୍ରତ କରିବା ଲକ୍ଷ୍ୟ ରଖି ଏହି ଯଜ୍ଞ କରାଯାଇଛି। ମହାଯଜ୍ଞ କମିଟି ସଦସ୍ୟ ବିଶ୍ୱପ୍ରସାଦ ରଥ, ଭାଗ୍ୟଧର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅଭିରାମ ରଣା, ଜିତେନ୍ ମହାନ୍ତି, ସ୍ମିତକାନ୍ତ ରଥଙ୍କ ସମେତ ଯଜ୍ଞାନୁଷ୍ଠାନ କ୍ରିୟା କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ଏହି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ଅବସରରେ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା।

# ଶିବିରରୁ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ

କଟକ,୧୬।୧୦(ଶିଲ୍ପା ପ୍ରିୟଦର୍ଶିନୀ):

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ବାରବାଟୀ-କଟକ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବୁଧବାର କଟକ ଟାଉନ୍ ହଲ୍‌ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜ୍ୟ ସଭା ସଦସ୍ୟ ତଥା ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ଦଳର ଜାତୀୟ ମୁଖପାତ୍ର ସନ୍ତୃପ୍ତ ମିଶ୍ର ଯୋଗଦେଇଥିଲେ। ଏହି ଶିବିରରୁ ମୋଟ୍ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଟକ ମହାନଗର ବିଜେଡି ସଭାପତି ମଧୁସୂଦନ ସାହୁ, ବିଜେଡି ଜିଲା ଉପସଭାପତି ରଞ୍ଜନ ବିଶ୍ୱାଳ, ଜିଲା ସଂଖ୍ୟାଲଘୁ ସେଲ୍ ସଭାପତି ସୟଦ୍ ଏକ୍ରାମ ହୁସେନ, ଏମ୍.ଡି ସକିଲ, ଜ୍ଞାନେନ୍ଦ୍ରଗିରି ଗୌସାମୀ, ଆୟୁବ୍ ଖାଁ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଜଗତଜ୍ୟୋତି ପଟ୍ଟନାୟକ, ମହାନଗର ଯୁବ ସଭାପତି ସୌମ୍ୟଦୀପ ଘୋଷ, ଜିଲା ଛାତ୍ର ସଭାପତି ଆସିଫ ଅମିନ, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ସନ୍ତୋଷ ମହାପାତ୍ରଙ୍କ ସମେତ ଶତାଧୀକ କର୍ମୀ ଉପସ୍ଥିତ ଥିଲେ।


ରକ୍ତଦାନ ଶିବିରରେ ଅତିଥି ଓ ଅନ୍ୟମାନେ।

# ଭାଜପା ସଦସ୍ୟତା ଅଭିଯାନ

ମାହାଙ୍ଗା,୧୬।୧୦(ଯଯାତି ସିଂହ)

ମାହାଙ୍ଗା ନିର୍ବାଚନମଣ୍ଡଳିର କୁଆଁପାଳଠାରେ ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ସରପଞ୍ଚ ଜିତେନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଆସ୍କା ଲୋକସଭା ଏମ୍‌ପି ତଥା ରାଜ୍ୟ ଭାଜପା ଉପସଭାପତି ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ଯୋଗଦେଇ ଆଗାମୀ ୧୫ ଦିନରେ ମାହାଙ୍ଗା ଭାଜପାରେ କିପରି ୧ଲକ୍ଷରୁ ଊର୍ଦ୍ଧ୍ୱ ସଦସ୍ୟତା ଗ୍ରହଣ କରାଯିବ ତାହା ଉପରେ ଗୁରୁତ୍ୱ ଦିଆଯିବ। ନିର୍ବାଚନମଣ୍ଡଳୀର ବିଧାୟକ ସାରଦା ପ୍ରଧାନଙ୍କ ନେତୃତ୍ୱରେ ମାହାଙ୍ଗାରେ ଭାଜପା ଶୀର୍ଷରେ ପହଞ୍ଚିପାରିଥିଲା ବୋଲି ସେ କହିଥିଲେ। ରାଜ୍ୟ ଭାଜପା ସଦସ୍ୟତା ଅଭିଯାନର ମୁଖ୍ୟ ସୁଦୀପ୍ତ ରାୟ ଏଥିରେ ଯୋଗେଦେଇ ମୋବାଇଲରେ ନମ୍ବରରେ ମିସ୍ କଲ କରି କିପରି ସଦସ୍ୟତା ଗ୍ରହଣ କରିପାରିବ ସେ ସମ୍ପର୍କରେ ଉପସ୍ଥିତ କର୍ମୀମାନଙ୍କୁ ବୁଝାଇଥିଲେ। ଅନ୍ୟତମ ଅତିଥିଭାବେ କଟକ ସଦର ବିଧାୟକ ପ୍ରକାଶ ସେଠୀ, ବାଙ୍କୀ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ,ଆଠଗଡ ଭାଜପା ବିଧାୟକ ପ୍ରାର୍ଥୀ ଅଭୟ ବାରିକ, ପୂର୍ବତନ କଟକ ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ, ଯାଜ୍ଞସେନୀ ଜେନା, ପୂର୍ବତନ କଟକ ଜିଲା ଭାଜପା ଉପ ସଭାପତି ତଥା ସମିତି ସଭ୍ୟ ମନୋରଞ୍ଜନ ନାୟକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା କନକ ଲତା ବେହେରା,ପୂର୍ବତନ ସରପଞ୍ଚ ରବିନ୍ଦ୍ର ତ୍ରିପାଠୀ,ପୂର୍ବତନ ସମିତି ସଭ୍ୟ ରମେଶ ସ୍ୱାଇଁ, ଭଦ୍ରେଶ୍ୱର ମଣ୍ଡଳ ସଭାପତି ଭକ୍ତ ଚରଣ ସ୍ୱାଇଁ, କୁସୁପୁର ମଣ୍ଡଳ ସଭାପତି ନିର୍ମଳ ରାଉତ, ଜୟପୁର ମଣ୍ଡଳ ସଭାପତି ଅରୁଣ ସେଠୀ, ଅଶୋକ ସାହୁ, କୈଳାସ ବେହେରା, ରଞ୍ଜନ ରାଉତ, ପୂର୍ବତନ ସମିତି ସଭ୍ୟ ପିତାମ୍ବର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବତନ ଭାଜପା ଯୁବ ମୋର୍ଚ୍ଚା ସଭାପତି ଦେବଦତ୍ତ କର ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ।

# ୨୦ରୁ ଭଞ୍ଜ ଜୟନ୍ତୀ ସପ୍ତାହ

## ବାଉରୀବନ୍ଧୁ, କଣ୍ଟୁପାଣି ପାଇବେ କଳିଙ୍ଗ ଭାରତୀ ସମ୍ମାନ

**କଟକ,୧୬।୧୦ (କାର୍ତ୍ତିକ ସାହୁ):** ପ୍ରାଚୀନ ସାହିତ୍ୟ, ସାଂସ୍କୃତିକ ଅନୁଷ୍ଠାନ କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ରୀତିଯୁଗୀୟ ସାହିତ୍ୟ ପାଇଁ ପ୍ରଦତ୍ତ ମର୍ଯ୍ୟାଦାପୂର୍ଣ୍ଣ କଳିଙ୍ଗ ଭାରତୀ ସମ୍ମାନ-୨୦୨୪ ପାଇବାକୁ ବିଶିଷ୍ଟ ଭଞ୍ଜ ଗବେଷକ ପ୍ରଫେସର ବାଉରୀବନ୍ଧୁ ସାହୁ ଓ ଡ. କଣ୍ଟୁପାଣି ସାମନ୍ତ ଯୁଗ୍ମ ଭାବେ ମନୋନୀତ ହୋଇଛନ୍ତି। ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ, ସଙ୍ଗୀତ ଏବଂ ନୃତ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ପ୍ରତିବର୍ଷ ଦିଆଯାଇଥାଏ। ସେହିପରି ରୀତିଯୁଗୀୟ ଶୈଳୀରେ କବି ରଚନା କ୍ଷେତ୍ରରେ ପାରଦର୍ଶିତା ପାଇଁ ବ୍ୟୋମ ବିହାରୀ ରଥଙ୍କୁ ବିଛନ୍ଦ ଚରଣ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ ବୋଲି କଳିଙ୍ଗ ଭାରତୀ ପକ୍ଷରୁ ବୁଧବାର ପ୍ରେସ୍ ଇସ୍ତାହାରରେ ଜଣାଇ ଦିଆଯାଇଛି। ଆସନ୍ତା ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ କଟକ ମିଶନ ରୋଡସ୍ଥିତ ଭଞ୍ଜ ମଣ୍ଡପଠାରେ ଅନୁଷ୍ଠିତ ହେବାକୁ ଥିବା ଐତିହାସିକ ୮୧ତମ ଭଞ୍ଜ ଜୟନ୍ତୀ ସପ୍ତାହ ପାଳନ ଉପଲକ୍ଷେ ଏହି ସମ୍ମାନ ପ୍ରଦାନ କରାଯିବ। ଚଳିତବର୍ଷ ନିର୍ବାଚନ ବର୍ଷ ହେତୁ ମେ' ମାସ ପରିବର୍ତ୍ତେ ଅକ୍ଟୋବରରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ବୋଲି ଅନୁଷ୍ଠାନର ସଭାପତି ଡାକ୍ତର ଶୈଳେଶ୍ୱର ନନ୍ଦ ଓ କାର୍ଯ୍ୟକାରୀ ସଭାପତି ପ୍ରଭାତ କୁମାର ନନ୍ଦ କହିଛନ୍ତି।

# ବାଙ୍କୀ କଲେଜରେ ନବାଗତ ରୋଭର ରେଞ୍ଜରଙ୍କୁ ସ୍ୱାଗତ



ରୋଭର ରେଞ୍ଜରରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।

ବାଙ୍କୀ,୧୬।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରୋଭର ରେଞ୍ଜର ସଂସ୍ଥାରେ ୧୮ ଜଣ ରୋଭର ଓ ୯ ଜଣ ରେଞ୍ଜର ସ୍ୱେଚ୍ଛାସେବୀ ନୂତନକରି ଯୋଗଦାନ କରିଛନ୍ତି। ଏହି ଅବସରରେ ରୋଭର ଲିଡର ଭୂପତି ଭୂଷଣଙ୍କ ତତ୍ତ୍ୱାବଧାନରେ ଏକ ଶପଥପାଠ ଉତ୍ସବ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତି ଯୋଗଦେଇ ନୂତନ ଭାବେ ଯୋଗଦାନ କରିଥିବା ସ୍ୱେଚ୍ଛାସେବୀଙ୍କୁ ସ୍ୱାଗତ କରିଥିଲେ। କଲେଜର ଯୁକ୍ତ ୨ ଅଧ୍ୟକ୍ଷ ପ୍ରାଧ୍ୟାପକ ସମୀର କୁମାର ମହାପାତ୍ର ଓ ବୃନ୍ଦାବନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ରେଞ୍ଜର ଲିଡର ଅଧ୍ୟାପିକା ଦେବସ୍ମିତା ରାଉତ ଧନ୍ୟବାଦ ଦେଇଥିଲେ।

# କରଣସାହି ପୂଜାମଣ୍ଡପର ସୁବର୍ଣ୍ଣ ଜୟନ୍ତୀ

ବାଙ୍କୀ,୧୬।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ଉପଖଣ୍ଡ ଡମପଡ଼ା କରଣ ସାହି ପୂଜାମଣ୍ଡପରେ ଦଶହରା ଉତ୍ସବର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏହି ପର୍ବକୁ ଉପଭୋଗ କରିବାକୁ ସେଠାକୁ ଆସିଥାନ୍ତି। ଚଳିତବର୍ଷ ବିଭିନ୍ନ ପୂଜାମଣ୍ଡପରେ ମା' ଦୁର୍ଗାଙ୍କର ପୂଜା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ସମସ୍ତ ଗ୍ରାମକୁ ରଙ୍ଗିନ୍ ଆଲୋକମାଳରେ ସଜା ଯିବା ସହିତ ସୁଉଚ୍ଚ ତୋରଣ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏବର୍ଷ ଗ୍ରାମର ସର୍ବପୁରାତନ ପୂଜାମଣ୍ଡପ କରଣ ସାହି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଅବସରରେ ୩ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସଭାମଞ୍ଚରେ ସାହିର ମୁରବୀ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ପ୍ରତିଭାଙ୍କୁ ସାହି ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡ. ରାଜେଶ ଦାଶ, ଧଳସିଦ୍ଧେଶ୍ୱର କାଷ୍ୟପ, ମଙ୍ଗଳ ପଟ୍ଟନାୟକ, ସୁଶ୍ରୀ ମମତା ଦାଶ, ସୁଶ୍ରୀ ଇତିଶ୍ରୀ ଦାସ, ସଞ୍ଜୀବ କୁମାର ଦାଶ, ରାକେଶ କୁମାର ଦାଶ, ଗଦା ପଟ୍ଟନାୟକ ପ୍ରଭୃତିଙ୍କୁ ସମ୍ମାନିତ କରାଯାଇଥିଲା। ସାହିର ସଭାପତି ଟିକଟ କୁମାର ମହାନ୍ତି, ସମ୍ପାଦକ ଯୋଗେଶ ଚନ୍ଦ୍ର ଦାଶ, ମୁଖ୍ୟ ସହଯୋଗୀ ପ୍ରଶାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସଞ୍ଜୀବ କୁମାର ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ କ୍ଲବର ସମସ୍ତ ଯୁବକମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସଭାପତି ଓ ସମ୍ପାଦକ ସମସ୍ତ ସାହି ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ।



ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ରାସ୍ତା ନିର୍ମାଣ ଦାବି ତେଜିଲା


ଦିନିଆରୀ ବଜାରଠାରେ ଗ୍ରାମବାସୀ ସିମୋର-ବାଙ୍କୀ ପୂର୍ତ୍ତ ବିଭାଗ ରାସ୍ତା ଅବରୋଧ କରିଛନ୍ତି।

## ଗ୍ରାମବାସୀଙ୍କ ୮ ଘଣ୍ଟା ରାସ୍ତା ଅବରୋଧ

ବେଗୁନିଆ, ୧୬।୧୦
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଗ୍ରାମାଞ୍ଚଳରେ ଲୋକଙ୍କ ଗମନାଗମନ ସୁବିଧା ଲାଗି ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ହେଲେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ବହୁ ସ୍ଥାନରେ ଭଲ ରାସ୍ତା ନାହିଁ, ଆଉ କେଉଁଠି ରାସ୍ତା ମରାମତି କରାଯାଉନାହିଁ। ରାସ୍ତା ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଦାବି ତେଜିଛି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ଦିନିଆରୀ ଓ ନୀଳକଣ୍ଠପୁର ଗ୍ରାମର ଶତାଧିକ ମହିଳା ପୁରୁଷ ରାସ୍ତା ନିର୍ମାଣ ଦାବିରେ ଦିନିଆରୀ ବଜାରଠାରେ ପ୍ରାୟ ୮ ଘଣ୍ଟା ଧରି ସିମୋର-ବାଙ୍କୀ ପୂର୍ତ୍ତ ବିଭାଗ ରାସ୍ତା ଅବରୋଧ କରିଥିଲେ।

ସୂଚନା ମୁତାବକ, ଦିନିଆରୀ ଓ ନୀଳକଣ୍ଠପୁର ଗ୍ରାମବାସୀଙ୍କ ଦୀର୍ଘ ୩୦ ବର୍ଷ ହେବ ସମସ୍ୟା ଲାଗିରହିଛି। ଆଦିବାସୀ ଓ ହରିଜନ ସାହିକୁ ଭଲ ରାସ୍ତା ନାହିଁ। ସେହିପରି ଦିନିଆରୀଠାରୁ ହଳଦିଆ ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତାର ନବୀକରଣ ପାଇଁ ବାରମ୍ବାର ଦାବି ହୋଇଆସୁଛି। ସ୍ଥାନୀୟ ବିଡିଓ, ତହସିଲଦାର, ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ମଧ ପଦକ୍ଷେପ ନିଆଗଲା ନାହିଁ। ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ ତା'ର ବି କୌଣସି ସୁଫଳ ମିଳିଲାନାହିଁ। ଏହାର ପ୍ରତିବାଦରେ ଦିନିଆରୀ ଓ ନୀଳକଣ୍ଠପୁର ଗ୍ରାମର ଶତାଧିକ ମହିଳା ପୁରୁଷ ଦିନିଆରୀ ବଜାରଠାରେ ସକାଳ ପ୍ରାୟ ସାଢ଼େ ୮ଟାରେ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ଖୋର୍ଦ୍ଧା ଏସ୍‌ଡିପିଓ ଅନିଲ କୁମାର ମହାନ୍ତି, ବେଗୁନିଆ ଏବିଡିଓ ସୁମିତ୍ରା ଜେନା, ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକ, ବୋଲଗଡ଼ ଅତିରିକ୍ତ ତହସିଲଦାର ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ପ୍ରଶାସନିକସ୍ତରରେ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୫ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହାପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।


କୁମାରୋତ୍ସବ ଅବସରରେ ଯୁବତୀମାନେ ଚଉଁରା ପୂଜା କରୁଛନ୍ତି। (ଫଟୋ: ପ୍ରଭାତ ପାଣିଗ୍ରାହୀ)

## ସଂକ୍ଷେପରେ

### ୧୮ରେ 'ନୃତ୍ୟଶ୍ରୀ' ପକ୍ଷରୁ କୁମାର ଉତ୍ସବ

ଜଟଣୀ, ୧୬।୧୦ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବିଷ୍ଣୁ ବିହାର ଠାରେ ଓଡ଼ିଶୀ ନୃତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟଶ୍ରୀ ପକ୍ଷରୁ ୧୮ତମ ବାର୍ଷିକ ଉତ୍ସବ ଏବଂ କୁମାର ଉତ୍ସବ ଆୟୋଜନ ନେଇ ବୁଧବାର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠାନର ସମ୍ପାଦିକା ଓଡ଼ିଶୀ ନୃତ୍ୟ ଶିଳ୍ପୀ ଚିନ୍ମୟୀ ମହାନ୍ତି ଅନୁଷ୍ଠାନର ବାର୍ଷିକ ଉତ୍ସବ ଓ କୁମାର ଉତ୍ସବକୁ ନେଇ ବିବରଣୀ ପ୍ରଦାନ କରିଥିଲେ। ଚଳିତବର୍ଷ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ସଙ୍ଗୀତ ଶିଳ୍ପୀ ଡ. ସଙ୍ଗୀତା ଗୋସାଇଁ, ଓଡ଼ିଶୀ ନୃତ୍ୟଶିଳ୍ପୀ ବିଦୁଷୀ ସୁଜାତା ମହାପାତ୍ର, ନୃତ୍ୟାଚାର୍ଯ୍ୟ ଦୁର୍ଗାଚରଣ ରଣବୀର, ମାହାରୀ ନୃତ୍ୟଶିଳ୍ପୀ ଗୁରୁ ରୂପଶ୍ରୀ ମହାପାତ୍ରଙ୍କୁ ନୃତ୍ୟଶ୍ରୀ ସମ୍ମାନରେ ସମ୍ମାନିତ କରାଯିବ। ଏଥିସହିତ ଓଡ଼ିଶୀ ଏବଂ ଲୋକକଳା ଅନୁଷ୍ଠାନର ବିଦ୍ୟାର୍ଥୀଙ୍କ ଦ୍ୱାରା ପରିବେଷଣ କରାଯିବ। ସ୍ଥାନୀୟ ଉତ୍ତରାୟଣୀ ପ୍ରେକ୍ଷାଳୟରେ ଆସନ୍ତା ୧୮ ଓ ୧୯ତାରିଖ ଦୁଇଦିନ ବ୍ୟାପୀ ହେବାକୁ ଥିବା କୁମାର ଉତ୍ସବ କାର୍ଯ୍ୟକ୍ରମରେ ପ୍ରଥମ ଦିବସରେ ମୁଖ୍ୟ ଅତିଥିଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଦ୍ୱିତୀୟ ଦିବସରେ ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟଙ୍କ ସମେତ ରାଜ୍ୟ ଏବଂ ଜିଲାସ୍ତରର ବହୁ ଉଚ୍ଚପଦସ୍ଥ ଅଧିକାରୀ, ବିଶିଷ୍ଟ ବ୍ୟକ୍ତି ସମ୍ମାନିତ ଅତିଥିଭାବେ ଯୋଗଦେବେ। ଓଡ଼ିଶାର କଳା ଓ ସଂସ୍କୃତି ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ଏବଂ ନୃତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା ମୂଳ ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନର ଉପସଭାପତି ଶୁଚିସ୍ମିତା ରାଉତରାୟ କହିଛନ୍ତି।

### ୭୮ ୟୁନିଟ୍ ରକ୍ତ ସଂଗ୍ରହ

ବେଗୁନିଆ, ୧୬।୧୦ (ସନ୍ଧ୍ୟାରାଣୀ ମିଶ୍ର)

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜୟନ୍ତୀ ଅବସରରେ ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁପଲ୍ଲୀ ଗ୍ରାମର ମିନି କଲ୍ୟାଣମଣ୍ଡପ ପରିସରରେ ଜୀବନବିନ୍ଦୁ ପକ୍ଷରୁ ମୋ ପରିବାର ସହଯୋଗରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ମୋଟ୍ ୭୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଖୋର୍ଦ୍ଧା ବ୍ଲଡ୍‌ବ୍ୟାଙ୍କର ଡା. ଜଗଦୀଶ ସାହୁ, ଲାବ୍‌ଟେକ୍ନିସିଆନ ଅରୁଣ ସାହୁ, ଅନିରୁଦ୍ଧ ସ୍ୱାଇଁ, କାଉନସେଲର ଲକ୍ଷ୍ମୀପ୍ରିୟା ପ୍ରଧାନ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ବିଜେଡି ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ଥାନୀୟ ଅଞ୍ଚଳର ବିଜେଡି କର୍ମୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ବିଦାୟ ନେଲେ ମା'



ନିରାକାରପୁର, ୧୬।୧୦ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଅଞ୍ଚଳରେ ପୂଜା ପାଉଥିବା ମା' ଜଗଜ୍ଜନନୀଙ୍କ ଭସାଣି ଉତ୍ସବ ବୁଧବାର ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ପ୍ରକାଶ ଯେ, ଚଳିତମାସ ସପ୍ତମୀଠାରୁ ସ୍ଥାନୀୟ ଆର୍‌ଡି କାର୍ଯ୍ୟାଳୟ ନିକଟରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ମଣ୍ଡପରୁ ଏକ ସୁସଜ୍ଜିତ ଗାଡ଼ିରେ ନିରାକାରପୁର ବଜାର ପରିକ୍ରମା ପରେ ନିକଟ ନଦୀରେ ମେଲାଣି ଦିଆଯାଇଥିଲା। ଏହି ଭସାଣି ଉତ୍ସବରେ କମିଟିର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।

### ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

କଳାପଥର, ୧୬।୧୦ (ଗଙ୍ଗାଧର ସାହୁ):

ବାଙ୍କୀ-ଡମପଡ଼ା ଡିଜିଟାଲ ୟୁନିୟନର ଏକ ସାଙ୍ଗଠନିକ ବୈଠକ ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଧଳାପଥର ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାସଂଘର ରାଜ୍ୟ ସଭାପତି ସତ୍ୟବ୍ରତ ଦାଶ, ରାଜ୍ୟ ମିଡିଆ ସଂଯୋଜକ ବର୍ଷା ଦାସ, ରାଜ୍ୟ ସଂଘ ସଦସ୍ୟ ବିଶ୍ୱଜିତ ମହାପାତ୍ର , ଅଶୋକ ରଣା , ବାଙ୍କୀ ମା' ଚର୍ଚ୍ଚିକା ସାମ୍ବାଦିକ ସଂଘର ସମ୍ପାଦକ ମନୋଜ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ବାଙ୍କୀ ଶାଖାର ସଭାପତି ମାନସ ରଞ୍ଜନ ସାହୁ, କାର୍ଯ୍ୟକାରୀ ସଭାପତି ମୃତ୍ୟୁଞ୍ଜୟ ମହାପାତ୍ର, ଜିଲା କମିଟି ସଦସ୍ୟ ପୂର୍ଣ୍ଣେନ୍ଦୁ ନାୟକ, ଉପସଭାପତି ସୁଶାନ୍ତ ନାୟକ, ସମ୍ପାଦକ ସୁବ୍ରତ ନାୟକ, ରାଜେଶ ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# ଗଜଲକ୍ଷ୍ମୀ ମହୋତ୍ସବ ଉଦ୍‌ଘାଟିତ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ ଏବଂ ଅନ୍ୟମାନେ।

ବୋଲଗଡ଼, ୧୬।୧୦ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅସରଳା ଗ୍ରାମ ନୂଆସାହି ପଡ଼ିଆରେ ବୁଧବାର ଗଜଲକ୍ଷ୍ମୀ ମହୋତ୍ସବ-୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ବାଲେଶ୍ୱର ଜିଲା ଡେପୁଟି କଲେକ୍ଟର ସୁରେଶ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ସର୍ବେଶ୍ୱର ସାହୁ, ପୁରୀ ଡିଏସ୍‌ଓ ପ୍ରସନ୍ନ କୁମାର ପାତ୍ର, ଏବିଡିଓ ବିଭୂତି ଭୂଷଣ ମିଶ୍ର, ସ୍ଥାନୀୟ ସରପଞ୍ଚ ସୁଭଲକ୍ଷ୍ମୀ ସୁନ୍ଦରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ମହୋତ୍ସବ କମିଟି ଦ୍ୱାରା ଆୟୋଜିତ ଏହି ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ସୁବଳ ଜେନା ପୌରୋହିତ୍ୟ କରିଥିଲେ। ମା'ତାରିଣୀ ଯୁବକ ସଂଘ ଦ୍ୱାରା ମହୋତ୍ସବର ମୁକ୍ତାକାଶ ରଙ୍ଗମଞ୍ଚରେ ପାରମ୍ପରିକ ବିବିଧ ନୃତ୍ୟ, ସମରକଳା, ଓଡ଼ିଶୀ, ସମ୍ବଲପୁରୀ ଓ ଲୋକନୃତ୍ୟ ଆଦି ପରିବେଷଣ ହୋଇଥିଲା। ସଭାକାର୍ଯ୍ୟ ମଧ୍ୟରେ ବହୁ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ସ୍ୱାଇଁ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ମନୋଜ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ୩ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ବେଗୁନିଆ ବଡ଼ବେରେଣାର ମା'କାଳିକା ଦେବୀ ସାଂସ୍କୃତିକ କଳା ପରିଷଦ ଦ୍ୱାରା ପ୍ରସ୍ତୁତ ବିବିଧ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିବା ବେଳେ ସ୍ଥାନୀୟ କଳାକାର ମାନେ ଆକର୍ଷଣୀୟ ଲୋକନୃତ୍ୟ ପରିବେଷଣ କରିଥିଲେ। ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ସମ୍ପାଦକ ଅବିନାଶ ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା।

## ୫୧ତମ ନୂପୁର ଉଦ୍‌ଘାଟିତ

ଖୋର୍ଦ୍ଧା, ୧୬।୧୦ (ପ୍ରଭାତ ପାଣିଗ୍ରାହୀ)

୫୧ତମ ନୂପୁର କୁମାର ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବ ତିନିଦିନ ଧରି ଚାଲିବ। ଇଗଲ କ୍ଲବ ପକ୍ଷରୁ ଦୁର୍ଗାମଣ୍ଡପ ଠାରେ ଆୟୋଜିତ ଏହି ଉତ୍ସବରେ କ୍ଲବ ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ବିଜେଡି ନେତା ମନ୍ମଥ ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ୧୫ନଂ. ୱାର୍ଡ କାଉନସିଲର ପ୍ରବୀଣା ଜଗଦ୍ଦେବରାୟ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତା ଓ ଟିମ୍ ଗୋଟିଏ ପରେ ଗୋଟିଏ ସଙ୍ଗୀତ ଗାନ କରିଥିଲେ। ପରେ ଅନ୍ୟ କଳାକାରମାନେ ପାରମ୍ପରିକ ଓ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ।

## ସରିଲା ଗାହାଣୀ ପର୍ବ



ଟାଙ୍ଗୀ, ୧୬।୧୦ (ରଘୁନାଥ ସାହୁ)

ଓଡ଼ିଆ ସଂସ୍କୃତିର ପାରମ୍ପରିକ ପର୍ବ 'ଗାହାଣୀ ଯାତ୍ରା' ମଙ୍ଗଳବାର ସମାପନ ହୋଇଛି। ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରତନପୁର ତେଲଗୁସାହିରେ ୧୧ଦିନ ଧରି ଚାଲିଥିବା ମା' ଗୌରିଦେବୀଙ୍କ ଶାରଦୀୟ ପୂଜା ଦୀର୍ଘ ୧୦୦ବର୍ଷରୁ ଉର୍ଦ୍ଧ୍ୱ ଏହି ପର୍ବ ପାଳନ କରାଯାଉଛି। ବିଶେଷକରି ତେଲଗୁ ସମ୍ପ୍ରଦାୟର ଲୋକେ ଏହି ପର୍ବକୁ ଆଡ଼ମ୍ବରରେ ପାଳନ କରିଥାନ୍ତି। ମଙ୍ଗଳବାର ଭସାଣି ଉତ୍ସବରେ ବହୁ ଶ୍ରଦ୍ଧାଳୁ ମା'ଗୌରିଦେବୀଙ୍କ ଦର୍ଶନ କରିଥିଲେ। କେଳାନାଚ, ବିଜେଡ୍ରୋ କାଲି, ହନୁମାନ, ରାମଲକ୍ଷ୍ମଣ, ଯୋଡ଼ିଶଙ୍ଖ, ଘଣ୍ଟମାଳ, ଶିଙ୍ଗବାଜା, ବିଜୁ କମାଣ୍ଡର ଗ୍ରୁପ, ଡିଜେ ଡାମ୍ବ ଗ୍ରୁପ ଓ ଅଘୋରୀ ନୃତ୍ୟ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଗ୍ରାମ ମୁଖ୍ୟ ଦାଶରଥି ନାଇଡୁ, ରମେଶ ନାଇଡୁ, ଗୌରହରି ପାତ୍ର, ଦିଲୀପ ନାଇଡୁ, ସନ୍ତୋଷ ପାତ୍ର, ଶଙ୍କର ରାଓ, ନାଗେଶ ନାଇଡୁ, କୋଟିରାମ ନାଇଡୁ, ଲୋକନାଥ ପାତ୍ର, ସୁରେଶ ପାତ୍ର, ରବି ରାଓ, ସୁମନ ରାଓ, ଉମା ମହେଶ୍ୱର ପାତ୍ର, ନାଗେଶ ପାତ୍ର, ଲଳିତ ପାତ୍ର, ସୁନିଲ ପାତ୍ର, ମହେଶ ପାତ୍ର, ସନ୍ତୋଷ ରାଓ, ଜୟରାମ, ପିଣ୍ଟୁ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ୯୧ ୟୁନିଟ୍ ରକ୍ତ ସଂଗ୍ରହ



ଖୋର୍ଦ୍ଧା, ୧୬।୧୦ (ପ୍ରଭାତ ପାଣିଗ୍ରାହୀ)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିବସ ଅବସରରେ ବୁଧବାର ବିଜୁ ଜନତା ଦଳ(ବିଜେଡି) ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପକ୍ଷରୁ ସ୍ଥାନୀୟ ଇଗଲ କ୍ଲବ ପରିସରରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରୁ ମୋଟ୍ ୯୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, କେନ୍ଦ୍ର ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ଅଭିଷେକ ସିଂ ସାମନ୍ତ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଖୋର୍ଦ୍ଧା ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ବିଜେଡି ନେତା ମନ୍ମଥ ରାଉତରାୟ, ଖୋର୍ଦ୍ଧା ପୌର ବିଜେଡି କାଉନ୍‌ସିଲରଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଯୁବନେତା ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଶୁଭକାନ୍ତ ମହାପାତ୍ର, ସତ୍ୟପ୍ରକାଶ ସାହୁ, ହିମାଂଶୁ ରାୟ, ବିରଞ୍ଚି ନାରାୟଣ ଜେନା ପ୍ରମୁଖ ସଂଯୋଜନା କରିଥିବା ବେଳେ ଇଗଲ କ୍ଲବ ଓ ସ୍ପୋର୍ଟସ କ୍ଲବର କର୍ମକର୍ତ୍ତା ସହଯୋଗ କରିଥିଲେ। ଖୋର୍ଦ୍ଧା ରକ୍ତଭଣ୍ଡାରର ଡା. ସୌଭାଗ୍ୟ ରାୟଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ବେଗୁନିଆ ବିଧାୟକ ସାହୁ କହିଥିଲେ, ଗତ ୨୪ ବର୍ଷ ଧରି ଓଡ଼ିଶାରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ ସହ ନିର୍ମଳ ଭାବମୂର୍ତ୍ତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ତୃଣମୂଳସ୍ତରରେ ଜନତାଙ୍କ ହୃଦୟରେ ରହିଛନ୍ତି। ତାଙ୍କ ନେତୃତ୍ୱରେ ଦଳ ଆହୁରି ଆଗକୁ ଯିବ। ପୂର୍ବତନ ବିଧାୟକ ରାଜେନ୍ଦ୍ର କହିଥିଲେ, ରକ୍ତ ଅଭାବରୁ କାହାର ଜୀବନ ନ ଯାଉ, ଏହି ଲକ୍ଷ୍ୟରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପୂର୍ବରୁ ବେଗୁନିଆ ନିର୍ବାଚନମଣ୍ଡଳୀର ୪୦ ପଞ୍ଚାୟତରେ ଶହେରୁ ଉର୍ଦ୍ଧ୍ୱ ଶିବିର ଆୟୋଜନ କରାଯାଇ ୮ ହଜାରରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଆଗାମୀ ଦିନରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତରେ ଏହି ଅଭିଯାନକୁ ତ୍ୱରାନ୍ୱିତ କରାଯିବ।

# ପରିବାଦରକୁ ନେଇ ଚିନ୍ତାରେ ହବିଷିଆଳି

ଖୋର୍ଦ୍ଧା, ୧୬।୧୦ (ପ୍ରଭାତ ପାଣିଗ୍ରାହୀ)

ଶୁକ୍ରବାରଠାରୁ କାର୍ତ୍ତିକ ବ୍ରତ ଆରମ୍ଭ। ଏହି ବ୍ରତ ଏକ ମାସ ଧରି ଚାଲିଥାଏ। ଏହି ମାସରେ ଅଧିକାଂଶ ପରିବାର ଏବଂ ହବିଷିଆଳିମାନେ ହବିଷ ଅନ୍ନ ଗ୍ରହଣ କରିଥାନ୍ତି। ବ୍ରତଧାରୀ ପୂର୍ବଦିନ ସଙ୍କଳ୍ପ କରିଥାନ୍ତି। ଦୈନିକ ଭୋରରୁ ଉଠି ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ନିକଟ ମନ୍ଦିରରେ ଠାକୁର ଦର୍ଶନ କରିଥାନ୍ତି। ଦର୍ଶନ ପରେ ଘରକୁ ଫେରି ଚଉରାମୂଳେ ରାଇ ଦାମୋଦର ପୂଜା କରନ୍ତି। ଦିନକରେ ଗୋଟିଏ ଓଳି ହବିଷ ଅନ୍ନ ଗ୍ରହଣ କରି ବ୍ରତ ପାଳିଥାନ୍ତି। ସନ୍ଧ୍ୟାରେ ପୁଣି ଚଉରାମୂଳେ ଆଳତି, ପୂଜାର୍ଚ୍ଚନା କରିଥାନ୍ତି। ତେବେ ହବିଷ ଅନ୍ନ ଲାଗି ବିଭିନ୍ନ ପରିବା ଆବଶ୍ୟକ ହୋଇଥାଏ। ପରିବାଦର ଆକାଶଛୁଆଁ ରହିଥିବାରୁ ହବିଷ୍ୟାଳିମାନେ ଚିନ୍ତାରେ ପଡ଼ିଛନ୍ତି। ଖୋର୍ଦ୍ଧାରେ କଞ୍ଚା କଦଳୀ ଗୋଟାକୁ ୧୦ଟଙ୍କା, କାକୁଡି କେଜି ୬୦ରୁ ୭୦ଟଙ୍କା, ଗୁଆଁର ୭୦ରୁ ୮୦ଟଙ୍କା, ଆଳୁ ୩୨ଟଙ୍କା ରହିଥିବା ବେଳେ ବାଇଗଣ ୭୦ରୁ ୮୦ଟଙ୍କା ରହିଛି। ଲେମ୍ବୁ ଗୋଟାକୁ ୫ଟଙ୍କା ରହିଥିବା ବେଳେ କଞ୍ଚା ଲଙ୍କା କେଜି ପିଛା ୧୫୦ରୁ ୧୬୦ ଟଙ୍କା ରହିଛି। ସେହିପରି ଟମାଟୋ ୭୦ରୁ ୬୦, ପୋଟଳ ୮୦, ଝୁଡଙ୍ଗ ୭୦, କଖାରୁ ୩୦ରୁ ୪୦, କାଙ୍କଡ ୧୫୦ରୁ ୧୮୦ ରହିଛି। ପରିବାଦରକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ରହିଥିବା ବେଳେ ବେପାର ନେଇ ବ୍ୟବସାୟୀ ମଧ ଚିନ୍ତାରେ ରହିଛନ୍ତି। ବ୍ୟବସାୟୀ ଦୁର୍ଯ୍ୟୋଧନ ସାହୁ କହିଛନ୍ତି, ବଜାରକୁ ପରିବା ଆଗଭଳି ଆସୁନାହିଁ, ଫଳରେ ଦର ଅଧିକା ରହିଛି। ଚାଷୀ ଗୋପାଳ ପ୍ରଧାନ କହିଛନ୍ତି, ପରିବା ଅମଳ ସମୟରେ ବନ୍ୟଜନ୍ତୁ ଖାଇ ଯାଉଛନ୍ତି। ଅନ୍ୟପଟେ ଉନ୍ନତ ବିହନ, ସାର, ଜଳସେଚନ ଅଭାବ ପନିପରିବା ଅମଳରେ ବାଧକ ସାଜିଛି।



## ଭଗବାନ ହରପ୍ରିୟା ସ୍ମାରକୀ ସମ୍ବର୍ଦ୍ଧନା ଉତ୍ସବ

ବୋଲଗଡ଼, ୧୬।୧୦ (ଦେବବ୍ରତ ହୋତା)

ସଂପୁର ଗ୍ରାମଠାରେ ଭଗବାନ୍ ହରପ୍ରିୟା ସ୍ମାରକୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ପୌରୋହିତ୍ୟରେ ବିଧାୟକ ପ୍ରଦୀପ ସାହୁ ଯୋଗଦେଇଥିଲେ। ବିଜେଡି ନେତା ମନ୍ମଥ ରାଉତରାୟ ମୁଖ୍ୟବକ୍ତା, ଐତିହାସିକ ରବୀନ୍ଦ୍ର ପରିଡ଼ା, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ସମିତିସଭ୍ୟା ବିନୋଦିନୀ ଦତ୍ତ, ବିଜେଡି ଯୁବନେତା ଶୁଭେନ୍ଦ୍ର ସାହୁ, ଶିକ୍ଷାବିତ୍ ଦିବାକର ପରମଗୁରୁ, ଆଇନଜୀବୀ ଅମିୟ ପଟ୍ଟନାୟକ, କବୟିତ୍ରୀ ବସନ୍ତମଞ୍ଜରୀ ପରମଗୁରୁ, ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ସ୍ଥାନୀୟ ବିଭିନ୍ନ ବିଦ୍ୟାଳୟରୁ ଗତ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା କୃଷ୍ଣଚନ୍ଦ୍ର ସାହୁ, ଶୁଭଲକ୍ଷ୍ମୀ ମହାପାତ୍ର, ଗଙ୍ଗାଧର ଭୋଇ, ଆଶିଷ ସାହୁ, ଆୟୁଷ ତ୍ରିପାଠୀଙ୍କୁ ଭଗବାନ୍ ହରପ୍ରିୟା ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ନେତ୍ରରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ଟିମ୍‌ର ହରିୟାଣା ଗସ୍ତ



## ଜାତୀୟ ଜୁନିୟର ଟେନିସ୍ ବଲ କ୍ରିକେଟ ଚାମ୍ପିୟନଶିପ୍

ଖୋର୍ଦ୍ଧା, ୧୬।୧୦ (ପ୍ରଭାତ ପାଣିଗ୍ରାହୀ)

୩୨ତମ ଜୁନିୟର ଜାତୀୟ ଟେନିସ୍ ବଲ କ୍ରିକେଟ ଚାମ୍ପିୟନଶିପ୍ ଆସନ୍ତା ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ହରିୟାଣାର ପାନିପତ୍‌ଠାରେ ଅନୁଷ୍ଠିତ ହେବ। ଏହି ଚାମ୍ପିୟନଶିପ୍‌ରେ ଯୋଗଦେବା ପାଇଁ ଓଡ଼ିଶା ଟେନିସ୍ ବଲ କ୍ରିକେଟ ଦଳ ହୀରାକୁଦ ଏକ୍ସପ୍ରେସ୍‌ରେ ହରିୟାଣା ଯାତ୍ରା କରିଛି। ଟି. ଅମନ କୁମାର, ଏସ୍. ପ୍ରିୟାଂଶୁ, ରିତେଶ ବାଛା, ଶ୍ରବନ ଦିଗଲ, ଶୁଭମ ଶତପଥୀ, ଆଶିଷ ମଲିକ, ସାଇ ସତ୍ୟମ, ପ୍ରଭୁଦତ୍ତ ଜେନା, ବିକ୍ରମ ନାୟକ, ରୁଦ୍ରନାରାୟଣ ଲେଙ୍କା, ସଞ୍ଜୟ ସିଆଲ, ପ୍ରବୋଧ କୁମାର ସିଂ, ଜ୍ୟୋତିରଞ୍ଜନ ରାଉତ, ଦେବାଶିଷ ଜେନା, କୋଚ୍ ରାଜନ କୁମାର ନାୟକ, ସମୀରକାନ୍ତ ମହାପାତ୍ର ପ୍ରମୁଖ ଯାତ୍ରା କରିଛନ୍ତି। ଓଡ଼ିଶା ଟିମ୍‌କୁ ଓଡ଼ିଶା ଟେନିସ୍ ବଲ କ୍ରିକେଟ ସଂଘର ଅଧ୍ୟକ୍ଷ ସୁରଜ ମିଶ୍ର, ସମ୍ପାଦକ ଶିଥିଳ ପଣ୍ଡା, ସହସମ୍ପାଦକ ସୋମନାଥ ପରିଡ଼ା, ମୁଖ୍ୟ କୋଚ୍ ଚକ୍ରଧର ମାଝୀ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ରଙ୍ଗିନ ଆଲୋକରେ ଝଲସୁଛି ସହର

ଖୋର୍ଦ୍ଧା, ୧୬।୧୦ (ପ୍ରଭାତ ପାଣିଗ୍ରାହୀ)

ଧରାବତରଣ କରିଛନ୍ତି ମା' ଧନଲକ୍ଷ୍ମୀ। ମା'ଙ୍କ ଆଗମନରେ ଚଳଚଞ୍ଚଳ ହୋଇଉଠିଛି ଖୋର୍ଦ୍ଧା ସହର। ସବୁଠି ରହିଛି ଉତ୍ସାହର ମାହୋଲ। ଧନ ଓ ଐଶ୍ୱର୍ଯ୍ୟର ଦେବୀ ମା' ଲକ୍ଷ୍ମୀଙ୍କ ଚାଲିଛି ଆରାଧନା। ମନ୍ତ୍ର ଉଚ୍ଚାରଣ, ଘଣ୍ଟ କାହାଳି, ବାଦ୍ୟଯନ୍ତ୍ରରେ କମ୍ପୁଛି ପୂଜାମଣ୍ଡପ। ରଙ୍ଗିନ ଆଲୋକମାଳାରେ ଝଲସୁଛି ସହର। ବିଭିନ୍ନ ଆଲୋକମାଳା ସହିତ ସୁସଜ୍ଜିତ ସୁଉଚ୍ଚ ତୋରଣ ଆକର୍ଷଣ ପାଲଟିଛି।

ପ୍ରାୟ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏଠାରେ ଗଜଲକ୍ଷ୍ମୀ ପୂଜା ଆୟୋଜିତ ହେଉଥିବା ଜଣାଯାଏ। ସେହିପରି ଜିଲା ପ୍ରଶାସନ ଏବଂ ପୂଜା କମିଟିର ମିଳିତ ଉଦ୍ୟମକ୍ରମେ ଦୀର୍ଘ ୧୮ ବର୍ଷରୁ ଉର୍ଦ୍ଧ୍ୱ ହେବ ଗଜଲକ୍ଷ୍ମୀ ଭସାଣି ଉତ୍ସବ ହୋଇଆସୁଛି। ଖୋର୍ଦ୍ଧାରେ ଏହା ଏକ ଗଣପର୍ବରେ ପରିଣତ ହୋଇଛି।

### ୩୨ ମଣ୍ଡପରେ ମା' ଗଜଲକ୍ଷ୍ମୀ



ଖୋର୍ଦ୍ଧା ସହରର ୩୨ ମଣ୍ଡପରେ ପୂଜା ପାଉଛନ୍ତି ମା' ଗଜଲକ୍ଷ୍ମୀ। ନୟାଗଡ଼ ରୋଡ୍, ପୁରୁଣା ବସ୍‌ଷ୍ଟାଣ୍ଡ, ଗୁରୁଜଙ୍ଗ, ନୂଆ ମେଡିକାଲ ରୋଡ୍, ଶ୍ରୀରାମ ନଗର, ଭାଲିଆବାଡ଼ି, ନୂଆ ବସ୍‌ଷ୍ଟାଣ୍ଡ, କଣ୍ଟା ଛକ, ପଲ୍ଲାହାଟ ଛକ, ନୂଆ ବସ୍‌ଷ୍ଟାଣ୍ଡ ରୋଡ୍, ମଧୁସୂଦନ ମାର୍ଗ, ଦିବ୍ୟଜ୍ୟୋତି, ନୂଆ ବସ୍‌ଷ୍ଟାଣ୍ଡ ମ୍ୟୁନିସିପାଲିଟି ମହାଲକ୍ଷ୍ମୀ ବ୍ୟବସାୟୀ ସଂଘ, ଶକୁନ୍ତଳା ମାର୍କେଟ କମ୍ପ୍ଲେକ୍ସ ନିକଟ(ନୂଆ ବସ୍‌ଷ୍ଟାଣ୍ଡ ରୋଡ୍), ଫରେଷ୍ଟ ସ୍କୁଲ ସମ୍ମୁଖ, କୋର୍ଟ ସମ୍ମୁଖ, ଖ୍ରୀଷ୍ଟିଆନ୍ ଚର୍ଚ୍ଚ ସମ୍ମୁଖ, ବାଳିକା ହାଇସ୍କୁଲ ସମ୍ମୁଖ ଗାନ୍ଧୀ ମାର୍କେଟ, ସମବାୟ ବ୍ୟାଙ୍କ ଛକ, ପୌର କାର୍ଯ୍ୟାଳୟ ରୋଡ୍, ଉପରସାହି, କାମନାବର ସାହି, ବୁଢ଼ୀ ବଗିଚା, ଠେଙ୍ଗାହାଟ, ଶାଗୁଆନ ବଗିଚା, ଗଡ଼ଖୋର୍ଦ୍ଧା, ମୁକୁନ୍ଦପ୍ରସାଦ, ମାରୱାଡିପଟି, ଟ୍ରାଫିକ୍ ଛକ, ପୁରୁଣା ମେଡିକାଲ ରୋଡ୍, ହାବେଳି ପଡ଼ିଆ ଆଦି ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଅଛି।

### ଭାଇଚାରାର ବାର୍ତ୍ତା ଦେଇଥାଏ

ସପ୍ତାହ ବ୍ୟାପୀ ଏଠାରେ ପୂଜାର ମାହୋଲ ଦେଖିବାକୁ ମିଳିଥାଏ। ସ୍ନେହ, ସଦ୍‌ଭାବ ଏବଂ ଭାଇଚାରାର ବାର୍ତ୍ତା ଦେଇଥାଏ ଗଜଲକ୍ଷ୍ମୀ ପୂଜା। ଏହି ସମୟରେ ଚଳଚଞ୍ଚଳ ହୋଇଉଠିଥାଏ ଖୋର୍ଦ୍ଧା ସହର। ସହରରେ ଖେଳିଯାଇଥାଏ ଏକ ଆଧ୍ୟାତ୍ମିକ ବାତାବରଣ। ସନ୍ଧ୍ୟାହେଲେ ବିଭିନ୍ନ ପୂଜାମଣ୍ଡପରେ ଭିଡ଼ ଜମିଥାଏ। ଆସନ୍ତା ୨୩ ତାରିଖରେ ମିଳିତ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

### ଟ୍ରାଫିକ୍ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ

ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପ୍ରଶାସନ ପକ୍ଷରୁ ପ୍ରତି ପୂଜା ମଣ୍ଡପରେ ପୋଲିସ ମୁତୟନ କରାଯାଇଛି। ସହରର ସମସ୍ତ ଛକରେ ଫୋର୍ସ ମୁତୟନ ହୋଇଛନ୍ତି। ଟ୍ରାଫିକ୍ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ଏସ୍‌ପି ସାଗରିକା ନାଥ କହିଛନ୍ତି।


ପୁରୀ ମାଉସୀ ମା' ଗଳିର ଥ୍ରୀ ଷ୍ଟାର କ୍ଲବ।


ପୁରୀ ଜିଲା ସାଉଣ୍ଡ ଆଣ୍ଡ ଲାଇଟ୍ ଟ୍ରେଡର୍ସ ଆସୋସିଏଶନ୍।


ନିମାପଡ଼ା ଗଡ଼ଅଣ୍ଡିଆ ଗ୍ରାମ ମଙ୍ଗଳ ସମିତି।


ନିମାପଡ଼ା ଅଣ୍ଡିଆ ସାହି ଗଜଲକ୍ଷ୍ମୀ ପୂଜା କମିଟି।

# ଗଜଲକ୍ଷ୍ମୀଙ୍କୁ ଆବାହନ

**ପୁରୀ,୧୬।୧୦( ଅଜିତ୍ କୁମାର ମହାନ୍ତି)**

ଶ୍ରୀକ୍ଷେତ୍ରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ବୁଧବାର ପାଳିତ ହୋଇଯାଇଛି। ସହରର ବିଭିନ୍ନ ସ୍ଥାନରେ ମା'ଙ୍କ ଆରାଧନା କରାଯାଉଥିବା ଦେଖିବାକୁ ମିଳିଛି। ସହରର ବିଭିନ୍ନ ସ୍ଥାନରେ ବେଶ୍ ଧୁମ୍‌ଧାମରେ ମା'ଙ୍କ ଆବହାନ ଦେଖିବାକୁ ମିଳିଛି। ପୁରୀର ପ୍ରମୁଖ ସ୍ଥାନ ତ୍ରିଶକ୍ତି କ୍ଲବ, ବଡ଼ଦାଣ୍ଡର ବିଭିନ୍ନ ଛକ, ସମୁଦ୍ରକୂଳ ଅଞ୍ଚଳ ଓ ସାହି ଗଳିକନ୍ଦିରେ ମା'ଙ୍କ ଆବହନ କରାଯାଇଛି। ମୁଖ୍ୟତଃ କୁମାର ପୂର୍ଣ୍ଣିମା ଦିନ ମା ମହାଲକ୍ଷ୍ମୀ ଗଜ ବା ଧଳା ରଙ୍ଗର ହାତୀ ସହ ସମୁଦ୍ର ମଧ୍ୟରୁ ଧରାପୃଷ୍ଟକୁ ଆଗମନ କରିଥିବା ବିଶ୍ୱାସ ରହିଛି। ମା ମହାଲକ୍ଷ୍ମୀ ଗଜ ସହ ସମୁଦ୍ରବକ୍ଷରୁ ଧରାପୃଷ୍ଟକୁ ଆଗମନ କରିଥିବାରୁ ମାଙ୍କ ଗଜଲକ୍ଷ୍ମୀ ଭାବରେ ପୂଜା କରାଯାଏ। ପ୍ରତ୍ୟକ ମଣ୍ଡପ ମାନଙ୍କରେ ମା ମହାଲକ୍ଷ୍ମୀଙ୍କ ସହ ଦୁଇଟି ଧଳା ରଙ୍ଗର ହାତୀ ବା ଗଜ ସୋଭା ପାଇଥାନ୍ତି। ତେବେ ମାଙ୍କ ଆରାଧାନାରେ ପୁରୀ ସହରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ପରିଲିକ୍ଷିତ ହୋଇଥିଲା।

**କୋଣାର୍କ (ଜ୍ୟୋତିରାଜ ମହାନ୍ତି):** କୋଣାର୍କସ୍ଥିତ ବନାଖଣ୍ଡି ଛକରେ ମା' ଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଧାର୍ମିକ ରୀତିନୀତି ଅନୁଯାୟୀ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ପୂଜା କମିଟି ଓ ଶ୍ରଦ୍ଧାଳୁମାନେ ପବିତ୍ର ଜଳ ଆଣିବା ପରେ ମା'ଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା। କୁମାର ପୂର୍ଣ୍ଣିମା ଅବସରରେ ସନ୍ଧ୍ୟାରେ ଧାର୍ମିକ ରୀତିନୀତି ଅନୁଯାୟୀ ମା'ଲକ୍ଷ୍ମୀଙ୍କ ନିକଟରେ ହୋମ ଯଜ୍ଞ ଆଦି କାର୍ଯ୍ୟ କରାଯାଇ ପୂଜାର୍ଚ୍ଚନା ଆରମ୍ଭ କରାଯାଇଛି। ଏହି ପୂଜା କାର୍ଯ୍ୟ ଲକ୍ଷ୍ମୀ ପୂଜା କମିଟି ବନାଖଣ୍ଡି ଗ୍ରାମର ମୁଖ୍ୟ ଉପଦେଷ୍ଟା ପିଙ୍କନ ପ୍ରସାଦ ଜେନା, ସଭାପତି ଭଗବାନ କାଣ୍ଡିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି। ସମ୍ପାଦକ ସୂର୍ଯ୍ୟ ନାରାୟଣ ବିଶ୍ୱାଳ, କୋଷାଧ୍ୟକ୍ଷ ପବିତ୍ର କୁମାର ଜେନାଙ୍କ ସମେତ ସମସ୍ତ ସଭ୍ୟଙ୍କ ମିଳିତ ସହଯୋଗରେ ଆୟୋଜିତ ହୋଇଛି। ପୂଜା କାର୍ଯ୍ୟରେ କର୍ତ୍ତା ଭାବେ ବ୍ରଜବନ୍ଧୁ ବରାଳ, କର୍ତ୍ତୀ ଭାବେ ଲିଲି ବରାଳ ଓ ପୂଜକ ଚେମା ଦାଶ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରୁଛନ୍ତି।

**ଅସ୍ତରଙ୍ଗ (ପ୍ରଦୀପ୍ତ କୁମାର ଦୀକ୍ଷିତ):** ମା' ଦୁର୍ଗତିନାଶିନୀଙ୍କ ମେଲାଣି ପରେ ଧନଦାତ୍ରୀ ଗଜଲକ୍ଷ୍ମୀ ଧରାବତରଣ କରିଛନ୍ତି। ସୁଖ, ସମୃଦ୍ଧି ଓ ଐଶ୍ୱର୍ଯ୍ୟର ଭଣ୍ଡାର ନେଇ ବିରାଜିଛନ୍ତି ମା' ଗଜଲକ୍ଷ୍ମୀ। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ୧୪ଟି ପଞ୍ଚାୟତରେ ୨୦୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଉଛନ୍ତି ମା'। ପୁରୋହିତଙ୍କ ମନ୍ତ୍ର ପାଠରେ ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ମଣ୍ଡପ ଉତ୍ସବ ମୁଖରିତ ହୋଇଉଠିଛି। ଅସ୍ତରଙ୍ଗ ବ୍ଲକର ନଗର ପଞ୍ଚାୟତ ଅଧୀନ ବାଲିପନ୍ତାଳ ମା' ଗଜଲକ୍ଷ୍ମୀ ପୂଜା ୫୧ ବର୍ଷରେ ପଦାର୍ପଣ କରିଥିବା ବେଳେ ରଙ୍ଗିନ ଆଲୋକମାଳାକୁ ସୁନ୍ଦର ସୁଉଚ୍ଚ ତୋରଣ ରୂପ ବଦଳାଇ ଦେଇଛି। ସେହିଭଳି ଅସ୍ତରଙ୍ଗ ବ୍ଲକର ଆଳସାହି, ଆଳଙ୍ଗପୁର, ନଈଗୁଆଁ, ଅସ୍ତରଙ୍ଗ, କୁହୁଡ଼ି ସମେତ ବିଭିନ୍ନ ଗାଁରେ ଧନଦାତ୍ରୀଙ୍କ ପୂଜା ବେଶ୍ ଧୁମ୍‌ଧାମରେ ଆୟୋଜନ ହୋଇଛି। ସନ୍ଧ୍ୟା ସମୟରେ ବିଭିନ୍ନ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ଦେଖାଯାଇଛି। ସୁରକ୍ଷା ଦୃଷ୍ଟିରୁ ପୋଲିସ ତରଫରୁ ବିଭିନ୍ନ ଗାଁରେ କଡ଼ାକଡ଼ି ପାଟ୍ରୋଲିଂ କରାଯାଇଛି।

**ସାକ୍ଷୀଗୋପାଳ(ଭରତ ରାଉତ):** ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ସତ୍ୟବାଦୀ ଏବଂ ଏହାର ଆଖ ପାଖ ଅଞ୍ଚଳ ଏବେ ଚଳଚଞ୍ଚଳ ହୋଇପଡ଼ିଛି। ମା'ଙ୍କ ପୂଜାକୁ ସରସ ସୁନ୍ଦର କରିବାକୁ ଅଞ୍ଚଳର ବିଭିନ୍ନ ଗ୍ରାମ, ସାହି, ବସ୍ତିରେ ଏକ ରକମର ପ୍ରତିଯୋଗିତା ଆରମ୍ଭ ହୋଇଛି।


କୋଣାର୍କ


ଅସ୍ତରଙ୍ଗ

ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ସୁସଜ୍ଜିତ ପୂଜା ମଣ୍ଡପଗୁଡ଼ିକରେ ସ୍ଥାପନ କରାଯାଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଉଛି। ସାକ୍ଷୀଗୋପାଳ ବଡ଼ବଜାର ଗଜଲକ୍ଷ୍ମୀ ପୂଜା କମିଟି, ଗୋପାଳପୁର ପାଟଣା ଲକ୍ଷ୍ମୀପୂଜା କମିଟି, ମନ୍ଦିର ସିଂହଦ୍ୱାର, ସେବକସାହି, ଜୟପୁର, ଅଳଗୁମ, ଚଉଦଗୁଣ୍ଠ, ବସନ୍ତମାଳ, ଜିପୁର, ଡାହାଣ କୁମ୍ଭାରପଡ଼ା, ଶୁକଳ ଛକ, ସାରଙ୍ଗଯୋଡି ଓ କାଦୁଆ ଛକରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜା ମଣ୍ଡପ ସମ୍ମୁଖରେ ଆୟୋଜିତ ପ୍ରତ୍ୟହ ସନ୍ଧ୍ୟାରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶ୍ରଦ୍ଧାଳୁମାନେ ଉପଭୋଗ କରୁଛନ୍ତି। ସେହିପରି ସତ୍ୟବାଦୀ ବ୍ଲକ ଅଧୀନ ସାଣ୍ଡରା ଶାସନର ଗୌଡ଼ହାଟ ଗ୍ରାମର ବରୁଣେଇ ଯୁବକ ସଂଘ ପକ୍ଷରୁ ସପ୍ତମ ବାର୍ଷିକ ଗଜଲକ୍ଷ୍ମୀ ପୂଜା ବହୁ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ଅବସରରେ ମାତୃ ପୂଜା, ଗ୍ରହ ପୂଜା, ଲକ୍ଷ୍ମୀ ଆବାହନ, ହୋମ, ପ୍ରଦୀପ ପ୍ରଜ୍ୱଳନ କରିବା ସହ ସନ୍ଧ୍ୟା ଆଳତି ଓ ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଦିବ୍ୟଧାମ ପୁସ୍ତକ ଉନ୍ମୋଚିତ

**ପୁରୀ,୧୬।୧୦(ଅଜିତ୍ କୁମାର ମହାନ୍ତି)**

ବିଜୟା ଦଶମୀ ଅବସରରେ ଭାବମୟୀ ପରମହଂସଙ୍କ ଜୀବନ ଚରିତ୍ର ଉପରେ ଆଧାରିତ ଓଡ଼ିଆ ପୁସ୍ତକ 'ଦିବ୍ୟଧାମ' ମା'ଙ୍କ ଅତୁଲ୍ୟ ଲୀଳାମୃତ ଲୋକାର୍ପଣ କରାଯାଇଛି। ଏହି ପୁସ୍ତକ ସ୍ୱାମୀ ଆନନ୍ଦଜୀ ମହାରାଜାଙ୍କ ଦ୍ୱାରା ଓଡ଼ିଆ ଭାଷାରେ ଲେଖାଯାଇଛି। ଯେଉଁଥିରେ ପରମହଂସ ମା'ଙ୍କ ଅଲୌକିକତା, ଦିବ୍ୟଲୀଳା, ପ୍ରାଣୀ ଓ ଉଦ୍ଭିଦ ଜଗତ ସହ ମା'ଙ୍କର ଅଲୌକିକ ସମ୍ପର୍କ, ତୀର୍ଥଯାତ୍ରା, ଆଶ୍ରମ ଅନ୍ତେବାସୀଙ୍କ ସହ ମହାନୁଭବତା ଓ ଅମୃତବାଣୀ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ଦିବ୍ୟଧାମ ଆଶ୍ରମର ଅଧ୍ୟକ୍ଷ ସ୍ୱାମୀ ଆନନ୍ଦଜୀ ମହାରାଜା। ଆଶ୍ରମରେ ଏକ ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶରେ ପୂଜ୍ୟବାବା ବ୍ରଜବନ୍ଧୁ ଦାସ ମହାରାଜ, ନେଓଳ ଦାସ ମଠର ମହନ୍ତ ମହାରାଜା ରାମ ଚରଣ ଦାସ ମହାରାଜା, ପ୍ରଧାପକ ରାଜେଶ କୁମାର ମିଶ୍ର, ପ୍ରଧାପକ ଅଦ୍ୱୈତ ଚରଣ ଧଳଙ୍କ ସମେତ ସ୍ୱାମୀ ଆନନ୍ଦଜୀ ମହାରାଜା ଓ ଜାପାନର ଆକିଓ ଟାନାବେ ଓଡ଼ିଆରେ ମା'ଙ୍କ ସମ୍ପର୍କରେ ଅନେକ ଅନୁଭୂତି କଥା କହିଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।



ପ୍ରତିଷ୍ଠା ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ସମ୍ମାନିତ କରାଯାଉଛି।

## ଆଧ୍ୟାତ୍ମିକ ଚେତନା ଭଲ ମଣିଷଟିଏ ଗଢ଼ିଥାଏ

**ଗୋପ,୧୬।୧୦(ଭାରତୀ ଭୂଷଣ ଉପାଧ୍ୟାୟ)**

**ରାଧାବଲ୍ଲଭ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ**

ଗୋପ ବ୍ଲକ ଅନ୍ତର୍ଗତ ବୈରୀପୁର ରାଧାବଲ୍ଲଭ ମହାବିଦ୍ୟାଳୟର ୩୩ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମହନ୍ତ ମହାରାଜ ରାମକୃଷ୍ଣ ଦାସ ସୁସ୍ଥ ସମାଜ ପାଇଁ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଆଧ୍ୟାତ୍ମିକ ଚେତନା ସହିତ ଉଚ୍ଚକୋଟୀର ଆଚାର ବ୍ୟବହାରର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜଗନ୍ନାଥ ମନ୍ଦିରର ପୂର୍ବତନ ଉପପ୍ରଶାସକ ଡକ୍ଟର ଭାସ୍କର ମିଶ୍ର ଆଧ୍ୟାତ୍ମିକ କ୍ଷେତ୍ରରେ ଆମମାନଙ୍କୁ ଅଦ୍ୟାବଧି ଚିନ୍ତା ଚେତନାର ଜାଗରଣ ଆଣିବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରାଧ୍ୟାପକ ଧରଣୀଧର ପ୍ରଧାନ, ଡକ୍ଟର ଗୁରୁପ୍ରସାଦ ମହାପାତ୍ର, ବନ୍ତଳିଗ୍ରାମ ସରପଞ୍ଚ ମହେଶ୍ୱର ସ୍ୱାଇଁ, ସାମାଜିକ କର୍ମୀ ଦାଶରଥି ବରାଳ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ଓ ଭବିଷ୍ୟତ ଗଠନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅତିଥିମାନେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ମହନ୍ତ କୃଷ୍ଣଚନ୍ଦ୍ର ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ସମ୍ମାନିତ ସହିତ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରତ କୁମାର ସ୍ୱାଇଁଙ୍କୁ ମୁଖ୍ୟ ଅତିଥି ମହାବିଦ୍ୟାଳୟର ଉନ୍ନତି ସହିତ ଛାତ୍ରୀଛାତ୍ରଙ୍କ ଚରିତ୍ର ଓ ଭବିଷ୍ୟତ ଗଠନ କ୍ଷେତ୍ରରେ ସର୍ବାଗ୍ରେ ରହିଥିବା ଯୋଗୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ଅଧାପିକା ଅଧାପକମାନେ ପରିଚାଳନା କରିଥିଲେ।

## ଭାଜପାରେ ଯୋଗଦେଲେ ଶତାଧିକ ମହିଳା

**ସାକ୍ଷୀଗୋପାଳ,୧୬।୧୦(ଭରତ ରାଉତ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ବ୍ଲକର ଶତାଧିକ ମହିଳା ବୁଧବାର ଭାଜପାରେ ସାମିଲ ହୋଇଛନ୍ତି। ସ୍ଥାନୀୟ ନଡ଼ିଆ ଫାର୍ମ ପରିସରରେ ଭାଜପା ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ଏମାନଙ୍କୁ ଦଳକୁ ସ୍ୱାଗତ କରାଯାଇଥିଲା। ଏଥିସହ ପଞ୍ଚାୟତର ପ୍ରାଣୀ ମିତ୍ର, କୃଷି ମିତ୍ର ସଦସ୍ୟମାନେ ଏହି ମିଶ୍ରଣ ପର୍ବରେ ସାମିଲ ହୋଇ ଥିଲେ। କାର୍ଯ୍ୟକ୍ରମରେ ସତ୍ୟବାଦୀ ମଣ୍ଡଳ ସଭାପତି ଉମେଶ ପ୍ରଧାନ, ସତ୍ୟବାଦୀ ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ରିତା ତ୍ରିପାଠୀ, ତ୍ରିଲୋଚନ ରଥ ଓ ଅଶୋକ ରାଉତରାୟ ପ୍ରମୁଖଙ୍କ ସମେତ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ମିଶ୍ରଣ ପର୍ବରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ସମେତ ଅନ୍ୟମାନେ।

## କୁନି କଣ୍ଠଶିଳ୍ପୀଙ୍କ ଗୀତରେ ସଚେତନତା ବାର୍ତ୍ତା

**ନିମାପଡ଼ା,୧୬।୧୦(ରଞ୍ଜନ ପଟ୍ଟନାୟକ):** ଆସଆସ ଆମେ ଏକାଠି ହେବା, ଗାଁ ସହରକୁ ସଫା ରଖିବା ସଙ୍ଗୀତ ମାଧ୍ୟମରେ ନିମାପଡ଼ା ଶେଉଳସାହି ଗ୍ରାମର ୧୦ ବର୍ଷୀୟ କୁନି କଣ୍ଠଶିଳ୍ପୀ ଅରମାନ ଶାନ ସଚେତନ



ବାର୍ତ୍ତା ଦେଇଛନ୍ତି। ଏହି ଗୀତଟି ଏବେ ଖୁବ୍ ଭାଇରାଲ ହେବାରେ ଲାଗିଛି। ପିଲାଟି ଦିନରୁ ସଙ୍ଗୀତ ପ୍ରତି ରୁଚି ରଖିଥିବା ଦୀପକ ରଞ୍ଜନ ସାହୁ ଏବଂ ସିପ୍ରାରାଣୀ ସାହୁଙ୍କ ପୁତ୍ର ଅରମାନଙ୍କ କଣ୍ଠରୁ ଅନେକ ଗୀତ ସାମାଜିକ ଗଣମାଧ୍ୟମରେ ଅପଲୋଡ ହୋଇଛି। ତାଙ୍କର ଅନେକ ଫ୍ୟାନ୍ ଫଲୋର୍ସ ରହିଛନ୍ତି। ଆମେ ନିଜେ ପରିଷ୍କାର ରହିବା ସହ ଆଖପାଖକୁ ସଫା ସୁତରା ରଖିଲେ ନିଜେ ନୀରୋଗ ରହିବା। ଆମ ପରିବାର ତଥା ସମାଜକୁ ରୋଗମୁକ୍ତ କରିପାରିବା, ଯାହା ଆମେ କରୋନା ସମୟରୁ ଶିଖିସାରିଛେ। ଏହି ମର୍ମରେ ସରକାରଙ୍କ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମରେ ଯେଉଁମାନେ ଦିନରାତି ଏକ କରି ଆମ ଚାରିପାଖ ସଫା କରୁଛନ୍ତି, ଯେମିତିକି ଝାଡୁଦାର ଭଉଣୀଭାଇ, ସ୍ୱଚ୍ଛସାଥୀ ଦିଦି, ସ୍ୱୟଂ ସହାୟକ ଗୋଷ୍ଠୀର ମା' ଭଉଣୀ, ପୌର କର୍ମଚାରୀ ସମସ୍ତଙ୍କୁ ସମ୍ମାନ ଜଣାଇ ଏହି ଗୀତଟିକୁ ଅରମାନ ଗାଇଛନ୍ତି।

## ଉମାଶଙ୍କର ଯୋଗାଶ୍ରମର ସ୍ୱନକ୍ଷତ୍ର ଉତ୍ସବ

**ନିମାପଡ଼ା,୧୬।୧୦**
**(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)**

ନିମାପଡ଼ାସ୍ଥିତ ଉମାଶଙ୍କର ଯୋଗାଶ୍ରମର ସ୍ୱନକ୍ଷତ୍ର ଉତ୍ସବ, ଯୋଗ ଶିବିର ଓ ମେଘା ସମ୍ବର୍ଦ୍ଧନା ସମାରୋହ ସ୍ଥାନୀୟ ଟାଉନ ହଲ୍‌ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପୂର୍ବ ଭାରତର ସହ କ୍ଷେତ୍ରୀୟ ପ୍ରଚାରକ ଜଗଦୀଶ ପ୍ରସାଦ ଖାଡଙ୍ଗା, ପ୍ରଜ୍ଞା ପ୍ରବାହର ରାଜ୍ୟ ସଂଯୋଜକ ରବି ନାରାୟଣ ପଣ୍ଡା, ଯୋଗାଶ୍ରମ ପ୍ରତିଷ୍ଠାତା ରବି ନାରାୟଣ ଆଚାର୍ଯ୍ୟ, ନିର୍ଦ୍ଦେଶକ ଉମାଶଙ୍କର ଆଚାର୍ଯ୍ୟ, ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ରୂପଭାନୁ ମିଶ୍ର, ନିମାପଡ଼ା ମେଡିକାଲ ମୁଖ୍ୟ ଚିକିତ୍ସାଧିକାରୀ ଡ. କ୍ଷମାନିଧି ସେଠୀ, ପୋଲିସ ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଯୋଗଶିକ୍ଷା, କରଯୋଗ, ରୁହ ନିରୋଗ, ପ୍ରାକୃତିକ ଚିକିତ୍ସା ଦିଗରେ ଗୁରୁତ୍ୱାରୋପ କରିବା ସହ ଯୋଗାଶ୍ରମର ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ମଞ୍ଚାସୀନ ଅତିଥି, ଯୋଗ ଶିକ୍ଷକ, ଯୋଗ ମାର୍ଗ ଦର୍ଶକ, ଯୋଗ ମହୋତ୍ସବ ସମିତି, ଦିବ୍ୟ ଜୀବନ ସଂଘର ବରିଷ୍ଠ କର୍ମକର୍ତ୍ତା ଓ ଯୋଗକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯୋଗାଶ୍ରମର ୫୦ ଜଣ କୃତୀ ଛାତ୍ରୀଛାତ୍ରଙ୍କ ସମେତ ପ୍ରାୟ ଶହେ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିବିରରେ ଯୋଗାଶ୍ରମର ଛାତ୍ରୀଛାତ୍ର ବିଭିନ୍ନ ପ୍ରକାରର ଯୋଗ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ବର୍ଷାରାଣୀ ମହାରଣା, ପ୍ରିୟଙ୍କା ବେହେରା, ରଞ୍ଜନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ।


ଛାତ୍ରୀଛାତ୍ରମାନେ ଯୋଗ କରୁଛନ୍ତି।

## ଦେବୋତ୍ତର ବିଭାଗ ଛତ୍ରଛାୟାରେ ଚାଲିଛି ଅଧିକାରୀଙ୍କ ମନମାନି

**ସାକ୍ଷୀଗୋପାଳ,୧୬।୧୦**
**(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)**

ପୁରୀ ଜିଲାର ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ଦୁର୍ନୀତିରେ ବୁଡ଼ି ରହିଛି। ଦେବୋତ୍ତର ବିଭାଗ ଛତ୍ରଛାୟାରେ ଅଧିକାରୀମାନେ ଏଠାରେ ମନମାନି ଚଳାଇଛନ୍ତି। ତାଙ୍କ ବିରୋଧରେ ବିଭିନ୍ନ ସୂତ୍ରରୁ ଉଚ୍ଚ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଚର୍ଚ୍ଚା ହେଉଛି। ସ୍ୱଳ୍ପ ବେତନରେ କାମ କରୁଥିବା କର୍ମଚାରୀଙ୍କୁ ଛଟେଇ କରିବା ନୂତନ ନିଯୁକ୍ତି ପରିଚାଳନା କମିଟିର ଅଗୋଚରରେ କରାଯାଉଛି। ସେପଟେ ସାକ୍ଷୀଗୋପାଳଙ୍କ ଦୈନିକ ନୀତିକାନ୍ତି ପରିଚାଳନାରେ ମଧ୍ୟ ବିଭ୍ରାଟ ହେଉଛି। ଠାକୁରଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀଙ୍କୁ ମୌଳିକ ସୁବିଧା ସୁଯୋଗ ନ ଦେଇ ସେମାନଙ୍କୁ ଅର୍ଥିକ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ରାଜ ପ୍ରତିଷ୍ଠିତ ଏହି ପୁରାତନ ମନ୍ଦିରରେ ସେବା ନୀତି ନିର୍ବାହ ପାଇଁ ମୌରସୀ ସେବାୟତଙ୍କୁ ପ୍ରଦାନ କରାଯାଇଥିବା ଭୂସମ୍ପତ୍ତିର ଉଚ୍ଛେଦ ହେବା ପରେ ସେମାନେ ବହୁବର୍ଷ ଧରି ପୁରୁଷାନୁକ୍ରମେ ନାମକୁ ମାତ୍ର ପାରିଶ୍ରମିକ ପାଉଛନ୍ତି।




**ଦୁର୍ନୀତିରେ ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ**

ଏହି ପାଉଣା ବୃଦ୍ଧି ପାଇବା ପରେ ପୂଜାପଣ୍ଡା ଦୈନିକ ୯୫ ଟଙ୍କା, ପାଳିଆ ସୁଆର ୧୩୫ ଟଙ୍କା, ପଡ଼ିସୁଆର ୬୦ ଟଙ୍କା, ଭଣ୍ଡାର ମେକାପ ୭୫ ଟଙ୍କା, ପାଳିଆପତ୍ରି ୩୭. ୫୦ ଟଙ୍କା, ପ୍ରତିହାରୀ ୩୨. ୫୦ ଟଙ୍କା, ଛାମୁ ଖୁଣ୍ଟିଆ ୧ଟଙ୍କା, କଳା, ଧଳା ଛତି, ତ୍ରାସ ଓ କାହାଳିଆ ସେବାୟତ ୧୦ ଟଙ୍କା ପାଇ ପରିବାର ପ୍ରତିପୋଷଣ କରିବା ଅସମ୍ଭବ ହୋଇଛି। ଫଳରେ କେତେଜଣ ସେବାୟତ ଠାକୁରଙ୍କ ସେବାରୁ ମୁହଁ ଫେରାଇ ନେଉଛନ୍ତି। ଏଭଳି ସ୍ଥିତିରେ କେତେଗୁଡ଼ିଏ ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲାଣି। ଯେଉଁଠି ମନ୍ଦିର ପ୍ରଶାସନରେ ନିଯୁକ୍ତ ଜଣେ ସାଧାରଣ କର୍ମଚାରୀଙ୍କ ଦରମା ସହ ପୂଜାପଣ୍ଡା ଓ ଅନ୍ୟ ସେବାୟତଙ୍କ ପ୍ରାପ୍ୟ କମ୍, ସେଠାରେ କିଭଳି ଏହି ଅଧିକାରୀ କାର୍ଯ୍ୟ କରୁଛନ୍ତି ତାହା ତଦନ୍ତ ହେବା ଆବଶ୍ୟକ ବୋଲି ପୂଜାପଣ୍ଡା ପୀତାମ୍ବର ମହାପାତ୍ର ଅଭିଯୋଗ କରିଛନ୍ତି।

ଅଧିକାରୀଙ୍କ ଅନିୟମିତତା ମଧ୍ୟରେ ଦୋକାନ ଘର ଭଡ଼ା ପୂର୍ବରୁ ସମାନ ଥିବାବେଳେ ଅଧିକାରୀ ଭଡ଼ା ବୃଦ୍ଧି କରିବା ସହ ମନଇଚ୍ଛା ଭଡ଼ା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଭଡ଼ା ରସିଦ୍ କ୍ରମିକ ସଂଖ୍ୟା ୫୯। ଜମାବନ୍ଦୀ ସଂଖ୍ୟା ୧୦୯। ମାସିକ ଭଡ଼ା ୭୫୦ ଟଙ୍କା କଟାଯାଇଥିବା ବେଳେ ପଡ଼ୋଶୀ ଦୋକାନୀଙ୍କଠାରୁ ରସିଦ୍ କ୍ରମିକ ସଂଖ୍ୟା ୭୭। ଜମାବନ୍ଦୀ ସଂଖ୍ୟା ୧୦୭ ଅନୁଯାୟୀ ମାସିକ ଭଡ଼ା ୭୦୦ ଟଙ୍କା କିପରି କଟାଗଲା ବୋଲି ଭଡ଼ାଦାତା ଅଧିକାରୀଙ୍କୁ ପଚାରିବାରେ ତାଙ୍କୁ ଅଧିକାରୀ ନାନା ଆଳ ଦେଖାଉଛନ୍ତି। ଭଡ଼ା ଟଙ୍କା ଦେବାର ୨ରୁ ୩ ମାସ ପରେ ରସିଦ୍ ଦିଆଯାଉଛି। ରସିଦ୍‌ରେ ଅଧିକାରୀଙ୍କ ଦସ୍ତଖତ, ତାରିଖ ଠିକ୍ ମେଳ ଖାଉନାହିଁ ବୋଲି ବ୍ୟବସାୟୀ ବଳରାମ ଶତପଥୀ ଅଭିଯୋଗ କରିଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମାସିକ ବେତନ ୫ ହଜାର ଟଙ୍କା, ସୁପରଭାଇଜରଙ୍କ ୩୨୦୦ ଟଙ୍କା, କିରାଣିଙ୍କ ୨୫୦୦ଟଙ୍କା, ମନ୍ଦିର ପୋଲିସ/ପିଅନଙ୍କ ୨୦୫୦ ଟଙ୍କା, ଝାଡୁଦାରଙ୍କ ୨୦୫୦ ଟଙ୍କା। ଏପରି ମୋଟ ୨୧ ଜଣ କର୍ମଚାରୀ ରହିଥିବା ଜଣାପଡ଼ିଛି। ନିକଟରେ ଠାକୁରଙ୍କ ଜମିରୁ ପ୍ରଶାସନ ପୂର୍ବରୁ ଦଖଲ ଉଚ୍ଛେଦ କରିଥିବା ବ୍ୟକ୍ତିଙ୍କୁ ଏହି ଅଧିକାରୀ ପରିଚାଳନା କମିଟି ଅଗୋଚରରେ ଭଡ଼ାରେ ଜମି ଯୋଗାଇ ଦେଇଛନ୍ତି। ଏତେ ସବୁ ଦୁର୍ନୀତିର ସମନ୍ୱୟସ୍ଥଳ ପାଲଟିଥିବା ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟକାଳ ସମୟରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ସ୍ଥାନୀୟ ଭାଜପା ନେତା ଦୀପକ ଶତପଥୀ ଦାବି କରିଛନ୍ତି। ମନ୍ଦିର ପ୍ରଶାସନିକ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ କହିଛନ୍ତି, ଦେବୋତ୍ତର ବିଭାଗ କମିଶନଙ୍କ ଆଦେଶ ପାଇଲେ ସେ ମତାମତ ଦେବେ।


ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟଠାରେ ବୁଧବାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ସାଧାରଣ ସମ୍ପାଦକ ବିନୋଦ ତାୱଡ଼େଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପାର ସକ୍ରିୟ ସଦସ୍ୟତା ଗ୍ରହଣ କରୁଛନ୍ତି।

# ଭାଜପାର ପ୍ରଥମ ସକ୍ରିୟ ସଦସ୍ୟ ହେଲେ ମୋଦି

ନୂଆଦିଲ୍ଲୀ, ୧୬।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଭାଜପାର ପ୍ରଥମ ସକ୍ରିୟ ସଦସ୍ୟ ହୋଇଛନ୍ତି। ଏଥିସହ ସେ ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଦଳର ସକ୍ରିୟ ସଦସ୍ୟତା ଅଭିଯାନକୁ ଆରମ୍ଭ କରିଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିନୋଦ ତାୱଡ଼େଙ୍କ ଉପସ୍ଥିତିରେ ମୋଦି ଦଳର ସକ୍ରିୟ ସଦସ୍ୟତା ଗ୍ରହଣ କରିଛନ୍ତି। ଭାଜପାର ସକ୍ରିୟ ସଦସ୍ୟତା ଅଭିଯାନ ଅନୁଯାୟୀ, ଦଳର ସକ୍ରିୟ ସଦସ୍ୟମାନେ କୌଣସି ବୁଥ୍‌ରେ କିମ୍ବା ବିଧାନସଭା ଆସନରେ ଅନ୍ୟୂନ ୫୦ ଜଣଙ୍କୁ ଦଳୀୟ ସଦସ୍ୟତା ଗ୍ରହଣ କରାଇବେ। ସେହିପରି ଭାଜପାର ସମ୍ବିଧାନ ଅନୁଯାୟୀ, ଦଳୀୟ ସକ୍ରିୟ ସଦସ୍ୟମାନେ ହିଁ କେବଳ ସାଙ୍ଗଠନିକ ନିର୍ବାଚନରେ ଅଂଶଗ୍ରହଣ କରିପାରିବେ। ଏନେଇ ପ୍ରଧାନମନ୍ତ୍ରୀ ଏକ୍ସ’ରେ ଏକ ପୋଷ୍ଟ କରି ଲେଖିଛନ୍ତି, ଜଣେ କାର୍ଯ୍ୟକର୍ତ୍ତା ଭାବରେ ଭାଜପାର ପ୍ରଥମ ସକ୍ରିୟ ସଦସ୍ୟ ହୋଇଥିବାରୁ ଗର୍ବ ଅନୁଭବ କରୁଛି। ଭାଜପାର ସଦସ୍ୟତା ଅଭିଯାନ ହେଉଛି ଏପରି ଏକ ଆନ୍ଦୋଳନ, ଯାହା ତୃଣମୂଳ ସ୍ତରରେ ଦଳକୁ ଆହୁରି ମଜଭୁତ କରିବାରେ ସହାୟକ ହେବ। ଦଳର ଏହି ପ୍ରୟାସ ବିକଶିତ ଭାରତର ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ରାଷ୍ଟ୍ରୀୟ ପ୍ରଗତି ପାଇଁ ଭାଜପା କାର୍ଯ୍ୟକର୍ତ୍ତାମାନଙ୍କର ପ୍ରଭାବଶାଳୀ ଅବଦାନକୁ ଏହି ଅଭିଯାନ ନିଶ୍ଚିତ କରିବ।

# ନବୀନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୧୦(ଅନିଲ ଦାସ)

ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୭୮ ବର୍ଷ ପୂର୍ଣ୍ଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବୀନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରିଛନ୍ତି। ଅନ୍ୟପକ୍ଷରେ ବିଜୁ ଜନତା ଦଳର ନେତା ତଥା ବିଭିନ୍ନ ବର୍ଗର ଲୋକ, ଛାତ୍ରୀଛାତ୍ର ନବୀନ ନିବାସକୁ ଯାଇ ନବୀନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ଅରୁଣ ସାହୁ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ଅରବିନ୍ଦ ମହାପାତ୍ର, ସୁନୀଲ ମହାନ୍ତି, ସୌଭିକ ବିଶ୍ୱାଳ, ରମେଶ ମାଝି, ଶ୍ରୀମୟୀ ମିଶ୍ର, ମନ୍ମଥ ରାଉତରାୟ, ସୁଧୀର ସାମଲ, ଲତିକା ପ୍ରଧାନ, ଲୋପାମୁଦ୍ରା ବକ୍ସିପାତ୍ର, ଭୃଗୁ ବକ୍ସିପାତ୍ର ପ୍ରମୁଖ ଦଳୀୟ ନେତୃବୃନ୍ଦ, ପ୍ରଜାପିତା ବ୍ରହ୍ମାକୁମାରୀ ଅନୁଷ୍ଠାନର ସଭ୍ୟା, ବିଏମ୍‌ସିର କର୍ପୋରେଟରଙ୍କ ସମେତ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ନବୀନଙ୍କୁ ଭେଟି ତାଙ୍କ ଦୀର୍ଘଜୀବନ କାମନା କରିଛନ୍ତି।

# ଦଳକୁ ହରାଇଲେ ଆସିକା ବିଜେଡି ଏମ୍‌ପି ପ୍ରାର୍ଥୀ : ଲତିକା

ଭୁବନେଶ୍ୱର,୧୬।୧୦(ଅନିଲ ଦାସ)


ଲତିକା ପ୍ରଧାନ

ଗତ ସାଧାରଣ ନିର୍ବାଚନରେ ଦଳର ପରାଜୟକୁ ବିଜେଡି ପ୍ରାର୍ଥୀମାନେ ସହଜରେ ହଜମ କରିପାରୁନାହାନ୍ତି। ବରିଷ୍ଠଙ୍କଠାରୁ ଆରମ୍ଭକରି କନିଷ୍ଠ ଯାଏ ଆରୋପ ପ୍ରତ୍ୟାରୋପରେ ମାତିଛନ୍ତି। ପରାଜୟକୁ ନେଇ ବିଜେଡି ସଭାପତିଙ୍କ ନିକଟରେ କିଛି ନେତାଙ୍କୁ ସିଧାସଳଖ ଦାୟୀ କରୁଛନ୍ତି। କବିସୂର୍ଯ୍ୟନଗରର ପୂର୍ବତନ ବିଧାୟିକା ଲତିକା ପ୍ରଧାନ ଆସିକା ସଂସଦୀୟ କ୍ଷେତ୍ରରେ ବିଜେଡିର ପରାଜୟ ପାଇଁ ଆସିକାର ବିଜେଡି ଏମ୍‌ପି ପ୍ରାର୍ଥୀ ରଞ୍ଜିତା ସାହୁଙ୍କୁ ଦାୟୀ କରିଛନ୍ତି। ନିର୍ବାଚନ ସମୟରେ ବିଭୀଷଣ ସାଜି ରଞ୍ଜିତା ଦଳୀୟ ପ୍ରାର୍ଥୀଙ୍କୁ ହରାଇଛନ୍ତି ବୋଲି ସେ ନବୀନଙ୍କୁ ଅବଗତ କରିଥିବା ସୂଚନା ମିଳିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇବାକୁ ବୁଧବାର ଭୁବନେଶ୍ୱର ଆସିଥିବା ଲତିକା ଗଣମାଧ୍ୟମ ଆଗରେ କହିଛନ୍ତି, ନିର୍ବାଚନ ସମୟରେ ରଞ୍ଜିତା ବିଭୀଷଣ ଭୂମିକା ନିର୍ବାହ କରିଥିଲେ। ନିର୍ବାଚନରେ ଭାଜପା ସହ ସାଲିସ୍ କରି କାମ କରିଥିଲେ। ଏବେ ମଧ୍ୟ ସେହି କାମ କରୁଛନ୍ତି। ଦଳର ସଭାପତିଙ୍କୁ ଭେଟି ଏ ସମ୍ପର୍କରେ ସେ ଅବଗତ କରାଇଛନ୍ତି। ତାଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି। ଯଦି ଦଳର ସଭାପତି କାର୍ଯ୍ୟାନୁଷ୍ଠାନ ନ ନେବେ ତେବେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ସେ କହିଛନ୍ତି, ସ୍ୱର୍ଗତ ବିଜୁ ବାବୁଙ୍କ ସମୟରୁ ଆସିକା ସଂସଦୀୟ କ୍ଷେତ୍ର ଅନ୍ୟ କାହା ହାତକୁ ଯାଇ ନ ଥିଲା। ଏଭଳି ଜଣେ ପ୍ରାର୍ଥୀଙ୍କ ପାଇଁ ଆସିକା ସିଟ୍ ପଳାଇଲା। ରଞ୍ଜିତାଙ୍କ ନିର୍ବାଚନ ପରିଚାଳନା ତ୍ରୁଟି ଯୋଗୁ ଆମେ ସବୁ ସିଟ୍ ହରାଇଲୁ। ସେ ବିଭୀଷଣ ସାଜି ଦଳ ବିରୋଧୀ କାମ କରିଛନ୍ତି। ସମସ୍ତ ପ୍ରମାଣ ସହ ଏନେଇ ସେ ଦଳର ସଭାପତିଙ୍କୁ ଜଣାଇଛନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ସଭାପତିଙ୍କୁ ଅନୁରୋଧ କରିଥିବା କହିଛନ୍ତି। ଦଳର ସଭାପତିଙ୍କ ଉପରେ ବିଶ୍ୱାସ ରହିଛି ସେ ତାଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଲତିକା କହିଛନ୍ତି। ନିର୍ବାଚନ ପରଠାରୁ ଦଳ ତାଙ୍କୁ କିଛି ଦାୟିତ୍ୱ ଦେଇନାହିଁ। ଦଳ ମୋତେ ସବୁ ଦାୟିତ୍ୱ ଦେଇଛି। ମୁଁ ମୋର ଦାୟିତ୍ୱ ଠିକ୍ ଭାବରେ ତୁଲାଉଛି। ସଭାପତି ଯାହା ନିଷ୍ପତ୍ତି ନେବେ ଆମେ ତାକୁ ମାନିନେବୁ ବୋଲି ଲତିକା କହିଛନ୍ତି। ଲତିକାଙ୍କ ଅଭିଯୋଗକୁ ରଞ୍ଜିତା ଖଣ୍ଡନ କରି କହିଛନ୍ତି,ଏହା ଦଳ ଭିତର କଥା, ଆମେ ସୁପ୍ରିମୋଙ୍କୁ ଜଣାଇବୁ। ମୁଁ ବିଜେଡି ସଦସ୍ୟା। ଗତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଥିଲି। ମୋ ଉପରେ ଆସିଥିବା ଆରୋପ ଠିକ୍ ନୁହେଁ। ଦଳ କିଭଳି ଦୃଢ଼ ହେବ ସେ ନେଇ ଆମେ କାମ କରୁଛୁ,ପଦଯାତ୍ରା କରୁଛୁ ବୋଲି ସେ କହିଛନ୍ତି।

## ଦଳ ସୁପ୍ରିମୋ ଯାହା ନିଷ୍ପତ୍ତି ନେବେ: ଚ୍ୟାଉ ପଟ୍ଟନାୟକ

ଗଞ୍ଜାମ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ଲତିକା ଆସିକା ଏମ୍‌ପି ପ୍ରାର୍ଥୀ ରଞ୍ଜିତା ସାହୁଙ୍କୁ ନେଇ ଯାହା କହିଛନ୍ତି ସେଥିନେଇ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଭଲ ଭାବେ ଅବଗତ ଅଛନ୍ତି। ଦଳ ପକ୍ଷରୁ ଏହାକୁ ଅନୁସନ୍ଧାନ କରାଯିବ। ଦଳ ସୁପ୍ରିମୋ ଯାହା ନିଷ୍ପତ୍ତି ନେବେ ବୋଲି ଚ୍ୟାଉ ପଟ୍ଟନାୟକ କହିଛନ୍ତି।

# ୱାୟନାଡ୍‌ରେ ଛାଇଗଲା ପ୍ରିୟଙ୍କା ପୋଷ୍ଟର

ୱାୟନାଡ୍,୧୬।୧୦




ନଭେମ୍ବର ୧୩ରେ କେରଳର ୱାୟନାଡ୍ ଲୋକ ସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ କମିଶନ ମଙ୍ଗଳବାର ଏହା ଘୋଷଣା କରିବା ମାତ୍ରେ ୱାୟନାଡ୍ କାଲ୍ପେଟ୍ଟା, ରାସ୍ତାଘାଟରେ ଛାଇ ହୋଇଯାଇଛି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ପୋଷ୍ଟର।

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉତ୍ତର ପ୍ରଦେଶର ଅମେଠି ଆସନରୁ ପ୍ରତିନିଧିତ୍ୱ କରିବା ପାଇଁ ୱାୟନାଡ୍ ଆସନକୁ ନିଜ ଭଉଣୀ ପ୍ରିୟଙ୍କାଙ୍କୁ ଛାଡ଼ିଦେଇଛନ୍ତି। ପ୍ରିୟଙ୍କା ଏଠାରୁ ପ୍ରାର୍ଥୀ ହେବା ନେଇ ପୂର୍ବରୁ ସ୍ଥିର ହୋଇଥିଲେ ମଧ୍ୟ ୱାୟନାଡ୍‌ବାସୀ ଉପନିର୍ବାଚନ ତାରିଖ ଘୋଷଣାକୁ ଅପେକ୍ଷା କରିଥିଲେ। ଘୋଷଣା ପରେ ୱାୟନାଡ୍ କଂଗ୍ରେସ କର୍ମୀଙ୍କ ମନରେ ଉତ୍ସାହ ଭରିହୋଇଯାଇଛି। ଅନେକ କର୍ମୀ ପ୍ରିୟଙ୍କାଙ୍କ ପାଇଁ ତାଙ୍କ ଫଟୋ ଥିବା ବିଲ୍‌ବୋର୍ଡ ଓ ହୋର୍ଡିଂ ଲଗାଇବାରେ ବ୍ୟସ୍ତ ଥିବାବେଳେ ଆଉ କେତେଜଣ ପ୍ରମୁଖ ସ୍ଥାନଗୁଡ଼ିକରେ ପୋଷ୍ଟର ଛାପୁଥିବା ଦେଖିବାକୁ ମିଳୁଛି। ଏହି ଆସନ ଅନ୍ତର୍ଗତ ୱାୟନାଡ୍, ମଲପୁରମ୍ ଓ କୋଝିକୋଡ୍ ଜିଲା ଅଧୀନରେ ଆସୁଥିବା ୭ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରିୟଙ୍କାଙ୍କ ପ୍ରାର୍ଥିତ୍ୱକୁ ନେଇ ଭୋଟର ଉଲ୍ଲସିତ। ଗତ ଜୁଲାଇରେ ୱାୟନାଡ୍‌ରେ ହୋଇଥିବା ବାଦଲଫଟା ବର୍ଷାଜନିତ ଭୂସ୍ଖଳନରେ ପ୍ରାୟ ୪୦୦ ଜଣଙ୍କ ଜୀବନ ଯାଇଥିଲା। ଏହି ପ୍ରାକୃତିକ ବିପର୍ଯ୍ୟୟ ବେଳେ ଭଉଣୀଭାଇ ୪ ଜିଲା ବୁଲି ୱାୟନାଡ୍‌କୁ ପୁନଃ ନିର୍ମାଣର ପ୍ରତିଶ୍ରୁତି ଦେଇଥିଲେ। ଏବେ ପ୍ରିୟଙ୍କାଙ୍କୁ ନିଜ ପ୍ରତିନିଧି ବାଛିବା ପାଇଁ ସେମାନେ ତାଙ୍କ ଆଗମନକୁ ଅପେକ୍ଷା କରିଛନ୍ତି। ୨୦୧୯ରେ ରାହୁଲ ଏଠାରୁ ୪.୬ ଲକ୍ଷ ଭୋଟରେ ବିଜୟୀ ହୋଇଥିବାବେଳେ ୨୦୨୪ ଲୋକ ସଭା ନିର୍ବାଚନରେ ବ୍ୟବଧାନ ୩.୬୪ ଲକ୍ଷକୁ ଖସିଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର କରି ଯେବେ ଘରଣୀ ନ ଥାଏ**
**ତହିଁରେ ନ ଥାଏ ସୁଖ,**
**ଧନ ଅର୍ଜି ଯେବେ ଧର୍ମରେ ନ ଲାଗେ**
**ପଛକୁ ହୁଅଇ ଯକ୍ଷ।**

ଘରକୁ ସ୍ୱର୍ଗଠାରୁ ସୁନ୍ଦର କରିବାରେ ଗୃହିଣୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଘରଣୀ ବିନା ଘର ସୁଖମୟ ହୋଇ ନ ଥାଏ। ସେହିପରି ଧନ ଅର୍ଜନ କରି ଦାନ ଧର୍ମ କାମରେ ବିନିଯୋଗ କଲେ ପୁଣ୍ୟ ମିଳିଥାଏ। ତା’ନ ହେଲେ ଅନ୍ତିମ କାଳରେ ଏହାର କୁପରିଣତି ଭୋଗିବାକୁ ପଡ଼ିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଘନ ଜଙ୍ଗଲରେ ବେଲ ଲଡ଼େଇ,**
**ଫୁଲ ଥାଇ ଫଳ ଆଗେ ଝଡ଼ଇ।**

କର୍ମସଙ୍ଗେ ମଣିଷ ଅହରହ ଲଢ଼େଇରତ। ଆୟୁଷ ସରିଗଲେ କର୍ମର ବିଚାର ନ କରି ମଣିଷ ଆଗପଛ ହୋଇ ସଂସାରରୁ ବିଦାୟ ନେବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଶିକ୍ଷାନୁଷ୍ଠାନ ସମ୍ମୁଖରେ ଆନ୍ଦୋଳନ କରିବ ଛାତ୍ର କଂଗ୍ରେସ

ଭୁବନେଶ୍ୱର,୧୬।୧୦(ସୁନିତ୍ ମିଶ୍ର)

**ଶିକ୍ଷାନୁଷ୍ଠାନର ୧୦୦ ମିଟର ପରିସରରେ ଟବାକୋ ବିକ୍ରି ପ୍ରସଙ୍ଗ**

ସଂସଦରେ ସିଓପିଟିଏ ଆକ୍ଟ ୨୦୦୩ ପାରିତ ହେଲା ପରେ ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ ହୋଇଥିଲା। ଏଥିରେ କୁହାଯାଇଥିଲା ଶିକ୍ଷାନୁଷ୍ଠାନର ବାଉଣ୍ଡାରି ପାଖରୁ ୧୦୦ ୟାର୍ଡ ପରିସୀମା ଭିତରେ ଟବାକୋ ପ୍ରଡକ୍ଟ ବିକ୍ରି କରାଯାଇପାରିବ ନାହିଁ। ମାତ୍ର ଏବେବି ଶିକ୍ଷାନୁଷ୍ଠାନ ନିକଟରେ ଖୋଲାଖୋଲି ଟବାକୋ ପ୍ରଡକ୍ଟ ବିକ୍ରି ଚାଲିଛି। ପ୍ରଶାସନ ପକ୍ଷରୁ ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତେଣୁ ଏହାକୁ ଦୃଷ୍ଟିରେ ରଖି ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି, ସବୁ କ୍ୟାମ୍ପସରେ ଏକ ସ୍ୱତନ୍ତ୍ର ଟିମ୍ କରାଯାଇ ଶିକ୍ଷାନୁଷ୍ଠାନ ବାଉଣ୍ଡାରିଠାରୁ ୧୦୦ ମିଟର ପରିସରରେ ଥିବା ଟବାକୋ ବିକ୍ରିକୁ ବିରୋଧ କରାଯିବ। ଏହାସହ ଏ ସମ୍ବନ୍ଧୀୟ ବିଜ୍ଞାପନକୁ ହଟାଇଦିଆଯିବ। ଏଠାରେ ଟବାକୋ ସମ୍ପର୍କିତ ବିଜ୍ଞାପନ ଦେଉଥିବା କମ୍ପାନୀଙ୍କୁ ସତର୍କ କରାଇ ଦିଆଯାଉଛି, ସେମାନେ ତୁରନ୍ତ ଶିକ୍ଷାନୁଷ୍ଠାନ ନିକଟରୁ ସେମାନଙ୍କ ବିଜ୍ଞାପନଗୁଡ଼ିକୁ ହଟାଇ ନିଅନ୍ତୁ। ଏହି ପ୍ରସଙ୍ଗରେ ପ୍ରଶାସନକୁ ମଧ୍ୟ ଅନୁରୋଧ କରାଯାଉଛି, ଉକ୍ତ ଆଇନକୁ ପ୍ରଶାସନ କଡ଼ାକଡ଼ି ଭାବେ ପାଳନକରୁ। ଯଦି ୭୨ ଘଣ୍ଟା ମଧ୍ୟରେ ପ୍ରଶାସନ ଏ ସମ୍ପର୍କରେ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଛାତ୍ର କଂଗ୍ରେସ ଛାତ୍ରମାନଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଶିକ୍ଷାନୁଷ୍ଠାନ ସମ୍ମୁଖରେ ଆନ୍ଦୋଳନ କରିବ। ଏହାସହ ଛାତ୍ର କଂଗ୍ରେସ ପକ୍ଷରୁ ସିଧାସଳଖ ଟବାକୋ ବିକ୍ରି ବନ୍ଦ କରାଯିବ ଏବଂ ବିଜ୍ଞାପନଗୁଡ଼ିକୁ ହଟାଇ ଦିଆଯିବ। କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଏହା କହିଛନ୍ତି।



ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ବିରୋଧୀ ଦଳରେ ଯେଉଁ ମଜା ଶାସକ ଦଳରେ ନାହିଁ

ଜଗତ୍‌ସିଂହପୁର, ୧୬।୧୦
(ପ୍ରମୋଦ କୁମାର ନାୟକ)

**ତିର୍ତ୍ତୋଲ ବିଜେଡି ବିଧାୟକ ରମାକାନ୍ତ ଭୋଇଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା**


ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ ଅବସରରେ ଯୋଗ ଦେଇଥିବା ବିଜେଡି ନେତୃବୃନ୍ଦ।

ବିରୋଧୀ ଦଳରେ ରହିଲେ ଯେଉଁ ମଜା ଅଛି, ତାହା ଶାସକ ଦଳରେ ନାହିଁ। ଦୀର୍ଘ ୧୦ ବର୍ଷ ଭିତରେ ମୁଁ ନେଇଛି ସେ ମଜା। ଆପଣମାନେ କେବେ ଫିଲ୍ କରନ୍ତୁ ନାହିଁ କି, ଆମ ସରକାରଟା ପଳାଇଛି। ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ ଅବସରରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ରକ୍ତଦାନ ଶିବିରରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଏହା କହିଛନ୍ତି। ସେ ଏ କଥା ମଧ୍ୟ କହିଥିଲେ, ଆମେ ସବୁବେଳେ ମଟନ, ଚିକେନ୍ ଖାଇ ଆସିଛୁ। ଆଜି ଯଦି ପଖାଳଭାତ କିମ୍ବା ପଖାଳ-ଶାଗଭଜା ଖାଇବାକୁ ପଡୁଛି ତେବେ ଖାଇବା। କିନ୍ତୁ ଲୋକଙ୍କ ପାଇଁ କାମ କରିବାକୁ ପ୍ରସ୍ତୁତ ହୋଇ ରହିବା। ଲୋକଙ୍କ ପାଇଁ ଷ୍ଟ୍ରଗଲ ଏବଂ ଫାଇଟ୍ କରିବା। ବିଧାୟକ ରମାକାନ୍ତଙ୍କ ଏହି ବୟାନ ରାଜନୈତିକ ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ଶ୍ରମିକନେତା ଅରିନ୍ଦମ ସର୍ଖେଲ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଦଳର ଜିଲା ସଭାପତି ରବିନାରାୟଣ ଜେନା, ବରିଷ୍ଠ ନେତା ଦୀପ୍ତି ଦାସ ପ୍ରମୁଖ ନବୀନଙ୍କ ପ୍ରଶଂସା କରିଥିଲେ।

ନବୀନ ୨୪ ବର୍ଷ କାଳ ରାଜ୍ୟ ଶାସନଭାର ମୁଣ୍ଡାଇଥିଲେ। ତାଙ୍କ ଶାସନ ସମୟରେ ରାଜ୍ୟର ପ୍ରଗତି କ୍ରିୟାଶୀଳ ହୋଇଥିଲା। ସେ ଦୀର୍ଘାୟୁ ହେବା ସହ ରାଜ୍ୟ ପାଇଁ ନିରନ୍ତର ସେବା କରିଚାଲନ୍ତୁ ବୋଲି ଦଳୀୟ ନେତାମାନେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଜେଡି ଜଗତ୍‌ସିଂହପୁର ନଗର ସଭାପତି ପ୍ରିୟବ୍ରତ ମହାପାତ୍ର, ଦିଲୀପ ସିଂହ, ଛାତ୍ରନେତା ସମ୍ବିତ୍ ଲେଙ୍କା ଓ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। କିନ୍ତୁ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ଗତ ନିର୍ବାଚନ ପୂର୍ବରୁ ବିଜେଡିରେ ମିଶିଥିବା ଚିରଞ୍ଜୀବ ବିଶ୍ୱାଳ ଓ ପୂର୍ବତନ ପାରାଦୀପ ବିଧାୟକ ସମ୍ବିତ୍ ରାଉତରାୟ, ପୂର୍ବତନ ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକଙ୍କୁ ଦେଖିବାକୁ ମିଳି ନ ଥିଲା। ଏ ସମ୍ପର୍କରେ ଚିରଞ୍ଜୀବଙ୍କ ସହ ଯୋଗାଯୋଗ କରିବାରୁ ସେ ଭୁବନେଶ୍ୱରରେ ନ ଥିବାରୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇପାରି ନ ଥିଲେ। କିନ୍ତୁ ନବୀନଙ୍କ ଜନ୍ମଦିନରେ ଶୁଭେଚ୍ଛା ସହ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ ପାଇଁ ସେ ଭିଡିଓ ବାର୍ତ୍ତା ଶେୟାର କରିଥିବା କହିଛନ୍ତି। କିନ୍ତୁ ସମ୍ବିତ୍ ଓ ରାଜଶ୍ରୀଙ୍କୁ ତାଙ୍କ ମୋବାଇଲ ଫୋନ ଯୋଗେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ଉଠାଇ ନଥିଲେ।

ସୂଚନାଯୋଗ୍ୟ, ନିକଟରେ ଜଗତ୍‌ସିଂହପୁର ଭାଜପା ବିଧାୟକ ଅମରେନ୍ଦ୍ର ଦାସ ମହିଷାସୁର ଓ ରାବଣ କବଳରୁ ଓଡ଼ିଶା ମୁକୁଳିଛି ବୋଲି କହି ବିଜେଡିକୁ ଟାର୍ଗେଟ୍ କରିଥିଲେ। ସେହିପରି ମନ୍ତ୍ରୀ ସମ୍ପଦ ସ୍ୱାଇଁ ମଧ୍ୟ ବିଜେଡି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଏବେ ଯେଉଁଭଳି ଭାବରେ କାମ ଚାଲିଛି ତାହା କେତେକ ରାବଣ ପ୍ରକୃତିର ଲୋକଙ୍କ ପୋଡ଼ାଜଳା ଆରମ୍ଭ କଲାଣି ବୋଲି କଟାକ୍ଷ କରିଥିଲେ। ଭାଜପା ନେତାଦ୍ୱୟଙ୍କ ଏହି ବୟାନ ପରେ ତିର୍ତ୍ତୋଲ ବିଜେଡି ବିଧାୟକଙ୍କ ଶାଗ, ପଖାଳଖିଆ କଥା ସାରାଜିଲାରେ ଚର୍ଚ୍ଚାକୁ ବହୁଗୁଣିତ କରିଛି।

# ମେୟରଙ୍କ ସମେତ ୬ ନିହତ

## ଲେବାନନ୍‌ରେ ଇସ୍ରାଏଲର ମିଶାଇଲ ମାଡ଼


ଲେବାନନ୍‌ର ନାବାତିଏ ମ୍ୟୁନିସିପାଲିଟି ବିଲ୍ଡିଂରେ ମିଶାଇଲ ମାଡ଼ ଯୋଗୁ କାର୍‌ଗୁଡିକ ନଷ୍ଟ ହୋଇଯାଇଛି।

**ବେରୁଟ, ୧୬।୧୦**

ଦକ୍ଷିଣ ଲେବାନନ୍‌ର ମୁଖ୍ୟ ସହର ନାବାତିଏରେ ବୁଧବାର ଇସ୍ରାଏଲ ପକ୍ଷରୁ ମିଶାଇଲ ମାଡ଼ କରାଯାଇଛି। ଇସ୍ରାଏଲର ଏହି ଏୟାର ଷ୍ଟ୍ରାଇକ୍ ଯୋଗୁ ନାବାତିଏର ମ୍ୟୁନିସିପାଲିଟି ବିଲ୍ଡିଂରେ ଏକ ମିଶାଇଲ ମାଡ଼ ହୋଇଥିଲା ଫଳରେ ସ୍ଥାନୀୟ ମେୟର ଅହମଦ କାହିଲଙ୍କ ସମେତ ୬ ଜଣଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଏବେ ମଧ୍ୟ ଅନେକ ଜଣ ଫସି ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ନେଇ ଲେବାନନ୍‌ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଘଟଣାକୁ ନେଇ ଇସ୍ରାଏଲ ସେନା ପ୍ରତିକ୍ରିୟା ରଖିଛି। ନାବାତିଏ ଅଞ୍ଚଳରେ ଥିବା ଉଗ୍ରବାଦୀ ସଂଗଠନ ହେଜ୍‌ବୋଲ୍ଲାର ଡ୍ରଜନରୁ ଅଧିକ ଠିକଣାକୁ ଟାର୍ଗେଟ କରି ମିଶାଇଲ ମାଡ଼ କରାଯାଇଥିଲା। ଏହି ଏୟାର ଷ୍ଟ୍ରାଇକ୍‌ରେ ଅଞ୍ଚଳରେ ଥିବା ହେଜ୍‌ବୋଲ୍ଲାର ଠିକଣାକୁ ଧ୍ୱଂସ ହୋଇଥିବା ନେଇ ଇସ୍ରାଏଲ ସୈନ୍ୟବାହିନୀ ସୂଚନା ଦେଇଛି। ତେବେ ଘଟଣାକୁ ନେଇ ଲେବାନନ୍‌ର କାର୍ଯ୍ୟନିର୍ବାହୀ ପ୍ରଧାନମନ୍ତ୍ରୀ ନଜିବ ମିକାତି ନିନ୍ଦା କରିଛନ୍ତି। ଉଦ୍ଦେଶ୍ୟମୂଳକ ଭାବେ ଇସ୍ରାଏଲ ପକ୍ଷରୁ ନାବାତିଏ ସହରର ସେବା ଓ ରିଲିଫ୍ ପରିସ୍ଥିତି ବିଷୟରେ ଆଲୋଚନା କରିବାକୁ ଥିବା ମ୍ୟୁନିସିପାଲିଟି ବିଲ୍ଡିଂକୁ ଟାର୍ଗେଟ କରାଯାଇ ମିଶାଇଲ ମାଡ଼ ହୋଇଥିବା ସେ ଅଭିଯୋଗ କରିଛନ୍ତି।

# ଏମ୍‌ୟୁଡିଏ ଅଧ୍ୟକ୍ଷଙ୍କ ଇସ୍ତଫା

## ରାଜନୈତିକ ଚାପରେ ନ ଥିବା କହିଲେ

**ବେଙ୍ଗାଲୁରୁ, ୧୬।୧୦**


କେ. ମାରିଗୌଡ଼ା

କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ଘନିଷ୍ଠ ସହଯୋଗୀ ତଥା ମହୀଶୂର ଅର୍ବାନ ଡେଭେଲପମେଣ୍ଟ ଅଥରିଟି (ଏମ୍‌ୟୁଡିଏ)ର ଅଧ୍ୟକ୍ଷ କେ. ମାରିଗୌଡ଼ା ବୁଧବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫାପତ୍ରରେ ବ୍ୟକ୍ତିଗତ ଓ ସ୍ୱାସ୍ଥ୍ୟଗତ କାରଣ ଯୋଗୁ ଏହି ପଦରୁ ଓହରୁଥିବା ନେଇ ଦର୍ଶାଇଛନ୍ତି। ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ନିର୍ଦ୍ଦେଶରେ ସେ ଏହି ପଦରୁ ଓହରିଥିବା ନେଇ ଏହି ଅବସରରେ ମାରିଗୌଡ଼ା କହିଛନ୍ତି। ତେବେ କୌଣସି ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ସେ ଇସ୍ତଫା ଦେଇନାହାନ୍ତି ବୋଲି କହିଛନ୍ତି। ଏମ୍‌ୟୁଡିଏରେ ହୋଇଥିବା ଅନୀୟମିତତା ମାମଲାରେ ନ୍ୟାୟିକ ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ସତ୍ୟ ସାମ୍ନାକୁ ଆସିବ ବୋଲି ମାରିଗୌଡ଼ା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୩ରେ ସିଦ୍ଧାରାମାୟାଙ୍କ ନେତୃତ୍ୱରେ କର୍ନାଟକରେ କଂଗ୍ରେସ ସରକାର ଫେରିବା ପରେ ମାରିଗୌଡ଼ା ଏମ୍‌ୟୁଡିଏ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ।

# ପ୍ରକୃତିକୁ ନିୟନ୍ତ୍ରଣ କରିବା ସମ୍ଭବ ନୁହେଁ: ଶିବକୁମାର

**ବେଙ୍ଗାଲୁରୁ, ୧୬।୧୦**

ଲଗାଣ ବର୍ଷା ଯୋଗୁ ମଙ୍ଗଳବାର ବେଙ୍ଗାଲୁରୁ ସହରରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ଏହାକୁ ନେଇ କର୍ନାଟକ ଉପ ମୁଖ୍ୟମନ୍ତ୍ରୀ ତଥା ବେଙ୍ଗାଲୁରୁ ଉନ୍ନୟନ ମନ୍ତ୍ରୀ ଡି.କେ. ଶିବକୁମାରଙ୍କ ଏକ ମନ୍ତବ୍ୟକୁ ନେଇ ବିବାଦ ଆରମ୍ଭ ହୋଇଛି। ବୁଧବାର ଗଣମାଧ୍ୟମକୁ ଶିବକୁମାର କହିଛନ୍ତି, ଲଗାଣ ବର୍ଷାଜନିତ କ୍ଷୟକ୍ଷତି ରୋକିବାକୁ ରାଜ୍ୟ ସରକାର ଯଥାସମ୍ଭବ ପ୍ରୟାସ କରିଛନ୍ତି। ତେବେ ପ୍ରକୃତିକୁ ନିୟନ୍ତ୍ରଣ କରିବା ରାଜ୍ୟ ସରକାରଙ୍କ ପକ୍ଷେ ସମ୍ଭବ ନୁହେଁ। ବିରୋଧୀ ଭାଜପା ଓ ଜେଡିଏସ୍ ରାଜନୈତିକ ଫାଇଦା ପାଇଁ ବେଙ୍ଗାଲୁରୁର ଛବିକୁ କ୍ଷୁଣ୍ଣ କରିବାକୁ ପ୍ରୟାସ କରୁଛନ୍ତି।

# ଅଟା ଚକଟାରେ ପରିସ୍ରା ମିଶାଇ ମହିଳା ସହାୟକ ଗିରଫ

**ଗାଜିଆବାଦ, ୧୬।୧୦**

ଉତ୍ତରପ୍ରଦେଶର ଗାଜିଆବାଦରେ ରୀନା ନାମ୍ନୀ ଜଣେ ଘରୋଇ ମହିଳା ସହାୟିକା ଦୀର୍ଘ ଦିନ ଧରି ଅଟା ଚକଟାରେ ପରିସ୍ରା ମିଶାଇ ସେଥିରୁ ରୁଟି ପ୍ରସ୍ତୁତ କରୁଥିଲେ। ସେହି ରୁଟିକୁ ସେ ନିଜ ମାଲିକ ଓ ତାଙ୍କ ପରିବାରକୁ ଖାଇବାକୁ ଦେଉଥିଲେ। ଫଳରେ ପରିବାରର କିଛି ସଦସ୍ୟ ପେଟ ଓ ଯକୃତ ରୋଗରେ ପୀଡ଼ିତ ହୋଇଥିଲେ। ସନ୍ଦେହ ବଢ଼ିବାରୁ ଘରର ମାଲିକ ସିସିଟିଭି ଲଗାଇଥିଲେ, ଯାହାପରେ ରୀନାଙ୍କ କଳା କାରନାମା ଜଣେ ପଡ଼ିଥିଲା। ବୁଧବାର ପୋଲିସ ରୀନାଙ୍କୁ ଗିରଫ କରିଛି। ସେଠାରେ ରୀନା ୮ ବର୍ଷ ଧରି କାର୍ଯ୍ୟ କରୁଥିଲେ। ମାଲିକ ବାରମ୍ବାର ନିର୍ଯାତନା ଦେଉଥିବାରୁ ପ୍ରତିଶୋଧ ନେବା ପାଇଁ ସେ ଏପରି କରିଥିବା ରୀନା ସ୍ୱୀକାର କରିଛନ୍ତି।

# ଦିଲ୍ଲୀ ଏଲ୍‌ଜିଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

## ସୁପ୍ରିମକୋର୍ଟରେ ଗଛକଟା ମାମଲା

**ନୂଆଦିଲ୍ଲୀ, ୧୬।୧୦**

ଦିଲ୍ଲୀର ରିଜ୍ ଅଞ୍ଚଳରେ ଗଛକଟା ପ୍ରସଙ୍ଗରେ ବୁଧବାର ସୁପ୍ରିମକୋର୍ଟ ଶୁଣାଣି କରିଛନ୍ତି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷ (ଡିଡିଏ) ଅଧ୍ୟକ୍ଷ ଥିବା ଉପରାଜ୍ୟପାଳ ଭି.କେ. ସକ୍ସେନାଙ୍କୁ ଅକ୍ଟୋବର ୨୨ ସୁଦ୍ଧା ବ୍ୟକ୍ତିଗତ ଭାବେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡିଡିଏ ପକ୍ଷରୁ ଦାଖଲ ରେକର୍ଡରେ ସ୍ୱଷ୍ଟତା ନ ଥିବାରୁ ଶୀର୍ଷ ଅଦାଲତ ଏହା ଉପରେ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି।

# ନଡ଼ାପୋଡ଼ି: ପଞ୍ଜାବ, ହରିୟାଣା ସରକାରଙ୍କୁ ଭର୍ତ୍ସନା

**ନୂଆଦିଲ୍ଲୀ, ୧୬।୧୦**

ନଡ଼ାପୋଡ଼ି ଯୋଗୁ ଜାତୀୟ ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ ବଢ଼ିବାରେ ଲାଗିଛି। ବିଶେଷକରି ପଞ୍ଜାବ ଓ ହରିୟାଣାର ଚାଷୀ ଫସଲ ଅମଳ ପରେ ନିଜ ବିଲରେ ନିଆଁ ଲଗାଉଥିବାରୁ ସୁପ୍ରିମକୋର୍ଟ ଦୁଇ ରାଜ୍ୟର ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଉଲ୍ଲଂଘନକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ପଞ୍ଜାବ ଓ ହରିୟାଣା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଅକ୍ଟୋବର ୨୩ ସୁଦ୍ଧା ହାଜର ହୋଇ ସ୍ପଷ୍ଟୀକରଣ ଦେବାକୁ ଜଷ୍ଟିସ୍ ଅଭୟ ଏସ୍. ଓକାଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

# ସିଇସି ରାଜୀବ କୁମାରଙ୍କ ହେଲିକପ୍ଟରର ଏମର୍ଜେନ୍ସି ଲ୍ୟାଣ୍ଡିଂ

**ଡେରାଡୁନ୍, ୧୬।୧୦**



ମୁଖ୍ୟ ନିର୍ବାଚନ କମିଶନର(ସିଇସି) ରାଜୀବ କୁମାରଙ୍କ ହେଲିକପ୍ଟର ବୁଧବାର ଉତ୍ତରାଖଣ୍ଡର ପିଥୋରଗଡ଼ ଜିଲା ମୁନ୍‌ସ୍ୟାରିରେ ଏମର୍ଜେନ୍ସି ଲ୍ୟାଣ୍ଡିଂ କରିଛି। ଖରାପ ପାଗ ଯୋଗୁ ହେଲିକପ୍ଟରଟିକୁ ଜରୁରୀ ଅବତରଣ କରାଯାଇଥିବା ନେଇ ପିଥୋରଗଡ଼ ଜିଲା ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ହେଲିକପ୍ଟରରେ ସିଇସି ରାଜୀବଙ୍କ ସହ ଉତ୍ତରାଖଣ୍ଡର ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ବିଜୟ କୁମାର ଜୋଗ୍‌ଦଣ୍ଡେ ମଧ୍ୟ ଉପସ୍ଥିତ ଥିଲେ। ତେବେ ଘଟଣାରେ କେହି ଆହତ ହୋଇନାହାନ୍ତି କିମ୍ବା ହେଲିକପ୍ଟରର କୌଣସି କ୍ଷୟକ୍ଷତି ହୋଇନାହିଁ। ଉଭୟ ସିଇସି ଓ ଉତ୍ତରାଖଣ୍ଡର ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ରାଜ୍ୟର ମିଲାମ ଗ୍ରାମକୁ ଏକ ସରକାରୀ କାର୍ଯ୍ୟକ୍ରମରେ ଯାଉଥିବାବେଳେ ସେମାନଙ୍କ ହେଲିକପ୍ଟରକୁ ଏମର୍ଜେନ୍ସି ଲ୍ୟାଣ୍ଡିଂ କରାଯାଇଛି।

# ପୁଣି ବିବାଦରେ ବରଗଡ଼ ଧନୁଯାତ୍ରା କଂସ

**ବରଗଡ଼, ୧୬।୧୦**
**(ପ୍ରେମାନନ୍ଦ ଖମାରୀ)**

- ପୂର୍ବରୁ ଅଭିନୟକୁ ନେଇ ବିବାଦୀୟ ଥିଲେ
- ଏଥର ନିଜ ପେସାରେ ବୋଲିଲେ କଳାଦାଗ
- ପୂର୍ବରୁ ଧର୍ମଶାଳା ମହୋତ୍ସବ, ଏଥର ମହାପ୍ରୟାଣ


ହୃଷୀକେଶ ଭୋଇ

ଆଉମାତ୍ର ଅଢ଼େଇ ମାସ ପରେ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ। ୨୦୨୫ ଜାନୁୟାରୀ ୩ରୁ ଏହି ମହୋତ୍ସବ ଆରମ୍ଭ ହେବ। ତେବେ ଧନୁଯାତ୍ରା ପୂର୍ବରୁ କଂସ ଅଭିନେତା ହୃଷୀକେଶ ଭୋଇ ପୁଣି ଥରେ ବିବାଦୀୟ ହୋଇ ପଡ଼ିଛନ୍ତି। ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ଅନ୍ୟତ୍ର କେଉଁଠି ମଧ୍ୟ କଂସ ଅଭିନୟ କରିପାରିବେ ନାହିଁ ବୋଲି କଟକଣା ଥିବାବେଳେ ଗତ କିଛିବର୍ଷ ତଳେ ଧର୍ମଶାଳା ମହୋତ୍ସବରେ କଂସ ଅଭିନୟ କରି ହୃଷୀକେଶ ବିବାଦ ଘେରକୁ ଆସିଥଲେ। ମାତ୍ର ସେତେବେଳେ କ୍ଷମା ପ୍ରାର୍ଥନା କରିବାରୁ ଧନୁଯାତ୍ରା ମହୋତ୍ସବ ସମିତି ପୁଣି ତାଙ୍କୁ କଂସ ଅଭିନୟର ସୁଯୋଗ ଦେଇଥିଲା। କିନ୍ତୁ ଏଥର ଅଭିନୟ ନୁହେଁ, ତାଙ୍କ ପେସାକୁ ନେଇ ସେ ବିବାଦୀୟ ହୋଇ ପଡ଼ିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଡ୍ରାଇଭର ଭାବେ କାର୍ଯ୍ୟରତ ହୃଷୀକେଶ ଜିଲା ମଧ୍ୟରେ ମହାପ୍ରୟାଣ ଗାଡ଼ିରେ ମୃତଦେହ ନେବା ସମ୍ପୂର୍ଣ୍ଣ ମାଗଣା ଥିବାବେଳେ ସେ ଜଣେ ମୃତକଙ୍କଠାରୁ ୩ ହଜାର ଟଙ୍କା ନେଇ ନିଜ ପେସାରେ କଳାଦାଗ ବୋଲି ବିବାଦ ଘେରକୁ ଆସିଛନ୍ତି। ଅଭିଯୋଗ ପାଇବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଏହାର ତଦନ୍ତ କରୁଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରୁପମା ଷଡ଼ଙ୍ଗୀ କହିଛନ୍ତି, ସେ ନେଇ ହୃଷୀକେଶଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଫିଲ୍ଡ ଭିଜିଟ୍ ପାଇଁ ଏକ ଟିମ୍ ଗଠନ କରାଯାଉଛି। ଏହି ଟିମ୍‌ରେ ସ୍ୱାସ୍ଥ୍ୟ ବିଭାଗର ୩ଜଣ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟର ଜଣେ ରହିବେ। ଉକ୍ତ ଟିମ୍ ଫିଲ୍ଡ ଭିଜିଟ୍ ପରେ ଯେଉଁ ତଦନ୍ତ ରିପୋର୍ଟ ଦେବେ, ତାକୁ ଆଧାରକରି କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପଟେ ହୃଷୀକେଶଙ୍କୁ ପଚାରିବାରୁ ସେ ନିଜ ଭୁଲ୍ ସ୍ୱୀକାର କରିଛନ୍ତି ଏବଂ କିଭଳି ଭାବେ ମହାପ୍ରୟାଣ ଗାଡ଼ିଭଡ଼ା ବାବଦକୁ ମୃତକଙ୍କ ସମ୍ପର୍କୀୟଙ୍କଠାରୁ ଟଙ୍କା ଆଣିଲେ, ସେ ମଧ୍ୟ ଭାବି ପାରୁନାହାନ୍ତି। ସେହି ଟଙ୍କା ସେ ମୃତକଙ୍କ ସମ୍ପର୍କୀୟଙ୍କୁ ଫେରାଇ ଦେଇଛନ୍ତି ଏବଂ କାରଣ ଦର୍ଶାଅ ନୋଟିସ ପାଇବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ନିଜ ସ୍ପଷ୍ଟୀକରଣ ଦେଇଥିବା ହୃଷୀକେଶ କହିଛନ୍ତି। ହୃଷୀକେଶଙ୍କ ଏଭଳି କାର୍ଯ୍ୟ ଯୋଗୁ ଜିଲା ସ୍ୱାସ୍ଥ୍ୟ ବିଭାଗ ତଥା ସରକାର ଗୋଟିଏ ପଟେ ବଦନାମ ହେଉଥିବାବେଳେ ବରଗଡ଼ ଧନୁଯାତ୍ରା ମହୋତ୍ସବର ଗରିମା ମଧ୍ୟ କ୍ଷୁର୍ଣ୍ଣ ହେଉଥିବା ସାଧାରଣରେ ମତପ୍ରକାଶ ପାଉଛି। ଏଭଳି ସ୍ଥଳେ ହୃଷୀକେଶଙ୍କୁ ଆଉ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ସୁଯୋଗ ନ ଦେବା ପାଇଁ ସୋସିଆଲ ମିଡିଆରେ ଲୋକେ ଦାବି କରୁଛନ୍ତି। ଏ ନେଇ ଧନୁଯାତ୍ରା ମହୋତ୍ସବ ସମିତି ଆବାହକ ସୁରେଶ୍ୱର ଶତପଥୀ କହିଛନ୍ତି, କଂସ କଳାକାର ଥରେ ଚୟନ ହେଲେ କ୍ରମାଗତ ୩ବର୍ଷ ଅଭିନୟ କରିପାରିବେ। ହୃଷୀକେଶଙ୍କ କ୍ରମାଗତ ୩ବର୍ଷ ପୂରି ନାହିଁ। ତାଙ୍କ ଉପରେ ଯେଉଁ ଅଭିଯୋଗ ଆସିଛି, ସେ ନେଇ ସମ୍ପୃକ୍ତ ବିଭାଗ ଯାହାକିଛି କାର୍ଯ୍ୟାନୁଷ୍ଠାନ ନେବ।

# ୩ କଂଗ୍ରେସ ନେତାଙ୍କ ନାଁରେ ମାମଲା

## ବ୍ୟବସାୟୀଙ୍କୁ ୧.୪୨ କୋଟି ଠକେଇ ଅଭିଯୋଗ

**ଭୁବନେଶ୍ୱର, ୧୬।୧୦**
**(ସତ୍ୟଜିତ୍ ରାଉତ)**

୨୦୨୪ ନିର୍ବାଚନ ବେଳେ ପ୍ରଚାର ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସକୁ ଏଲ୍‌ଇଡି ଟିଭି ଓ ଗାଡ଼ି ଯୋଗାଇ ଜଣେ ବ୍ୟବସାୟୀ ୧.୪୨ କୋଟି ଟଙ୍କା ଠକେଇର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୫ଙ୍କ ନିର୍ଦ୍ଦେଶକ୍ରମେ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, କଂଗ୍ରେସ ଷ୍ଟିୟରିଂ କମିଟି ଅଧ୍ୟକ୍ଷ ଅଜୟ କୁମାର ଓ ସଦସ୍ୟ ବିଶ୍ୱରଞ୍ଜନ ମହାନ୍ତିଙ୍କ ନାଁରେ ଭରତପୁର ଥାନାରେ ଅକ୍ଟୋବର ୧୨ରେ ଆଇପିସି ଦଫା ୧୨୦ ବି, ୫୦୬ ଓ ୪୨୦ରେ ମାମଲା (ନଂ.୬୮୪/୨୦୨୪) ରୁଜୁ ହୋଇଛି। ଅଭିଯୋଗକାରୀ ବ୍ୟବସାୟୀ ହେଲେ ଖଣ୍ଡଗିରିବାରିସ୍ଥିତ ଫ୍ଲାଟ୍ ନଂ.୧୨୧୫/୧୩୭୩ରେ ରହୁଥିବା ଆଶୁତୋଷ ମହାପାତ୍ର। ସେ ପ୍ରଥମେ ଭରତପୁର ଥାନାରେ ଏତଲା ଦେଇଥିଲେ ମଧ୍ୟ ପୋଲିସ ମାମଲା ରୁଜୁ ନ କରିବାରୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଅଭିଯୋଗ ଅନୁଯାୟୀ, ଗତ ନିର୍ବାଚନ ସମୟରେ ପ୍ରଚାର ପାଇଁ ଏଲ୍‌ଇଡି ଟିଭି ଓ ଗାଡ଼ି ଯୋଗାଣ ନେଇ ତତ୍କାଳୀନ ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ଓଡ଼ିଶା ପ୍ରଭାରୀ ଥିବା ଅଜୟ କୁମାରଙ୍କ ସହ ଆଶୁତୋଷଙ୍କର ୧.୫୦ କୋଟି ଟଙ୍କାର ଚୁକ୍ତି ହୋଇଥିଲା। ଏଥିପାଇଁ ଆଶୁତୋଷଙ୍କୁ ଅଗ୍ରିମ ୮ ଲକ୍ଷ ଟଙ୍କା ଦିଆଯାଇଥିଲା। ନିର୍ବାଚନ ସରିବା ପରେ ବଳକା ଟଙ୍କା ଦେଇଦେବେ ବୋଲି ଉଭୟେ କହିଥିଲେ। ଜୁନ୍ ୨୨ରେ ଶରତ, ଅଜୟ ଓ ବିଶ୍ୱରଞ୍ଜନ ଖଣ୍ଡଗିରିବାରିସ୍ଥିତ ଅଫିସରେ ଆଶୁତୋଷଙ୍କୁ ଦେଖାକରିଥିଲେ। ଏହି ସମୟରେ ଆଶୁତୋଷ ତାଙ୍କ ବକେୟା ଟଙ୍କା ମାଗିବାରୁ ସେମାନେ ତାଙ୍କ ବାସଭବନରେ ଦେଖାକରି ଟଙ୍କା ପରିମାଣ ଚୂଡ଼ାନ୍ତ କରିଦେବେ ବୋଲି କହିଥିଲେ। ହେଲେ ଆଶୁତୋଷ ଏଥିରେ ରାଜି ହୋଇ ନ ଥିଲେ। ତାଙ୍କ ଫୋନ କଲ୍‌କୁ ସେମାନେ ଉଠାଉ ନ ଥିବାରୁ ସାଙ୍ଗେ ସାଙ୍ଗେ ସବୁ ଟଙ୍କା ଦେବାକୁ ଆଶୁତୋଷ କହିଥିଲେ। ଆଲୋଚନା ବେଳେ ଅଜୟ ଓ ଶରତ ଧମକ ଦେବା ସହ ଟଙ୍କାଟିଏ ବି ଦେବେ ନାହିଁ ବୋଲି କହିଥିଲେ। ଏହି ସମୟରେ ଟଙ୍କା ଦେବାକୁ ଆଶୁତୋଷ ବାଧ୍ୟ କରିବାରୁ ବିଶ୍ୱରଞ୍ଜନ ତାଙ୍କୁ ଧକ୍କା ମାରିଥିଲେ। ଏଥିସହ ବିହାରୀ ଗୁଣ୍ଡା ଲଗାଇ ମାରିଦେବେ ବୋଲି ମଧ୍ୟ ଧମକ ଦେଇଥିଲେ ବୋଲି ଆଶୁତୋଷ ଏତଲାରେ ଉଲ୍ଲେଖ କରିଛନ୍ତି। ଏନେଇ ବିଶ୍ୱରଞ୍ଜନ କହିଛନ୍ତି, ଏଇଟା ଏକ ମିଛ ମାମଲା। ଆଶୁତୋଷ ମହାପାତ୍ର କିଏ ସେ ଜାଣିନାହାନ୍ତି। ସିଏ ଯେଉଁ ଏଲ୍‌ଇଡି ଓ ଗାଡ଼ି ଲଗାଇଥିଲେ ବୋଲି ଅଭିଯୋଗ କରୁଛନ୍ତି, ତା'ର କିଛି ପ୍ରମାଣ ନାହିଁ। ତାଙ୍କ ନାଁ ସେଥିରେ ଅଯଥାରେ ଯୋଡ଼ାଯାଇଛି ବୋଲି ବିଶ୍ୱରଞ୍ଜନ କହିଛନ୍ତି। ଅନ୍ୟପକ୍ଷରେ ଶରତ ଓ ଅଜୟଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ଫୁରସତ

# 'ଜବ୍ ୱି ମେଟ୍' ପାଇଁ ଭୂମିକା ଥିଲେ ପ୍ରଥମ ପସନ୍ଦ


ଭୂମିକା ଚାୱଲା

ମୁମ୍ବାଇ: ୨୦୦୭ରେ ରିଲିଜ୍ ହୋଇଥିବା ଇମ୍‌ତିଆଜ ଅଲିଙ୍କ ନିର୍ଦ୍ଦେଶିତ 'ଜବ୍ ୱି ମେଟ୍'ର କ୍ରେଜ୍ ଆଜି ବି କମିନାହିଁ। ଆଜି ବି ଟିଭିରେ ଉକ୍ତ ଚଳଚ୍ଚିତ୍ରକୁ ବାରମ୍ବାର ଦେଖିବାକୁ ଦର୍ଶକ ପଛାନ୍ତି ନାହିଁ। ଅଭିନେତ୍ରୀ କରୀନା କପୁର ଖାନ୍ ଏହି ଚଳଚ୍ଚିତ୍ରରେ 'ଗୀତା' ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ଖୁବ୍ ପ୍ରଶଂସା ସାଉଁଟିଥିଲେ। ଉକ୍ତ ଫିଲ୍ମ କରୀନାଙ୍କ ଏକ ନୂତନ ଫ୍ୟାନ୍ ବେସ୍ ସୃଷ୍ଟି କରିପାରିଥିଲା। ତେବେ 'ଜବ୍ ୱି ମେଟ୍' ଫିଲ୍ମରେ ମୁଖ୍ୟ ନାୟିକା ଭୂମିକା ପାଇଁ ପ୍ରଥମେ କାରୀନାଙ୍କୁ ନୁହେଁ ବରଂ ଅଭିନେତ୍ରୀ ଭୂମିକା ଚାୱଲାଙ୍କୁ ଅଫର କରାଯାଇଥିଲା। ଏନେଇ ମଙ୍ଗଳବାର ଏକ ସାକ୍ଷାତ୍‌କାରରେ ଭୂମିକା ପ୍ରକାଶ କରିଛନ୍ତି। ସେ ଏହି ଫିଲ୍ମକୁ ସାଇନ୍ କରିସାରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ତାଙ୍କୁ ଏଥିରୁ ଓହରିବାକୁ ପଡ଼ିଥିଲା। ଆର୍‌ଜେ ସିଦ୍ଧାର୍ଥ କନ୍ନନଙ୍କ ସହ ସାକ୍ଷାତ୍‌କାର ଦେବା ସମୟରେ ଭୂମିକା କହିଛନ୍ତି, ତାଙ୍କୁ 'ଜବ୍ ୱି ମେଟ୍' ଓ 'ମୁନ୍ନା ଭାଇ ଏମ୍‌ବିବିଏସ୍' ଭଳି ହିଟ୍ ଚଳଚ୍ଚିତ୍ରରେ ମୁଖ୍ୟ ଅଭିନେତ୍ରୀ ଭାବରେ କାଷ୍ଟ କରାଯାଇଥିଲା। ଏହା ସତ୍ତ୍ୱେ ମଧ୍ୟ ଉଭୟ ଚଳଚ୍ଚିତ୍ରରେ ସେ ଅଭିନୟ କରିପାରି ନ ଥିଲେ। ଯେତେବେଳେ 'ଜବ୍ ୱି ମେଟ୍' ଫିଲ୍ମରେ କରୀନା ତାଙ୍କ ସ୍ଥାନ ନେଇଥିଲେ, ସେତେବେଳେ ପ୍ରଥମଥର ପାଇଁ ତାଙ୍କ ମନରେ ନିରାଶା ଭାବ ଆସିଥିଲା ବୋଲି ଭୂମିକା କହିଛନ୍ତି। ଅନ୍ୟପକ୍ଷରେ ସଞ୍ଜୟ ଦତ୍ତଙ୍କ ଅଭିନୀତ 'ମୁନ୍ନା ଭାଇ ଏମ୍‌ବିବିଏସ୍' ପାଇଁ ତାଙ୍କ ନାମ ଚୂଡ଼ାନ୍ତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଅଭିନେତ୍ରୀ ଗ୍ରେସି ସିଂଙ୍କୁ ତାଙ୍କ ବଦଳରେ ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିଥିଲା ବୋଲି ଭୂମିକା କହିଛନ୍ତି।

# ସବୁଠୁ ଛୋଟ ୱାଶିଂମେଶିନ

## ଜିଡବ୍ଲ୍ୟୁଆର୍‌ରେ ସ୍ଥାନିତ ହେଲେ ଭାରତୀୟ ଇଞ୍ଜିନିୟର





**ଥିରୁଭାନନ୍ତପୁରମ:** ଭାରତୀୟ ଇଞ୍ଜିନିୟର ସେବିନ ସେଜି ନିଜର ଅସାଧାରଣ ଜ୍ଞାନ କୌଶଳ ସହ ବିଶ୍ୱର ସବୁଠାରୁ ଛୋଟ କାର୍ଯ୍ୟକ୍ଷମ ୱାଶିଂମେଶିନ ପ୍ରସ୍ତୁତ କରି ନିଜ ନାମକୁ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ସ୍ଥାନିତ କରିଛନ୍ତି। କେରଳର କାଞ୍ଜିରପଲ୍ଲୀ ନିବାସୀ ସେବିନ ପ୍ରସ୍ତୁତ କରିଥିବା ଏହି ୱାଶିଂମେଶିନ ୧.୨୮ ଇଞ୍ଚ ଲମ୍ବା, ୧.୩୨ ଇଞ୍ଚ ଚଉଡ଼ା ଏବଂ ୧.୫୨ ଇଞ୍ଚର ଉଚ୍ଚ ରହିଛି। ଏହା ଦେଖିବାକୁ ଏତେ ଛୋଟ ଯେ ଏହାକୁ ହାତମୁଠାରେ ମଧ୍ୟ ରଖାଯାଇପାରିବ। ସେହିପରି ଏହି ୱାଶିଂମେଶିନର ଓଜନ ମାତ୍ର ୨୫ ଗ୍ରାମ୍ ରହିଛି। ଏହି ଅବସରରେ ସେବିନ କହିଛନ୍ତି, ଜିଡବ୍ଲ୍ୟୁଆର୍‌ର ଅଂଶ ହେବା ପାଇଁ ତାଙ୍କର ପିଲାଦିନୁ ସ୍ୱପ୍ନ ଥିଲା। ଏହି ସ୍ୱପ୍ନକୁ ପୂରଣ କରିବା ନିମନ୍ତେ ସେ ଏପରି ଛୋଟ ୱାଶିଂମେଶିନ ନିର୍ମାଣ କରିବାରେ ଲାଗିପଡ଼ିଥିଲେ ଏବଂ ଶେଷରେ ତାଙ୍କୁ ଏଥିରେ ସଫଳତା ମିଳିଛି। ଏହି ୱାଶିଂମେଶିନ ଯେକୌଣସି ସାଧାରଣ ୱାଶିଂମେଶିନ ପରି କାମ କରିଥାଏ ଏବଂ ଏଥିରେ ପୋଷାକ ମଧ୍ୟ ସଫା କରାଯାଇପାରିବ ବୋଲି ସେବିନ କହିଛନ୍ତି।

# ପାରା ସାହାଯ୍ୟରେ ଚୋରି



**ବେଙ୍ଗାଲୁରୁ:** ବେଙ୍ଗାଲୁରୁର ନାଗରାଥପେଟେ ଅଞ୍ଚଳରେ ମଞ୍ଜୁନାଥ (୩୮) ନାମକ ଜଣେ ଚୋର ଏକ ଆଶ୍ଚର୍ଯ୍ୟଜନକ ଉପାୟରେ ୫୦ରୁ ଅଧିକ ଘରୁ ଚୋରି କରିଛନ୍ତି। ସେ ପ୍ରାୟତଃ ବନ୍ଦ ରହୁଥିବା ଘରଗୁଡ଼ିକୁ ଟାର୍ଗେଟ କରୁଥିଲେ। ପ୍ରଥମେ ସେ ପାରା ସାହାଯ୍ୟରେ ଚୋରି ପାଇଁ ଘର ଚିହ୍ନଟ କରୁଥିଲେ ଓ ପରେ ଚୋରି କରୁଥିଲେ। ସାଧାରଣତଃ ଚୋରି କରିବାକୁ ଥିବା ବିଲ୍ଡିଂ ଚାରିପାଖରେ ମଞ୍ଜୁନାଥ ଗୋଟିଏ କିମ୍ବା ୨ଟି ପାରା ଛାଡ଼ି ଦେଉଥିଲେ। ପାରାମାନେ ଉଡ଼ିବା ସହ ବନ୍ଦ ଥିବା ଘରର ବାଲ୍‌କୋନୀରେ ଯାଇ ବସି ଯାଆନ୍ତି, ଫଳରେ ସେ ଚତୁରତାର ସହ ଘର ମଧ୍ୟରେ ପ୍ରବେଶ କରି ଚୋରି କରୁଥିଲେ। ଯଦି ସେ ସମୟରେ କେହି ତାଙ୍କୁ ଦେଖି ନିଅନ୍ତି, ତେବେ ପାରାକୁ ଉଦ୍ଧାର କରିବା ପାଇଁ ଆସିଥିବା କହି ମଞ୍ଜୁନାଥ ଖସି ଯିବାକୁ ସକ୍ଷମ ହୁଅନ୍ତି। ନିକଟରେ ଏକ ଚୋରି ମାମଲାର ତଦନ୍ତ କରୁଥିବାବେଳେ ପୋଲିସ ମଞ୍ଜୁନାଥଙ୍କୁ ଗିରଫ କରିବାରେ ସଫଳ ହୋଇଛି।

ମଞ୍ଜୁନାଥ ପ୍ରାୟତଃ ସୁନା ଅଳଙ୍କାର ଏବଂ ନଗଦ ଅର୍ଥ ଚୋରି କରୁଥିଲେ। ସେ ଚୋରି କରୁଥିବା ସୁନା ଅଳଙ୍କାରଗୁଡ଼ିକୁ ପ୍ରାୟତଃ ବିକ୍ରି କରିଦେଉଥିଲେ। ସେପଟେ ମଞ୍ଜୁନାଥ ପୂର୍ବରୁ ମଧ୍ୟ ଅନେକଥର ଗିରଫ ହୋଇଛନ୍ତି। ପ୍ରତିଥର ଜେଲରୁ ମୁକୁଳିବା ପରେ ସେ ପୁଣିଥରେ ଅପରାଧରେ ଲିପ୍ତ ହୋଇଯାଆନ୍ତି ବୋଲି ପୋଲିସ କହିଛି।

## ପିଜ୍ଜା ହଟ୍‌ର ନୂତନ ଉତ୍ପାଦ

**ନୂଆଦିଲ୍ଲୀ:** ଭାରତର ସବୁଠାରୁ ପ୍ରିୟ ତଥା ବିଶ୍ୱସ୍ତ ପିଜ୍ଜା ବ୍ରାଣ୍ଡ ପିଜ୍ଜା ହଟ୍‌ର ନୂତନ ଉତ୍ପାଦ 'ମୋମୋ ମିଆ ପିଜ୍ଜା'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଉଭୟ ଭେଜ୍ ଏବଂ ନନ୍ ଭେଜ୍ ପ୍ରକାରରେ ଉପଲବ୍ଧ ହେଉଥିଲାବେଳେ ମୋମୋ ମିଆ ପିଜ୍ଜାର ଦାମ ୨୬୯ ଟଙ୍କାରୁ ଆରମ୍ଭ ହେଉଛି, ଯାହା ପିଜ୍ଜା ହଟ୍ ନାମ ଅନୁସାରେ ବ୍ରାଣ୍ଡର ପ୍ରଥମ ପ୍ରକାର ମିଶ୍ରଣ, ସ୍ୱାଇସୀ ସେଜୱାନ୍ ସସ୍ ସହିତ ଟପ୍ ହୋଇଥିବା ଚିଜି ପିଜ୍ଜା ଏବଂ ରସାଳ ଷ୍ଟ୍ରିଟ୍ ଷ୍ଟାଇଲ୍ ମୋମୋ ବୋଲି କୁହାଯାଇଛି।

# ଅକ୍ଟୋବରରେ ଏଫ୍‌ଡି ମୂଲ୍ୟ ବୃଦ୍ଧି

**■ବ୍ୟାଙ୍କରେ ୭.୫% ଅଧିକ ସୁଧହାର**
**■୩ ବର୍ଷିଆ ଅବଧି**




ନୂଆଦିଲ୍ଲୀ,୧୬।୧୦

କ୍ରମାଗତ ଭାବେ ବ୍ୟାଙ୍କର ନଗଦ ରାଶି ହ୍ରାସ ପାଇବା ସହିତ ବ୍ୟାଙ୍କ କାରବାରରେ ମଧ୍ୟ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି ଉଭୟ ବ୍ୟାଙ୍କ ଓ ଗ୍ରାହକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଜାରି ରହିଛି। ଏପରିକି ବ୍ୟାଙ୍କର ଜମା ରାଶି ବୃଦ୍ଧି ପାଇଁ ଉଭୟ ଘରୋଇ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ବିଭିନ୍ନ ଯୋଜନା ଉପରେ ଆକର୍ଷଣୀୟ ଅଫର ଓ ସୁବିଧା ଯୋଗାଇ ଦେଉଛନ୍ତି। ଫଳରେ ଗତ କିଛି ମାସ ହେବ ବ୍ୟାଙ୍କର ବିଭିନ୍ନ ଯୋଜନାରେ ଗ୍ରାହକଙ୍କ ଭାଗୀଦାରି ପୂର୍ବାପେକ୍ଷା ବୃଦ୍ଧି ପାଇଛି। ଅପରପକ୍ଷରେ ୨୦୨୪ ଅକ୍ଟୋବର ମାସରେ ଉଭୟ ଘରୋଇ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ପକ୍ଷରୁ ଫିକ୍ସଡ ଡିପୋଜିଟ (ଏଫ୍‌ଡି) ଉପରେ ଆକର୍ଷଣୀୟ ଅଫର ସାଙ୍ଗକୁ ସୁଧ ହାର ବୃଦ୍ଧି କରିଛନ୍ତି। ଏପରିକି ୧୦ଟି ବ୍ୟାଙ୍କ ୭.୫%ରୁ ଅଧିକ ସୁଧହାର ପ୍ରଦାନ କରୁଥିବାବେଳେ ୩ ବର୍ଷିଆ ଅବଧି ଅଫର ପ୍ରଦାନ କରୁଛନ୍ତି। ସେହିଭଳି ବ୍ୟାଙ୍କଗୁଡିକର ଅନ୍ୟାନ୍ୟ ଯୋଜନାରେ ମଧ୍ୟ ସୁଧ ହାର ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ସବୁ ବର୍ଗର ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଉଲ୍ଲେଖଯୋଗ୍ୟ, ଦେଶର ଉଭୟ ଘରୋଇ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଏଫ୍‌ଡି ଉପରେ ୭% ରୁ ୯% ପର୍ଯ୍ୟନ୍ତ ସୁଧହାର ପ୍ରଦାନ କରୁଛନ୍ତି। ଏପରିକି ସ୍ୱଳ୍ପ ଅବଧି ଯୋଜନାରେ ମଧ୍ୟ ଆକର୍ଷଣୀୟ ଅଫର ଓ ଅନ୍ୟାନ୍ୟ ସୁବିଧା ଗ୍ରାହକମାନଙ୍କୁ ଯୋଗାଇ ଦେଉଛନ୍ତି। ବିଶେଷକରି ଭାରତୀୟ ଷ୍ଟେଟ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏଫ୍‌ଡି ଉପରେ ୭ ରୁ ୭.୫% ସୁଧହାର ପ୍ରଦାନ କରୁଥିବାବେଳେ ଆକ୍ସିସ ବ୍ୟାଙ୍କ ,ଡିସିବି ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ,ଆଇସିଆଇସିଆଇ ବ୍ୟାଙ୍କ, ୟେସ୍ ବ୍ୟାଙ୍କ ଏବଂ ବନ୍ଧନ ବ୍ୟାଙ୍କ ଭଳି ୧୦ରୁ ଅଧିକ ଘରୋଇ ବ୍ୟାଙ୍କ ୭ରୁ ୯% ପର୍ଯ୍ୟନ୍ତ ସୁଧ ହାର ପ୍ରଦାନ କରୁଛନ୍ତି।

ଉଲ୍ଲେଖଯୋଗ୍ୟ ଚଳିତ ପାର୍ବଣରେ ଉଭୟ ଘରୋଇ ଓ ରାଷ୍ଟ୍ରାୟତ ବ୍ୟାଙ୍କ ଗୁଡ଼ିକରେ ଏଫ୍‌ଡି ସଂଖ୍ୟା ପୂର୍ବମାସ ଅପେକ୍ଷା ୧୨% ଅଧିକ ବୃଦ୍ଧି ପାଇଛି।

## ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୧୬।୧୦

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରିବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୩୧୯ (୩୧୮.୭୬) ପଏଣ୍ଟ କମି ୮୧,୫୦୧ (୮୧,୫୦୧.୩୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୮୬ (୮୬.୦୫) ପଏଣ୍ଟ ହ୍ରାସ ଘଟି ୨୪,୯୭୧(୨୪,୯୭୧.୩୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

## କୃତି କଫିର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



ଭୁବନେଶ୍ୱର,୧୬।୧୦

ଦେଶର ପ୍ରମୁଖ ଘରୋଇ ଷ୍ଟାର୍ଟଅପ୍ ତଥା ଅଗ୍ରଣୀ କଫି ବ୍ରାଣ୍ଡ କୃତି କଫିର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ (ନୂତନ ଷ୍ଟୋର) ଭୁବନେଶ୍ୱରର ଜୟଦେବ ବିହାର ନିକଟସ୍ଥ ହୋଟେଲ ପାଲ ହାଇଟ୍ସଠାରେ ଉଦ୍‌ଘାଟିତ ହୋଇଯାଇଛି। ବ୍ରାଣ୍ଡର ଫ୍ରାଞ୍ଚାଇଜର ଗୀତଗୋବିନ୍ଦ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍ ଆନୁକୂଲ୍ୟରେ ଏହି ନୂତନ ଷ୍ଟୋରର ଶୁଭାରମ୍ଭ ବୁଧବାର ଆନୁଷ୍ଠାନିକ ଭାବେ ହୋଇଛି।

ଏହି ଅବସରରେ ଓଡିଆ ଅଭିନେତ୍ରୀ ପିହୁ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃତି କଫିର ସହ ପ୍ରତିଷ୍ଠାତା ଡ଼ କାମାକ୍ଷା ଦାସ, ଗୀତଗୋବିନ୍ଦ ଏଣ୍ଟରପ୍ରାଇଜେସ ପ୍ରାଇଭେଟ ଲିମିଟେଡର ଏମଡି ବିଜୟ କୁମାର ବେହେରାଙ୍କ ସମେତ ବ୍ରାଣ୍ଡ ଷ୍ଟୋରର ବାଣିଜ୍ୟକ ମୁଖ୍ୟ ତପନ ବରିସାଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୬୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢି ଉଠିଥିବା ଏହି ନୂତନ ଷ୍ଟୋରରେ ଉଭୟ କଫି ଓ ଫୁଡସର ବ୍ୟାପକ ସମ୍ଭାର ଉପଲବ୍ଧ। ବିଶେଷ କରି ବ୍ରାଣ୍ଡର ୮ ପ୍ରକାରର ଉତ୍ପାଦର ପ୍ରାୟ ୪୦ ରକମର କଫି ଉପଲବ୍ଧ। ସେହିଭଳି ବ୍ରାଣ୍ଡର ଏହା ୭ ମ ଷ୍ଟୋର ହୋଇଥିଲାବେଳେ ଫ୍ରାଞ୍ଚାଇଜଙ୍କର ଏହା ୩ୟ ଆଉଟଲେଟ ବୋଲି ସୂଚନା ମିଳିଛି। ଆଗାମୀ ଦିନରେ ବ୍ରାଣ୍ଡ ଆଉ ୧୫ ଟି ନୂତନ ଷ୍ଟୋର ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଖୋଲିବାକୁ ଯୋଜନା କରିଛି।

## ୯ ଟଙ୍କାରେ ନୂତନ ବୀମା କଭରେଜ୍ ପ୍ଲାନ୍

ନୂଆଦିଲ୍ଲୀ,୧୬।୧୦

ଫୋନ୍‌ପେର ବହୁ ପ୍ରତୀକ୍ଷିତ ତଥା ନୂତନ ବୀମା ଯୋଜନା 'ଫାୟାରକ୍ରାକର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି, ଯାହାକି ବାଣ ସମ୍ବନ୍ଧିତ କୌଣସି ପ୍ରକାର ଦୁର୍ଘଟଣା ବିରୋଧରେ ବ୍ୟାପକ ସୁରକ୍ଷା ପ୍ରଦାନ କରିବା ସହ ବୀମା ଉପଭୋକ୍ତାଙ୍କୁ ଦୀପାବଳି ସମୟରେ ସୁଲଭ ବୀମା କଭରେଜ ଦେଉଛି। ଏହା କେବଳ ୯ ଟଙ୍କା (ଜିଏସ୍‌ଟି ସମେତ) ରେ ଉପଲବ୍ଧ ହେଉଛି। ସେହିଭଳି ଏହି କଭରେଜ ପ୍ଲାନ୍ ଫୋନପେ ଉପଭୋକ୍ତାଙ୍କୁ ବାଣ ସମ୍ବନ୍ଧିତ ଦୁର୍ଘଟଣାରୁ ସୁରକ୍ଷିତ ରଖିବା ପାଇଁ ପାର୍ବଣ ସମୟରେ ୧୦ ଦିନ ପାଇଁ ପ୍ରାୟ ୨୫,୦୦୦ଟଙ୍କା ପର୍ଯ୍ୟନ୍ତ ବିସ୍ତୃତ କଭରେଜ ପ୍ରଦାନ କରୁଛି। ଏହି କଭରେଜ୍ ୨୦୨୪ ଅକ୍ଟୋବର ୨୫ରୁ ଆରମ୍ଭ ହେଉଛି। ଏହି ସୁବିଧା ଆରମ୍ଭ ଦିନ (ଅକ୍ଟୋବର ୨୫)ରୁ ଆସନ୍ତା ୧୦ଦିନ ପାଇଁ ଉପଲବ୍ଧ ହେବ। ଏହି ଶୁଭାରମ୍ଭ ସହିତ ଦେଶବ୍ୟାପୀ ଉପଭୋକ୍ତାମାନେ ବର୍ତ୍ତମାନ ସୁରକ୍ଷା ଓ ମାନସିକ ଶାନ୍ତି ସହ ଦୀପାବଳି ପାଳନ କରିପାରିବେ। ଏପରିକି ପାର୍ବଣ ସମୟରେ ବାଣ ସମ୍ପର୍କିତ ଦୁର୍ଘଟଣା ଦେଶରେ ବୃଦ୍ଧି ପାଉଥିବାରୁ ଫୋନ୍‌ପେ ଏଭଳି ଅପ୍ରତ୍ୟାଶିତ ଘଟଣା ବିରୋଧରେ ସମ୍ଭାବ୍ୟ ଆର୍ଥିକ ବୋଝକୁ ହ୍ରାସ କରିବା ପାଇଁ ଏହି ଉତ୍ପାଦର ଶୁଭାରମ୍ଭ କରିଛି। ଏହି ନୂତନ ପ୍ଲାନ୍‌କୁ ଫୋନପେ ଆପ୍‌ରେ କେବଳ ୧ ମିନିଟ୍ ମଧ୍ୟରେ କ୍ରୟ କରାଯାଇପାରିବ, ଯାହା ଉପଭୋକ୍ତା, ତାଙ୍କ ସ୍ୱାମୀ କିମ୍ବା ସ୍ତ୍ରୀ ଓ ୨ ଜଣ ପିଲାଙ୍କ ସମେତ ୪ ଜଣ ପର୍ଯ୍ୟନ୍ତ ପରିବାରର ସଦସ୍ୟଙ୍କୁ ବୀମାଭୁକ୍ତ କରି ଫ୍ୟାମିଲି କଭରେଜ୍ ପ୍ରଦାନ କରୁଛି। ଅପରପକ୍ଷରେ ଏହି ବୀମାର କଭର କ୍ରୟ ତାରିଖରୁ ଲାଗୁହେବ। ଏହି ସ୍ୱଳ୍ପାବଧି କଭରେଜ୍‌କୁ ସ୍ୱତନ୍ତ୍ର ରୂପେ ପାର୍ବଣ ଋତୁ ପାଇଁ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ଫୋନ୍‌ପେ ଇନସ୍ୟୁରାନ୍ସ ବ୍ରୋକିଂ ସର୍ଭିସେସ୍‌ର ସିଇଓ ବିଶାଲ ଗୁପ୍ତା କହିଛନ୍ତି, ଆମେ ପାର୍ବଣ ଋତୁ ପାଇଁ ଠିକ୍ ସମୟରେ ଫୋନ୍‌ପେର ଫାୟାରକ୍ରାକର ବୀମାକୁ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି କଭରେଜ୍ ପରିବାରଗୁଡିକ ପାଇଁ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ପ୍ରଦାନ କରୁଛି।

## ଭୋଲ୍‌ଟାସ୍‌ର ନୂତନ ବ୍ରାଣ୍ଡ ଷ୍ଟୋର ଉଦ୍‌ଘାଟିତ



ଭୁବନେଶ୍ୱର,୧୬।୧୦ (ଅଭୟ ଦାଶ)

**ରାଜ୍ୟର ୨୬ତମ ଏବଂ ଅତାବିରାରେ ୨ୟ ବ୍ରାଣ୍ଡ ଶପ୍**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଭାରତର ଅଗ୍ରଣୀ ଏୟାର କଣ୍ଡିଶନର (ଏସି) କମ୍ପାନୀ ଭୋଲ୍‌ଟାସ୍ ଲିମିଟେଡ୍‌ର ନୂତନ ବ୍ରାଣ୍ଡ ଷ୍ଟୋର ବୁଧବାର ବରଗଡ଼ ଜିଲାର ଅତାବିରାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର (ଫ୍ରାଞ୍ଚାଇଜର) ନ୍ୟୁ ପାତ୍ର ନିଡ୍ସ ଆନୁକୂଲ୍ୟରେ ବରଗଡ଼ର ଅତିବାରରେ ୨ୟ ବ୍ରାଣ୍ଡ ଷ୍ଟୋରର ଆନୁଷ୍ଠାନିକ ଶୁଭାରମ୍ଭ କରିଛି।

ଏହି ଅବସରରେ ଭୋଲ୍‌ଟାସ୍ ଲିମିଟେଡ୍‌ର ଆଞ୍ଚଳିକ ମୁଖ୍ୟ (ଆର୍‌ଏଚ୍ ଇଷ୍ଟ-୨)ମାନସ କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନ୍ୟୁ ପାତ୍ର ନିଡ୍ସ ପ୍ରୋପ୍ରାଇଟର ଦୀପକ କୁମାର ପାତ୍ରଙ୍କ ସମେତ ଉଭୟ ଫ୍ରାଞ୍ଚାଇଜ ଷ୍ଟୋର ଓ ଭୋଲ୍‌ଟାସ୍‌ର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଭୋଲ୍‌ଟାସ୍ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ପ୍ରଦୀପ ବକ୍ସି କହିଥିଲେ, ଆମେ ଆମର ନୂତନ ବ୍ରାଣ୍ଡ ଷ୍ଟୋର ଓଡ଼ିଶାର ବରଗଡ଼ ଜିଲାସ୍ଥିତ ଅତାବିରାଠାରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏଠାରେ ଆମର ବ୍ରାଣ୍ଡ ସମସ୍ତ ଉତ୍ପାଦ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଥିଲାବେଳେ ବଜାର ଆବଶ୍ୟକତା ଓ ଗ୍ରାହକଙ୍କ ଚାହିଦା ପୂରଣକୁ ବ୍ରାଣ୍ଡ ସର୍ବାଧିକ ଗୁରୁତ୍ୱ ଦେଉଛି। ଅପରପକ୍ଷରେ ଓଡ଼ିଶାରେ ଏହା ୨୬ତମ ବ୍ରାଣ୍ଡ ଶପ୍ ହୋଇଥିଲାବେଳେ ଅତାବିରାରେ ୨ୟ ବ୍ରାଣ୍ଡ ଶପ୍‌ର ଶୁଭାରମ୍ଭ ହୋଇଯାଇଛି।

## ୧୮ରେ ଦେଶ କା ଟ୍ରକ୍ ଉତ୍ସବ

ନୂଆଦିଲ୍ଲୀ,୧୬।୧୦

ଭାରତର ସର୍ବବୃହତ୍ ବାଣିଜ୍ୟିକ ଯାନ ନିର୍ମାଣକାରୀ ପ୍ରତିଷ୍ଠାନ ତଥା ଟାଟା ମୋଟର୍ସର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଦେଶ କା ଟ୍ରକ୍ ଉତ୍ସବ' ସମ୍ପର୍କରେ ଘୋଷଣା କରାଯାଇଛି। ଏହା ୨୦୨୪ ଅକ୍ଟୋବର ୧୮ରେ ଭୁବନେଶ୍ୱରଠାରେ ଆୟୋଜନ ହେବ। ଏହି ୧ ଦିବସୀୟ କାର୍ଯ୍ୟକ୍ରମରେ ବିଭିନ୍ନ ଅଧିବେଶନ ଓ ପ୍ରଦର୍ଶନୀ ସହିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଛି। ଏ ସମ୍ପର୍କରେ ଟାଟା ମୋର୍ଟସ କମର୍ସିଆଲ ଭେହିକଲର ଉପସଭାପତି ତଥା ବିଜ୍‌ନେସ୍ ହେଡ୍ (ଟ୍ରକ୍ସ) ରାଜେଶ କୌଲ କହିଥିଲେ, ଟାଟା ମୋଟର୍ସ ଗ୍ରାହକମାନଙ୍କ ବୁଝାମଣାକୁ ଅଗ୍ରାଧିକାର ଦେବା ସହ ଏହା ଉପରେ ଅନେକ ଏବଂ କିଛି କରିବାର ଆବଶ୍ୟକତା ଉପରେ ପ୍ରତିଶ୍ରୁତିବଦ୍ଧ ରହିଛି। ଦେଶ କା ଟ୍ରକ୍ ଉତ୍ସବ ଆମ ପାଇଁ ଏକ ପ୍ରମୁଖ ମଞ୍ଚ ପ୍ରଦାନ କରିବା ସହିତ ସିଧାସଳଖ ସେମାନଙ୍କ ସହ ରହି ଆମର ଅଧୁନାତମ ଡିଜିଟାଲ ଉପାୟଗୁଡ଼ିକ ଉପରେ ଆଲୋକପାତ କରିବା ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମ କେବଳ ଏକ ବିରାଟ ଟ୍ରକ୍ ସମ୍ଭାରକୁ ଉପସ୍ଥାପନ କରିବା ଏବଂ କିଛି ମୂଲ୍ୟଯୁକ୍ତ ସେବା ପ୍ରଦାନ କରିବା ବ୍ୟତୀତ ଗ୍ରାହକମାନଙ୍କୁ ଏକ ବାସ୍ତବ ବିଶ୍ୱ ପ୍ରଭାବକାରୀ ଲାଭାଂଶ ପ୍ରଦାନ ସଫଳତାକୁ ଆହୁରି ଅଧିକ ଦୂର ପର୍ଯ୍ୟନ୍ତ ନେଇଯିବାକୁ ପ୍ରଦର୍ଶିତ କରୁଛି। ଏପରିକି ଗ୍ରାହକମାନଙ୍କୁ ଅଧିକ କ୍ରିୟାଶୀଳ କରିବା ଉଦ୍ଦେଶ୍ୟ ନେଇ ଆମର କୌଶଳ ଏବଂ କାରିଗରି ବିଦ୍ୟାର ଉପାୟଗୁଡ଼ିକ ସେମାନଙ୍କର ଭବିଷ୍ୟତ ବ୍ୟବସାୟିକ କର୍ମପନ୍ଥାକୁ ଆହୁରି ଆଗକୁ ନେଇଯିବା ପାଇଁ ସେମାନଙ୍କୁ ସୁନିଶ୍ଚିତ କରିପାରିବ। ଆମର ଗ୍ରାହକ ତଥା ସହଯୋଗୀମାନଙ୍କୁ ସେମାନଙ୍କର ଦୃଢ ସହଭାଗିତା ଏବଂ ସଫଳତା ଶ୍ରେୟ ପାଇଁ ଆମେ ଚାହିଁ ରହିଛୁ। ସେହିଭଳି ଭୁବନେଶ୍ୱରଠାରେ ଅବସ୍ଥାପିତ ଟ୍ରକ୍ ମାଲିକାନା ସମ୍ପ୍ରଦାୟମାନଙ୍କୁ ସଶକ୍ତ କରିବା ପାଇଁ ଏହି କାର୍ଯ୍ୟକ୍ରମର ପ୍ରସ୍ତୁତ ହେଉଛି।

## ଆଇଏଫ୍‌ଏଟି ଇଣ୍ଡିଆର ଏକାଦଶ ସଂସ୍କରଣ

ମୁମ୍ବାଇ,୧୬।୧୦

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମୁମ୍ବାଇର ବମ୍ବେ ପ୍ରଦର୍ଶନୀ କେନ୍ଦ୍ରଠାରେ ଭାରତର ଜଳ, ନର୍ଦ୍ଦମା, କଠିନ ବର୍ଜ୍ୟବସ୍ତୁ ଏବଂ ରିସାଇକ୍ଲିଂ କ୍ଷେତ୍ରରେ ଅଗ୍ରଣୀ ବାଣିଜ୍ୟ ମେଳା 'ଆଇଏଫ୍‌ଏଟି ଇଣ୍ଡିଆ'ର ଏକାଦଶ ତମ ସଂସ୍କରଣ ବୁଧବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ୨୦୨୪ ଅକ୍ଟୋବର ୧୬ ରୁ୧୮ ପର୍ଯ୍ୟନ୍ତ ମୁମ୍ବାଇର ବମ୍ବେ ପ୍ରଦର୍ଶନୀ କେନ୍ଦ୍ରଠାରେ ଏହି ବାଣିଜ୍ୟ ମେଳା ଅନୁଷ୍ଠିତ ହେଉଛି। ଆଇଏଫ୍‌ଏଟି ଇଣ୍ଡିଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱରୋପ କରି ମେସେ ମୁଏନଚେନ୍ ଇଣ୍ଡିଆର ସିଇଓ ଭୂପିନ୍ଦର ସିଂ କହିଥିଲେ, ଆଇଏଫ୍‌ଏଟି ଇଣ୍ଡିଆର ଏକାଦଶ ସଂସ୍କରଣ କେବଳ ଜଳ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉନ୍ନତ ସମାଧାନ ପ୍ରଦାନ କରିବ ନାହିଁ ବରଂ ସରକାରୀ ଏବଂ ବେସରକାରୀ କ୍ଷେତ୍ର ମଧ୍ୟରେ ସହଯୋଗକୁ ମଧ୍ୟ ପ୍ରୋତ୍ସାହିତ କରିବ। ଏପରିକି ଆମେ ସମଗ୍ର ବିଶ୍ୱର ବିଶେଷଜ୍ଞମାନଙ୍କୁ ଏକାଠି ଆଣି ଉତ୍ସାହିତ ଅଛୁ, ଯେଉଁମାନେ ସହରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଜଳ ପୁନଃ ବ୍ୟବହାର ଭଳି ଭାରତ ପାଇଁ ନିର୍ଦ୍ଦିଷ୍ଟ ପରିବେଶ ଆହ୍ୱାନର କିପରି ମୁକାବିଲା କରିବେ ଏବଂ ସେ ବିଷୟରେ ଜ୍ଞାନ ବାଣ୍ଟିବେ। ଭାରତ ଏହାର ପରିବେଶ ନୀତିରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଆଇଏଫ୍‌ଏଟି ଇଣ୍ଡିଆ-୨୦୨୪ ସ୍ଥାୟୀ ସମାଧାନକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରୁଛି। ସେହିଭଳି ଭାରତ ଜଳ ଏବଂ ବର୍ଜ୍ୟବସ୍ତୁ ପରିଚାଳନାରେ ଥିବା ଆହ୍ୱାନର ମୁକାବିଲା ଜାରି ରଖିଥିବାବେଳେ ଆଇଏଫ୍‌ଏଟି ଇଣ୍ଡିଆ ଏହି କ୍ଷେତ୍ରରେ ବ୍ୟାପକ ସହଯୋଗ ଏବଂ ନୀତି ଆଲୋଚନାକୁ ପ୍ରୋତ୍ସାହିତ କରିବା ଏବଂ ଉଦ୍ଭାବନ ପ୍ରଦର୍ଶନ କରିବା ସହିତ ନୀତିଗତ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟ୍‌ଫର୍ମ ଭାବେ ଉଭାହୋଇଛି। ଏପରିକି କଠିନ ବର୍ଜ୍ୟବସ୍ତୁ, ରିସାଇକ୍ଲିଂ, ଜଳ ବିଶୋଧନ ଏବଂ ନର୍ଦ୍ଦମା ପରିଚାଳନା ପରି ପରିବେଶ ପ୍ରଯୁକ୍ତିରେ ଗୁରୁତ୍ୱପୂର୍ଣ୍ଣ ଉଦ୍ଭାବନ ଆରମ୍ଭ କରିବାରେ ଆଇଏଫ୍‌ଏଟି ଇଣ୍ଡିଆ ଏକ ପ୍ରମୁଖ ଉଦ୍ଭାବକ ଭାବେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି।

## ୧୮ରୁ ୧୦ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

ଭୁବନେଶ୍ୱର,୧୬।୧୦




ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଗୁପ୍ତା ଇଭେଣ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ପକ୍ଷରୁ ୧୦ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୪ ଚଳିତ ବର୍ଷ ଅକ୍ଟୋବର ୧୮ରୁ ଆୟୋଜନ ହେବାକୁ ଯାଉଛି। ୨୦୨୪ ଅକ୍ଟୋବର ୧୮ରୁ ୨୮ ପର୍ଯ୍ୟନ୍ତ ଭୁବନେଶ୍ୱରର ଜନତା ମଇଦାନଠାରେ ହେବାକୁ ଥିବା ୧୦ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଦେଶର ୨୩ ପ୍ରମୁଖ ରାଜ୍ୟ ସମେତ ୧୫ ଦେଶରୁ ବ୍ୟବସାୟୀମାନେ ଅଂଶଗ୍ରହଣ କରୁଛନ୍ତି ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ଏହି ବାଣିଜ୍ୟ ମେଳାରେ ରିଅଲ୍ ଇଷ୍ଟେଟ୍, ଷ୍ଟାର୍ଟଅପ୍ କମ୍ପାନୀ, ଉତ୍ପାଦକ, ବିକାଶକାରୀ, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ହାର୍ଡୱେର୍, ଘରର ଆସବାବପତ୍ର, ଭିତର ଡିଜାଇନ୍, ଶିକ୍ଷା ଭଳି ବିଭିନ୍ନ ବିଭାଗ ଅଂଶ ଗ୍ରହଣ କରୁଥିବାବେଳେ ଏହା ମେଳା ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ହଲ୍‌ରେ ଆୟୋଜନ ହେଉଛି।

ଏ ସମ୍ପର୍କରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ସୁଜିତ କୁମାର ଗୁପ୍ତା ଏବଂ ପାୟଲ ଆଚାର୍ଯ୍ୟ ଗୁପ୍ତା କହିଥିଲେ, ୧୦ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ଆୟୋଜନ ପୂର୍ବ ବର୍ଷ ଭଳି ବେଶ୍ ଉତ୍ସାହଜନକ ହେଉଥିବାବେଳେ ଏହି ମେଳାର ଆୟୋଜନ କରିବା ସହ ସଫଳତାର ସହ ଦର୍ଶକ ତାଙ୍କ ଚାହିଦା ମୁତାବକ ଉତ୍ପାଦ ପୂରଣ କଲା ଭଳି ପ୍ରୟାସ ଆମ ପକ୍ଷରୁ କରାଯିବ ବୋଲି ଉଭୟେ ଆଶାବ୍ୟକ୍ତ କରିଛନ୍ତି।

ଅପରପକ୍ଷରେ ଉନ୍ନତ ମାନର ଡିଜାଇନ ହୋଇଥିବା ହ୍ୟାଙ୍ଗର ସରଞ୍ଜାମ ସହିତ ଏକ ବିସ୍ତୃତ ଗ୍ରାଉଣ୍ଡ ପ୍ଲାନ୍ ମଧ୍ୟ ରହିବ। ଘର ସାଜସଜ୍ଜା, ଘର ଉପକରଣ, ଇଲେକ୍ଟ୍ରୋନିକ୍ସ, କଳା ଏବଂ ହସ୍ତଶିଳ୍ପ ସେରାମିକ୍ସ, ବୈଦ୍ୟୁତିକ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ହର୍ବାଲ ଆୟୁର୍ବେଦିକ, କ୍ଲିନିକ୍, ଡାକ୍ତରଖାନା, ଅଟୋମୋବାଇଲ, ନିର୍ମାଣ ଉପକରଣ, ଜୀବନଶୈଳୀ ଉତ୍ପାଦ, ପ୍ରସାଧନ ସାମଗ୍ରୀ, ଖାଦ୍ୟ ପ୍ରକ୍ରିୟାକରଣ ଯନ୍ତ୍ର, ପ୍ୟାକେଜିଂ ଯନ୍ତ୍ର, ଆଇଟି ଏବଂ ସଫ୍ଟୱେର ସେକ୍ଟର ସହ ସରକାରୀ କ୍ଷେତ୍ର, ଭ୍ରମଣ, ବିଦେଶୀ ଭିତ୍ତିକ କମ୍ପାନୀ, ବୁଟିକ୍, ସୌନ୍ଦର୍ଯ୍ୟ ଉତ୍ପାଦ, ଫ୍ୟାଶନେବଲ୍ ଅଳଙ୍କାର, ଫୁଲ, ଥାଇଲାଣ୍ଡ, ପାକିସ୍ତାନୀ ଏବଂ ରାଜସ୍ଥାନୀ ମାର୍ବଲ, ଆଫଗାନିସ୍ତାନ ଶୁଖିଲା ଫଳ, ବାଂଲାଦେଶ ଉତ୍ପାଦ ଏବଂ ହସ୍ତତନ୍ତ ଉତ୍ପାଦ ସମେତ ବିଭିନ୍ନ ପୁରୁଷ ଏବଂ ମହିଳା ପୋଷାକ ସହ ଆହୁରି ଅନେକ କିଛି ମେଳାରେ ଉପଲବ୍ଧ। ସେହିପରି ପରିଦର୍ଶକମାନେ ସ୍ୱତନ୍ତ୍ର ଫୁଡ୍ ଜୋନ୍‌ରୁ ବିଭିନ୍ନ ପ୍ରକାର ଖାଦ୍ୟର ମଜା ମଧ୍ୟ ଉଠାଇପାରିବେ।

## ଅଗ୍ରଣୀ ବ୍ରାଣ୍ଡର କ୍ରୟ ଉପରେ ଆକର୍ଷଣୀୟ ରିହାତି

ନୂଆଦିଲ୍ଲୀ,୧୬।୧୦

ଚଳିତ ବର୍ଷର ପାର୍ବଣଋତୁ ଆରମ୍ଭ ହେବା ସହ ଆମାଜନ ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲ-୨୦୨୪ରେ ଉପଲବ୍ଧ ହୋମ୍, କିଚେନ୍ ଓ ଆଉଟଡୋର ପ୍ରଡକ୍ଟଗୁଡ଼ିକ ଉପରେ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି। ଏପରିକି ଆମାଜନ୍.ଇନ୍‌ରେ ଆଗାରୋ, ପ୍ରେଷ୍ଟିଜ୍, ସେଲୋ, କୋହଲର, ନୀଲ୍‌କମଲ, କ୍ୟୁବୋ, ଗୋଦ୍‌ରେଜ୍ ଓ ବଶ୍ ଭଳି ଅଗ୍ରଣୀ ବ୍ରାଣ୍ଡର କ୍ରୟ ବିଲ୍ ଉପରେ ଆକର୍ଷଣୀୟ ରିହାତି ଦିଆଯାଉଛି। ସେହିଭଳି ଆପ୍ଲାଏନ୍ସ ବର୍ଗରେ ଆଗାରୋ ରିଜେନ୍ସି ଏୟାର ଫ୍ରାୟର ଫର୍‌ର ମୂଲ୍ୟ ୮୨୯୯ ଟଙ୍କା ରହିଥିବା ବେଳେ ବଶ୍ ପ୍ରଫେସନାଲ ଜିଡବ୍ଲ୍ୟୁଏସ୍ ୬୦୦ ଆଙ୍ଗେଲ ଗ୍ରାଇଣ୍ଡର ୧୯୯୯ ଟଙ୍କା ଏବଂ ଇକୋଭାକ୍ସ ଡିବଟ ଏନ୍୨.୦ପ୍ରୋ ରୋବୋଟିକ ଭାକ୍ୟୁମ କ୍ଲିନର ୨୭,୯୯୯ ଟଙ୍କାର ଆକର୍ଷଣୀୟ ମୂଲ୍ୟ ଏହି ସମୟ ମଧ୍ୟରେ ଉପଲବ୍ଧ ହେଉଛି। ସେହିପରି କିଚେନ୍ ପ୍ରଡକ୍ଟ ମଧ୍ୟରେ ପ୍ରେଷ୍ଟିଜ୍ ଆଇରିସ୍ ଟଫେଣ୍ଡ ଗ୍ଲାସ୍-ଟପ୍୩ ବ୍ରାସ୍ ବର୍ନର ଏଲ୍‌ପିଜି ଗ୍ୟାସ୍ ଷ୍ଟୋଭର ମୂଲ୍ୟ ୩୨୯୮ ଟଙ୍କା ରହିଥିବା ବେଳେ ସେଲୋ ଏମ୍‌ଏଫ୍ କ୍ଲିକ୍ ଲଞ୍ଚ ବକ୍ସ ସେଟ୍‌ର ମୂଲ୍ୟ ମାତ୍ର ୫୭୯ଟଙ୍କା ରହିଛି। ଏହି ସେଲ୍ ସମୟରେ ଗ୍ରାହକମାନେ ଘର ସଫେଇ ଉତ୍ପାଦ ସ୍କଚ୍ ବ୍ରାଇଟ୍ ୨-ଇନ୍-୧ବକେଟ ସ୍ପିନ୍ ମପ୍‌କୁ ୯୮୯ ଟଙ୍କାରେ ଏବଂ କୋହଲର କପ୍ ହେଲ୍‌ଥ ଫୌସେଟକୁ୭୯୯ ଟଙ୍କାରେ କ୍ରୟ କରିପାରିବେ। ଏପରିକି ଆଉଟ୍‌ଡୋର ବା ଘର ବାହାର ସ୍ଥାନକୁ ଉନ୍ନତ କରିବା ପାଇଁ ଗ୍ରାହକମାନେ ଆମାଜନ୍.ଇନ୍‌ରେ ହିଟ୍ ଫ୍ଲାଇଂ ଇନ୍‌ସେକ୍ଟ କିଲର-ମସ୍କିଟୋ ଆଣ୍ଡ ଫ୍ଲାଏ କିଲର ସ୍ପ୍ରେକୁ ୨୮ ଟଙ୍କା ଓ ଗିଗାୱାଟ୍‌ସ ସୋଲାର ୱାଲ୍ ଲାଇଟ୍‌ଗୁଡିକୁ ୧୯୯ ଟଙ୍କାରେ କ୍ରୟ କରିପାରିବେ। ଏହାଛଡା ଗ୍ରାହକମାନେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଓ ବ୍ୟାଙ୍କ ଅଫ୍ ବରୋଦା କାର୍ଡ ସହ ନୋ କଷ୍ଟ ଇଏମ୍‌ଆଇର ଲାଭ ଓ ୧୦% ରିହାତି ପାଇପାରିବେ। ଏପରିକି ୧୦,୦୦୦ ଟଙ୍କାର ଆପ୍ଲାଏନ୍ସ କ୍ରୟ ଉପରେ ୧୦୦୦ ଟଙ୍କା ଏବଂ ୨୦୦୦ ଟଙ୍କାର କିଚେନ ଉତ୍ପାଦ ଉପରେ ୨୦୦ ଟଙ୍କାର ରିହାତି ମଧ୍ୟ ପାଇପାରିବେ।

## ୧୮ରୁ ହାଟ୍ ଫ୍ୟାଶନ ଆଣ୍ଡ ଲାଇଫ୍ ଷ୍ଟାଇଲ୍ ପ୍ରଦର୍ଶନୀ

ଭୁବନେଶ୍ୱର,୧୬।୧୦

The Haat
Fashion & Lifestyle Exhibition

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦି ହାଟ୍ ପକ୍ଷରୁ ୨ ଦିନିଆ ହାଟ୍ ଫ୍ୟାଶନ ଆଣ୍ଡ ଲାଇଫ୍ ଷ୍ଟାଇଲ୍ ପ୍ରଦର୍ଶନୀ ଭୁବନେଶ୍ୱରର ଜୟଦେବ ବିହାର ନିକଟସ୍ଥ ହୋଟେଲ ପାଲ ହାଇଟ୍ସରେ ଆୟୋଜନ ହେଉଛି। ଏହି ପ୍ରଦର୍ଶନୀ ୨୦୨୪ ଅକ୍ଟୋବର ୧୮ ଓ ୧୯ ରେ ସକାଳ ୧୦ଘଟିକାରୁ ରାତି ୮ଘଟିକା ପର୍ଯ୍ୟନ୍ତ ସବୁବର୍ଗର ଗ୍ରାହକଙ୍କ ପାଇଁ ଖୋଲା ରହିଛି। ସେହିଭଳି ଏହି ପ୍ରଦର୍ଶନୀରେ ଫ୍ୟାଶନ ଇଣ୍ଡଷ୍ଟ୍ରିର ପ୍ରସିଦ୍ଧ ତଥା ଅଗ୍ରଣୀ ଘରୋଇ ବ୍ରାଣ୍ଡର ସର୍ବୋତ୍ତମ ପୋଷାକ, କାଉଚର, ଖଦି, ହ୍ୟାଣ୍ଡଲୁମ୍, କନ୍ଥା, ଟସର, ମୁସ୍‌ଲିନ୍ ବନାରସୀ ଶାଢ଼ି ସମେତ ପାରମ୍ପରିକ ଓ ଡିଜାଇନର ଶାଢ଼ି, ଅଜ୍ରାକ୍, ପାଶ୍ଚାତ୍ୟ ପୋଷାକ, ପାରମ୍ପରିକ ପୋଷାକ, କାଜୁଆଲ୍ ପୋଷାକ,କୁର୍ତ୍ତି, ଚିକନ୍‌କରୀ କୁର୍ତ୍ତି ଭଳି ଅନେକ ପ୍ରକାର ପୋଷାକ ଏବଂ କଷ୍ଟ୍ୟୁମ ଅଳଙ୍କାର ଓ ସିଲ୍‌ଭର ଆଣ୍ଡ ଜଙ୍କ୍ ଜୁଏଲେରି, ଡିଜାଇନର ନେକ୍ ପିସ୍ ,ସ୍କାର୍ଭ, ହୋମ ଡେକର, ବ୍ୟାଗ୍‌ସ, ସୁଜସ, ଡେକୋରେଟିଭ ପ୍ରଡକ୍ଟ, ଉପହାର ସାମଗ୍ରୀ ଆଦି ପ୍ରଦର୍ଶିତ ହେବାର ଯୋଜନା ରହିଛି। ଏପରିକି ଘର ସଜେଇବା, ବ୍ୟାଗ୍, ଡିଜାଇନର ପିସ୍, କ୍ଲଚ୍, ଜୋତା, ସାଜସଜ୍ଜା ଦ୍ରବ୍ୟ, ସ୍କିନ୍ କେୟାର, ସୁଗନ୍ଧ, ଉପହାର ଆଇଟମ୍ ଏବଂ ଆହୁରି ଅନେକ କିଛି ପ୍ରଦର୍ଶନୀରେ ସାମିଲ ରହିଛି। ଅପରପକ୍ଷରେ ଏହି ୨ ଦିନିଆ ପ୍ରି ଫେଷ୍ଟିଭାଲ୍ ପ୍ରଦର୍ଶନୀରେ ୫୦ରୁ ଅଧିକ ଲେବଲ୍ ଅନ୍ତର୍ଭୁକ୍ତ ରହିଛି। ବିଶେଷକରି ଲେବଲ କବିତା, ଦେବକୀର୍ତ୍ତି, ଗାଲସ ଗ୍ୟାଲେରି, ଲୋଜା ବାଇ ରୁପା ନନ୍ଦ, ରତୁସ କଲେକ୍ସନ, ଲକ୍ଷ୍ନୌ କୁର୍ତ୍ତି ଆଣ୍ଡ ପାଲଜାଓ, ଟେକ୍ନୋ ଦର୍ଜ କାରୁଷି, ଭୁବୋନଡଙ୍ଗା ବୁଟିକ୍, ପ୍ରୋଟିବି, କ୍ୟାଲିଟି ଆଣ୍ଡ ବିୟୁଟି, ସମ୍ପୂର୍ଣ୍ଣା ଜୁଏଲେରି ସରାଇକି ,ଖୁସବ କ୍ରିଏଶନ,ଆରେ ହ୍ରାମ୍ପର୍ସ, ଆଭ୍ୟନା ବାଇ ପୂଜା, ବିନିଶା ବୁଟିକ୍, ଲାବଣ୍ୟା କୀର୍ତ୍ତି ବୁଟିକ୍, ଆଖାୟା ମିଠା ଜୁଏଲେରି, ଆଷ୍ଟ୍ରୋ ୱାଲର୍ଡ ମ୍ୟାଜିକ, ପ୍ରିୟଙ୍କା କୁଣ୍ଡୁ, ଭୁସାଙ୍ଗ ମାଟି, ଶ୍ୱେତା ଗୁଲ୍‌କୁଲିଆ, ତ୍ରିସିଆ ଜୁଏଲେରି, ଇଣ୍ଡିକା, ଭାଓଲେଟ୍ ବାଇ ରୂପାଲୀ, ଇଷ୍ଟିଲୋ ମୋର, ଅରେଞ୍ଜ ରୋବ, ଗର୍ଜିଅସ କ୍ରିଏଶନ୍ସ, ବାଙ୍ଗାଲର କାରୁକୀର୍ତ୍ତି, ଶୁଭଶ୍ରୀ ଏବଂ ରୋଇ କ୍ରିତୀ ପ୍ରମୁଖ ସାମିଲ ହେଉଛନ୍ତି।

ଅପରପକ୍ଷରେ ହାଟ୍‌ର ଏହି ଦୀପାବଳି ସଂସ୍କରଣ ହେଉଛି, କିଛି ଚମତ୍କାର ଜୀବନଶୈଳୀର ଉତ୍ପାଦ ପ୍ରି ଫେଷ୍ଟିଭାଲ୍ ଏବଂ ମନୋରଞ୍ଜନ ଉତ୍ସବ। ଏହି ପ୍ରଦର୍ଶନୀର ବହୁ ଭଲ ପ୍ରତିକ୍ରିୟା ଆଶା କରୁଛୁ ବୋଲି ଅନୁପମ ମୁଖାର୍ଜୀ କହିଛନ୍ତି।

## 'ସୁରଭି'କୁ ବେଦାନ୍ତ ଆଲୁମିନିୟମର ସହାୟତା

ଭୁବନେଶ୍ୱର,୧୬।୧୦




ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସୁନ୍ଦରଗଡ଼ ଜିଲା ଅଧୀନ ହେମଗିର ବ୍ଲକ୍‌ର ଗିରିସ୍ମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪ ବୁଧବାର ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଶିଶୁ ମହୋତ୍ସବ 'ସୁରଭି' କୁ ସହାୟତା ଯୋଗାଇ ଦେଇଛି, ଯାହା ସ୍ଥାନୀୟ ଯୁବ ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ପାଇଁ ଏକ ରାଜ୍ୟସ୍ତରୀୟ ପ୍ଲାଟ୍‌ଫର୍ମ ପାଲଟିଛି।

ଉଲ୍ଲେଖଯୋଗ୍ୟ, ଗିରିସ୍ମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବରେ ହେମଗିର ବ୍ଲକ୍ ଅନ୍ତର୍ଗତ ୧୮ଗ୍ରାମ ପଞ୍ଚାୟତର ୧୮୬ ବିଦ୍ୟାଳୟର ଛାତ୍ରଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏପରିକି ଆଶାୟୀ ଛାତ୍ରୀଛାତ୍ରଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ କଳା ଓ କାରିଗରି ସହିତ ସଙ୍ଗୀତ, ନୃତ୍ୟ, ବିତର୍କ, ପ୍ରବନ୍ଧ ରଚନା, ବକ୍ତୃତା ଏବଂ ସୃଜନଶୀଳ ଲେଖା ସମେତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) କରୁଣା.ଏସ୍ ପଟେଲ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ (ଏବିଇଓ) କିଶୋର ଆର୍କଙ୍କ ସମେତ ଅନ୍ୟମାନେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଇଓ ପଟେଲ କହିଥିଲେ,ଭବିଷ୍ୟତର ନେତୃତ୍ୱ ଗଠନ ପାଇଁ ସୁରଭି ପ୍ରୋତ୍ସାହିତ କରିଥାଏ। ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା ଏବଂ ସହଯୋଗ ଓ ନିଷ୍ଠାର ମୂଲ୍ୟ ଶିଖିବା ପାଇଁ ଏକ ନିଆରା ପ୍ଲାଟ୍‌ଫର୍ମ ପ୍ରଦାନ କରିଥିବାରୁ ସେ ବେଦାନ୍ତର ସହଯୋଗକୁ ଧନ୍ୟବାଦ ଜଣାଇଥିଲେ। ସେହିଭଳି ଏବିଇଓ କିଶୋର ଆର୍କ ସୁରଭିକୁ ବେଦାନ୍ତର ସମର୍ଥନକୁପ୍ରଶଂସା କରି କହିଛନ୍ତି, ବେଦାନ୍ତ ସମର୍ଥନରେ ସୁରଭି ଉତ୍ସବ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା, ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ଲାଟ୍‌ଫର୍ମ ପାଲଟିଛି ଯେଉଁଠାରେ ସେମାନେ ବଡ଼ ସ୍ୱପ୍ନ ଦେଖିପାରିବେ ଏବଂ ଉଚ୍ଚ ଲକ୍ଷ୍ୟ ରଖିପାରିବେ। ଅପରପକ୍ଷରେ ବେଦାନ୍ତ ଆଲୁମିନିୟମର ଖଣି ବ୍ୟବସାୟ ଗୋଷ୍ଠୀ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି, ଯେଉଁଥିରେ ଗୁଣାତ୍ମକ ଶିକ୍ଷା ଓ ଯୁବବର୍ଗଙ୍କ ଉନ୍ନତି ଜରିଆରେ ଗୋଷ୍ଠୀର ବିକାଶ କରାଯାଉଛି। ଓଡ଼ିଶାର ଯୁବପିଢ଼ିଙ୍କ ଭବିଷ୍ୟତ ପାଇଁ ପୁଞ୍ଜି ନିବେଶକରି ବେଦାନ୍ତ ଅଧିକ ସହଭାଗିତା, ଅଭିବୃଦ୍ଧି ଓ ବିକାଶର ମାର୍ଗ ପ୍ରଶସ୍ତ କରୁଛି।

# ସଙ୍ଗୀତ ନୂଆ ପରିଚୟ ଦେଇଛି

ନବାଗତ ସଙ୍ଗୀତ ନିର୍ଦ୍ଦେଶକ ତଥା ଗାୟକ ସ୍ୱସ୍ତିକ ପାଢ଼ୀ ପ୍ରାରମ୍ଭରୁ ପ୍ରଶଂସା ସାଉଁଟି ଚାଲିଛନ୍ତି। ଏହାକୁ ନେଇ ତାଙ୍କ ଆଖିରେ ଆଖିଏ ସ୍ୱପ୍ନ। ଭଜନ ହେଉ ଅବା ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଅନ୍ୟତମ ପରିଚିତ ସ୍ୱର ସଂଯୋଜକ ଏବଂ ଗାୟକ ପ୍ରଶାନ୍ତ ପାଢ଼ୀଙ୍କର ଏହି ସୁପୁତ୍ର ନିଜ କ୍ୟାରିୟର ବିଷୟରେ ଯାହା କହନ୍ତି..



ପରଦା ପଛରେ/ସ୍ୱସ୍ତିକ ପାଢ଼ୀ

**ସ**ଙ୍ଗୀତ ପରିବେଶରେ ତାଙ୍କର ଜନ୍ମ। ଯେତେବେଳେ ପ୍ରଶାନ୍ତ କୌଣସି ଗୀତକୁ ସ୍ୱର ଦିଅନ୍ତି, ସେହି ମ୍ୟୁଜିକ ଶୁଣି ସ୍ୱସ୍ତିକ ଗୁଣୁ ଗୁଣୁ ହୋଇ ଗୀତ ଗାଇବା ଆରମ୍ଭ କରନ୍ତି। ଆଉ ପୁଅଠାରେ ଏଭଳି ପ୍ରତିଭାକୁ ଠିକ୍ ଭାବରେ ଚିହ୍ନି ପାରିଥିଲେ ପ୍ରଶାନ୍ତ। ପିଲାଟିବେଳୁ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ ସେ। ପାଠପଢ଼ା ସହ ସଙ୍ଗୀତକୁ ଅନ୍ୟ ଏକ କ୍ୟାରିୟର ଭାବରେ ବାଛି ନେବାକୁ ସେ ସ୍କୁଲ କ୍ୟାରିୟରରୁ ମନସ୍ଥ କରିନେଇଥିଲେ। ନିଜର ଏଭଳି ଲକ୍ଷ୍ୟ ସମ୍ପର୍କରେ ସ୍ୱସ୍ତିକ କହନ୍ତି, ‘‘ମୋତେ ଯେତେବେଳେ ମାତ୍ର ଛଅ ବର୍ଷ, ସେତେବେଳେ ମୁଁ ଗୁରୁ ଗନ୍ଧର୍ବ ଜେନାଙ୍କ ନିକଟରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଶିଖିବା ଆରମ୍ଭ କରିଥିଲି। ଏଥିରେ ଅଭିଜ୍ଞତା ହାସଲ ପରେ କେତୋଟି ମ୍ୟୁଜିକ୍ ଆଲବମ୍ ଏବଂ ଭିଡିଓରେ ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲି। ଏହି ସମୟରେ ବାପା ଏବଂ ମା’ ସୁଚିତ୍ରା ପାଢ଼ୀଙ୍କ ପ୍ରେରଣା ଏବଂ ସହଯୋଗ ମୋତେ ଆଗକୁ ଆଗେଇବାରେ ଯଥେଷ୍ଟ ସାହାଯ୍ୟ କରିଥିଲା। ନିକଟରେ ମୋତେ ତରଙ୍ଗ ଚ୍ୟାନେଲରେ ପ୍ରସ୍ତୁତ ତଥା ଅଶୋକ ପତିଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର ‘ଝିଅଟା ବଦଳିଗଲା’ରେ ଗାୟକ ଭାବରେ ବ୍ରେକ୍ ମିଳିଛି ଏବଂ ମୁଁ ଗାଇଥିବା ଦୁଇଟି ଗୀତ ବେଶ୍ ଭାଇରାଲ ହୋଇଛି। ସତ କଥା କହିବାକୁ ଗଲେ ସଙ୍ଗୀତ ମୋତେ ଏକ ନୂଆ ପରିଚୟ ଦେଇଛି।’’ ବି.ଟେକ୍ ଡିଗ୍ରୀ ହାସଲ ପରେ ୨୫ ବର୍ଷ ବୟସ୍କ ସ୍ୱସ୍ତିକ ଏବେ ଚେନ୍ନାଇରେ ଏମ୍.ବି.ଏ. ପଢୁଛନ୍ତି। ସୂଚନାଯୋଗ୍ୟ ପ୍ରଶାନ୍ତଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରଥମ ସିନେମା ‘ନନ୍ଦିନୀ ଆଇ ଲଭ୍ ୟୁ’ର ମଧ୍ୟ ନିର୍ଦ୍ଦେଶନା ଦେଇଥିଲେ ଅଶୋକ ପତି।

# ସାନ୍ୟାଙ୍କୁ ମିଳିଗଲା..



ସାନ୍ୟା

**କ**ଥାରେ ଅଛି: ‘ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା।’ ସାନ୍ୟା ମାଲ୍‌ହୋତ୍ରା ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଆଉ ନିଜ ଆଶା ପୂରଣ ହେବା ପରେ ତାଙ୍କର ଖୁସି ଦେଖେ କିଏ! କଥା କ’ଣ କି ମୁମ୍ବାଇସ୍ଥିତ ମେରାଇନ୍ ଡ୍ରାଇଭ ପାଖରେ ଏକ ଫ୍ଲାଟ୍ ସନ୍ଧାନରେ ଥିଲେ ସାନ୍ୟା। ଯାହାହେଉ ତାଙ୍କର ଏହି ମନ ପସନ୍ଦର ଫ୍ଲାଟ୍ ତାଙ୍କୁ ନିକଟରେ ମିଳିଯାଇଛି। ଆବଶ୍ୟକ ମୁତାବକ ଟଙ୍କା ଡିପୋଜିଟ୍ ପରେ ସମସ୍ତ କାଗଜପତ୍ର କାମ ମଧ୍ୟ ଶେଷ ହୋଇଛି। ହେଲେ ଏହି ଫ୍ଲାଟ୍‌ର କିଛି ଇଣ୍ଟେରିୟର ଡିଜାଇନ୍‌କୁ ଟିକେ ଚେଞ୍ଜ୍ କରିବାକୁ ଚାହୁଁଛନ୍ତି ସାନ୍ୟା। ତେଣୁ ଗୃହପ୍ରବେଶ ଟିକେ ବିଳମ୍ବ ହେବ ବୋଲି ସେ ସୂଚନା ଦେଇଛନ୍ତି। ପାଖାପାଖି ୨୦ କୋଟି ଟଙ୍କା ବିନିମୟରେ ସେ ଏହି ଫ୍ଲାଟ୍‌କୁ କିଣିଛନ୍ତି। ଏ ସମ୍ପର୍କରେ ସାନ୍ୟା କହନ୍ତି, ‘ମୋର ଆଶା ଥିଲା ମେରାଇନ୍ ଡ୍ରାଇଭ ପାଖରେ ଏକ ଆପାର୍ଟମେଣ୍ଟରେ ମୁଁ ରହିବି। ଯାହାହେଉ ମୋର ଏହି ଆଶା ପୂରଣ ହୋଇଛି। ଏହି ଫ୍ଲାଟ୍‌ର ଇଣ୍ଟେରିୟର କାମ ଶେଷ ହେବା ପରେ ଗୃହପ୍ରବେଶ ହେବ।’

## କେବଳ ପାପାଙ୍କ ପାଇଁ..

**ବ**ଲିଉଡ୍‌ରେ ଅନ୍ୟତମ ଲୋକପ୍ରିୟ ଅଭିନେତା ହେଉଛନ୍ତି ଗୋବିନ୍ଦା। କେବଳ ରୋମାଣ୍ଟିକ୍ ଭୂମିକା ନୁହେଁ, ଭିନ୍ନ ଭିନ୍ନ ଚରିତ୍ରରେ ନିଜ ଦକ୍ଷତା ପ୍ରତିପାଦନ କରିବାରେ ସକ୍ଷମ ହୋଇଛନ୍ତି ସେ। ବାଣିଜ୍ୟରେ ସ୍ନାତକ ଡିଗ୍ରୀ ହାସଲ ପରେ ଏକଦା ସେ ମିଥୁନ ଚକ୍ରବର୍ତ୍ତୀଙ୍କ ଅଭିନୀତ ସୁପରହିଟ୍ ଫିଲ୍ମ ‘ଡିସ୍କୋ ଡ୍ୟାନ୍ସର’ ଦେଖିବାକୁ ଯାଇଥିଲେ। ତା’ପରେ ସେ ଘରକୁ ଆସି ‘ଆଇ ଆମ୍ ଦ ଡିସ୍କୋ ଡ୍ୟାନ୍ସର’ ଗୀତକୁ ଘଣ୍ଟା ଘଣ୍ଟା ଧରି ଅଭ୍ୟାସ କଲେ। ଆଉ ତା’ପରେ ଏହା ଉପରେ ଏକ ଭିଡିଓ ମଧ୍ୟ ପ୍ରସ୍ତୁତ କରିଥିଲେ। ଏହି ସମୟରେ ତାଙ୍କର ପାପା ତଥା ଅଭିନେତା ଅରୁଣ କୁମାର ଆହୁଜା ତାଙ୍କୁ ଅଭିନୟକୁ କ୍ୟାରିୟର କରିବାକୁ ପରାମର୍ଶ ଦେଇଥିଲେ, ଯାହାକୁ ଗୋବିନ୍ଦା ସମ୍ମାନର ସହ ଗ୍ରହଣ କରିଥିଲେ। ଗୋବିନ୍ଦାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା ‘ଇଲଜାମ୍’ (୧୯୮୬)। ପହେଲାଜ ନିହାଲିନୀଙ୍କ ପ୍ରଯୋଜିତ ଏବଂ ଶିବୁ ମିତ୍ରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଗୋବିନ୍ଦାଙ୍କ ବ୍ୟତୀତ ଶଶି କପୁର, ଶତ୍ରୁଘ୍ନ ସିହ୍ନା, ନିଲମ୍ ଏବଂ ଅନିତା ରାଜ ପ୍ରମୁଖ ଅଭିନୟ କରିଥିଲେ। ବିଶେଷଭାବରେ ବାପି ଲାହିରିଙ୍କ ସ୍ୱର ସଂଯୋଜନାରେ ଏହାର ଗୀତଗୁଡ଼ିକ ବେଶ୍ ଶ୍ରୋତାଦୃତ ହୋଇଥିଲା।

## ଯାହା ଭାବୁଥିଲେ ସମ୍ବିତ...



**ଓ**ଲିଉଡ୍‌ରେ ବେଶ୍ କେତୋଟି ସିନେମାରେ ନିଜ ଅଭିନୟ ଦକ୍ଷତା ଦେଖାଇସାରିଥିବା ସମ୍ବିତ ଏବେ ଏକ ଭିନ୍ନ ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସୁଛନ୍ତି। ବିଜୟ କାନ୍ଦୋଇଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ଟାଇଟଲ ରହିଛି ‘ହେ ରାମ : କର୍ମ ହିଁ ଭଗବାନ୍’। ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବାସୁଦେବ ବାରାଦ। ସଂଳାପ ରଚନା ମାନସ ରଞ୍ଜନ ସାମଲ ଓ ଦୀପ୍ତି ପଟ୍ଟନାୟକ କରିଥିବା ବେଳେ ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମ୍‌ଦାର। ଏ ସମ୍ପର୍କରେ ସମ୍ବିତ କହନ୍ତି, ‘ଏହି ଫିଲ୍ମଟି ମୋ ପାଇଁ ବେଶ୍ ମାଇଲେଜ୍ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି। ମୋ ଅଭିନୀତ ସିନେମାଗୁଡ଼ିକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ଼ କଥା। ଧର୍ମାନ୍ତୀକରଣକୁ ନେଇ ଏହାର କାହାଣୀ ଗତିଶୀଳ। ବିଶେଷଭାବରେ ଏଥିରେ ମୋ ଭୂମିକା ସମ୍ପୂର୍ଣ୍ଣ ଡିଫରେଣ୍ଟ।’ ଏଥିରେ ସମ୍ବିତଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଆରଲୀନ ଅଙ୍କିତା।

## ଟୁ-ଇନ୍-ୱାନ ଭାରତ

**ଏ**କ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା ‘ଦର୍ପଣ’। ଦର୍ପଣସାୟନ ପ୍ରଡକ୍ସନ ହାଉସ୍ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର କାହାଣୀରେ ସସ୍‌ପେନ ଥ୍ରୀଲର ଭରି ରହିଛି। ଫିଲ୍ମଟିର କାହାଣୀ ରଚନା କରିବା ସହ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ଦିଲୀପ କୁମାର ସାହୁ। କେବଳ ସେତିକି ନୁହେଁ, ନିର୍ଦ୍ଦେଶନା ଦେବା ସହ ଏହି ସିନେମାରୁ ନାୟକ ଭାବରେ ନିଜର କ୍ୟାରିୟର ଆରମ୍ଭ କରୁଛନ୍ତି ଭାରତ ପୁଷ୍ପରାଗ। ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ହିରଣ୍ମୟୀ ଦାସ। ଅନ୍ୟପକ୍ଷରେ ଅଙ୍କିତ କୁମାର ଏବଂ ତୃପ୍ତି ମିରାମ୍ବିକ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବେ। ଏହାର କାଷ୍ଟିଂରେ ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀ ଚରଣ, ଲଲାଟ, ପ୍ରଜ୍ଞା ମଧ୍ୟ ଅଛନ୍ତି। ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ ଏବଂ ଟୁନୁ ପଟ୍ଟନାୟକ। ‘‘ଏହାର କାହାଣୀ ଚୟନ ବେଳେ ବେଶ୍ କସରତ କରିବାକୁ ପଡ଼ିଥିଲା। ଏହାକୁ ଜଷ୍ଟିସ୍ ଦେବାକୁ ଶୁଟିଂ ସମୟରେ ଯଥେଷ୍ଟ ଚେଷ୍ଟା କରାଯାଇଛି। ସଂଯୋଜିତ ଗୀତଗୁଡ଼ିକ ମଧ୍ୟ ବେଶ୍ ଶ୍ରୁତିମଧୁର। ଦର୍ଶକ ଆମ ପରିଶ୍ରମର ମୂଲ୍ୟ ବୁଝିବେ ବୋଲି କହନ୍ତି ଭାରତ।’’

## ନୁସ୍‌ରତଙ୍କ ଫିଟ୍‌ନେସ୍ ଟିପ୍ସ



ନୁସରତ

**ନୁ**ସ୍‌ରତ ଭରୁଚାଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ସେ ଏବେ ନିଜ ସାଙ୍ଗମାନଙ୍କୁ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ହେଲେ କେଉଁ ପ୍ରକାର ଟିପ୍ସ ବାଣ୍ଟୁଛନ୍ତି ଜାଣିବେନି? କଥା କ’ଣ କି ନିକଟରେ ତାଙ୍କର କେତେ ଜଣ ସାଙ୍ଗମାନଙ୍କ ସହ ତାଙ୍କର ଭେଟ ହୋଇଗଲା। ଏହି ସମୟରେ ନିଜର ଫିଟ୍‌ନେସ୍ ନେଇ କିଛି କହିବାକୁ ଭୁଲି ନ ଥିଲେ ଏହି ଅଭିନେତ୍ରୀ। ଏ ନେଇ ସେ କହନ୍ତି, ‘ନିଜର ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ରହିଛି। ଜଣେ ନିୟମିତ ଏକ୍ସରସାଇଜ କରିବା ସହ କିଛି ସମୟ ଯୋଗ କରିବା ନିହାତି ଦରକାର। କାରଣ ଏହାକୁ ମୁଁ ମୋ ଡେଲି ରୁଟିନ୍‌ରେ ସାମିଲ କରିଛି। କାରଣ ଆଜିକାଲି ଫିଟ୍ ରହିବା ହେଉଛି ସବୁଠାରୁ ବଡ଼ କଥା। ତେଣୁ ମୁଁ ଏହାକୁ ସବୁବେଳେ ଗୁରୁତ୍ୱ ଦେଇଥାଏ। ତା’ସହ ଡାଏଟିଂ ପ୍ରତି ମଧ୍ୟ ବେଶ୍ ସଚେତନ ରହେ।’

## ଭାଗ୍ୟବତୀ ମୃଣାଳ

**ସ**ତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। କଥା କ’ଣ କି ମୃଣାଳ ଠାକୁରଙ୍କୁ ଏବେ ଏଭଳି ସୁଯୋଗ ମିଳିଛି, ଯାହାକୁ ନେଇ ତାଙ୍କର ପାଦ ଆଉ ତଳେ ଲାଗୁନି। କେମିତି ବା ଲାଗିବ କହୁନାହାନ୍ତି? ଗୋଟିଏ ପଟେ ଏକ ନୂଆ ବ୍ୟାନରର ସିରିଜ୍ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ତା’ ସହ ସେଗୁଡ଼ିକରେ ଯେଉଁ ଭୂମିକାଗୁଡ଼ିକ ତାଙ୍କୁ ମିଳିଛି ତାହା ତାଙ୍କର ଖୁସିକୁ ଦ୍ୱିଗୁଣିତ କରିଦେଇଛି। ଏ ନେଇ ନିଜକୁ ଭାଗ୍ୟବତୀ ମଣୁଛନ୍ତି ମୃଣାଳ। ଏ ବିଷୟରେ ସେ କହନ୍ତି, ‘ବେଳେବେଳେ ମନ ଯାହା ଚାହୁଁଥାଏ ତାହା ହାତପାହାନ୍ତାରେ ମିଳିଯାଏ। ଏଭଳି ଏକ ସୁବର୍ଣ୍ଣ ସୁଯୋଗ ମୋତେ ଯେତେବେଳେ ମିଳିଛି, ତାହାକୁ କୌଣସି ପ୍ରକାରେ ହାତଛଡ଼ା କରିବାକୁ ଚାହୁଁନାହିଁ। ଏବେ ଏହି ନୂଆ ବ୍ୟାନରରେ ଦୁଇଟି ସିନେମାର କାମ ଏକାଥରେ ଚାଲୁ ରହିଛି ଏବଂ ସେହି ଫିଲ୍ମଦ୍ୱୟରେ ମୁଁ ଲିଡ୍ ରୋଲ୍‌ରେ ଦେଖାଦେବି। ଗୋଟିଏ ସିନେମାରେ ଭୂମିକାଟି ରୋମାଣ୍ଟିକ ଥିବା ବେଳେ ଅନ୍ୟଟିରେ ରୋମାନ୍ସ, ଆକ୍ସନ, କମେଡି ମଧ୍ୟ ରହିଛି।’ ତେବେ ଏହି ଫିଲ୍ମଦ୍ୱୟକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ମୃଣାଳ।



ମୃଣାଳ

## ଖୁସି ଅନ୍ତରାଳେ...

**ପ୍ର**ଥମ ଥର ପାଇଁ ୱେବ୍ ସିରିଜ୍‌ରେ ପାଦ ଥାପିବାକୁ ଯାଉଛନ୍ତି ସୋନମ କପୁର। ପୁଣି ଏକ ସସପେନ୍ସ ଥ୍ରୀଲର ୱେବ୍ ସିରିଜ୍‌ରେ ସେ ଜଣେ ପୋଲିସ ଅଫିସର ଭୂମିକାରେ ଅଭିନୟ କରିବେ। ସେ ଯେତେବେଳେ ଏହାର କାହାଣୀ ଶୁଣିଲେ ବେଶ୍ ଭାବପ୍ରବଣ ହୋଇ ପଡ଼ିଥିଲେ। ଆଉ ଯେତେବେଳେ ଜାଣିଲେ ଯେ ଏହାର ଅନ୍ୟତମ ପ୍ରମୁଖ ଭୂମିକା (ପୋଲିସ ଅଫିସର)ରେ ସେ ଅଭିନୟ କରିବେ, ସେତେବେଳେ ତାଙ୍କର ଖୁସି କହିଲେ ନ ସରେ। ‘‘କିଛି ବର୍ଷ ପୂର୍ବରୁ ଏଭଳି ପ୍ଲାଟଫର୍ମରେ ପାଦ ଦେବାକୁ ଚାହୁଁଥିଲି। କିନ୍ତୁ ମୋତେ ସେଭଳି ମନଲାଖି ଅଫରଟିଏ ମିଳୁ ନ ଥିଲା। ଏହି ୱେବ୍ ସିରିଜ୍‌ର କାହାଣୀ ଦର୍ଶକଙ୍କୁ ସ୍ପେଶାଲ ଏଣ୍ଟରଟେନମେଣ୍ଟ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ବର୍ତ୍ତମାନ ଦର୍ଶକଙ୍କ ସହ ଯୋଡ଼ି ହୋଇ ରହିବାର ଅନ୍ୟତମ ମାଧ୍ୟମ ହେଲା ୱେବ୍ ସିରିଜ୍। ଏହାର ଲୋକପ୍ରିୟତା ଏବେ ବେଶ୍ ଶୀର୍ଷରେ ପହଞ୍ଚିଛି ବୋଲି କହନ୍ତି ସୋନମ୍।’’



ସୋନମ୍

## ଜବରଦସ୍ତ ଜ୍ୱାଇଁ

**ଓ**ଡ଼ିଶାର ଘରେ ଘରେ ପରିଚିତ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇଆସୁଛି। ଓଡ଼ିଆ ଘରର ପରମ୍ପରା ଓ ରୀତିନୀତିକୁ ନେଇ ଅନେକ ମନଲୋଭା ଧାରାବାହିକ ଦେଇ ନିଜର ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଭେଟି ଦେଉଛି ଏହି ଚ୍ୟାନେଲ। ଏହା ମଧ୍ୟରେ ଆଗକୁ ଆସିବାକୁ ଯାଉଛି ମନୋରଞ୍ଜନଭିତ୍ତିକ ହାସ୍ୟରସରେ ଭରପୂର ଫିଲ୍ମ ‘ଜବରଦସ୍ତ ଜ୍ୱାଇଁ’। ଫିଲ୍ମଟିର ପ୍ରଯୋଜନା କରିଛନ୍ତି କବୀର ଦାସ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଅଶୋକ ପତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାସ। କାହାଣୀ ଅନୁସାରେ ବାଲେଶ୍ୱରର ଏକ ଛୋଟିଆ ସ୍ଥାନରୁ ଚାକିରି ପାଇଁ ସଂଘର୍ଷ କରୁଥାଏ ପ୍ରଭାତ। ଅର୍ଥ ବାଧକ ସାଜିବାରୁ ଘରୁ ପାଦ କାଢ଼ି ରାଜଧାନୀ ଭୁବନେଶ୍ୱର ଆସିଛି କାମ ପାଇଁ। କାମ ମିଳିଛି, କିନ୍ତୁ ଏକା ସହ ଦୁଇ ଜଣ ଅବୁଝା ମାଲିକଙ୍କ ପାଖରେ। ଉଭୟ ମାଲିକ ପ୍ରଭାତକୁ ପସନ୍ଦ କରିବା ସହିତ ନିଜ ଝିଅର ବାହାଘର ପ୍ରଭାତ ସହିତ କରିବେ ବୋଲି ମନେ ମନେ ସ୍ଥିର କରିସାରିଥିଲେ। ମାଲିକକୁ ଓ ମାଲିକଙ୍କ ଝିଅକୁ ପ୍ରଭାତ କିପରି ଖୁସିରେ ରଖିବ ଚିନ୍ତା କରିବା ବେଳେ ତାହାର ଦେଖା ହୋଇଛି ସିନା ସହିତ। ଦୁହିଁଙ୍କ ଭିତରେ ଗଢ଼ି ଉଠିଛି ପ୍ରେମ ସମ୍ପର୍କ। ହେଲେ ଏହି ପ୍ରେମ କେତେ ସଫଳ ହେଉଛି, ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ଏହି ସିନେମାଟି ଚଳିତ ମାସ ୨୦ ତାରିଖ (ରବିବାର)ରେ ଜୀ ସାର୍ଥକ ଚ୍ୟାନେଲରେ ସନ୍ଧ୍ୟା ୬.୩୦ରେ ପ୍ରସାରିତ ହେବାକୁ ଯାଉଛି। ଫିଲ୍ମର ମୁଖ୍ୟ ଚରିତ୍ରରେ ଦୀପନିତ, କୁକିଜ, କେକେ, ଚୌଧୁରୀ ଜୟପ୍ରକାଶ ଦାସ ଓ ଜୀବନ ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।



‘ଜବରଦସ୍ତ ଜ୍ୱାଇଁ’ ଫିଲ୍ମରେ ଦୀପନିତ-କୁକିଜ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ବ୍ରହ୍ମାନନ୍ଦ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ଉଜବେକିସ୍ତାନର ବୁଖରାଠାରେ ଅନୁଷ୍ଠିତ ଏସିଆନ ପେନ୍‌ଚାକ ସିଲାଟ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କରିଥିବା ଓଡ଼ିଶାର ଫ୍ଲିଜାଲିନ୍ ତରାଇ।

# ଉଦିତା, ହରମନପ୍ରୀତ୍ ଉତ୍ସାହିତ

**ନୂଆଦିଲ୍ଲୀ, ୧୬।୧୦**

ତିନିଦିନର ଖେଳାଳି ନିଲାମ ପରେ ମହିଳା ଓ ପୁରୁଷ ହକି ଇଣ୍ଡିଆ ଲିଗ୍‌ର ରୂପରେଖ ସ୍ପଷ୍ଟ ହୋଇଯାଇଛି। ମହିଳାରେ ଉଦିତା ଓ ପୁରୁଷରେ ହରମନପ୍ରୀତ ସିଂ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଉଦିତାଙ୍କୁ ୩୨ ଲକ୍ଷ ଟଙ୍କାରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ଏବଂ ହରମନପ୍ରୀତଙ୍କୁ ସୁରମା ହକି କ୍ଲବ ୭୮ ଲକ୍ଷ ଟଙ୍କାରେ କିଣିଛନ୍ତି। ଏହି ଦୁଇ ଖେଳାଳି ଏବେ ଲିଗ୍ ଆରମ୍ଭକୁ ବ୍ୟଗ୍ରତାର ସହ ଅପେକ୍ଷା କରିଛନ୍ତି। ଗତ ୧୩ ଓ ୧୪ ତାରିଖରେ ପୁରୁଷ ଲିଗ୍‌ର ଖେଳାଳି ନିଲାମ ସମୟରେ ହାଇଦ୍ରାବାଦ ତୋଫାନ୍ସ, ସୁରମା ହକି କ୍ଲବ, ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ, ଦିଲ୍ଲୀ ଏସ୍‌ଜି ପାଇପର୍ସ, ତାମିଲନାଡୁ ଡ୍ରାଗନ୍ସ, ୟୁପି ରୁଦ୍ରସ୍, କଳିଙ୍ଗ ଲାନ୍ସର୍ସ ଓ ଟିମ୍ ଗୋନାସିକା ଆଦି ଫ୍ରାଞ୍ଚାଇଜ୍ ଦଳଗୁଡ଼ିକ ମଧ୍ୟରେ ଟଣାଓଟରା ଲାଗିଥିଲା। ସେହିପରି ୧୫ରେ ଅନୁଷ୍ଠିତ ମହିଳା ଖେଳାଳି ନିଲାମ ସମୟରେ ସୁର୍‌ମା ହକି କ୍ଲବ, ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ, ଦିଲ୍ଲୀ ଏସ୍‌ଜି ପାଇପର୍ସ ଓ ଓଡ଼ିଶା ୱାରିୟର୍ସ ପ୍ରମୁଖ ମୁହାଁମୁହିଁ ହୋଇଥିଲେ। ପ୍ରତି ଦଳରେ ୨୪ ଜଣ ଲେଖାଏ ଖେଳାଳି କିଣାହୋଇଛନ୍ତି।

ହକି ଇଣ୍ଡିଆ ଲିଗ୍ ଦୀର୍ଘ ୭ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛି। କେବଳ ସେତିକି ନୁହେଁ ଏଥର ନୂଆକରି ମହିଳା ହକି ଲିଗ୍ ସାମିଲ ହୋଇଛି। ମହିଳା ହକି ଲିଗ୍ ରାଞ୍ଚିରେ ହେବ। ଫାଇନାଲ ୨୦୨୫ ଜାନୁଆରୀ ୨୬ରେ ଖେଳାଯିବ। ପୁରୁଷ ହକି ଲିଗ୍ ରାଉରକେଲାରେ ଅନୁଷ୍ଠିତ ହେବ। ''ପୁରୁଷ ହକି ଲିଗ୍ ସହିତ ମହିଳା ହକି ଲିଗ୍ ଆୟୋଜନ ନିଷ୍ପତ୍ତି ନେଇ ହକି ଇଣ୍ଡିଆ ସବୁ ବାଧାକୁ ଅତିକ୍ରମ କରିଛି। ଆମ ମାନଙ୍କ ମଧ୍ୟରୁ ଅନେକ ପ୍ରଥମଥରପାଇଁ ଖେଳାଳି ନିଲାମରେ ସାମିଲ ହେଲେ। ଏବେ ବିଭିନ୍ନ ଦଳର ଅଂଶବିଶେଷ ହୋଇ ଆମେ ଉତ୍ସାହିତ'' ବୋଲି ଉଦିତା ପ୍ରକାଶ କରିଛନ୍ତି। ଏଥିରେ ଆମେ ନିଜ ଦକ୍ଷତା ଦେଖାଇବା ସହ ବିଭିନ୍ନ ଜାତୀୟ ଦଳର ଖେଳାଳିଙ୍କ ସହ ଖେଳି ନିଜ ଖେଳରେ ଉନ୍ନତି ଆଣିବାକୁ ସୁଯୋଗ ରହିଛି। ଆମେ ସମସ୍ତେ ଆଗାମୀ ଲିଗ୍‌ରେ ଶତ ପ୍ରତିଶତ ଦେବାକୁ ଆଗ୍ରହର ସହ ଅପେକ୍ଷା କରି ରହିଛୁ। ମୁଁ ସବୁଠାରୁ ଦାମୀ ମହିଳା ଖେଳାଳି ହୋଇଥିବାରୁ ବହୁତ ଖୁସି। ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ମୋ ଉପରେ ଆସ୍ଥା ରଖିଥିବାରୁ ଧନ୍ୟବାଦ ଜଣାଉଛି। ସେମାନେ ଏକ ଭଲ ଦଳ ଗଠନ କରିଛନ୍ତି। ଲିଗ୍ ଟାଇଟଲ ଜିତିବା ଆମର ଏକମାତ୍ର ଲକ୍ଷ୍ୟ ରହିବ'' ବୋଲି ସେ କହିଛନ୍ତି।


ଉଦିତା



ହରମନପ୍ରୀତ ସିଂ

## ହକି ଇଣ୍ଡିଆ ଲିଗ୍

୮ ଦଳ ବିଶିଷ୍ଟ ପୁରୁଷ ହକି ଲିଗ୍‌ରେ ସୁରମା ହକି କ୍ଲବ ଭାରତୀୟ ଦଳର ଅଧିନାୟକ ତଥା ଡବଲ ଅଲିମ୍ପିକ ବ୍ରୋଞ୍ଜ ମେଡାଲିଷ୍ଟ ହରମନପ୍ରୀତ ସିଂଙ୍କୁ ରେକର୍ଡ ମୂଲ୍ୟରେ ନେଇଛି। ନିଲାମ ସମୟରେ ମୋଟ ୪ କୋଟି ଟଙ୍କା ପାଖରେ ଥିଲେ ମଧ୍ୟ ଏହି ଫ୍ରାଞ୍ଚାଇଜ୍ ହରମନପ୍ରୀତଙ୍କ ପାଇଁ ୭୮ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି। ହରିୟାଣା-ପଞ୍ଜାବ ଭିତ୍ତିକ ଏହି ଦଳ ଅନ୍ୟତମ ଅଲିମ୍ପିକ୍ ମେଡାଲିଷ୍ଟ ବିବେକ ସାଗର ପ୍ରସାଦ ଓ ଗୁରଜାନ୍ତ ସିଂଙ୍କ ମଧ୍ୟ ନେଇ ଏକ ଶକ୍ତିଶାଳୀ ଦଳ ଗଠନ କରିଛି। ''ହକି ଇଣ୍ଡିଆ ଲିଗ୍ ସମ୍ପୂର୍ଣ୍ଣ ନୂଆ ରୂପରେ ପ୍ରତ୍ୟାବର୍ତ୍ତନ କରିଥିବାରୁ ମୁଁ ଖୁବ୍ ଆନନ୍ଦିତ। ନିଲାମ ସମୟରେ ମୋ ନାଁ ଆସିବାବେଳେ ମୁଁ ସିଟ୍‌ର ଧାରକୁ ଚାଲି ଆସିଥିଲି। ମାନସିକ ସ୍ତରରେ ମୁଁ ହରିୟାଣା-ପଞ୍ଜାବ ଭିତ୍ତିକ ଦଳକୁ ଯିବାକୁ ଚାହୁଁଥିଲି। ତେଣୁ ସର୍ଦ୍ଦାର ସିଂ ମୋ ପାଇଁ ବିଡ୍ ଲଗାଇବେ ବୋଲି ଆଶା ରଖିଥିଲି। ଶେଷରେ ସୁର୍‌ମା ହକି କ୍ଲବ ମୋତେ କିଣିଥିବାରୁ ମୁଁ ଆଶ୍ୱସ୍ତ ହୋଇଥିଲି। ଏହାଠାରୁ ଆଉ ଅଧିକ ଖୁସି ମୁଁ ହୋଇପାରି ନ ଥାନ୍ତି'' ବୋଲି ହରମନପ୍ରୀତ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ବର୍ଷାରେ ଧୋଇଗଲା ପ୍ରଥମ ଦିନ ଖେଳ

**ବେଙ୍ଗାଲୁରୁ, ୧୬।୧୦:** ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଉଥିବା ଭାରତ-ନ୍ୟୁଜିଲାଣ୍ଡ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନ ଖେଳ ବର୍ଷା କାରଣରୁ ଧୋଇଯାଇଛି। ଲଗାତାର ବର୍ଷା କାରଣରୁ ଟସ୍ ପଡ଼ିବା ମଧ୍ୟ ସମ୍ଭବ ହୋଇ ନ ଥିଲା। ଚିନ୍ନାସ୍ୱାମୀ ଷ୍ଟାଡିୟମର ଡ୍ରେନେଜ୍ ବ୍ୟବସ୍ଥା ବିଶ୍ୱସ୍ତରୀୟ ହୋଇଥିଲେ ମଧ୍ୟ ବର୍ଷା ନ ଛାଡ଼ିବା କାରଣରୁ ଟସ୍ ସମ୍ଭବ ହୋଇ ନ ଥିଲା। ଅନ୍ୟପକ୍ଷରେ ନିକଟରେ ବାଂଲାଦେଶ ବିପକ୍ଷ ୨ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ଭାରତ କ୍ଲିନ୍ ସୁଇପ୍ କରିଥିବା ବେଳେ ଶ୍ରୀଲଙ୍କା ନିକଟରୁ ହାରିଥିଲା ନ୍ୟୁଜିଲାଣ୍ଡ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ର୍‌ୟାଙ୍କିଙ୍ଗ୍‌ରେ ଭାରତ ଏକ ନମ୍ବର ସ୍ଥାନରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ୬ ନମ୍ବରରେ ରହିଛି।

# ଡକେଟ୍‌ଙ୍କ ଶତକରେ ଇଂଲଣ୍ଡର ଜବାବ

**ମୁଲତାନ, ୧୬।୧୦:** ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଇଂଲଣ୍ଡ ୬ ଉଇକେଟରେ ୨୩୯ ରନ୍ କରିଥିବା ବେଳେ ୧୨୭ ରନ୍ ପଛରେ ରହିଛି। ପାକିସ୍ତାନ ପ୍ରଥମ ଇନିଂସରେ ୩୬୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ କମରାନ୍ ଘୁଲାମ ୧୧୮ ଓ ସାଇମ ଆୟୁବ ୭୭ ରନ୍ କରିଥିଲେ। ଜବାବରେ ବେନ୍ ଡକେଟ୍‌ଙ୍କ ୧୨୭ ରନ୍ ବଳରେ ଇଂଲଣ୍ଡ ମାତ୍ର ୫୩ ଓଭରରେ ୬ ଉଇକେଟ ହରାଇ ୨୩୯ ରନ୍ କରିଛି। ଡକେଟ୍ ୧୨୯ ବଲ୍ ଖେଳି ୧୬ ଚୌକା ସହ ୧୧୪ ରନ୍ କରିଥିଲେ। ସାଜିଦ୍ ଖାନ୍ ଅଗ୍ନିବର୍ଷୀ ବୋଲିଂ କରି ଏକାକୀ ୪ ବ୍ୟାଟରଙ୍କୁ ଆଉଟ କରିଥିଲେ। ଅନ୍ୟ ବୋଲରଙ୍କ ମଧ୍ୟରେ ନୋମାନ ଅଲୀ ୨ ଉଇକେଟ ନେଇଛନ୍ତି।

# ଚିନ୍ମୟୀ ସ୍ୱର୍ଣ୍ଣ, ଆତିସ୍ ରୌପ୍ୟ

**ଭୁବନେଶ୍ୱର, ୧୬।୧୦ (ସରୋଜ ଜେନା)**

## ବିଶ୍ୱ ପାୱାର ଲିଫ୍ଟିଙ୍ଗ୍ ଚାମ୍ପିୟନଶିପ୍

ଅଷ୍ଟ୍ରେଲିଆର ସିଡ୍‌ନୀରେ ଅକ୍ଟୋବର ୧୧-୧୩ ମଧ୍ୟରେ ଅନୁଷ୍ଠିତ ବିଶ୍ୱ ପାୱାର ଲିଫ୍ଟିଙ୍ଗ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଖେଳାଳି ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ବିଶ୍ୱର ୨୦ଟି ରାଷ୍ଟ୍ରର ପ୍ରତିଯୋଗୀମାନେ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। କଟକର ଚିନ୍ମୟୀ ଦାସ ୮୫ କେଜି ଓଜନ ବର୍ଗରେ ୩୮୦ କେଜି ପାୱାର ଲିଫ୍ଟିଙ୍ଗ କରି ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ଜିତିଥିବା ବେଳେ ପୁରୁଷ ୭୪ କେଜି ଓଜନ ବର୍ଗରେ ଭୁବନେଶ୍ୱରର ଆତିସ୍ କୁମାର ବେଜ୍ ୬୨୦ କେଜିର ପାୱାର ଲିଫ୍ଟ କରି ରୌପ୍ୟ ପଦକ ହାସଲ କରିଥିଲେ।

# ପାରା ବ୍ୟାଡ଼ମିଣ୍ଟନ ପ୍ରତିଭା ଚୟନ ଶିବିର

**ଭୁବନେଶ୍ୱର, ୧୬।୧୦ (ତପନ ସ୍ୱାଇଁ)**

ଓଡ଼ିଶାରେ ପାରା ବ୍ୟାଡମିଣ୍ଟନ ପ୍ରତିଭା ଚିହ୍ନଟ ପାଇଁ ମହାନଦୀ କ୍ଲବ୍, ସମ୍ବଲପୁରରେ ନଭେମ୍ବର ୨ ଓ ୩ ତାରିଖରେ ରାଜ୍ୟସ୍ତରୀୟ ପ୍ରତିଭା ଚୟନ ଶିବିର ଅନୁଷ୍ଠିତ ହେବ। ଓଡ଼ିଶାର ପାରା ବ୍ୟାଡମିଣ୍ଟନ୍ ପ୍ରତିଭା ଖୋଜିବା ଏବଂ ତାଙ୍କୁ ପ୍ରଶିକ୍ଷଣ ସହ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ଦେବା ଲକ୍ଷ୍ୟରେ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଏପରି ପଦକ୍ଷେପ ନିଆଯାଉଛି। ୨୦୦୬ ଜାନୁଆରୀ ୧ ପରେ ଜନ୍ମ ହୋଇଥିବା ପିଲାମାନେ ଏଥିରେ ଅଂଶଗ୍ରହଣ କରିପାରିବେ। ତେଣୁ ଖେଳାଳିମାନଙ୍କୁ ଜନ୍ମ ପ୍ରମାଣ ପତ୍ର ଏବଂ ଭିନ୍ନକ୍ଷମ ପ୍ରମାଣ ପତ୍ର ଆଣିବା ବାଧ୍ୟତାମୂଳକ କରାଯାଇଛି। ଆଗ୍ରହୀ ଖେଳାଳିଙ୍କର ବ୍ୟାଡମିଣ୍ଟନ ସମ୍ପର୍କରେ ସମ୍ୟକ୍ ଧାରଣା ଥିବା ନିହାତି ଆବଶ୍ୟକ। ଶିବିର ସମ୍ପର୍କରେ ଅଧିକ ତଥ୍ୟ ଜଣାଇବା ପାଇଁ ଶିବ ପ୍ରସାଦ ଦାସଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# ରାୟଗୁରୁ, ପ୍ରଣବଙ୍କୁ ଭବ୍ୟ ସ୍ୱାଗତ


ପ୍ରଣବ ଦାସ ଓ ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ରଙ୍କୁ ସ୍ୱାଗତ କରାଯାଉଛି।

**ଭୁବନେଶ୍ୱର, ୧୬।୧୦ (ତପନ ସ୍ୱାଇଁ)**

ଚଳିତ ମାସ ୧୦ରୁ ୧୩ ପର୍ଯ୍ୟନ୍ତ ଇଜିପ୍ଟରେ ଅନୁଷ୍ଠିତ ବିଶ୍ୱ ମଡର୍ନ ପେଣ୍ଟାଥଲନ୍ ଚାମ୍ପିୟନଶିପ୍‌ରେ ଭାଗନେଇ ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶାର ପ୍ରଣବ ଦାସ ଓ ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ରଙ୍କୁ ବୁଧବାର ଭୁବନେଶ୍ୱରଠାରେ ଭବ୍ୟ ସ୍ୱାଗତ କରାଯାଇଛି। ପ୍ରତିଯୋଗିତାରେ ସୂର୍ଯ୍ୟାଂଶ ବାଇଲେଥ ମିକ୍ସଡ ରିଲେ, ବାଇଥେଲ ଟିମ୍ ଇଭେଣ୍ଟ ଏବଂ ଟ୍ରାଇଥେଲ ମିକ୍ସଡ ରିଲେରେ ୩ଟି ବ୍ରୋଞ୍ଜ୍ ପଦକ ଲାଭ କରିଥିଲେ। ଓଡ଼ିଶା ମଡର୍ନ ପେଣ୍ଟାଥଲନ୍ ଆସୋସିଏଶନ ସାଧାରଣ ସମ୍ପାଦକ ଏମ୍.ଡି. ଆଜମ, ଉପସଭାପତି ରଞ୍ଜନ କୁମାର ନନ୍ଦ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ଓଏସ୍‌ଡି ବିଜୟ କୁମାର ରାଉତ, ବାସୁଦେବ ଓଝା, ଗୌତମ ବେହେରା ପ୍ରମୁଖ ବିମାନବନ୍ଦରରେ ଉପସ୍ଥିତ ରହି ଦୁଇ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଦୃଷ୍ଟିବାଧିତ କ୍ରିକେଟର ଲିଗ୍ ପର୍ଯ୍ୟାୟ ଶେଷ

**ଭୁବନେଶ୍ୱର, ୧୬।୧୦ (ତପନ ସ୍ୱାଇଁ)**

ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ହାଇଟେକ୍ ମେଡିକାଲ କଲେଜ ପଡ଼ିଆରେ ଚାଲିଥିବା ୯ମ ରାଜ୍ୟ ଦୃଷ୍ଟିହୀନ ପୁରୁଷ କ୍ରିକେଟ ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। ଏଥିରେ ଉନ୍ନତ ପ୍ରଦର୍ଶନ କରି ବାବା ଆଖଣ୍ଡଳମଣି କ୍ରିକେଟ କ୍ଲବ ଭଦ୍ରକ, ବାଲେଶ୍ୱର ବ୍ଲାଇଣ୍ଡ କ୍ରିକେଟ ଦଳ, ରାଇଜିଂ ଷ୍ଟାର କ୍ଲବ ବରଗଡ଼, ବନଦୁର୍ଗା କ୍ରିକେଟ କ୍ଲବ କଟକ, ୟଙ୍ଗ୍ ଷ୍ଟାର ଅନୁଗୋଳ କ୍ରିକେଟ ଦଳ, ୟୁନିକ୍ ଇଲେଭେନ୍, କୋରାପୁଟ ଦୃଷ୍ଟିହୀନ କ୍ରିକେଟ କ୍ଲବ, ମାରଙ୍ଗବୁରୁ ଦୃଷ୍ଟିହୀନ କ୍ରିକେଟ କ୍ଲବ ମୟୂରଭଞ୍ଜ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ବାବା ଆଖଣ୍ଡଳମଣି କ୍ରିକେଟ କ୍ଲବ ଭଦ୍ରକ ଓ ରାଇଜିଂ ଷ୍ଟାର କ୍ଲବ ବରଗଡ଼, ବାଲେଶ୍ୱର ବ୍ଲାଇଣ୍ଡ କ୍ରିକେଟ ଦଳ ଓ ବନଦୁର୍ଗା କ୍ରିକେଟ କ୍ଲବ କଟକ, ୟଙ୍ଗ୍ ଷ୍ଟାର ଅନୁଗୋଳ ଓ କୋରାପୁଟ ଦୃଷ୍ଟିହୀନ କ୍ରିକେଟ କ୍ଲବ ଏବଂ ୟୁନିକ୍ ଇଲେଭେନ୍ ଓ ମାରଙ୍ଗବୁରୁ ଦୃଷ୍ଟିହୀନ କ୍ରିକେଟ କ୍ଲବ ମଧ୍ୟରେ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ପୁରସ୍କାର ବିତରଣ ସମାରୋହରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଡେପୁଟି ସେକ୍ରେଟାରି ସନ୍ୟାସୀ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।


# Classified Everyday

0674-2580101, 2549949


REAL ESTATE

## SALE

କଟକ-ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grandbazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି **plot** କିଣନ୍ତୁ। **9078699286.** D-75998

**Ready to move 2BHK flat for sale @ 20 Lakh near Gudiapokhari, Bhubaneswar. Call 9937544226.** D-1469

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526

Duplex project at Retang Medical, Station, CV Raman University, Apartment near Sum Hospital, Bhubaneswar. 7008459987. D-75995

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-1658

**Gharabari converted plots available near Hitech Square, Sundarpada, Bhubaneswar. For more details contact-9778832554, 9437226965.** D-1657




Newly open Jyoti SPA positively health benefits (Expert therapist). 8458067955. D-76162

Kerala Massage Therapy Gents/ Ladies pain relief Bhubaneswar. 9337672475. D-1659

## AFFIDAVIT

I, Kokila Pradhan, aged about 46 years, W/o- Arun Kumar Pradhan At/P.O.- Badagunduri, P.S.- Kaniha, Dist.- Angul, declare by this affidavit No.-4729 dtd. 30.09.2024 that now onwards I shall be known as Kokila Pradhan for all future purpose. D-1663

I, Mahendra Kumar B. Parekh, S/o Babulal Parekh, Plot No.112/A, Flat No.202, Aditya Mansion, 2nd Floor, Surya Nagar, Bhubaneswar, Odisha, Dist.- Khordha, PIN-751008 declare by this Affidavit No. 14AA619142 dtd.15.10.2024 that now onwards I shall be known as Mahendar Kumar Babulal Parekh for all future Govt. & Pvt. use purposes. D-1666

I, Monalisa Behera (37 yrs.), W/o- Gangadhar Behera, Vill./ P.O./P.S.: Bant, Dist.: Bhadrak (Odisha), Pin: 756114. Before marriage my name was Anjali Sahoo, but after marriage my name has been changed to Monalisa Behera as per my Aadhaar Card. I declared by this affidavit Monalisa Behera and Anjali Sahoo same and one person. D-1668

By virtue of an affidavit sworn before Notary Public, Bargarh, I, Lochan Badchat, S/o. Tikechan Badchat resident of Ward No.-2, Bargarh declared that my actual name is Lochan Badchat, but in my RPLI Policy No.- R-OR-EA-452766 my name has been wrongly mentioned as Lucham Badagat. That Lochan Badchat and Lucham Badagat is same and one person. D-1667

I, Sasmita Mahapatra, W/o-Panchanan Sathua, resident of Qtr.No.- B-321, Sector-II, Nalco Township, Damanjodi, P.S.- Damanjodi, Dist.- Koraput, Pin- 763008, Odisha declare by this affidavit No. 248, Dated 08.10.2024, that now onwards I shall be known as Sasmita Sathua for all future purposes. D-1669

I, Sukantilata Behera, D/o Purna Chandra Sankhua, R/o Bishnubindha, Betada, Bhadrak, Odisha have changed my name to Sukantilata Sankhua for all purposes for all future purposes. D-1661

## LOST

I, Meghnanda Patel, lost my Sale Deed bearing No. 528, which was misplaced at Mangal Bazar, Jharsuguda on 08.04.2024. I apply for a mortgage loan on the said property at the SBI Samasingha Branch (09655). There is no loan or charge against this property at present. If any financial institution holds a loan or claim against this property, they are requested to contact me 7978557253 within 7 days of this notice. D-1662

By virtue of an affidavit sworn before Notary Public, Bargarh, I, Gopal Sharma son of Late Chaturbhuj Sharma resident of Saraswati Enclave, A-6, Ward No.- 16, Bargarh, P.S./ Dist.- Bargarh do hereby affirm and state that I am a consumer of TPWODL beating Consumer No.- 512001111157. That at the time of connecting 3PH line to my unit, I was deposited security amount vide bearing No.- 45680 and service charges bearing No.- 3050, in Memo No- B1-1978046 Dt.25.02.2017. That said deposit Money Receipt has been lost. D-1660

Your classified advertisement published in Dharitri will be listed FREE in Dharitri online edition: **dharitriepaper.in**


Brahma Nanda Das
Father - Jagabandhu
Lingipur, BBSR
Date of Birth : 17.10.1996
ଭଗବାନ ତମର ମଙ୍ଗଳ କରନ୍ତୁ ଏବଂ ତମ ଜୀବନରେ ସବୁ ଖୁସି ମିଳୁ ଏହା ମୋର ଜଗତର ନାଥ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି।
D-1665

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

### ଷଷ୍ଠ ଶ୍ରାଦ୍ଧବାର୍ଷିକ


**ଯଶୋଦାନନ୍ଦନ ମହାନ୍ତି**
ବଇଣ୍ଡା, ଅନୁଗୋଳ
ଆବିର୍ଭାବ : ତା ୧୭.୦୯.୧୯୩୭
ତିରୋଧାନ : ତା ୨୪.୧୦.୨୦୧୮
ଆପଣଙ୍କ ଦୃଷ୍ଟିରେ ପାରିବାରିକ ସତ୍‌ସଙ୍ଗ ଦ୍ୱାରା ପରସ୍ପର ଭିତରେ ସ୍ନେହ, ଶ୍ରଦ୍ଧା, ଆନ୍ତରିକତା, ଦୟା, ଆଦର୍ଶ ଓ ପ୍ରତିବଦ୍ଧତା ଆତ୍ମୀୟସ୍ୱଜନମାନଙ୍କୁ ସୁସମ୍ପର୍କରେ ବାନ୍ଧିରଖେ। ସେହି ପ୍ରେରଣା ସର୍ବଦା ଆମମାନଙ୍କୁ ପ୍ରେରଣା ଦେଉଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କଠାରେ ବିନମ୍ର ପ୍ରାର୍ଥନା।
**ସତ୍‌ସଙ୍ଗ ସଂଗଠନ**
**ଓଡ଼ିଶା ଓ ପଟ୍ଟନାୟକ ପରିବାରବର୍ଗ**
D-1664

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଜାନୁଆରୀ ୧୩ରୁ ଖୋ ଖୋ ବିଶ୍ୱକପ୍

## ତ୍ୟାଗରାଜ ଷ୍ଟାଡିୟମରେ ଲୋଗୋ ଓ ଟ୍ୟାଗ୍‌ଲାଇନ୍ ଉନ୍ମୋଚିତ



ଅତିଥିମାନେ ଲୋଗୋ ଓ ଟ୍ୟାଗ୍‌ଲାଇନ୍ ଉନ୍ମୋଚନ କରୁଛନ୍ତି।

ନୂଆଦିଲ୍ଲୀ,୧୬।୧୦(ପି.ଟି.)

ପାରମ୍ପରିକ ଭାରତୀୟ କ୍ରୀଡ଼ା ଖୋ ଖୋ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିବାକୁ ଯାଉଛି। ପ୍ରଥମ ସଂସ୍କରଣର ଖୋ ଖୋ ବିଶ୍ୱକପ୍ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ ବୋଲି ବୁଧବାର ଖୋ ଖୋ ଫେଡେରେଶନ୍ ଅଫ୍ ଇଣ୍ଡିଆ(କେକେଏଫ୍‌ଆଇ) ପକ୍ଷରୁ ଘୋଷଣା କରାଯାଇଛି। ଆସନ୍ତା ଜାନୁଆରୀ ୧୩-୧୯ ମଧ୍ୟରେ ଏହି ଟୁର୍ନାମେଣ୍ଟ ଆୟୋଜନ ହେବ ବୋଲି ବୁଧବାର ଘୋଷଣା କରାଯାଇଥିବା ବେଳେ ତ୍ୟାଗରାଜ ଷ୍ଟାଡିୟମରେ ଏକ ଭବ୍ୟ କାର୍ଯ୍ୟକ୍ରମରେ ଲୋଗୋ ଓ ଟ୍ୟାଗ୍‌ଲାଇନ ଉନ୍ମୋଚନ କରାଯାଇଛି। ପ୍ରଥମେ ମହାରାଷ୍ଟ୍ର ଓ ଅବଶିଷ୍ଟ ଭାରତ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଆୟୋଜନ କରାଯାଇଥିଲା। ମହାରାଷ୍ଟ୍ର ୨୬-୨୪ ପଏଣ୍ଟ ବ୍ୟବଧାନରେ ଏହି ମ୍ୟାଚ୍ ଜିତିବା ପରେ ଶତାଧିକ ଆଥ୍‌ଲେଟ୍ ଓ ସ୍କୁଲ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଟ୍ୟାଗ୍‌ଲାଇନ୍ ଘୋଷଣା କରାଯାଇଥିଲା। 'ଦ ୱାର୍ଲ୍ଡ ଗୋଜ୍ ଖୋ' ବୋଲି ଏହାର ଟ୍ୟାଗ୍‌ଲାଇନ୍ ରଖାଯାଇଛି। ଏହି ଟୁର୍ନାମେଣ୍ଟରେ ଭାରତ ସମେତ ବିଶ୍ୱର ୨୪ ରାଷ୍ଟ୍ର ଅଂଶଗ୍ରହଣ କରୁଥିବା ବେଳେ ଉଭୟ ପୁରୁଷ ଓ ମହିଳା ବର୍ଗରେ ଏହି ଟୁର୍ନାମେଣ୍ଟ ଖେଳାଯିବ।

କେକେଏଫ୍‌ଆଇ ସଭାପତି ସୁଧାଂଶୁ ମିତ୍ତଲ ଏହି ଘୋଷଣା କରିଥିଲେ। ଆମ ଦେଶର ମାଟିରୁ ଉତ୍ପତ୍ତି ଲାଭ କରିଥିବା ଏହି ଖେଳ ବିଶ୍ୱକପ୍‌ରେ ସ୍ଥାନ ପାଇବା ଅତ୍ୟନ୍ତ ଗର୍ବର ବିଷୟ ବୋଲି ସେ କହିଥିଲେ। ପାରମ୍ପରିକ ଭାବେ ମାଟିରେ ଖେଳାଯାଉଥିବା ଏହି ଟୁର୍ନାମେଣ୍ଟକୁ ମ୍ୟାଟ୍ ଉପରକୁ ଆଣି ଆମେ ଗର୍ବିତ ବୋଲି ସେ କହିଛନ୍ତି। କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ୍‌ସେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମହାଭାରତ ସମୟରୁ ଏହି ଖେଳ ରହିଆସିଥିବା ବେଳେ ଭାରତ ସରକାର ଏହାର ପ୍ରଚାର ପ୍ରସାର କରିବା ଦ୍ୱାରା ଏହା ଏକ ନୂତନ ସ୍ତର ହାସଲ କରିପାରିବ ବୋଲି ରକ୍ଷା ମତ ଦେଇଥିଲେ।

# ସଦର୍ନ ସୁପର ଷ୍ଟାର୍ସ ଚାମ୍ପିୟନ

## ସୁପର ଓଭରରେ ହାରିଲା କୋଣାର୍କ ସୂର୍ଯ୍ୟସ ଓଡ଼ିଶା

ଶ୍ରୀନଗର,୧୬।୧୦

ଲିଜେଣ୍ଡ୍ସ ଲିଗ୍ କ୍ରିକେଟ୍ ୨୦୨୪ ଫାଇନାଲରେ କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶାକୁ ସୁପର ଓଭରରେ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ସଦର୍ନ ସୁପର ଷ୍ଟାର୍ସ। ପ୍ରଥମେ ବ୍ୟାଟିଂ କରି ସୁପର ଷ୍ଟାର୍ସ ୨୦ ଓଭରରେ ୬ ଉଇକେଟ ହରାଇ ୧୬୪ ରନ କରିଥିଲା। ଜବାବରେ କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶା ୯ ଉଇକେଟ ହରାଇ ୧୬୪ ରନ୍ କରିବାରୁ ମ୍ୟାଚ୍ ଟାଇ ହୋଇଥିଲା। ସୁପର ଓଭରରେ ପ୍ରଥମେ ବ୍ୟାଟିଂ କରି କୋଣାର୍କ ସୂର୍ଯ୍ୟସ୍ ୧ ଉଇକେଟରେ ୧୩ ରନ୍ କରିଥିବା ବେଳେ ୫ ବଲ୍‌ରେ ୧୪ ରନ୍ କରି ବିଜୟୀ ହୋଇଥିଲା ସୁପର ଷ୍ଟାର୍ସ।

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ**

- ହାମିଲଟନ ମାସାକାଜା ପ୍ଲେୟର୍ ଅଫ୍ ଦି ମ୍ୟାଚ୍
- ମାର୍ଟିନ ଗୁପଟିଲ୍ ପ୍ଲେୟର୍ ଅଫ୍ ଦି ଟୁର୍ନାମେଣ୍ଟ



ଲିଜେଣ୍ଡ୍ସ ଲିଗ୍ ଚାମ୍ପିୟନ ସଦର୍ନ ସୁପର୍ ଷ୍ଟାର୍ସ ଦଳ ଟ୍ରଫି ସହ ଖୁସି ମୁହୂର୍ତ୍ତରେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସୁପର ଷ୍ଟାର୍ସ ପକ୍ଷରୁ ହାମିଲଟନ୍ ମାସାକାଜା ୮୩ ରନ୍‌ର ଇନିଂସ ଖେଳିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମାର୍ଟିନ ଗୁପ୍‌ଟିଲ ୨୭ ଓ ପୱନ ନେଗୀ ୩୩ ରନ୍ କରିଥିଲେ। ମାସାକାଜା ଆକ୍ରମଣାତ୍ମକ ବ୍ୟାଟିଂ କରି ୫୮ ବଲ୍ ଖେଳ ୮ ଚୌକା ଓ ୫ ଛକା ସହ ୮୩ ରନ୍ କରିଥିଲେ। କୋଣାର୍କ ସୂର୍ଯ୍ୟସ୍ ପକ୍ଷରୁ ଦିଲଶାନ ମୁନାୱିରା ୯ ରନ୍ ଦେଇ ୪ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଦିୱେଶ ପଠାନିଆ ଓ ଇରଫାନ ପଠାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲ।

୧୬୫ ରନ୍ ଲକ୍ଷ୍ୟର ପିଛା କରୁଥିବା ସୂର୍ଯ୍ୟସ୍ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ତେବେ ୟୁସୁଫ ପଠାନ୍ ଏକାକୀ ଲଢେଇ ଜାରି ରଖି ଦଳକୁ ବିଜୟର ଦ୍ୱାର ଦେଶରେ ପହଞ୍ଚାଇଥିଲେ। ୩୮ ବଲ୍ ଖେଳି ୬ ଚୌକା ଓ ୮ ଛକା ମାରି ୮୫ ରନ୍ କରି ଶେଷ ବଲରେ ରନଆଉଟ ହୋଇଥିଲେ। ଅନ୍ତିମ ୨ ଓଭରରେ ୩୫ ରନ୍ ଆବଶ୍ୟକ ଥିବା ବେଳେ ୧୯ ତମ ଓଭରରେ ପୱନ୍ ନେଗୀଙ୍କ ବିପକ୍ଷରେ ୨୮ ରନ୍ ସ୍କୋର କରିଥିଲେ ୟୁସୁଫ୍। ଅନ୍ତିମ ଓଭରର ଶେଷ ବଲ୍‌ରେ ୨ ରନ୍ ଆବଶ୍ୟକ ଥିବା ବେଳେ ୧ ରନ୍ ସ୍କୋର ହୋଇଥିଲା। ସୁପର ଷ୍ଟାର୍ସ ପକ୍ଷରୁ ପୱନ ନେଗୀ, ଅବଦୁର ରଜାକ, ହମିଦ ହସନ ଓ ଚତୁରଙ୍ଗା ୨ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସଦର୍ନ ସୁପର ଷ୍ଟାର୍ସ ୨୦ ଓଭରରେ ୧୬୪/୬(ହାମିଲଟନ୍‌ମାସାକାଜା-୮୩, ପୱନ ନେଗୀ-୩୩, ମାର୍ଟିନ ଗୁପ୍‌ଟିଲ-୨୭, ଦିଲଶାନ ମୁନାୱିରା-୪/୯, ଇରଫାନ ପଠାନ-୧/୨୨, ଦିୱେଶ ପଠାନିଆ-୧/୧୯)। କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶା ୨୦ ଓଭରରେ ୧୬୪/୯(ୟୁସୁଫ୍ ପଠାନ-୮୫, କେଭିନ୍ ଓ ବ୍ରାଏନ୍-୧୭, ରିଚାର୍ଡ ଲେଭି-୧୬, ଚତୁରଙ୍ଗା ଡି ସିଲ୍‌ଭା-୨/୧୯, ଅବଦୁର ରଜାକ୍-୨/୩୧, ହମିଦ ହସନ-୨/୨୮)।

# ଜାତୀୟ ସିନିୟର ମହିଳା ଫୁଟ୍‌ବଲ ପାଇଁ ଓଡ଼ିଶା ଦଳ


ଜାତୀୟ ସିନିୟର ମହିଳା ଫୁଟବଲ ପାଇଁ ମନୋନୀତ ଓଡ଼ିଶା ଦଳ।

ଭୁବନେଶ୍ୱର, ୧୬।୧୦(ତପନ ସ୍ୱାଇଁ)

ରାଜମାତା ଜିଜାବାଇ ଟ୍ରଫି ପାଇଁ ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ର ୨୯ତମ ସଂସ୍କରଣ ଆନ୍ଧ୍ର ପ୍ରଦେଶର ଅନନ୍ତପୁରରେ ଚଳିତମାସ ୧୯ରୁ ଆରମ୍ଭ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ପ୍ରତିଯୋଗିତା ଲାଗି ଓଡ଼ିଶା ଗ୍ରୁପ୍ 'ଏଫ୍'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଓଡ଼ିଶା ଦଳ ଆସନ୍ତା ୧୯ରେ ଲଦାଖ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ପରେ ୨୧ରେ ଅରୁଣାଚଳ ପ୍ରଦେଶ ଓ ୨୩ରେ ମଧ୍ୟପ୍ରଦେଶକୁ ଭେଟିବ। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ସମୀର ଦେ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶା ମହିଳା ଫୁଟବଲ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ: ଗୋଲକିପର୍ସ-ସୁସ୍ମିତା ପୁନ୍, ମଞ୍ଜୁ ଗଞ୍ଜୁ, ଡିଫେଣ୍ଡର୍ସ: ରାନୀ ବାଗ୍, ପ୍ରଜ୍ଞା କିଶାନ, ଅମୃତା ନାୟକ, ସୁଲେଖା କଅଁର, ସୁବାସିନୀ ସାହା, ଶ୍ରଦ୍ଧାଞ୍ଜଳି ପଣ୍ଡା, ଶିବାନୀ ମୁଣ୍ଡାରୀ, ମିଡ୍‌ଫିଲ୍ଡର୍ସ: ପ୍ରିୟାଶା ସରକାର, ଜାହ୍ନବୀ କିସାନ, ଈପ୍ସିତା ରାଉତ, ମୁନିକା ମିଞ୍ଜ, ଦୀପା ନାୟକ, ଫରୱାର୍ଡ୍ସ: ଲକ୍ଷ୍ମୀପ୍ରିୟା ଲେଙ୍କା, ସୁଭଦ୍ରା ସାହୁ, ସତ୍ୟବତୀ ଖାଡିଆ, ମାଳତୀ ମୁଣ୍ଡା, ମନୀଷା ନାୟକ, ପ୍ୟାରୀ ଖାଖା, ପ୍ରତିଭା ଓରାମ୍ ଓ ରୂପଶ୍ରୀ ମୁଣ୍ଡା। ମୁଖ୍ୟ କୋଚ୍: ଗୀତାଞ୍ଜଳି ଖୁଣ୍ଟିଆ, ସହକାରୀ କୋଚ୍ ଓ ମ୍ୟାନେଜର: ଗାୟତ୍ରୀ ମଲିକ, ଫିଜିଓ: ଲୋପାମୁଦ୍ରା ମହାରାଜ।

# ଅଖିଲ ଶେଓରାନ୍‌ଙ୍କୁ ବ୍ରୋଞ୍ଜ ପଦକ

ନୂଆଦିଲ୍ଲୀ, ୧୬।୧୦(ପି.ଟି.)

ଏକ ବର୍ଷର ନିରାଶା ପରେ ଶୁଟର ଅଖିଲ ଶେଓରାନ୍ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ଫାଇନାଲର ପୁରୁଷ ୫୦ ମିଟର ରାଇଫଲ ଥ୍ରୀ-ପୋଜିଶନ୍ସରେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ତେବେ ଅନ୍ୟ ଭାରତୀୟ ଶୁଟରମାନେ ପ୍ରଦର୍ଶନର ଛାପ ଛାଡ଼ିବାରେ ବିଫଳ ହୋଇଛନ୍ତି। ଆଶି ଚୌକସେ ଓ ନିଶ୍ଚଲ ମହିଳା ୫୦ ମିଟର ରାଇଫଲ ଥ୍ରୀ ପୋଜିଶନର ଫାଇନାଲରେ ପ୍ରବେଶ କରିପାରି ନ ଥିବାବେଳେ ଅଲିମ୍ପିଆନ ରିଦମ ସଙ୍ଗୱାନ୍ ଅଳ୍ପକେ ବ୍ରୋଞ୍ଜ୍ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ୨୫ ମିଟର ସ୍ପୋର୍ଟ୍ସପିସ୍ତଲ ଇଭେଣ୍ଟର ତୃତୀୟ ସ୍ଥାନ ପାଇଁ ମୁକାବିଲାରେ ସେ ଶୁଟ୍-ଅଫ୍‌ରେ ଚାଇନିଜ୍ ଶୁଟରଙ୍କଠାରୁ ହାରିଯାଇଛନ୍ତି। ଅଖିଲ ୪୫୨.୬ ପଏଣ୍ଟ ସ୍କୋର କରି ଭାରତ ପାଇଁ ଦ୍ୱିତୀୟ ପଦକ ଜିତିଛନ୍ତି। ଭାରତର ସୋନମ୍ ମସ୍କର ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ରୌପ୍ୟ ପଦକ ଲାଭ କରିଥିଲେ।

# ଆଇସିସି ହଲ୍ ଅଫ୍ ଫେମ୍‌ରେ ଡିଭିଲର୍ସ, କୁକ୍

## ନୀତୁ ଡେଭିଡ୍ ଦ୍ୱିତୀୟ ଭାରତୀୟ ମହିଳା

ଦୁବାଇ,୧୬।୧୦(ପି.ଟି.)

ଭାରତୀୟ ମହିଳା କ୍ରିକେଟର ତଥା କିମ୍ବଦନ୍ତୀ ସ୍ପିନର ନୀତୁ ଡେଭିଡ୍‌ଙ୍କୁ ବୁଧବାର ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଛି। ଦକ୍ଷିଣ ଆଫ୍ରିକାର ଏବି ଡିଭିଲର୍ସ ଓ ଇଂଲଣ୍ଡର ଆଲିଷ୍ଟର କୁକ୍‌ଙ୍କ ସହ ତାଙ୍କୁ ଏହି ତାଲିକାରେ ସାମିଲ କରାଯାଇଛି। ମହିଳା ଟେଷ୍ଟ କ୍ରିକେଟରେ ସର୍ବଶ୍ରେଷ୍ଠ ବୋଲିଂ ଫିଗରର ରେକର୍ଡ ନିଜ ନାମରେ ରଖିଥିବା ନୀତୁ ଦ୍ୱିତୀୟ ଭାରତୀୟ ମହିଳା କ୍ରିକେଟର ଭାବରେ ଏହି ସମ୍ମାନ ଜନକ ତାଲିକାରେ ସାମିଲ ହୋଇଛନ୍ତି। ୧୯୯୫ ମସିହାରେ ଜାମସେଦପୁରରେ ଇଂଲଣ୍ଡ ବିପକ୍ଷରେ ସେ ମାତ୍ର ୫୩ ରନ୍‌ରେ ୮ ଉଇକେଟ ଅକ୍ତିଆର କରିଥିଲେ। ଏହା ଏବେବି ବିଶ୍ୱର ସର୍ବଶ୍ରେଷ୍ଠ ବୋଲିଂ ଫିଗର ରହିଛି। ପୂର୍ବରୁ ଭାରତୀୟ ଅଧିନାୟିକା ଡାଏନା ଏଡୁଲଜୀ ଏହି ତାଲିକାରେ ଏକମାତ୍ର ଭାରତୀୟ ରହିଥିଲେ। ନୀତୁ ବର୍ତ୍ତମାନ ଭାରତୀୟ ମହିଳା କ୍ରିକେଟ ଦଳର ମୁଖ୍ୟ ଚୟନକର୍ତ୍ତା ରହିଛନ୍ତି। ୧୦୭ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ରେକର୍ଡ ରଖିଥିବା ନୀତୁ ୧୦ ଟେଷ୍ଟ ଓ ୯୭ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ୪୭ ବର୍ଷୀୟା ନୀତୁ ଦିନିକିଆ କ୍ରିକେଟରେ ୧୪୧ ଉଇକେଟ ନେଇଥିବା ବେଳେ ଭାରତର ସର୍ବାଧିକ ଉଇକେଟ ହାସଲକାରୀ ବୋଲରଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହା ସହ ପ୍ରଥମ ଭାରତୀୟ ଖେଳାଳି ଭାବରେ ନୀତୁ ଦିନିକିଆ ଫର୍ମାଟରେ


ନୀତୁ ଡେଭିଡ୍


ଏବି ଡିଭିଲର୍ସ


ଆଲିଷ୍ଟର କୁକ୍

୧୦୦ ଉଇକେଟ ହାସଲ କରିଥିଲେ। ୨୦୦୫ ବିଶ୍ୱକପରେ ଭାରତ ରନର୍ ଅପ୍ ରହିଥିବା ବେଳେ ନୀତୁ ଟୁର୍ନାମେଣ୍ଟର ସର୍ବାଧିକ ଉଇକେଟ ହାସଲକାରୀ ବୋଲର ରହିଥିଲେ। ବିଶ୍ୱର ଅନ୍ୟ କିମ୍ବଦନ୍ତୀ ଖେଳାଳିଙ୍କ ମଧ୍ୟରେ ଆଇସିସି ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇଥିବା ନୀତୁ ସନ୍ତୋଷ ପ୍ରକାଶ କରିଛନ୍ତି।

ଉତ୍ତର ପ୍ରଦେଶରେ ଜନ୍ମିତ ଏହି ଖେଳାଳି ଜଣଙ୍କ ମାତ୍ର ୧୭ ବର୍ଷ ବୟସରେ ଭାରତ ପକ୍ଷରୁ ଖେଳିଥିଲେ। ୧୯୯୫ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳି ପଦାର୍ପଣ କରିଥିବା ବେଳେ ୪ ଉଇକେଟ ନେଇଥିଲେ। ପରବର୍ତ୍ତୀ ସମୟରେ ସମାନ ଗସ୍ତର ଦିନିକିଆ ସିରିଜ୍‌ରେ ମଧ୍ୟ ତାଙ୍କୁ ସାମିଲ କରାଯାଇଥିଲା। ୧୯୯୫ର ଶେଷ ଆଡକୁ ଜାମସେଦପୁରରେ ଖେଳା ଯାଇଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ୫୩ ରନ୍ ଦେଇ ୮ ଉଇକେଟ ନେଇଥିଲେ ନୀତୁ। ବ୍ୟାଟରଙ୍କ ବିଫଳତା କାରଣରୁ ଭାରତ ଏହି ମ୍ୟାଚ୍‌ରେ ମାତ୍ର ୨ ରନ୍‌ରେ ପରାଜିତ ହୋଇଥିଲା। ମାତ୍ର ୧୦ ଟେଷ୍ଟ ଖେଳିଥିବା ନୀତୁ ୪୧ ଉଇକେଟ ନେଇଥିବା ବେଳେ ଦିନିକିଆରେ ୯୭ ମ୍ୟାଚ୍‌ରୁ ୧୪୧ ଉଇକେଟ ନେଇଥିଲେ। ୨୦୦୬ରେ କ୍ରିକେଟରୁ ଅବସର ନେଇଥିବା ବେଳେ ୨୦୦୮ରେ ପୁନର୍ବାର ପ୍ରତ୍ୟାବର୍ତ୍ତନ କରିଥିଲେ। ଏହା ସହ ସେ ୨୦୧୩ରେ ନିଜର ଅନ୍ତିମ ମ୍ୟାଚ୍ ଖେଳିଥିଲେ।

ଅନ୍ୟପକ୍ଷରେ ୨୦୧୮ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ଇଂଲଣ୍ଡର ପୂର୍ବତନ ଅଧିନାୟକ ଆଲିଷ୍ଟର କୁକ୍‌ଙ୍କୁ ଏହି ତାଲିକାରେ ସାମିଲ କରାଯାଇଛି। ଅବସର ସମୟରେ ଟେଷ୍ଟ କ୍ରିକେଟରେ ଇଂଲଣ୍ଡର ସର୍ବାଧିକ ରନ୍ ସ୍କୋରର ଓ ସର୍ବାଧିକ ଶତକ ହାସଲକାରୀ ଖେଳାଳି ରହିଥିଲେ କୁକ୍। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକାର ବିସ୍ଫୋରକ ବ୍ୟାଟର ତଥା ମିଷ୍ଟର ୩୬୦ ଡିଗ୍ରୀ ଭାବରେ ପରିଚିତ ଏବି ଡିଭିଲର୍ସଙ୍କୁ ମଧ୍ୟ ଏହି ତାଲିକାରେ ସାମିଲ କରାଯାଇଛି। ଉଭୟ ଟେଷ୍ଟ, ଦିନିକିଆ ଓ ଟି୨୦ରେ ଦ୍ରୁତତମ ଦକ୍ଷିଣ ଆଫ୍ରିକୀୟ ଭାବରେ ଶତକ ହାସଲ କରିଥିବା ଡିଭିଲର୍ସ ୧୪ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ ୨୦ ହଜାରରୁ ଅଧିକ ରନ୍ ସ୍କୋର କରିଛନ୍ତି।





ଜମ୍ମୁ-କଶ୍ମୀର ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ ପୂର୍ବରୁ ବୁଧବାର କଟକର ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଦଳର ଅଭ୍ୟାସ।

# ବଳାତ୍କାର ଅଭିଯୋଗ ଖଣ୍ଡନ କଲେ ଏମ୍‌ବାପେ

ଷ୍ଟକ୍‌ହୋମ୍,୧୬।୧୦(ପି.ଟି.)

ଫ୍ରାନ୍ସ ଫୁଟ୍‌ବଲ ତାରକା କିଲିଆନ୍ ଏମ୍‌ବାପେଙ୍କ ନାମରେ ଆସିଥିବା ବଳାତ୍କାର ଅଭିଯୋଗକୁ ତାଙ୍କ ପ୍ରତିନିଧି ଖଣ୍ଡନ କରିଛନ୍ତି। ରିୟଲ ମାଡ୍ରିଡ୍‌ର ଫରୱାର୍ଡ ଖେଳାଳି ଏମ୍‌ବାପେ ନିକଟରେ ସ୍ୱିଡେନ୍ ଗସ୍ତ କରିଥିଲେ। ଏହି ସମୟରେ ନୋର୍ଡିକ୍‌ରେ ସେ ବଳାତ୍କାର କରିଥିବା ନେଇ ଏକାଧିକ ସ୍ୱିଡେନ୍ ଗଣମାଧ୍ୟମ ରିପୋର୍ଟ କରିଥିଲେ। ବୁଧବାର ଏମ୍‌ବାପେଙ୍କ ଟିମ୍ ଏହି ଅଭିଯୋଗକୁ କପୋଳକଳ୍ପିତ ଓ ଭିତ୍ତିହୀନ କହି ଖଣ୍ଡନ କରିଛି। ଏହି ଘଟଣା ସମ୍ପର୍କରେ ସ୍ୱିଡେନ୍‌ର ନ୍ୟାୟିକ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ବାର୍ତ୍ତା ମଧ୍ୟ ଜାରି କରାଯାଇଥିଲା। ବଳାତ୍କାର ହୋଇଥିବା ନେଇ ସ୍ପଷ୍ଟ କରାଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ନାମ ପ୍ରକାଶ କରାଯାଇନାହିଁ। ରିପୋର୍ଟ ଅନୁସାରେ, ଅକ୍ଟୋବର ୧୦ରେ ସେଣ୍ଟ୍ରାଲ ଷ୍ଟକ୍‌ହାମ୍‌ର ଏକ ହୋଟେଲରେ ବଳାତ୍କାର ରିପୋର୍ଟ କରାଯାଇଥିଲା। ତଦନ୍ତକାରୀ ଅଫିସର ମାରିନା ରିରାକୋଭା ଏହା ସ୍ପଷ୍ଟ କରିଥିଲେ ମଧ୍ୟ କୌଣସି ନାମ ପ୍ରକାଶ କରିନାହାନ୍ତି। ସ୍ୱିଡେନ୍‌ର ଆଇନ ଅନୁଯାୟୀ ଯେପର୍ଯ୍ୟନ୍ତ ଅଭିଯୋଗ ପ୍ରମାଣିତ


କିଲିଆନ୍ ଏମ୍‌ବାପେ

ହୋଇନାହିଁ କିମ୍ବା ଟ୍ରାଏଲ ଆରମ୍ଭ ହୋଇନାହିଁ ସେ ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କ ନାମ ପ୍ରକାଶ କରାଯାଇପାରିବ ନାହିଁ।

ଏମ୍‌ବାପେଙ୍କ ଟିମ୍ ସ୍ୱିଡେନ୍ ମିଡିଆ ଏଭଳି ଭ୍ରାନ୍ତ ଖବର ପ୍ରଚାର କରୁଥିବା ନେଇ ଅଭିଯୋଗ ଆଣିଛି। ଏଭଳି ଦାୟିତ୍ୱହୀନ ଓ ଭିତ୍ତିହୀନ ଅଭିଯୋଗ ଏମ୍‌ବାପେଙ୍କ ଛବି ମଳିନ କରୁଛି, ଯାହା ଗ୍ରହଣୀୟ ନୁହେଁ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଏପରି ଖବର ପ୍ରସାରିତ ହେବା ପରେ ନିଜ ଏକ୍ସ ଆକାଉଣ୍ଟରେ ସ୍ପଷ୍ଟୀକରଣ ଦେଇଛନ୍ତି ଏମ୍‌ବାପେ। ସେ ଏହି ଅଭିଯୋଗକୁ ମିଥ୍ୟା ବୋଲି ମଧ୍ୟ ଲେଖିଥିଲେ। ପ୍ୟାରିସ୍‌ରେ ଏମ୍‌ବାପେଙ୍କ ପୂର୍ବତନ କ୍ଲବ ପ୍ୟାରିସ୍ ସେଣ୍ଟ ଜର୍ମେନ(ପିଏସ୍‌ଜି) ସହ ଚାଲିଥିବା ମାମଲାକୁ ଏହା ସହିତ ଯୋଡ଼ି ବିବାଦୀୟ ଢଙ୍ଗରେ ପରିବେଷଣ କରାଯାଉଛି ବୋଲି ସେ କହିଛନ୍ତି। ମଙ୍ଗଳବାର ଏମ୍‌ବାପେଙ୍କ ଓକିଲ ମେରୀ ଆଲିକ୍ସ କାନୁ ବର୍ନାର୍ଡ ମଧ୍ୟ ଏହି ରିପୋର୍ଟକୁ ଖଣ୍ଡନ କରିଛନ୍ତି। ଏକ ଅଭିଯୋଗ ଦାଖଲ ହୋଇଥିବା ବେଳେ ତାହା କାହା ନାମରେ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ଅଭିଯୋଗରେ ଦୋଷ ପ୍ରମାଣିତ ହୋଇ ନ ଥାଏ। ଏପରିକି ଏହି ଅଭିଯୋଗ ଏମ୍‌ବାପେଙ୍କ ବିରୋଧରେ ହୋଇଛି କି ନାହିଁ ତାହା ମଧ୍ୟ ସ୍ପଷ୍ଟ ନୁହେଁ ବୋଲି କହିଛନ୍ତି ମେରୀ। ଗତ ସପ୍ତାହରେ ଏମ୍‌ବାପେ ଷ୍ଟକହାମ୍ ଗସ୍ତ କରିଥିବା ବେଳେ ଏହାର ଫଟୋ ବିଭିନ୍ନ ସ୍ୱିଡେନ୍ ମିଡିଆ ହାଉସ୍ ପ୍ରକାଶ କରିଥିଲେ। ଜଂଘରେ ଆଘାତ କାରଣରୁ ଏମ୍‌ବାପେ ବର୍ତ୍ତମାନ ଜାତୀୟ ଦଳରୁ ବାହାରେ ରହିଛନ୍ତି। ୨୦୧୮ରେ ଫ୍ରାନ୍ସ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ରହିଥିବା ଏମ୍‌ବାପେ ୭ ବର୍ଷ ଧରି ପିଏସ୍‌ଜି ପାଇଁ ଖେଳିବା ପରେ ଚଳିତବର୍ଷ ରିୟଲ ମାଡ୍ରିଡ୍‌ରେ ଯୋଗଦେଇଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




Finance Partners: TVS CREDIT, L&T Finance, SHRIRAM Finance, IDFC FIRST Bank, HDB Financial Services

#Ex-showroom price of TVS Sport ES variant in Odissa. Prices are subject to change without any prior notice. ^₹7500 cashback upto 5% of swipe amount on HDFC Credit & Debit card EMI. >Applicable on low interest rate scheme by TVS CS at their discretion.
**Finance at the sole discretion of the financier. Downpayment calculated on on-road price of Odissa base variant. <₹4500 cash discount applicable on TVS Sport ELS variant & ₹2000 cash discount applicable on TVS Sport ES variant. Offer in select markets only. T&C apply.

TVS 5 YEAR WARRANTY^

FOR ALL BULK/INSTITUTIONAL REQUIREMENTS PLEASE MAIL: corporate.customersupport@tvsmotor.com Authorised Main Dealers: BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, PURI: MODERN TVS: 9938039070, CUTTACK: LAXMI TVS: 7077774420, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. Authorised Dealers: GOTHOPATNA:8249710415, JATANI:7077588558, 9124605556, BALUGAON:9937886712, NIRAKARPUR:7735402179, 8658517804, BHUBANESHWAR: 9337022334, KHURDA:7008412374, BALIPATNA:9776036999, MENDHASALA:9437072019, SUNDARPADA:8249094931, PIPILI:9861150706 SAKHIGOPAL:8249769742, NIMAPARA:7381765800, DELANG:9090214582, BRAHMAGIRI: 8480928882, 6370937155, CHARI CHOWK:8327783765, KAKATPUR:9776125534, KANAS:9090214582, ABHIMANPUR POST:9937019555, BANKI: 9437666687, NIALI:9437307967, PHULNAKHARA, CUTTACK:7440037801, NISCHINTAKOILI: 9337438686, KANDARPUR: 9090098000, SISUA:8018556514, ADASHPUR:82498 57169, TANGI: 83277 14238, PATTAMUNDAI:9938602209, MARSHAGHAI:9938837705, RAJNAGAR:9439650236, GARADAPUR:9437527214, MANGALPUR:9853486660, BARI: 9437510237, BINJHARPUR:9090503379, KUAKHIA:9348035630, SINGHPUR:9040646458, ROHIBANK:6371229226, KALAPATHAR:9937844941, RANPUR:9778520193, KHANDAPADA:7008659421, PURUNAKATAK:9439071610, CHANDPUR:9337112565, RAJ SUNAKHELA:9437637421, NARASINGHPUR:9658410027, ODOGAON:7815050701, BHAPUR:7389040805 DASPALLA:9938375040, BAGHAMARI: 9437015363, BALICHANDRAPUR:7978388298, BRAHMABARADA: 7894020786, RAIPUR: 9937963372, CHHATIA: 7328005678, ERASAMA:8658421889 NAUGOAN: 8339939725, KRUSHNANANDAPUR:9237066573, RAGHUNATHPUR:6371724757, PARADEEP:9938810126.




TEST DRIVE TODAY | CALL 1800 102 1800 | WWW.MARUTISUZUKI.COM/SWIFT
~FESTIVE OFFERS UP TO ₹18 100

**NARAYANI MOTORS**
BHUBANESHWAR: RASULGARH: 9583022009,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/48. PURI HIGHWAY PIPLI: 9583022013. TIRTOL: 7381000159.

**ODYSSEY MOTORS**
ANGUL: 7752076136, 9776901481, PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450. PANIKOILI: 9078076450. ATHAGARH: 9078076450. BALIKUDA: 9078076450.

**JYOTE MOTORS**
BHUBANESWAR: LEWIS ROAD: 8093027518, NAYAPALLI: 7064470102, TAMANDO: 9776615007, KEONJHAR: 8599019854, NAYAGARH: 7381028519, BALUGAON: 8093154878, ANANDPUR: 8599019854, KENDRAPARA: 9776615048, PATTAMUNDAI: 7440016539, GOTHAPATNA: 7064470142, BALASORE: 9776003548, BHADRAK: 7381072074, BARIPADA: 9437102597, UDALA : 9437102597, RAIRANGPUR: 9437102597, JALESWAR: 9776003548, BASUDEVPUR: 7381072074, SORO: 9776003548.

**SKY AUTOMOBILES**
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9776900777, TANGI: 7381045356.

Creative visualisation. Accessories and features shown may not be part of standard fitment and may vary according to variant. Images used are for illustration purposes only. Black glass on the vehicle is due to lighting effect. Colours shown may vary from actual body colours due to printing on paper. ^Fuel efficiency as certified by test agency Rule 115 of CMVR 1989. #The claim 'Best-in-Segment Mileage' is supported by JATO Dynamics certificate dated 30th April 2024 for Petrol & 27th August 2024 for CNG. **Offers may vary subject to the model and variant purchased. All offers are applicable till 31st October'24 or till stocks last. ~All offers brought to you by ARENA dealers only.